
'ରାମାୟଣ'କୁ 'ହନୁମାନ ଅଂଶ'ର ଚ୍ୟାଲେଞ୍ଜ
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-83 ◆WEDNESDAY ◆16 SEPTEMBER 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୮୩ ◆ବୁଧବାର ◆୧୬ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ହସିନାଙ୍କ ୭ ସହଯୋଗୀଙ୍କୁ ମୃତ୍ୟୁଦଣ୍ଡ

## ବାଂଲାଦେଶରେ ୨୦୨୪ ହିଂସା ମାମଲାରେ ଦଣ୍ଡ ଶୁଣାଇଲେ ଟ୍ରିବ୍ୟୁନାଲ



■ ଢାକା, ୧୫।୯ (ଏଜେନ୍ସି): ୨୦୨୪ ମସିହାର ଛାତ୍ର ଆନ୍ଦୋଳନ ସମୟରେ ମାନବତା ବିରୋଧୀ ଅପରାଧ, ଉତ୍ତେଜନାପୂର୍ଣ୍ଣ ଭାଷଣ ଏବଂ ହିଂସାତ୍ମକ କାର୍ଯ୍ୟକଳାପକୁ ପରିଚାଳିତ କରିବା ଅଭିଯୋଗରେ ବାଂଲାଦେଶର ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ ପକ୍ଷରୁ ହସିନା ୱାଜେଦଙ୍କ ଆୱାମୀ ଲିଗ୍‌ର ୭ ଜଣ ବରିଷ୍ଠ ନେତାଙ୍କୁ ମୃତ୍ୟୁଦଣ୍ଡାଦେଶ ଶୁଣାଇଛନ୍ତି। ବିଚାରପତି ମହମ୍ମଦ ନଜରୁଲ ଇସଲାମ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଟ୍ରିବ୍ୟୁନାଲ ଅଭିଯୁକ୍ତମାନଙ୍କ ଅନୁପସ୍ଥିତିରେ ଏହି ରାୟ ପ୍ରକାଶ କରିଛନ୍ତି। ମୃତ୍ୟୁଦଣ୍ଡାଦେଶ ପାଇଥିବା ନେତାମାନଙ୍କ ମଧ୍ୟରେ ଆୱାମୀ ଲିଗ୍ ସାଧାରଣ ସମ୍ପାଦକ ଓ ପୂର୍ବତନ ମନ୍ତ୍ରୀ ଓବାଇଦୁଲ କାଦେର, ଯୁଗ୍ମ ସାଧାରଣ ସମ୍ପାଦକ ଏଏଫଏମ ବାହାଉଦ୍ଦିନ ନାସିମ, ପୂର୍ବତନ ରାଜ୍ୟ ମନ୍ତ୍ରୀ ମହମ୍ମଦ ଅଲି ଆରାଫାତ, ଯୁବ ଲିଗ୍ ଅଧ୍ୟକ୍ଷ ଶେଖ ଫଜଲେ ଶାମସ ପରାଶ, ସାଧାରଣ ସମ୍ପାଦକ ମାଇନୁଲ ହୋସେନ ଖାନ ନିଖିଲ, ବାଂଲାଦେଶ ଛାତ୍ର ଲିଗ୍ ସଭାପତି ସଦ୍ଦାମ ହୁସେନ ଏବଂ ସାଧାରଣ ସମ୍ପାଦକ ଶେଖ ୱାଲି ଆସିଫ ଇନାନ୍ ଶାମିଲ ଅଛନ୍ତି। ରିପୋର୍ଟ ଅନୁଯାୟୀ, ଅଭିଯୁକ୍ତମାନେ ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ ଦେଇ, ବୈଠକ ମାଧ୍ୟମରେ ହିଂସାକାଣ୍ଡ ଯୋଜନା କରିବା ସହ ସଶସ୍ତ୍ର ଆକ୍ରମଣ ଏବଂ ଗଣମାଧ୍ୟମ ନିୟନ୍ତ୍ରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୨୦୨୪ର ଏହି ଆନ୍ଦୋଳନ ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ସରକାରଙ୍କ ପତନ ଘଟିଥିଲା। ଏହାପୂର୍ବରୁ ନଭେମ୍ବର ୨୦୨୫ରେ ଟ୍ରିବ୍ୟୁନାଲ ଶେଖ ହସିନାଙ୍କୁ ମଧ୍ୟ ଅନୁପସ୍ଥିତିରେ ମୃତ୍ୟୁଦଣ୍ଡାଦେଶ ଶୁଣାଇସାରିଛନ୍ତି।

# ମହାକାଶରେ ଅସ୍ତ୍ର ମୁତୟନ କଲା ଆମେରିକା

## ଚୀନ, ରୁଷ୍‌ର ମୁକାବିଲା ପାଇଁ ନୂଆ ଯୁଦ୍ଧକ୍ଷେତ୍ର




■ ୱାସିଂଟନ୍, ୧୫।୯ (ଏଜେନ୍ସି): ପୃଥିବୀର କକ୍ଷପଥରେ ପ୍ରଥମ ଥର ପାଇଁ ଆକ୍ରମଣାତ୍ମକ କ୍ଷମତାସମ୍ପନ୍ନ ସାମରିକ ଅସ୍ତ୍ର ମୁତୟନ କରାଯାଇଥିବା ନେଇ ଆମେରିକା ଆନୁଷ୍ଠାନିକ ଭାବେ ସ୍ୱୀକାର କରିଛି। ରୁଷ ଏବଂ ଚୀନ୍‌ରୁ ବୃଦ୍ଧି ପାଉଥିବା ସାମରିକ ଆଶଙ୍କାକୁ ଦୃଷ୍ଟିରେ ରଖି ନିଜର ସୁରକ୍ଷା ଓ ପ୍ରତିରକ୍ଷା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ଆମେରିକା ଦର୍ଶାଇଛି। ସୋମବାର ଏକ କାର୍ଯ୍ୟକ୍ରମରେ ଭାଷଣ ଦେଇ ଆମେରିକା ବାୟୁସେନାର ସଚିବ ଟ୍ରୋୟ ମିଙ୍କ କହିଛନ୍ତି ଯେ, ମହାକାଶରେ ବୃଦ୍ଧି ପାଉଥିବା ନୂତନ ବିପଦର ମୁକାବିଲା ପାଇଁ ଆମେରିକା ପ୍ରସ୍ତୁତି ଚଳାଇଛି। ତେବେ କେଉଁ ପ୍ରକାରର ଅସ୍ତ୍ର ମୁତୟନ କରାଯାଇଛି, ଏହାର କ୍ଷମତା କ'ଣ କିମ୍ବା ଏହାକୁ କେବେ କକ୍ଷପଥରେ ସ୍ଥାପନ କରାଯାଇଥିଲା, ସେ ନେଇ କୌଣସି ସୂଚନା ସାର୍ବଜନୀନ କରାଯାଇ ନାହିଁ। ଆମେରିକୀୟ ସଶସ୍ତ୍ର ବାହିନୀର ମହାକାଶ ଶାଖା ୟୁଏସ୍ ସ୍ପେସ୍ ଫୋର୍ସ ଏହି ଅସ୍ତ୍ରଗୁଡ଼ିକୁ 'ଅନ୍-ଅର୍ବିଟ୍ ସ୍ପେସ୍ କଣ୍ଟ୍ରୋଲ୍ ୱିପନ୍ସ' ଭାବେ ବର୍ଣ୍ଣନା କରିଛି। ଶତ୍ରୁପକ୍ଷର ଆକ୍ରମଣାରୁ ରକ୍ଷା ପାଇବା ପାଇଁ ଉଭୟ ଉପାୟରେ ଆକ୍ରମଣାତ୍ମକ ଓ ପ୍ରତିରକ୍ଷାତ୍ମକ କାର୍ଯ୍ୟ କରିପାରିବ। ମହାକାଶରେ ଉପଗ୍ରହଗୁଡ଼ିକୁ ନିଷ୍କ୍ରିୟ, କ୍ଷତିଗ୍ରସ୍ତ କିମ୍ବା ନଷ୍ଟ କରିବା ପାଇଁ ଚୀନ୍ ଏବଂ ରୁଷ ନିଜର କ୍ଷମତା ବୃଦ୍ଧି କରୁଥିବା ନେଇ ଆମେରିକା ସାମରିକ ନେତୃତ୍ୱ ଚିନ୍ତାପ୍ରକଟ କରିଛନ୍ତି। ଯୋଗାଯୋଗ, ନଜରରଖିବା ଏବଂ ନାଭିଗେସନ୍ ପାଇଁ ଉପଗ୍ରହଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଭବିଷ୍ୟତର ଯୁଦ୍ଧରେ ଏଗୁଡ଼ିକ ଆକ୍ରମଣର ମୁଖ୍ୟ ଲକ୍ଷ୍ୟ ହୋଇପାରନ୍ତି ବୋଲି ଚେତାବନୀ ଦିଆଯାଇଛି। ଆମେରିକାର ଏହି ସାର୍ବଜନୀନ ସ୍ୱୀକାରୋକ୍ତି ମହାକାଶରେ ସାମରିକ ସ୍ଥିତି ଏବଂ ପ୍ରତିଯୋଗିତାକୁ ଏକ ନୂଆ ମୋଡ଼ ଦେଇଛି।

# ପୁଣି ଏମ୍‌କେସିଜିରେ ନିଆଁ

## ଚେତୁନାହାନ୍ତି କର୍ତ୍ତୃପକ୍ଷ





■ ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗର ଓଟିର ଆନାସ୍ଥେସିଆ ରୁମ୍‌ରେ ଅଗ୍ନିକାଣ୍ଡ
■ ଏସି ସର୍ଟସର୍କିଟରୁ ନିଆଁ, ଜିଇଡିର ଅବହେଳା ଅଭିଯୋଗ

■ ବ୍ରହ୍ମପୁର, ୧୫।୯ (ସମିସ): ପୁଣି ଏମ୍‌କେସିଜି ମେଡିକାଲରେ ନିଆଁ। ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗର ଓଟି ପରିସରରେ ଥିବା ଆନାସ୍ଥେସିଆ ରୁମରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି। ସର୍ଟସର୍କିଟରୁ ନିଆଁ ଲାଗିଥିବା ପ୍ରାଥମିକ ଭାବେ ଜଣାପଡ଼ିଛି। ନିଆଁରେ ରୁମ୍‌ରେ ଲାଗିଥିବା ଏସି ସମ୍ପୂର୍ଣ୍ଣ ପୋଡ଼ି ନଷ୍ଟ ହୋଇଯାଇଛି। ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗ କୋଠାର ଦ୍ୱିତୀୟ ମହଲାରରେ ବିଭାଗର ମେଜର ଅପରେସନ ଥିଏଟର ଓ ଲେପ୍ରୋସ୍କୋପି ଅପରେସନ ଥିଏଟର ରହିଛି। କୋଠାରେ ନିଆଁ ଲାଗିବା ସମୟରେ ରୋଗୀଙ୍କ ଅପରେସନ ହୋଇଥିବା ବେଳେ ତାଙ୍କୁ ସ୍ଥାନାନ୍ତର କରାଯାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ତେବେ ଏହି ଘଟଣା ପୁଣିଥରେ ଏମକେସିଜି ମେଡ଼ିକାଲର ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ନେଇ ବଡ଼ ପ୍ରଶ୍ନ ଉଠିଛି। ଏମକେସିଜି ମେଡ଼ିକାଲରେ ବାରମ୍ବାର ଅଗ୍ନିକାଣ୍ଡ ଘଟୁଥିବା ବେଳେ ଏହାର ସ୍ଥାୟୀ ପ୍ରତିକାର ପାଇଁ କର୍ତ୍ତୃପକ୍ଷ କେତେ ସଚେତନ, ତାହାକୁ ନେଇ ପ୍ରଶ୍ନ ଉଠିଛି। ନିଆଁ ଲାଗିବା ପରେ ଅଧିକାରୀମାନେ ଘଟଣାସ୍ଥଳକୁ ଆସୁଥିବା ବେଳେ ଅଗ୍ନିକାଣ୍ଡ ପୂର୍ବରୁ ପ୍ରତିରୋଧମୂଳକ ବ୍ୟବସ୍ଥା କାହିଁକି ହେଉନାହିଁ ବୋଲି ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗତ ମାର୍ଚ୍ଚ ମାସରେ ଅଗ୍ନିଶମ ବିଭାଗ ପକ୍ଷରୁ ମେଡ଼ିକାଲର ସମସ୍ତ କୋଠାରେ ଦୀର୍ଘ ଏକ ମାସ ଧରି ମକ ଡ୍ରିଲ କରାଯାଇଥିଲା। ତେବେ ଏମକେସିଜି ମେଡିକାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବା ବେଳେ ଲୋକଦେଖାଣିଆ ଭାବେ ଅଗ୍ନିଶମ ବିଭାଗ ପକ୍ଷରୁ ପୁରା ହସ୍ପିଟାଲ ବୁଲିବୁଲି ମକ ଡ୍ରିଲ କରାଯାଇଥିଲା। ଅବ୍ୟବସ୍ଥା ନେଇ ବିଭାଗ ପକ୍ଷରୁ କୌଣସି ଆବଶ୍ୟକ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ, ପ୍ରସୂତି ଓ ସ୍ତ୍ରୀ ରୋଗ ▶ପୃଷ୍ଠା-୭

# ୨୦୦୦ ଟଙ୍କାରୁ ଅଧିକ ୟୁପିଆଇ ପେମେଣ୍ଟ ଉପରେ ଲାଗିବ ଶୁଳ୍କ

■ ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି): ଡିଜିଟାଲ୍ କାରବାର ଉପରେ ଶୁଳ୍କ ଲାଗୁକୁ ତୀବ୍ର ବିରୋଧ ମଧ୍ୟରେ କେନ୍ଦ୍ର ସରକାର ୟୁପିଆଇ ଉପରେ ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ୍ (ଏମ୍‌ଡିଆର୍) ଲାଗୁ କରିବାକୁ ଘୋଷଣା କରିଛନ୍ତି। ନିଷ୍ପତ୍ତି ଅନୁଯାୟୀ, ବ୍ୟବସାୟୀମାନଙ୍କୁ ୨୦୦୦ ଟଙ୍କାରୁ ଅଧିକ ୟୁପିଆଇ ପେମେଣ୍ଟ ଉପରେ ୦.୪୦% ଶୁଳ୍କ ଦେବାକୁ ପଡିବ। ଏହି ଶୁଳ୍କକୁ ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ୍ (ଏମ୍‌ଡିଆର୍) କୁହାଯାଏ। ଏଥିରେ ସରକାର ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ବ୍ୟାଙ୍କ କିମ୍ବା ପେମେଣ୍ଟ ସେବା ପ୍ରଦାନକାରୀମାନେ ୨୦୦୦ ଟଙ୍କା ପର୍ଯ୍ୟନ୍ତ ୟୁପିଆଇ କାରବାର ପାଇଁ କୌଣସି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଶୁଳ୍କ ଲଗାଇପାରିବେନାହିଁ। ଆସନ୍ତା ଅକ୍ଟୋବର ୧୫ରୁ କେତେକ ନିର୍ଦ୍ଦିଷ୍ଟ ମର୍ଚ୍ଚାଣ୍ଟ (ପି-ଟୁ-ପି) କାରବାର ଉପରେ ୟୁପିଆଇ ମର୍ଚ୍ଚାଣ୍ଟ ଡିସକାଉଣ୍ଟ ହାରର ନୂଆ ଫ୍ରେମୱାର୍କ ଲାଗୁ ହେବ। ତେବେ ପରସ୍ପର ମଧ୍ୟରେ ୟୁପିଆଇ ଜରିଆରେ ଟଙ୍କା ଟ୍ରାନ୍ସଫର (ପି-ଟୁ-ପି ବା ପର୍ସନ୍-ଟୁ-ପର୍ସନ୍) କଲେ ବି ଏହି ଚାର୍ଜ ଲାଗିବନାହିଁ। ଏହା କେବଳ କେତେକ ନିର୍ଦ୍ଦିଷ୍ଟ ବ୍ୟବସାୟୀଙ୍କ ଉପରେ ହିଁ କାର୍ଯ୍ୟକାରୀ ହେବ।

ଏହି ଏମ୍‌ଡିଆର୍ ଶୁଳ୍କର ସର୍ବାଧିକ ସୀମା ପ୍ରତି କାରବାର ପାଇଁ ୩୦୦ ଟଙ୍କା ସ୍ଥିର କରାଯାଇଛି। ଏହାର ଅର୍ଥ ହେଉଛି ଯଦି ଜଣେ ଗ୍ରାହକ ଜଣେ ବ୍ୟବସାୟୀଙ୍କୁ ୭୫,୦୦୦ ଟଙ୍କା କିମ୍ବା ତା'ଠାରୁ ଅଧିକ ମୂଲ୍ୟର ୟୁପିଆଇ ପେମେଣ୍ଟ କରନ୍ତି, ତେବେ ଶୁଳ୍କ ୦.୪% ହାରରେ ୩୦୦ ଟଙ୍କା ଅତିକ୍ରମ କରିପାରେ, କିନ୍ତୁ ବ୍ୟବସାୟୀଙ୍କଠାରୁ ସର୍ବାଧିକ ୩୦୦ ଟଙ୍କା




■ ବ୍ୟବସାୟୀ ଦେବେ ୦.୪୦% ଚାର୍ଜ
■ ଅକ୍ଟୋବର ୧୫ରୁ ହେବ ଲାଗୁ

ଏମ୍‌ଡିଆର୍ ହିଁ ଆଦାୟ କରାଯିବ। ଏହା ସହିତ, ଗ୍ରାହକମାନଙ୍କ ପାଇଁ ୨୦୦୦ ପର୍ଯ୍ୟନ୍ତ ସମସ୍ତ କାରବାର ପାଇଁ ୟୁପିଆଇ ପେମେଣ୍ଟ ସମ୍ପୂର୍ଣ୍ଣ ମାଗଣା ହେବ। ନୂତନ ନିୟମ ଅନୁଯାୟୀ, କ୍ୟୁଆର୍ କୋଡ୍ ମାଧ୍ୟମରେ ମାସିକ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିବା ଛୋଟ ବ୍ୟବସାୟୀମାନଙ୍କୁ କୌଣସି ଏମ୍‌ଡିଆର୍ ଦେବାକୁ ପଡ଼ିବନାହିଁ। ଏହାବ୍ୟତୀତ, ▶ପୃଷ୍ଠା-୭

# କଂଗ୍ରେସରେ ବଡ଼ ପରିବର୍ତ୍ତନ ଆସନ୍ନ

## ସଚିବ ନିଯୁକ୍ତି ପାଇଁ ସାକ୍ଷାତକାର ନେଉଛନ୍ତି ରାହୁଲ-ପ୍ରିୟଙ୍କା



■ ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି): ଆଗାମୀ ବର୍ଷ ୫ ରାଜ୍ୟର ବିଧାନସଭା ନିର୍ବାଚନ ଓ ୨୦୨୯ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସ ନିଜ ସାଂଗଠନିକ ଢାଞ୍ଚାକୁ ଅଧିକ ସକ୍ରିୟ କରିବା ଆରମ୍ଭ କରିଛି। ରାଜ୍ୟଗୁଡ଼ିକରେ ସଂଗଠନକୁ ସୁଦୃଢ଼ କରିବା ନିମନ୍ତେ ନେତା ଓ ପଦାଧିକାରୀଙ୍କ କାର୍ଯ୍ୟର ନିୟମିତ ସମୀକ୍ଷା ଉପରେ ଏବେ ଅଧିକ ଗୁରୁତ୍ୱ ଦିଆଯାଉଛି। ପାର୍ଟିର ମହାସଚିବ ଓ ରାଜ୍ୟ ପ୍ରଭାରୀମାନଙ୍କ ସହ କାମ କରୁଥିବା ସଚିବମାନଙ୍କୁ ନିଜ ଦାୟିତ୍ୱରେ ଥିବା ରାଜ୍ୟରେ ନିୟମିତ ଉପସ୍ଥିତ ରହି ସଂଗଠନର କାର୍ଯ୍ୟକୁ ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେମାନେ ପ୍ରତି ମାସରେ ପ୍ରାୟ ୧୫ରୁ ୨୦ ଦିନ ସମ୍ପୃକ୍ତ ରାଜ୍ୟରେ ରହି ସାଂଗଠନିକ କାର୍ଯ୍ୟକୁ ଆଗେଇ ନେବେ। ଏହାଦ୍ୱାରା ଦିଲ୍ଲୀର କେନ୍ଦ୍ରୀୟ ନେତୃତ୍ୱ ଓ ରାଜ୍ୟ ସଂଗଠନ ମଧ୍ୟରେ ସମନ୍ୱୟ ଅଧିକ ମଜଭୁତ କରିବାକୁ ଦଳ ଚାହୁଁଥିବା ସୂଚନା ମିଳିଛି।

ସାଂଗଠନିକ ପୁନର୍ଗଠନ ପ୍ରକ୍ରିୟାରେ ନୂଆ ସଚିବ ନିଯୁକ୍ତିକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ସମ୍ଭାବ୍ୟ ପ୍ରାର୍ଥୀଙ୍କ ଏକ ପ୍ୟାନେଲରୁ ନୂଆ ସଚିବ ଚୟନ ପାଇଁ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ସାକ୍ଷାତକାର ନେଉଛନ୍ତି। ଏହି ନିଯୁକ୍ତିରେ କେବଳ ରାଜ୍ୟ ଗସ୍ତ କିମ୍ବା ସାଂଗଠନିକ ବୈଠକରେ ▶ପୃଷ୍ଠା-୭

# ୨୦ରେ ଲଘୁଚାପ

## ଶେଷ ସପ୍ତାହରେ ପ୍ରବଳ ବର୍ଷା

■ ଭୁବନେଶ୍ୱର, ୧୫।୯ (ସମିସ): ଆସନ୍ତା ୨୦ ବେଳକୁ ଆଣ୍ଡାମାନ ସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହି ଲଘୁଚାପର ପ୍ରଭାବ କ'ଣ ରହିବ ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଏହାଦ୍ୱାରା ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆଶଙ୍କା କରାଯାଉଛି। ଲଘୁଚାପ ଯୋଗୁଁ ୧୮ ତାରିଖରୁ ରାଜ୍ୟରେ ବର୍ଷାର ପ୍ରଭାବ ବଢ଼ିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏଥିପାଇଁ ୧୮ଠାରୁ ବିଭିନ୍ନ ଜିଲ୍ଲା ପାଇଁ ବର୍ଷା ଜନିତ ଆଲର୍ଟ ଜାରି କରାଯାଇଛି। ଏହି ଲଘୁଚାପ ସୃଷ୍ଟି ହେବା ପରେ ଘନୀଭୂତ ହୋଇ ୨୪ ତାରିଖ ବେଳକୁ ଆନ୍ଧ୍ର-ଓଡ଼ିଶା ଉପକୂଳ ନିକଟତର ହେବ। ଏହା ପ୍ରଭାବରେ ରାଜ୍ୟରେ ବର୍ଷା ଆଶଙ୍କା ରହିଛି। ତେବେ ଏହି ଲଘୁଚାପ ସୃଷ୍ଟି ହେବା ପରେ ଅର୍ଥାତ ୨୦ ତାରିଖ ବେଳକୁ ଏହି ତୀବ୍ରତା ସ୍ପଷ୍ଟ ହେବ ବୋଲି ଆଇଏମ୍‌ଡି ମହାନିର୍ଦ୍ଦେଶକ ଡଃ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି।

# ମା'ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗି

■ ସମ୍ବଲପୁର, ୧୫।୯ (ସମିସ): ଗଣପର୍ବ ନୂଆଁଖାଇ ଉତ୍ସାହ ଉଦ୍ଦୀପନା ମଧ୍ୟରେ ପାଳିତ ହୋଇଯାଇଛି। ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କଠାରେ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ନିର୍ଦ୍ଧାରିତ ଲଗ୍ନରେ ନବାନ୍ନ ଲାଗି ହେବାପରେ ଗ୍ରାମଦେବୀ,

■ ଘରେ ଘରେ ନୂଆଁଖାଇର ଉତ୍ସନାକି
■ ନୂଆଁଖାଇରେ ଉତ୍ସବମୁଖର
■ ନାଚଗୀତର ଆସରକୁ ନେଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ

ଇଷ୍ଟଦେବୀ ତଥା ଘରେ ଠାକୁରଙ୍କୁ ଭୋଗ ଲଗେଇ ଲୋକେ ନୂଆଁ ଖାଇଛନ୍ତି। ଦେଶବିଦେଶରୁ ନୂଆଁଖାଇ ପାଇଁ ପରିବାରର ସଦସ୍ୟମାନେ ଘରକୁ ଫେରିଛନ୍ତି। ଶ୍ରୀ ଶ୍ରୀ ବ୍ରହ୍ମପୁରା ମନ୍ଦିରରେ ପରମ୍ପରା ଅନୁସାରେ,





ପଣ୍ଡିତମାନଙ୍କ ବୈଠକରେ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗି ପାଇଁ ମଙ୍ଗଳବାର ପୂର୍ବାହ୍ଣ ୯ଟା ୪୦ ମିନିଟ୍‌ରୁ ୯ଟା ୫୪ ମିନିଟ୍ ମଧ୍ୟରେ ଶୁଭଲଗ୍ନ ନିରୂପଣ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ମା'ଙ୍କୁ ନବାନ୍ନ ଲାଗି କରାଯାଇଥିଲା।

ଭୋର ୫ଟାରୁ ମା' ସମଲେଶ୍ୱରୀଙ୍କୁ ସ୍ନାନାଦି ପରେ ସମ୍ବଲପୁରୀ ପାଟବସ୍ତ୍ର, ଅଳଙ୍କାର ଆଦି ବେଶଭୂଷା ପରେ ସକାଳ ୮ଟାବେଳେ ପୂଜକମାନେ ଗମ୍ଭୀରା ତଥା ପାଶ୍ୱର୍ ଦେବାଦେବୀଙ୍କଠାରେ ବନା (ଝୋଟି) ଦେଇଥିଲେ। ପୂର୍ବାହ୍ଣ ପ୍ରାୟ ୯ଟା ୧୦ ମିନିଟ୍ ସମୟରେ ମନ୍ଦିରର ମୁଖ୍ୟପୂଜକ ଅମ୍ବିକା ରାୟଙ୍କ ସହ ଅନ୍ୟପୂଜକ ଗଙ୍ଗାଧର ରାୟ, ▶ପୃଷ୍ଠା-୭

## ଓଲଟ ପାଲଟ



କଟକ ବିଜେପି ଲଲାଟେନ୍ଦୁ ବଡୁ
ଫସିଗଲେ ଗାଡି ମାଡ଼ରେ,
ସିକନ୍ଦର ଅଲ୍ଲୀ ଘରେ ବସିଛନ୍ତି
ଆଘାତ ଲାଗିଛି ଗୋଡ଼ରେ।
ପ୍ରଭାତ ବିଶ୍ୱାଳ ଭିତରେ
ନୟନ ସନ୍ତୋଷ ଚୌଦ୍ୱାରରେ
ବୁଲୁଛନ୍ତି ଦୁହେଁ ତୋଡ଼ରେ,
ସୁକାନ୍ତ ବିଶ୍ୱାଳ ପତ୍ରେ ପତ୍ରେ ଗଲେ
ପ୍ରକାଶ ଚଢ଼ନ୍ତି ଡାଳରେ।
- ଯାଯାବର

## ସାମାଜିକ ସଦ୍‌ଭାବ ନଷ୍ଟ ଆଶଙ୍କା

# ଅଟକିଲା ଦାରା ସିଂର ଆଗୁଆ ମୁକ୍ତି

■ ଭୁବନେଶ୍ୱର, ୧୫।୯ (ସମିସ): ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହାମ ଷ୍ଟେନ୍ସ ଓ ତାଙ୍କ ଦୁଇ ନାବାଳିକ ସନ୍ତାନଙ୍କୁ ନିଆଁରେ ପୋଡ଼ି ହତ୍ୟା ଘଟଣାରେ ଦୋଷୀ ସାବ୍ୟସ୍ତ ଦାରା ସିଂହଙ୍କ ଆଗୁଆ ମୁକ୍ତି ଅଟକିଛି। ସଜା ଶେଷ ପୂର୍ବରୁ ତାଙ୍କୁ ଆଗୁଆ ମୁକ୍ତି ଦିଆଗଲେ ରାଜ୍ୟରେ ସାମାଜିକ ସଦ୍‌ଭାବ ବ୍ୟାହତ ହେବ ଓ ଦଙ୍ଗା ସୃଷ୍ଟି ହୋଇପାରେ ବୋଲି ଷ୍ଟେଟ୍ ସେଣ୍ଟେନ୍ସ ରିଭ୍ୟୁ ବୋଡର୍ ଆଶଙ୍କା କରିଛି। ଫଳରେ ତାଙ୍କୁ ଆଗୁଆ ମୁକ୍ତି ମିଳିବାର ସମ୍ଭାବନା ପ୍ରାୟତ ଶୂନ ବୋଲି କୁହାଯାଉଛି। ଏହାପୂର୍ବରୁ ୨୦୧୬ ମସିହା, ୨୦୧୯, ୨୦୨୨ ଓ ୨୦୨୩ ମସିହାରେ ମଧ୍ୟ ବୋର୍ଡ ଦାରା ସିଂର ମୁକ୍ତି ଆବେଦନକୁ ଖାରଜ କରାଯାଇଥିଲା।

**ମହଙ୍ଗା ପଡ଼ିଲା ଦାରା ସେନାର କେନ୍ଦୁଝର ଜେଲ ସାମ୍ନାରେ ନାରାବାଜି**

ଗ୍ରାହାମ ଷ୍ଟେନ୍ସ ଏବଂ ତାଙ୍କ ଦୁଇ ନାବାଳକ ପୁଅଙ୍କୁ ହତ୍ୟା ମାମଲାରେ ଦାରା ସିଂ ୧୯୯୯ ମସିହାରୁ ଜେଲରେ ରହି ଆସୁଛି। ଦୀର୍ଘକାଳ ଜେଲରେ ରହି ସାରିଥିବା ଯୋଗୁଁ ଦାରା ପକ୍ଷରୁ ତାଙ୍କର ଆଇନଜୀବୀ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମ୍‌କୋର୍ଟଙ୍କ ପାଖରେ ଏହି ମାମଲା ବିଚାରଧୀନ ଥିଲା। କିନ୍ତୁ ରାଜ୍ୟ ସରକାର କିଛି ନିଷ୍ପତ୍ତି ନେଇ ପାରୁ ନ ଥିଲେ। ବିଭିନ୍ନ ▶ପୃଷ୍ଠା-୭

# ୩୮ ବର୍ଷ ପରେ ବଦଳିବ ହୀରାକୁଦ ରୁଲ କର୍ଭ

■ ଭୁବନେଶ୍ୱର, ୧୫।୯ (ସମିସ): ହୀରାକୁଦ ଜଳଭଣ୍ଡାର ଜଳ ସ୍ଥିତି ସମ୍ପୂର୍ଣ୍ଣ ବଦଳିଛି। ପଟୁ ଯୋଗୁଁ ଜଳଭଣ୍ଡାରର ଜଳ ଧାରଣ କ୍ଷମତା ପ୍ରାୟ ୩୦% ହ୍ରାସ ପାଇଛି। ଏହାଦ୍ୱାରା ଉଭୟ ମୌସୁମୀ ଓ ଅଣମୌସୁମୀରେ ସମସ୍ୟା ସୃଷ୍ଟି ହେଉଛି। ଅନ୍ୟପକ୍ଷରେ ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ର ଶତାଧିକ ପ୍ରକଳ୍ପ, ବ୍ୟାରେଜ ମଧ୍ୟ ଓଡ଼ିଶାର ବ୍ୟାପକ କ୍ଷତି କରିଛି। ଏହି ସମୟରେ ୩୮ ବର୍ଷ ପରେ ହୀରାକୁଦ ଜଳଭଣ୍ଡାର ରୁଲ କର୍ଭ ପରିବର୍ତ୍ତନ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ମାତ୍ର ଛତିଶଗଡ଼ ସହ ବିବାଦ ସମୟରେ ହୀରାକୁଦ ରୁଲ୍ କର୍ଭ ସଂଶୋଧନ ରାଜ୍ୟବାସୀଙ୍କ ମନରେ ବିଭିନ୍ନ ଆଶଙ୍କା ସୃଷ୍ଟି କରିଛି।

ବର୍ତ୍ତମାନର ପରିବର୍ତ୍ତିତ ପରିସ୍ଥିତି, ହୀରାକୁଦ ଜଳଭଣ୍ଡାରକୁ ଜଳ ପ୍ରବେଶ ଓ ଜଳର ଉପଲବ୍ଧତାରେ ବ୍ୟାପକ ପରିବର୍ତ୍ତନ ଦେଖାଦେଇଛି। ସେହିପରି ଉପରମୁଣ୍ଡରେ ଛତିଶଗଡ଼ ମହାନଦୀ ଜଳ ପରିଚାଳନାରେ ସହଯୋଗ କରୁ ନ ଥିବାରୁ ଏହା ଓଡ଼ିଶା ପାଇଁ ବିଭିନ୍ନ ସମୟରେ ସମସ୍ୟା ସୃଷ୍ଟି କରୁଛି। ଶେଷଥର ପାଇଁ ହୀରାକୁଦ ବନ୍ଧର ରୁଲ କର୍ଭରେ ୧୯୮୮ ମସିହାରେ ଆବଶ୍ୟକୀୟ ପରିବର୍ତ୍ତନ କରାଯାଇଥିଲା। ତେଣୁ ଏହାକୁ ଦୃଷ୍ଟିରେ



■ ଶେଷଥର ପାଇଁ ୧୯୮୮ରେ ରୁଲ କର୍ଭରେ ହୋଇଥିଲା ପରିବର୍ତ୍ତନ
■ ରୁଲ୍ କର୍ଭର ପୁନଃନିର୍ଦ୍ଧାରଣ ନିମନ୍ତେ ଜଳ ବୈଜ୍ଞାନିକ ତଥ୍ୟ ସଂଗ୍ରହ
■ ଛତିଶଗଡ଼ ସହ ବିବାଦ ସମୟରେ ରୁଲ କର୍ଭ ସଂଶୋଧନକୁ ନେଇ ପ୍ରଶ୍ନ

ରଖି ବର୍ତ୍ତମାନ ସମୟର ଆବଶ୍ୟକତା ସହ ଖାପ ଖୁଆଇବା ପାଇଁ ରାଜ୍ୟ ସରକାର ହୀରାକୁଦ ବନ୍ଧର ରୁଲ୍ କର୍ଭକୁ ପୁନଃବିଚାର କରିବାକୁ ଯାଉଛନ୍ତି। ଏହାସହ ରେଙ୍ଗାଲୀ ବନ୍ଧର ରୁଲ କର୍ଭର ମଧ୍ୟ ପୁନଃସମୀକ୍ଷା ହେବ ବୋଲି ଜଣାପଡ଼ିଛି। ଜଳସେଚନ, ପାନୀୟଜଳ, ଜଳବିଦ୍ୟୁତ ଉତ୍ପାଦନ ସହ ବନ୍ୟା ନିୟନ୍ତ୍ରଣକୁ ସମନ୍ୱୟ କରି ଜଳଭଣ୍ଡାର ପରିଚାଳନା ଲାଗି ଏହି ସମୀକ୍ଷା ହେବ। ଏ ନେଇ ନିକଟରେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ (ପ୍ଲାନିଂ ଆଣ୍ଡ ଡିଜାଇନ୍)ଙ୍କ ଅଧ୍ୟକ୍ଷତାରେ ଏକ ବୈଷୟିକ କମିଟି ବୈଠକ ଅନୁଷ୍ଠିତ ହୋଇଛି। ରୁଲ୍ କର୍ଭର ପୁନଃନିର୍ଦ୍ଧାରଣ ପାଇଁ ବ୍ୟାପକ ଜଳବୈଜ୍ଞାନିକ ତଥ୍ୟ ସଂଗ୍ରହ, ବିଶ୍ଳେଷଣ ଓ ଜଳଭଣ୍ଡାରର ସିମୁଲେସନ୍ ଅଧ୍ୟୟନ କରିବାକୁ କମିଟି ମତ ଦେଇଛି। ଏଥିପାଇଁ ୬ରୁ ୭ ଜଣ ସଦସ୍ୟଙ୍କୁ ନେଇ ଏକ ସ୍ୱତନ୍ତ୍ର ଟେକ୍ନିକାଲ୍ ୱାର୍କିଂ ଗ୍ରୁପ୍ ଗଠନ କରାଯିବ। ଆବଶ୍ୟକ ହାଇଡ୍ରୋଲଜିକାଲ୍ ଓ ହାଇଡ୍ରଲିକ୍ ମଡେଲିଂ ▶ପୃଷ୍ଠା-୭

# ୟୁପି ପୁଲିସର ଅମାନବୀୟ ଆଚରଣ: ଗୋଇଠା ମାଡ଼ରେ ଗର୍ଭବତୀଙ୍କ ମୃତ୍ୟୁ






■ ନବଜାତ ଶିଶୁ ସଙ୍କଟାପନ୍ନ
■ ୬ ୟୁପି ପୁଲିସ ନିଲମ୍ବିତ

ଫିରୋଜାବାଦ, ୧୫।୯ (ଏଜେନ୍ସି): ଉତ୍ତର ପ୍ରଦେଶର ଫିରୋଜାବାଦ ଜିଲ୍ଲା ଶିକୋହାବାଦ ଅଞ୍ଚଳରେ ଜଣେ ଗର୍ଭବତୀ ମହିଳାଙ୍କ ପ୍ରତି ପୁଲିସର ଅମାନବୀୟ ଆଚରଣ ଓ ପରବର୍ତ୍ତୀ ସମୟରେ ତାଙ୍କର ମୃତ୍ୟୁ ଘଟଣାରେ ୬ ଜଣ ପୁଲିସ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି। ନିଲମ୍ବିତଙ୍କ ମଧ୍ୟରେ ଦୁଇ ଜଣ ସବ୍-ଇନ୍ସପେକ୍ଟର ଧର୍ମପାଲ ସିଂହ ଓ ସତ୍ୟପାଲ ସିଂହଙ୍କ ସମେତ ୪ ଜଣ ଅନ୍ୟ ପୁଲିସ କର୍ମଚାରୀ ରହିଛନ୍ତି। ଗୋଟିଏ ଚୋରି ମାମଲାରେ ଗୌରବ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିବା ପାଇଁ ପୁଲିସ ଟିମ୍ ଲଭୌଆ ଗ୍ରାମରେ ଥିବା ତାଙ୍କ ଘରେ ପହଞ୍ଚିଥିଲା। ଏହି ସମୟରେ ଗୌରବଙ୍କ ୨୮ ବର୍ଷୀୟା ଗର୍ଭବତୀ ସ୍ତ୍ରୀ ଅଞ୍ଜଳି ତାଙ୍କ ସ୍ୱାମୀଙ୍କୁ ନନେବା ପାଇଁ ନିବେଦନ କରିଥିଲେ। ଅଭିଯୋଗ ଅନୁଯାୟୀ, ସବ୍-ଇନ୍ସପେକ୍ଟର ଧର୍ମପାଲ ସିଂହ ଅଞ୍ଜଳିଙ୍କ ପେଟକୁ ଗୋଇଠା ମାରିବାରୁ ସେ ତଳେ ପଡ଼ିଯାଇଥିଲେ। ଗୌରବଙ୍କୁ ହାଜତକୁ ନେବା ପରେ ଅଞ୍ଜଳିଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଜଣେ ପୁତ୍ର ସନ୍ତାନକୁ ଜନ୍ମ ଦେବା ପରେ ପ୍ରାଣ ହରାଇଥିଲେ। ନବଜାତ ଶିଶୁଟିର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଆଗ୍ରା ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ଗ୍ରାମବାସୀ ଥାନା ଆଗରେ ପ୍ରତିବାଦ କରିଥିଲେ। ଏହାପରେ ଅଭିଯୁକ୍ତ ପୁଲିସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା।

# ଟ୍ରାକ୍‌ରେ ବସିଥିଲେ ପ୍ରେମୀ ଯୁଗଳ, ଚଢ଼ିଗଲା ଟ୍ରେନ

ନ୍ୟୁୟର୍କ, ୧୫।୯ (ଏଜେନ୍ସି): ଆମେରିକାର ନ୍ୟୁୟର୍କ ସହରର ଲୋୟର ମ୍ୟାନହାଟନ ସ୍ଥିତ ସ୍ପ୍ରିଙ୍ଗ ଷ୍ଟ୍ରିଟ୍ ସବୱେ ଷ୍ଟେସନରେ ଟ୍ରାକ୍‌ରେ ବସିଥିବା ସମୟରେ ଟ୍ରେନ୍ ଧକ୍କାରେ ଭାରତୀୟ ବଂଶୋଦ୍ଭବ ମହିଳା ମଲାଇକା ଚିତ୍ରେ (୨୪) ଓ ତାଙ୍କ ନେପାଳୀ-ଆମେରିକୀୟ ବନ୍ଧୁ ନଭମ କୌଲ(୨୪)ଙ୍କର ମୃତ୍ୟୁ ଘଟିଛି। ରାତି ପ୍ରାୟ ୩.୧୫ରେ



ଟ୍ରେନ୍ ଆସୁଥିବା ବେଳେ ଦୁହେଁ ଟ୍ରାକ୍‌ରେ ବସିଥିଲେ। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ଭିଡିଓରେ ଦୁହେଁ ଟ୍ରାକ୍‌ରେ ଶାନ୍ତ ଭାବେ ବସିଥିବା ଦେଖାଯାଇଛି। ଟ୍ରେନ୍ ଚାଳକ ଜରୁରୀକାଳୀନ ବ୍ରେକ୍ ପ୍ରୟୋଗ କରିଥିଲେ ହେଁ ଟ୍ରେନ୍ ଅଟକାଇବାରେ ଅସମର୍ଥ ହୋଇଥିଲେ। ଫଳରେ ଉଭୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ମଲାଇକା ଏବଂ ନଭମ ଦୁହେଁ ରଟଗର୍ସ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ରଛାତ୍ରୀ ଥିଲେ। ସେମାନେ ଟ୍ରାକ୍‌କୁ କାହିଁକି ଓହ୍ଲାଇଥିଲେ ଏବଂ ଘଟଣା ପଛର ପ୍ରକୃତ କାରଣ ନେଇ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

# ୧୯ ରୁ ମୌସୁମୀ ପ୍ରତ୍ୟାବର୍ତ୍ତନ

ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି): ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଅନୁଯାୟୀ, ଆସନ୍ତା ସେପ୍ଟେମ୍ବର ୧୯ ଆଡ଼କୁ ପଶ୍ଚିମ ରାଜସ୍ଥାନର କିଛି ଅଞ୍ଚଳରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ କରିବାର ସମ୍ଭାବନା ରହିଛି। କେରଳ ଉପକୂଳ ଦେଇ ଭାରତରେ ପ୍ରବେଶ କରୁଥିବା ମୌସୁମୀ ବାୟୁ ଚାରି ମାସ ଧରି ସାରା ଦେଶରେ ବର୍ଷା କରାଇବା ପରେ ପଶ୍ଚିମ ରାଜସ୍ଥାନର ସୁଦୂର ଅଞ୍ଚଳରୁ ପ୍ରତ୍ୟାବର୍ତ୍ତନ ଆରମ୍ଭ କରିଥାଏ। ଚଳିତ ଋତୁରେ ଜୁନ୍ ୧ ରୁ ସେପ୍ଟେମ୍ବର ୧୩ ମଧ୍ୟରେ ଦେଶରେ ମୋଟ ମୌସୁମୀ ବର୍ଷା ସ୍ୱାଭାବିକ ତୁଳନାରେ ୧୫% କମ୍ ରହିଛି। ବିଶେଷ କରି ଦକ୍ଷିଣ ଉପଦ୍ୱୀପୀୟ ଭାରତରେ ସବୁଠାରୁ ଅଧିକ ୨୮% ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି। ସେହିପରି ପୂର୍ବ ଓ ଉତ୍ତର-ପୂର୍ବ ଭାରତରେ ୨୫% କମ୍ ବର୍ଷା ହୋଇଛି। ଚଳିତ ବର୍ଷ ଜୁନ୍ ମାସରେ ବର୍ଷା ସ୍ୱାଭାବିକଠାରୁ ୩୬.୫% କମ୍ ରହି ମୌସୁମୀ ଦୁର୍ବଳ ଭାବେ ଆରମ୍ଭ ହୋଇଥିଲା। ତେବେ ଜୁଲାଇ ଓ ଅଗଷ୍ଟ ମାସରେ ବର୍ଷାର ପରିମାଣ ବୃଦ୍ଧି ପାଇବାରୁ ମୋଟ ନିଅଣ୍ଟ ପରିମାଣ କମି ୧୫% ରେ ପହଞ୍ଚିଛି। ଜୁନ୍ ମାସରେ କମ୍ ବର୍ଷା ଯୋଗୁଁ ଖରିଫ ଫସଲ ବୁଣାବୁଣି ବାଧାପ୍ରାପ୍ତ ହୋଇଥିଲା ଏବଂ ଜୁନ୍ ଶେଷ ସୁଦ୍ଧା ଚାଷ ଜମିର ପରିମାଣ ଗତବର୍ଷ ତୁଳନାରେ ପ୍ରାୟ ୨୧% କମ୍ ରହିଥିଲା। ପରବର୍ତ୍ତୀ ସମୟରେ ଜୁଲାଇ ଓ ଅଗଷ୍ଟରେ ଚାଷ କାର୍ଯ୍ୟ ଗତି ଧରିଥିଲେ ହେଁ, ସେପ୍ଟେମ୍ବର ୧୧ ସୁଦ୍ଧା ମୋଟ ଖରିଫ ଚାଷ ଜମିର ପରିମାଣ ଗତବର୍ଷ ତୁଳନାରେ ୧.୪୫% ଏବଂ ବିଗତ ୫ ବର୍ଷର ହାରାହାରି ତୁଳନାରେ ୦.୭୨% କମ୍ ରହିଛି। ବିଶେଷ କରି ବିରି, ମୁଗ, ସୋୟାବିନ୍ ଏବଂ କପା ଭଳି ଫସଲର ବୁଣାବୁଣି ୫ ବର୍ଷର ହାରାହାରି ତୁଳନାରେ ଯଥେଷ୍ଟ କମ୍ ରହିଥିବାରୁ ଏହିସବୁ କୃଷିଜାତ ଦ୍ରବ୍ୟରେ ମୁଦ୍ରାସ୍ଫୀତି ବା ଦରଦାମ୍ ବୃଦ୍ଧିର ଆଶଙ୍କା ରହିଛି। ସେପଟେ ସେପ୍ଟେମ୍ବର ୩ ସୁଦ୍ଧା ଦେଶର ୧୭୮ଟି ମୁଖ୍ୟ ଜଳାଶୟରେ ମୋଟ ଜଳ ପରିମାଣ ପ୍ରାୟ ୧୨୯.୮୭ ବିଲିୟନ୍ କ୍ୟୁବିକ୍ ମିଟର ରହିଛି। ଏହା ଗତବର୍ଷର ୧୫୯.୧୮ ବିସିଏମ୍ ଏବଂ ବିଗତ ୧୦ ବର୍ଷର ହାରାହାରି ୧୩୪.୨୩୩ ବିସିଏମ୍ ତୁଳନାରେ ଯଥେଷ୍ଟ କମ୍।

# ଚେକ୍ ବାଉନ୍ସ ମାମଲାରେ ରାଜପାଲଙ୍କୁ ଶେଷ ସୁଯୋଗ

ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି): ଚେକ୍ ବାଉନ୍ସ ମାମଲାରେ ବଲିଉଡ୍ ଅଭିନେତା ରାଜପାଲ ଯାଦବଙ୍କୁ ସୁପ୍ରିମକୋର୍ଟ ଶେଷ ସୁଯୋଗ ଦେଇଛନ୍ତି। ସୁପ୍ରିମକୋର୍ଟ ରେଜିଷ୍ଟ୍ରିରେ ଦୁଇ ସପ୍ତାହ ମଧ୍ୟରେ ଅତି କମରେ ୨ କୋଟି ଟଙ୍କା ଜମା କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁରଲୀ ପ୍ରଡକସନ୍ସର ମାଲିକଙ୍କର ୫ କୋଟି ଟଙ୍କା ବାକି ଥିବା ନେଇ ଏହି ମାମଲା ରହିଛି। ଶୁଣାଣି ସମୟରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ରାଜପାଲଙ୍କ ପୂର୍ବ ଆଚରଣକୁ ନେଇ ସମାଲୋଚନା କରିଛନ୍ତି। ପ୍ରଧାନ ବିଚାରପତି କହିଛନ୍ତି, 'ତାଙ୍କର ପୂର୍ବ ଆଚରଣକୁ ଦେଖିଲେ ତାଙ୍କୁ ବିଶ୍ୱାସ କରାଯାଇ ପାରିବ ନାହିଁ। ଅଭିନେତା ହିସାବରେ ସେ ନାଟକ ଓ ଅଭିନୟ କରିବାରେ ସିଦ୍ଧହସ୍ତ, କୋର୍ଟରେ ବି ସେ ସେୟା କରୁଛନ୍ତି। ତେବେ ରାଜପାଲଙ୍କ ଓକିଲ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ୨ କୋଟି ଟଙ୍କା ଜମା କରିବା ଏବଂ ବାକି ଅର୍ଥ ପାଇଁ ଜାମିନଦାର ଦେବାର ଆଶ୍ୱାସନା ଦେଇଛନ୍ତି। ଏହାପରେ କୋର୍ଟ ଏହି ଅତିରିକ୍ତ ସମୟ ଦେଇଛନ୍ତି। ଆସନ୍ତା ଅକ୍ଟୋବର ୫ ତାରିଖରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ତାଙ୍କ ଗିରଫଦାରୀକୁ କୋର୍ଟ ସ୍ଥଗିତ କରିଛନ୍ତି। କିନ୍ତୁ ତାଙ୍କ ପାସପୋର୍ଟ ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ସ୍ୱତନ୍ତ୍ର ଭାରଦ୍ୱାଜଙ୍କୁ ଜାମିନ


ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି): ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ସ୍ୱତନ୍ତ୍ର ଭାରଦ୍ୱାଜଙ୍କୁ ନୂଆଦିଲ୍ଲୀର ଏକ କୋର୍ଟ ୩ ସପ୍ତାହର ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଦିଲ୍ଲୀର ଯନ୍ତରମନ୍ତରଠାରେ କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ପ୍ରତିବାଦ ସଭା ସମୟରେ ଜଣେ ଦଳିତ ଛାତ୍ରୀ ନେତ୍ରୀଙ୍କ ପିତାଙ୍କୁ ଆକ୍ରମଣ କରିବା ଅଭିଯୋଗରେ ସେ ଗିରଫ ହୋଇଥିଲା। ଜୁନ୍‌ରେ ଘଟିଥିବା ଏହି ଘଟଣାରେ ଗତ ସେପ୍ଟେମ୍ବର ୫ରେ ଉତ୍ତର ପ୍ରଦେଶରୁ ତାକୁ ଗିରଫ କରାଯାଇ ବିଚାରବିଭାଗୀୟ ହାଜତକୁ ପଠାଯାଇଥିଲା। କୋର୍ଟରେ ଶୁଣାଣି ସମୟରେ ଭାରଦ୍ୱାଜଙ୍କ ଓକିଲ ଉମେଶ ଶର୍ମା ଦାବି କରିଥିଲେ ଯେ ଏହି ଗିରଫଦାରୀ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ। ଘଟଣାସ୍ଥଳର ଭିଡିଓରେ ଅଭିଯୋଗକାରୀ ପ୍ରଥମେ ଭାରଦ୍ୱାଜଙ୍କୁ ଆକ୍ରମଣ କରିଥିବା ଦେଖିବାକୁ ମିଳୁଛି ବୋଲି ସେ କୋର୍ଟଙ୍କୁ ଜଣାଇଥିଲେ। ଅନ୍ୟପଟେ, ଅଭିଯୋଗକାରୀଙ୍କ ଓକିଲ ଜାମିନ ଆବେଦନକୁ ବିରୋଧ କରି ଜାତିଗତ ଆକ୍ଷେପ ଅଭିଯୋଗ ଆଣିଥିଲେ। ଦିଲ୍ଲୀ ପୁଲିସ ଅନୁସାରେ, ପ୍ରାରମ୍ଭିକ ଅଭିଯୋଗରେ ଜାତିଗତ ଗାଳିଗୁଲଜର ଉଲ୍ଲେଖ ନଥିଲା, ଯାହା ପରବର୍ତ୍ତୀ ବୟାନ ଆଧାରରେ ଯୋଡ଼ାଯାଇଥିଲା।

# ବିମାନବନ୍ଦରରେ ବିକ୍ଷୋଭ

ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି): ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ସ୍ପାଇସଜେଟ୍‌ର ଦୁଇଟି ଦୁବାଇ ଯାଉଥିବା ବିମାନ ୨୪ ଘଣ୍ଟାରୁ ଅଧିକ ବିଳମ୍ବ ହେବା ଯୋଗୁଁ ଯାତ୍ରୀମାନେ ପ୍ରବଳ ହଙ୍ଗାମା ଓ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଯାତ୍ରୀମାନେ ସ୍ପାଇସଜେଟ୍ ବିରୋଧରେ ନାରାବାଜି କରିବା ସହ ଧାରଣାରେ ବସିଥିଲେ। ବିମାନରେ ପରିଚାଳନାଗତ ସମସ୍ୟା ଦେଖାଦେଇଥିବାରୁ ଏହି ବିଳମ୍ବ ଘଟିଥିବା କମ୍ପାନୀ ସ୍ପଷ୍ଟ କରିଛି। ଏସ୍‌ଜି ୫୧୧ ବିମାନଟି ସୋମବାର ସକାଳ ୭.୪୫ରେ ଉଡ଼ାଣ ଭରିବାର ଥିବାବେଳେ ମଙ୍ଗଳବାର ଅପରାହ୍ଣ ୨ଟାରେ ଛାଡ଼ିଥିଲା। ଅନ୍ୟପଟେ ଏସ୍‌ଜି ୫୧୦୫ ବିମାନଟି ମଙ୍ଗଳବାର ମଧ୍ୟରାତ୍ରି ପର୍ଯ୍ୟନ୍ତ ବିଳମ୍ବିତ ହୋଇଥିଲା। ସ୍ପାଇସଜେଟ୍‌ର କୌଣସି କର୍ମଚାରୀ ଉପସ୍ଥିତ ନଥିବା, ଖାଦ୍ୟ ଓ ରହିବା ବ୍ୟବସ୍ଥା ନମିଳିବା ନେଇ ଯାତ୍ରୀମାନେ ଅଭିଯୋଗ କରିଥିଲେ। ପରେ ବିମାନବନ୍ଦର କର୍ମଚାରୀମାନେ ଯାତ୍ରୀଙ୍କୁ ଖାଦ୍ୟ ଓ ଜଳ ଯୋଗାଇ ଦେଇଥିଲେ।

## ୟୁପିଆଇ ଫି' ନେଇ ସରକାରଙ୍କୁ ଘେରିଲେ ରାହୁଲ

# 'ଆମେରିକା ଚାପରେ ଆତ୍ମସମର୍ପଣ'



ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି): ୟୁପିଆଇ କାରବାର ଉପରେ ଶୁଳ୍କ ଲାଗୁ କରିବା ପାଇଁ କେନ୍ଦ୍ର ସରକାର ଗୋପନରେ ବାଟ ଫିଟାଉଛନ୍ତି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି। କେନ୍ଦ୍ର ସରକାରଙ୍କ ନୂତନ ବିଜ୍ଞପ୍ତି ଅନୁଯାୟୀ, ବ୍ୟାଙ୍କ ଏବଂ ପେମେଣ୍ଟ ସିଷ୍ଟମ୍ ପ୍ରଦାନକାରୀମାନେ ୨, ୦୦୦ ଟଙ୍କାରୁ କମ୍ ମୂଲ୍ୟର ୟୁପିଆଇ ଏବଂ ରୁପେ ଡେବିଟ୍ କାର୍ଡ କାରବାର ଉପରେ କୌଣସି ଶୁଳ୍କ ଆଦାୟ କରିପାରିବେ ନାହିଁ। ସାମାଜିକ ଗଣମାଧ୍ୟମରେ ରାହୁଲ ଦାବି କରିଛନ୍ତି ଯେ, ସରକାର ୨, ୦୦୦ ଟଙ୍କାରୁ ଅଧିକ ମୂଲ୍ୟର ବ୍ୟବସାୟିକ ୟୁପିଆଇ କାରବାର ଉପରେ ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ୍ (ଏମ୍‌ଡିଆର୍) ଲାଗୁ କରିବାକୁ ବାଟ ଖୋଲିଛନ୍ତି। ଗ୍ରାହକଙ୍କଠାରୁ କୌଣସି ଶୁଳ୍କ ନିଆଯିବ ନାହିଁ ବୋଲି ସରକାର କହୁଛନ୍ତି। ମାତ୍ର ଦୋକାନୀଙ୍କ ଉପରେ ଶୁଳ୍କ ଲାଗୁ ହେଲେ ଶେଷରେ ସାମଗ୍ରୀର ମୂଲ୍ୟ ବୃଦ୍ଧି ମାଧ୍ୟମରେ ଗ୍ରାହକଙ୍କ ପକେଟରୁ ହିଁ ଯିବ ବୋଲି ସେ କହିଛନ୍ତି। ଏହାସହ ଆମେରିକାର ପେମେଣ୍ଟ କମ୍ପାନୀଗୁଡ଼ିକର ଚାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୁଣିଥରେ ଆତ୍ମସମର୍ପଣ କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଅନ୍ୟପଟେ କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି ଯେ, ନୂଆ ବିଜ୍ଞପ୍ତିରେ ୨, ୦୦୦ ଟଙ୍କାରୁ ଅଧିକ କାରବାର ପାଇଁ କୌଣସି ସ୍ପଷ୍ଟ ଆଇନଗତ ସୁରକ୍ଷା ଦିଆଯାଇ ନାହିଁ। ଆମେରିକୀୟ କମ୍ପାନୀଗୁଡ଼ିକୁ ସୁବିଧା ଯୋଗାଇବା ପାଇଁ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସନ୍ତୁଷ୍ଟ କରିବାକୁ ସରକାର ଏପରି କରୁଛନ୍ତି କି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି।

ସୂଚନାଯୋଗ୍ୟ, ସେପ୍ଟେମ୍ବର ୧୪ର ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ, ୨, ୦୦୦ ଟଙ୍କା ପର୍ଯ୍ୟନ୍ତ କାରବାର ଉପରେ କୌଣସି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଶୁଳ୍କ ଲାଗିବ ନାହିଁ। ତେବେ ୟୁପିଆଇ କାରବାରର ପରିମାଣ ବୃଦ୍ଧି ପାଉଥିବାରୁ ସାଇବର ସୁରକ୍ଷା, ଠକେଇ ରୋକିବା ଏବଂ ଭିତ୍ତିଭୂମିର ବିକାଶ ପାଇଁ ଏକ ରାଜସ୍ୱ ମଡେଲ୍ ଆବଶ୍ୟକ ବୋଲି ସରକାର ଦର୍ଶାଇଛନ୍ତି। ଏହି ପ୍ରସଙ୍ଗରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସ୍ପଷ୍ଟ କରିଛନ୍ତି ଯେ, ଏମଡିଆର ଶୁଳ୍କ କେବଳ ବ୍ୟବସାୟୀମାନଙ୍କ ଉପରେ ଲାଗୁ ହୁଏ, ସାଧାରଣ ଗ୍ରାହକଙ୍କ ଉପରେ ନୁହେଁ।

# ହୁତି ମୁକାବିଲା ପାଇଁ ଇସ୍ରାଏଲର ସହାୟତା ଲୋଡ଼ିଲା ସାଉଦି

ରିୟାଦ/ଜେରୁଜାଲେମ, ୧୫।୯ (ଏଜେନ୍ସି): ୟେମେନର ଲାଲ ସାଗର ଉପକୂଳ ଏବଂ ବାବ୍-ଏଲ୍-ମାନ୍ଦେବ୍ ପ୍ରଣାଳୀକୁ ହୁତି (ଅନସାର ଅଲ୍ଲା) ବିଦ୍ରୋହୀ ନିଜ ଅକ୍ତିଆରକୁ ନେଇଛନ୍ତି। ଏହାପରେ ସାଉଦି ଆରବ ଗମ୍ଭୀର ସଙ୍କଟର ସମ୍ମୁଖୀନ ହୋଇଛି। ହୁତି ବିଦ୍ରୋହୀଙ୍କ ଏହି ଆକ୍ରମଣ ସାଉଦି ଆରବର ତୈଳ ରପ୍ତାନି କ୍ଷମତାକୁ ଗୁରୁତର ଭାବେ ପ୍ରଭାବିତ କରିଛି। ଏହାର ପାରମ୍ପରିକ ସହଯୋଗୀ ଦେଶଗୁଡ଼ିକ ସୀମାପାର ସାମରିକ କାର୍ଯ୍ୟାନୁଷ୍ଠାନରୁ ମଧ୍ୟ ଓହରି ଯାଇଛନ୍ତି। ରିପୋର୍ଟ ଅନୁଯାୟୀ, ସାଉଦି ଆରବର ମିକ୍ସା ପ୍ରତିରକ୍ଷା ଚୁକ୍ତିର ସଦସ୍ୟ ପାକିସ୍ତାନ ବିଦେଶୀ ମାଟିରେ ସୈନ୍ୟ ଅଭିଯାନରେ ଭାଗ ନେବାକୁ ସ୍ପଷ୍ଟ ମନା କରିଦେଇଛି। ପାକିସ୍ତାନ ସାଉଦି ଭୂଖଣ୍ଡର ସୁରକ୍ଷା ପାଇଁ ନିଜ ସେନା ନିୟୋଜିତ କରିବାକୁ ପ୍ରସ୍ତୁତ ଥିବା କଥା କହିଥିଲେ ହେଁ ୟେମେନରେ ଯୁଦ୍ଧ କାର୍ଯ୍ୟାନୁଷ୍ଠାନକୁ ପ୍ରତ୍ୟାଖ୍ୟାନ କରିଛି। ସେହିପରି ଆମେରିକା ଏବଂ ବ୍ରିଟେନ୍ ମଧ୍ୟ ହୁତି ବିଦ୍ରୋହୀଙ୍କ ଉପରେ ସିଧାସଳଖ ଆକ୍ରମଣକୁ ଏଡ଼ାଇ ଦେଇ କେବଳ ଗୁଇନ୍ଦା ସହାୟତା ଓ ସାମରିକ ପରାମର୍ଶ ଯୋଗାଇଦେବାକୁ କହିଛନ୍ତି। ଏହି ଜରୁରୀ ପରିସ୍ଥିତିରେ ସାଉଦି କ୍ରାଉନ୍ ପ୍ରିନ୍ସ ତଥା ପ୍ରଧାନମନ୍ତ୍ରୀ ମହମ୍ମଦ ବିନ୍ ସଲମାନ୍ ଅନ୍ୟ ଗଲ୍ଫ ଦେଶ ଓ ମିଶର ନିକଟରେ ସହାୟତା ପାଇଁ ଆବେଦନ କରିଛନ୍ତି। ଏହାସହ ଆମେରିକା ସେଣ୍ଟ୍ରାଲ୍ କମାଣ୍ଡ (ସେଣ୍ଟକମ୍) ମାଧ୍ୟମରେ ପରୋକ୍ଷରେ ଇସ୍ରାଏଲର ଗୁଇନ୍ଦା ସହାୟତା ଲୋଡ଼ିଛନ୍ତି। ସୂଚନାଯୋଗ୍ୟ, ସାଉଦି ଆରବ ଇସ୍ରାଏଲକୁ ଏକ ସ୍ୱାଧୀନ ରାଷ୍ଟ୍ର ଭାବେ ମାନ୍ୟତା ଦେଇନାହିଁ। ଏପରିକି କୌଣସି କୂଟନୈତିକ ସମ୍ପର୍କ ମଧ୍ୟ ରଖି ନାହିଁ। ମାତ୍ର ବାବ୍-ଏଲ୍-ମାନ୍ଦେବ୍ ପ୍ରଣାଳୀରେ ବର୍ତ୍ତମାନ ସୃଷ୍ଟ ସଙ୍କଟର ମୁକାବିଲା ପାଇଁ ସାଉଦି ବାଧ୍ୟ ହୋଇ ଇସ୍ରାଏଲ୍‌ର ସାହାଯ୍ୟ ନେବାକୁ ପଦକ୍ଷେପ ନେଇଛି। ତେବେ ଇସ୍ରାଏଲର ସହାୟତା କେବଳ ଗୁଇନ୍ଦା ତଥ୍ୟ ଆଦାନପ୍ରଦାନ ମଧ୍ୟରେ ସୀମିତ ରହିବ ବୋଲି କୁହାଯାଇଛି। ଇସ୍ରାଏଲ ପ୍ରତିରକ୍ଷା ବାହିନୀ କହିଛି ଯେ ହୁତି ବିଦ୍ରୋହୀଙ୍କ ବିରୋଧରେ କୌଣସି ପଦକ୍ଷେପ ବ୍ୟାପକ ଅନ୍ତର୍ଜାତୀୟ ଓ ଆଞ୍ଚଳିକ ମେଣ୍ଟ ମାଧ୍ୟମରେ ଗ୍ରହଣ କରାଯିବା ଉଚିତ।

# ମାନବଜାତି ବିନାଶର କାରଣ ହେବ ଏଆଇ: ଗୁଗଲ୍ ସୁରକ୍ଷା ଗବେଷକ

ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି): କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଅପ୍ରତ୍ୟାଶିତ ପ୍ରଗତି ଏବଂ ଏହାର ସମ୍ଭାବ୍ୟ ବିପଦକୁ ନେଇ ବିଶ୍ୱବ୍ୟାପୀ ଚିନ୍ତା ବୃଦ୍ଧି ପାଉଛି। ଏଆଇ ନେଇ ସୁରକ୍ଷା ଚିନ୍ତାକୁ ଦୃଷ୍ଟିରେ ରଖି ଗୁଗୁଲ ଡିପ୍ ମାଇଣ୍ଡର ପ୍ରମୁଖ ସୁରକ୍ଷା ଗବେଷକ ବିଲାଲ୍ ଚୁଗତାଇ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ଏଆଇ ପ୍ରଯୁକ୍ତିବିଦ୍ୟା ସମଗ୍ର ମାନବଜାତିକୁ ଶେଷ କରିଦେବାର କ୍ଷମତା ରଖିଛି ବୋଲି ସେ କହିଛନ୍ତି। ଡିପ୍ ମାଇଣ୍ଡରରେ ଏଜିଆଇ ସୁରକ୍ଷା ଏବଂ ଆଲାଇନ୍‌ମେଣ୍ଟ ଗବେଷଣାରେ ବିଲାଲ୍ କାର୍ଯ୍ୟକରୁଥିଲେ। ସେ ପ୍ରତ୍ୟକ୍ଷ ଭାବେ ଏଆଇର ବିକାଶ ପ୍ରକ୍ରିୟାକୁ ଦେଖିଛନ୍ତି। ଏହି ପ୍ରଯୁକ୍ତିବିଦ୍ୟା ବର୍ତ୍ତମାନର ଦ୍ରୁତ ଗତିରେ ପରିବର୍ତ୍ତନ ହେବାକୁ ନେଇ ସେ ଆଶଙ୍କିତ ଅଛନ୍ତି। ସେ କହିଛନ୍ତି ଯେ, ଏଆଇ ଦ୍ୱାରା ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ମହାବିପତ୍ତିକୁ ଏଡ଼ାଇବା ପାଇଁ ମାନବସମାଜ ପ୍ରସ୍ତୁତ ହୋଇନାହିଁ। ୨୦୨୨ ପ୍ରାରମ୍ଭରେ



ଏଆଇ କ୍ଷେତ୍ରରେ କାମ ଆରମ୍ଭ ହୋଇଥିଲା। ସେତେବେଳେ ଏହି ସିଷ୍ଟମଗୁଡ଼ିକ ବିଶେଷ କାର୍ଯ୍ୟକ୍ଷମ ନଥିଲେ। ହେଲେ ମାତ୍ର ୪ବର୍ଷ ମଧ୍ୟରେ ଓପନ୍ ଏଆଇର ଏଆଇ ଏଜେଣ୍ଟସମୂହ ୯୦ ବର୍ଷ ପୁରୁଣା ଗାଣିତିକ ସମସ୍ୟାର ସମାଧାନ କରିପାରିଛନ୍ତି। ସବୁଠାରୁ ଚିନ୍ତାଜନକ ବିଷୟ ଯେ, ଓପନ୍ ଏଆଇ ମଣିଷ ନିୟନ୍ତ୍ରଣ ବାହାରେ ଆପେ ଆପେ ପ୍ରାୟ ୭୦୦ଟି ସ୍ୱୟଂଚାଳିତ ଏଆଇ ଏଜେଣ୍ଟକୁ କାର୍ଯ୍ୟକ୍ଷମ କରିଥିଲା। ସେଗୁଡ଼ିକ ହଗିଂ ଫେସ୍ ନାମକ ସଂସ୍ଥାକୁ ହ୍ୟାକ୍ କରିବାକୁ ଚେଷ୍ଟା କରିଥିଲେ। ଚୁଗତାଇ ସାବଧାନ କରାଇଛନ୍ତି ଯେ ଆଗାମୀ ଦିନରେ ଏଆଇ ମାନବିକ କ୍ଷମତାକୁ ବହୁ ପଛରେ ପକାଇଦେବ ଏବଂ ମାନବ ନିୟନ୍ତ୍ରଣ ବାହାରକୁ ଯାଇ ବିପଜ୍ଜନକ ନିଷ୍ପତ୍ତି ନେବ। ଏହା ମାନବଜାତିର ବିନାଶ କିମ୍ବା ସ୍ଥାୟୀ ନିଷ୍କ୍ରିୟତାର କାରଣ ହୋଇପାରେ।

ତେବେ କେବଳ ଚୁଗତାଇ ନୁହନ୍ତି, ଡିପ୍ ମାଇଣ୍ଡର ଏଜିଆଇ ସୁରକ୍ଷା ଟିମର ଅନ୍ୟଜଣେ ଗବେଷକ ଜୋଶ୍ ଏଙ୍ଗେଲ୍ସ ମଧ୍ୟ ନିକଟରେ ଇସ୍ତଫା ଦେଇଛନ୍ତି। ଆଗାମୀ ୫ ବର୍ଷ ମଧ୍ୟରେ ଏଆଇ ସିଷ୍ଟମଗୁଡ଼ିକ ଅପୂରଣୀୟ କ୍ଷତି ପହଞ୍ଚାଇବାର ଭୟଙ୍କର ସମ୍ଭାବନା ରହିଛି ବୋଲି ଏଙ୍ଗେଲ୍ସ ଚେତାବନୀ ଦେଇଛନ୍ତି। ଏହାପୂର୍ବରୁ ଆନ୍ଥ୍ରୋପିକ୍‌ର ଗବେଷକ ଜାକବ୍ କୋହ୍ନ୍ ମଧ୍ୟ ସମାନ କାରଣରୁ ଇସ୍ତଫା ଦେଇଥିଲେ। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଆନ୍ଥ୍ରୋପିକ୍ ସିଇଓ ଡାରିଓ ଅମୋଡେଇ ଏଆଇ ମଡେଲଗୁଡ଼ିକର ବିକାଶ ଗତିକୁ ଧୀର କରିବାକୁ ନିବେଦନ କରିଛନ୍ତି। ତାଙ୍କର ଏହି ନିବେଦନକୁ ଇଲନ୍ ମସ୍କ ଏବଂ ଓପନ୍ ଏଆଇ ସିଇଓ ସାମ୍ ଅଲ୍ଟମ୍ୟାନ୍ ସମର୍ଥନ ଜଣାଇଛନ୍ତି। ମାତ୍ର ଏହି ବିତର୍କ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଆଇ ବିକାଶ ଉପରେ କୌଣସି କଟକଣା କିମ୍ବା ନିୟନ୍ତ୍ରଣ ଲଗାଇବା ପ୍ରସ୍ତାବକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି। ଚୀନକୁ ପଛରେ ପକାଇ ବିଶ୍ୱରେ ପ୍ରଭୁତ୍ୱ ବଜାୟ ରଖିବା ପାଇଁ ଆମେରିକୀୟ କମ୍ପାନୀଗୁଡ଼ିକ ଦ୍ରୁତ ଗତିରେ ଏଆଇ ମଡେଲ୍ ବିକାଶ କରିବା ଆବଶ୍ୟକ ବୋଲି ଟ୍ରମ୍ପ କହିଛନ୍ତି।



ବିହାର ପବ୍ଲିକ ସର୍ଭିସ ପରୀକ୍ଷା ବାତିଲ ଦାବିରେ ପାଟନାରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ

# ବଜାରରେ ୭୦ କୋଟିର ୨୦ ଟଙ୍କିଆ ଜାଲ୍ କଏନ୍

ସହାରନପୁର, ୧୫।୯ (ଏଜେନ୍ସି): ଉତ୍ତର ପ୍ରଦେଶର ସହାରନପୁର ପୁଲିସ ପ୍ରାୟ ୭୦ କୋଟି ଟଙ୍କାର ଜାଲ୍ ୨୦ ଟଙ୍କିଆ ମୁଦ୍ରା (କଏନ୍) କାରବାର କରୁଥିବା ଏକ ଆନ୍ତଃରାଜ୍ୟ ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି। ପୁଲିସ ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ସହ ମୋଟ ୫ ଜଣ ସଦସ୍ୟଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କ ନିକଟରୁ ୧.୨୮ ଲକ୍ଷ ଟଙ୍କା ମୂଲ୍ୟର ୬, ୪୦୦ଟି ଜାଲ୍ ୨୦ ଟଙ୍କିଆ ମୁଦ୍ରା, ୫ ଲକ୍ଷ ଟଙ୍କାର ଅଧାଗଢ଼ା ମୁଦ୍ରା, ୬ଟି ମୁଦ୍ରା ତିଆରି ମେସିନ୍ ଏବଂ ଅନ୍ୟାନ୍ୟ ଯନ୍ତ୍ରପାତି ଜବତ କରାଯାଇଛି। ପୁଲିସ ଅନୁଯାୟୀ, ଗ୍ୟାଙ୍ଗର ମୁଖ୍ୟ ହେଉଛି ପଞ୍ଜାବର ମୋହାଲି/ଜୀରକପୁର ନିବାସୀ ଉପକାର ଲୁଥ୍ରା ଓରଫ୍ ଅଭୟ ପ୍ରତାପ ସିଂହ। ପୂର୍ବରୁ ସୁନାକାମ କରୁଥିବା ଉପକାର ୨୦୦୧ ମସିହାରୁ ଜାଲ୍ ମୁଦ୍ରା କାରବାରରେ ସମ୍ପୃକ୍ତ ଅଛି। ଅନ୍ୟ ଗିରଫ ଅଭିଯୁକ୍ତମାନେ ହେଲେ ହିମାଂଶୁ ଓରଫ୍ ଗୁଲ୍ଲୁ, କୁଲଦୀପ, ଅନୁରାଗ ପାଲ ଓରଫ୍ ଲଙ୍କେଶ ଏବଂ ସନ୍ତୋଷ ଚୌରସିଆ ଓରଫ୍ ଜନାର୍ଦ୍ଦନ। ତିହାର ଜେଲ୍‌ରେ ରହିବା ସମୟରେ ଏମାନଙ୍କ ମଧ୍ୟରେ ସାକ୍ଷାତ ହୋଇଥିଲା। ଜେଲ୍‌ରେ ହିଁ ଏହି ଜାଲ୍ ମୁଦ୍ରା



ନେଟୱାର୍କର ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏହି ଗ୍ୟାଙ୍ଗ୍ ହରିୟାଣାର ସୋନିପତରେ ଏକ ଫ୍ୟାକ୍ଟ୍ରି ବସାଇ ଦୈନିକ ୧୦,୦୦୦ରୁ ୧୨,୦୦୦ ଜାଲ୍ ମୁଦ୍ରା ତିଆରି କରୁଥିଲା। ପ୍ରତି ୨୦ ଟଙ୍କିଆ ମୁଦ୍ରା ତିଆରି ପାଇଁ ୫ ରୁ ୬ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ, ଏହାକୁ ୧୨ ରୁ ୧୫ ଟଙ୍କାରେ ଏଜେଣ୍ଟମାନଙ୍କୁ ଯୋଗାଇ ଦିଆଯାଉଥିଲା। ଏହି ମୁଦ୍ରା ଗୁଡ଼ିକୁ ମୁଖ୍ୟତଃ ମଦ ଦୋକାନ, ଟୋଲ୍ ପ୍ଲାଜା ଏବଂ ତେଜରାତି ଦୋକାନ ମାଧ୍ୟମରେ ବାଜାରରେ ପ୍ରଚଳନ କରାଯାଉଥିଲା। ଉତ୍ତର ପ୍ରଦେଶ, ପଞ୍ଜାବ ଏବଂ ବିହାରରେ ବିସ୍ତୃତ ଏହି ନେଟୱାର୍କ ଗତ ୬ ମାସ ମଧ୍ୟରେ ପ୍ରାୟ ୭୦ କୋଟି ଟଙ୍କାର ଜାଲ୍ ମୁଦ୍ରା କାରବାର କରିଥିବା ଅନୁମାନ କରାଯାଉଛି।

# ୟୁସିସି ପରୀକ୍ଷା: ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଘୋଷଣା ପରେ ଦ୍ୱନ୍ଦ୍ୱରେ ବିଜେପିର ସହଯୋଗୀ

■ ଏଲଜେପିର ବିରୋଧ, ଦ୍ୱନ୍ଦ୍ୱରେ ଟିଡିପି
■ ନିଷ୍ପତ୍ତି ନେଇପାରୁନି ନୀତୀଶଙ୍କ ଜେଡିୟୁ

ନୂଆଦିଲ୍ଲୀ, ୧୫।୯: ଆସନ୍ତା ୨୦୨୯ରେ ସାଧାରଣ ନିର୍ବାଚନ ହେବାକୁ ଯାଉଥିବା ବେଳେ ଏହାପୂର୍ବରୁ ସମସ୍ତ ୨୧ଟି ଏନଡିଏ ଶାସିତ ରାଜ୍ୟରେ ୟୁନିଫର୍ମ ସିଭିଲ କୋଡ୍ ବା ସମାନ ନାଗରିକ ସଂହିତା (ୟୁସିସି) ଲାଗୁ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ବୟାନକୁ ନେଇ ବିରୋଧୀ ଦଳ ସମାଲୋଚନା କରିଥିବା ବେଳେ ଏନଡିଏ ଅଂଶୀଦାର ଦଳ ମଧ୍ୟରେ ମତଭେଦ ଦେଖାଦେଇଛି। ବିରୋଧୀ ଦଳ ଅଭିଯୋଗ କରିଛନ୍ତି ଯେ ଭାରତର ଧର୍ମୀୟ ଓ ସାଂସ୍କୃତିକ ବିବିଧତାକୁ ଅଣଦେଖା କରି ଏପରି ଏକ ସଂହିତା ଲାଗୁ କଲେ ଏହା ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ଅଧିକାର ଓ ଧାର୍ମିକ ସ୍ୱାଧୀନତାକୁ ବିପଦରେ ପକାଇପାରେ।

ଏହି ଦ୍ୱନ୍ଦ୍ୱ ମଧ୍ୟରେ ଏନ୍‌ଡିଏର ଦୁଇ ପ୍ରମୁଖ ସହଯୋଗୀ ନୀତୀଶ କୁମାରଙ୍କ ଜନତା ଦଳ (ୟୁନାଇଟେଡ୍) ଓ ଚନ୍ଦ୍ରବାବୁ ନାଇଡୁଙ୍କ ତେଲୁଗୁ ଦେଶମ୍ ପାର୍ଟିର ଆଭିମୁଖ୍ୟ କ'ଣ ହେବ? ଟିଡିପି ମୁଖ୍ୟ ନାଇଡୁ ଚୁପ ରହିଥିବା ବେଳେ ତାଙ୍କ ଦଳର ଜଣେ ନେତା କହିଛନ୍ତି ଯେ ପ୍ରସ୍ତାବ ଆସିଲେ, ଏହା ଉପରେ ବିସ୍ତୃତ ଆଲୋଚନା ହେବ। ତେବେ ଏନ୍‌ଡିଏର ଅଂଶୀଦାର ଦଳ ଭାବେ ୟୁସିସିକୁ ଲାଗୁ କରାଯିବ। ଏନଡିଏର ଅନ୍ୟତମ ବଡ଼ ଅଂଶୀଦାର ନୀତୀଶ କୁମାରଙ୍କ ଜେଡିୟୁ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଏଭଳି ସଂହିତା ଉପରେ ତରବର ହୋଇ କୌଣସି ନିଷ୍ପତ୍ତି ନିଆଯିବା ଠିକ୍ ହେବନାହିଁ ବୋଲି ଦଳ କହିଛି। ଏଭଳି ଚର୍ଚ୍ଚା ମଧ୍ୟରେ ନୀତୀଶ କୁମାର ଆଜି ଦଳର ବରିଷ୍ଠ ନେତାମାନଙ୍କ ସହିତ ଏସଂପର୍କରେ ବିଚାର ଆଲୋଚନା କରିଛନ୍ତି। ବୈଠକ ପରେ ଜେଡିୟୁ ନେତା ତଥା ବିହାର ଉପମୁଖ୍ୟମନ୍ତ୍ରୀ ବିଜୟ ଚୌଧୁରୀ କହିଛନ୍ତି ଯେ ୟୁସିସିର ସ୍ୱରୂପ କଣ ହେବ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପ୍ରସ୍ତାବ ମିଳିବା ପରେ ଏହା ଉପରେ ବିଚାର କରାଯିବ। କୌଣସି ଅସୁବିଧା ଥିଲେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସହିତ ଆଲୋଚନା କରାଯିବ। ।ତେବେ ଦଳର ବିଧାୟକ ଶ୍ୟାମ ରେଜାକ କହିଛନ୍ତି ଯେ ବିହାରରେ ୟୁସିସି ଲାଗୁ କରାଯିବାର ପ୍ରଶ୍ନ ଉଠୁନାହିଁ। ସେହିଭଳି ଅନ୍ୟତମ ସହଯୋଗୀ ଏଲ୍‌ଜେପିର ସଭାପତି ତଥା କେନ୍ଦ୍ର ମନ୍ତ୍ରୀ ଚିରାଗ ପାଶ୍ୱାନ ମଧ୍ୟ ୟୁସିସିକୁ ବିରୋଧ କରିଛନ୍ତି।

ୟୁସିସି ଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ସେମାନଙ୍କର ଆଭିମୁଖ୍ୟ ଉପରେ ବହୁତ କିଛି ନିର୍ଭର କରୁଛି। ଯଦି ସେମାନେ ୟୁସିସିକୁ ସମର୍ଥନ କରନ୍ତି, ତେବେ ନିଜର ପାରମ୍ପରିକ ଧର୍ମନିରପେକ୍ଷ ଭୋଟବ୍ୟାଙ୍କକୁ କିପରି ବୁଝାଇବେ, ତାହା ଏକ ପ୍ରଶ୍ନ। ଯଦି ବିରୋଧ କରନ୍ତି, ତେବେ ଏନ୍‌ଡିଏର ଏକତା ଓ କେନ୍ଦ୍ର ସରକାର ସହ ସମ୍ପର୍କ ଉପରେ ତାହାର ପ୍ରଭାବ କ'ଣ ହେବ, ତାହା ମଧ୍ୟ ଦେଖିବାକୁ ପଡ଼ିବ।

ଅନ୍ୟପକ୍ଷରେ ୟୁସିସି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି ଆର୍‌ଜେଡି ସାଂସଦ ମନୋଜ ଝା। ୟୁସିସିକୁ ସେ 'ଡଗ୍ ହ୍ୱିସଲିଂ' ବୋଲି ଅଭିହିତ କରିବା ସହ ଏହା ଜରିଆରେ ନିର୍ଦ୍ଦିଷ୍ଟ ଭୋଟବ୍ୟାଙ୍କକୁ ଲକ୍ଷ୍ୟ କରାଯାଉଥିବା ଅଭିଯୋଗ କରିଛନ୍ତି। ଝାଙ୍କ ମତରେ, ଦେଶରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି, ଯାହା ଉପରେ ସରକାରଙ୍କ ଅଧିକ ଧ୍ୟାନ ଦେବା ଆବଶ୍ୟକ। କିନ୍ତୁ ୟୁସିସି ପ୍ରସଙ୍ଗକୁ ଆଗକୁ ଆଣି ସେସବୁ ମୁଖ୍ୟ ପ୍ରସଙ୍ଗରୁ ଜନସାଧାରଣଙ୍କ ଧ୍ୟାନ ହଟାଇବାକୁ ସରକାର ଉଦ୍ୟମ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି।

# ୩,୫୦୦ ଟଙ୍କା ଭତ୍ତା ପ୍ରତିଶ୍ରୁତିକୁ ଭୁଲିଗଲେ ସରକାର: ବିଜେଡି

ଭୁବନେଶ୍ୱର,୧୫।୯ (ସମିସ)

ରାଜ୍ୟରେ ସାମାଜିକ ସୁରକ୍ଷା ଓ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନରେ ଅହେତୁକ ବିଳମ୍ବକୁ ନେଇ ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ବାର୍ଦ୍ଧକ୍ୟ ଭତ୍ତା ବିଳମ୍ବ ଯୋଗୁ ଏହାର ହିତାଧିକାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି, କିନ୍ତୁ ରାଜ୍ୟ ସରକାର ଏହାର ସମାଧାନ ପାଇଁ କୌଣସି ପଦକ୍ଷେପ ନେଉ ନାହାନ୍ତି ବୋଲି ଦଳ ଅଭିଯୋଗ କରିଛି।

ଦଳ ପକ୍ଷରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ.ଲେନିନ ମହାନ୍ତି କହିଛନ୍ତି ଯେ ଗତ ମାର୍ଚ୍ଚ ମାସରୁ ଚଳିତ ସେପ୍ଟେମ୍ବର ମାସ ଭିତରେ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନରେ ଅହେତୁକ ବିଳମ୍ବ ଦେଖାଦେଇଛି। ଯେଉଁଥି ପାଇଁ ଏହାର ହିତାଧିକାରୀ ମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ଏପ୍ରିଲ ମାସରୁ ଜୁନ ମାସ ପର୍ଯ୍ୟନ୍ତ ପ୍ରାୟ ୨୦ ଲକ୍ଷ ହିତାଧିକାରୀ ସେମାନଙ୍କର ୧୦୦୦ ଟଙ୍କାର ମାସିକ ଭତ୍ତା ପାଇ ନ ଥିଲେ।

**● ଭତ୍ତା ମିଳିବାରେ ଅହେତୁକ ବିଳମ୍ବ ଯୋଗୁ ହିତାଧିକାରୀ ହନ୍ତସନ୍ତ**
**● ଭତ୍ତା ପାଇବା ପାଇଁ ଚାହିଁ ବସିଛନ୍ତି ରାଜ୍ୟର ୭ ଲକ୍ଷ ହିତାଧିକାରୀ**

ସେହି ସମୟରେ ଏହାକୁ ନେଇ ରାଜ୍ୟବ୍ୟାପୀ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା । ଏହାର ଉତ୍ତରରେ ରାଜ୍ୟ ସରକାରଙ୍କ ପକ୍ଷରୁ ବୈଷୟିକ ବା ସଫ୍ଟୱେୟାର ତ୍ରୁଟି ଯୋଗୁ ଏହି ଭତ୍ତା ପ୍ରଦାନରେ ବିଳମ୍ବ ହେଉଛି ବୋଲି କୁହାଯାଇଥିଲା। ଏହି ତ୍ରୁଟିକୁ ସୁଧାରିବା ପରେ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ସ୍ୱାଭାବିକ ହୋଇଛି ବୋଲି ସରକାରଙ୍କ ପକ୍ଷରୁ ଦାବି ହୋଇଥିଲେ ହେଁ ଏବେ ମଧ୍ୟ ବାର୍ଦ୍ଧକ୍ୟ ଭତ୍ତା ଠିକ ସମୟରେ ମିଳୁ ନାହିଁ ବୋଲି ରାଜ୍ୟର ବିଭିନ୍ନ ଜାଗାରୁ ଖବର ଆସୁଛି । ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀ ମାନଙ୍କ ମଧ୍ୟରୁ ଅଧିକାଂଶ ସେମାନଙ୍କ ଔଷଧ ଓ ନିତ୍ୟ ଆବଶ୍ୟକୀୟ ଜିନିଷ କିଣିବା ପାଇଁ ବ୍ୟବହାର କରିଥାନ୍ତି । ରାଜ୍ୟରେ ପ୍ରାୟ ୭ ଲକ୍ଷରୁ ଉଦ୍ଧ୍ୱର୍ ଦରଖାସ୍ତ ସରକାରଙ୍କ ନିକଟରେ ପଡ଼ି ରହିଛି । ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀ ତାଲିକାରୁ ମୃତ ବ୍ୟକ୍ତି ମାନଙ୍କୁ ବାଦ ଦେବା ଓ ନୂତନ ଯୋଗ୍ୟ ବ୍ୟକ୍ତିଙ୍କୁ ଯୋଡିବା ଏକ ନିୟମିତ ପ୍ରକ୍ରିୟା, ଯାହାକୁ ବିଜେପି ସରକାର ଜାଣିଶୁଣି କାର୍ଯ୍ୟକାରୀ କରୁନାହାନ୍ତି। ବିଜେପି ନିଜର ନିର୍ବାଚନ ଇସ୍ତାହାରରେ ବାର୍ଦ୍ଧକ୍ୟ ଭତ୍ତାକୁ ୧୦୦୦ ଟଙ୍କାରୁ ୩,୫୦୦ ଟଙ୍କାକୁ ବୃଦ୍ଧି କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା । କିନ୍ତୁ ସରକାରକୁ ଆସିବା ପରେ ବିଜେପି ଏହା ଭୁଲି ଯାଇଛି। ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବା ସହିତ ସେମାନେ କିପରି ଠିକ ସମୟରେ ବାର୍ଦ୍ଧକ୍ୟ ଭତ୍ତା ପାଇବେ ସେ ବ୍ୟବସ୍ଥା କରିବା ସହିତ ନୂତନ ହିତାଧିକାରୀ ମାନଙ୍କୁ ହିତାଧିକାରୀ ତାଲିକାରେ ସାମିଲ କରିବା ପାଇଁ ବିଜେଡି ଦାବି କରୁଛି ବୋଲି ଡ. ମହାନ୍ତି କହିଛନ୍ତି।

# ଅକ୍ଟୋବରରେ ଓଡ଼ିଶାରେ 'ଛାତ୍ରୋଁ କି ଗୁଞ୍ଜ'

ଭୁବନେଶ୍ୱର,୧୫।୯ (ସମିସ): ଅକ୍ଟୋବର ମାସରେ ଓଡ଼ିଶା ଆସିପାରନ୍ତି କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ। ଭୁବନେଶ୍ୱରରେ ୨୦ ହଜାର ଯୁବବର୍ଗଙ୍କୁ ନେଇ ଅନୁଷ୍ଠିତ ହେବାକୁଥିବା "ଛାତ୍ରୋଁ କି ଗୁଞ୍ଜ' କାର୍ଯ୍ୟକ୍ରମକୁ ରାହୁଲ ସମ୍ବୋଧିତ କରିବେ। ବର୍ତ୍ତମାନ ଦେଶର ବିଭିନ୍ନ ସ୍ଥାନରେ ଛାତ୍ରୋଁ କି ଗୁଞ୍ଜ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଓଡ଼ିଶାରେ ମଧ୍ୟ ସମାନ ଧରଣର କାର୍ଯ୍ୟକ୍ରମ କରିବାକୁ ଯୋଜନା ହୋଇଛି ଓ କର୍ଣ୍ଣାଟକ ମଡ଼େଲରେ ଦଳର ସଂଗଠନକୁ ସୁଦୃଢ଼ କରିବାକୁ କଂଗ୍ରେସ ଲକ୍ଷ୍ୟ ରଖିଛି।



ଯୋଗଦେବେ ରାହୁଲ ଗାନ୍ଧୀ

କଂଗ୍ରେସର ପାରମ୍ପରିକ ଭୋଟ୍ ବ୍ୟାଙ୍କ କ୍ରମଶଃ ଦୁର୍ବଳ ହୋଇଛି। ଭୋଟହାର ୩୩%ରୁ ହ୍ରାସ ପାଇ ଏବେ ୧୨%ରେ ପହଞ୍ଚିଛି। ତେଣୁ ଦଳ ପ୍ରତି ଲୋକଙ୍କ ଆସ୍ଥା ଫେରାଇ ଆଣିବା ଓ ଯୁବ ପିଢ଼ିକୁ ନିଜ ସପକ୍ଷକୁ ନେବାକୁ କଂଗ୍ରେସ ଲକ୍ଷ୍ୟ ରଖିଛି। ବିଶେଷ ଭାବରେ ଦେଶ ପରି ରାଜ୍ୟର ଏକ ଚତୁର୍ଥାଂଶ ଭୋଟରଙ୍କ ବୟସ ୩୦ ବର୍ଷ ମଧ୍ୟରେ ହୋଇଥିବାରୁ ଏହି ବର୍ଗର ବିଶ୍ୱାସ ଜିତିବା ଲାଗି କଂଗ୍ରେସ ଆପ୍ରାଣ ପ୍ରୟାସ କରିବାକୁ ଲାଗିପଡ଼ିଛି। ଯୁବ ପିଢ଼ିକୁ ନିଜ ସହ ଯୋଡ଼ି ଯୁବଶକ୍ତିକୁ ବଡ଼ ଅସ୍ତ୍ର କରିବାକୁ ଯୋଜନା କରିଛି। ଦିଲ୍ଲୀରେ ଜେନ୍-ଜି ଛାତ୍ର ଆନ୍ଦୋଳନ ପରେ ରାହୁଲ ଗାନ୍ଧୀଙ୍କ କାର୍ଯ୍ୟକ୍ରମଗୁଡ଼ିକରେ ଯୁବ ବର୍ଗଙ୍କ ଉପସ୍ଥିତି ଆଶାତୀତ ହୋଇଛି। ତେଣୁ ଓଡ଼ିଶାରେ କଂଗ୍ରେସର ଆଗାମୀ ରାଜନୈତିକ ଅଭିଯାନକୁ ଆହୁରି ହାଇଭୋଲଟେଜ୍ କରିବାକୁ ଜାତୀୟ ନେତୃତ୍ୱଙ୍କୁ ମଧ୍ୟ ମୈଦାନକୁ ଆଣିବାକୁ ଦଳ ଯୋଜନା କରିଛି। ଅକ୍ଟୋବରରେ ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତର କାର୍ଯ୍ୟକ୍ରମ ସହ ପରବର୍ତ୍ତୀ ସମୟରେ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଓ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ମଧ୍ୟ ଓଡ଼ିଶା ଆସିବାର ଯୋଜନା ରହିଛି। ଜାନୁଆରୀ-ଫେବୃଆରୀ ମଧ୍ୟରେ ଏହି ଗସ୍ତଗୁଡ଼ିକୁ ନେଇ ଦଳ ବଡ଼ କାର୍ଯ୍ୟକ୍ରମ କରିବାକୁ ପ୍ରସ୍ତୁତ ହେଉଛି। ପ୍ରଥମେ ତୃଣମୂଳ ସଂଗଠନକୁ ସକ୍ରିୟ କରିବା, ଦ୍ୱିତୀୟରେ ପଞ୍ଚାୟତ ସ୍ତରରେ ନିଜ ଉପସ୍ଥିତି ବଢ଼ାଇବା ଏବଂ ତୃତୀୟରେ ଯୁବ ଓ ଛାତ୍ର ଭୋଟରଙ୍କ ମଧ୍ୟରେ ଦଳର ପ୍ରଭାବ ବଢ଼ାଇବାକୁ କଂଗ୍ରେସ ଯୋଜନା କରୁଛି। ଆଗୁଆ ମୈଦାନ ପ୍ରସ୍ତୁତି ମାଧ୍ୟମରେ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ନିଜର ହରାଇଥିବା ରାଜନୈତିକ ଜାଗା ଫେରାଇବାକୁ ଚେଷ୍ଟା କରୁଛି।

ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ ଓଡ଼ିଶାକୁ ନେଇ କଂଗ୍ରେସ ବଡ଼ ରଣନୀତି ପ୍ରସ୍ତୁତ କରୁଛି। କର୍ଣ୍ଣାଟକ ମଡେଲକୁ ଆଧାର କରି ପଦଯାତ୍ରା, ବ୍ଲକ ଘେରାଓ, ମାରାଥନ୍ ଓ ଯୁବକେନ୍ଦ୍ରିକ କାର୍ଯ୍ୟକ୍ରମ ମାଧ୍ୟମରେ ତୃଣମୂଳ ସ୍ତରରେ ସଂଗଠନକୁ ସକ୍ରିୟ କରିବାକୁ ଦଳ ଯୋଜନା କରିଛି। ଏହି କ୍ରମରେ ଆଗକୁ ରାଜ୍ୟ ତଥା ଜିଲ୍ଲା ନେତୃତ୍ୱମାନଙ୍କ ପାଇଁ ମାରାଥନ୍ କର୍ମଶାଳା ଆୟୋଜନ ହେବ। ଏଥିରେ ଏଆଇସିସି ସଂଗଠନ ସମ୍ପାଦକଙ୍କ ସହ ଅନ୍ୟ ବରିଷ୍ଠ ନେତୃବୃନ୍ଦ ସାମିଲ ହୋଇ ଗୁରୁମନ୍ତ୍ର ଦେବେ। ଏହା ବ୍ୟତୀତ ଆସନ୍ତା ଅକ୍ଟୋବର ୨ ରୁ ନବରଙ୍ଗପୁରରୁ କଂଗ୍ରେସ ପଦଯାତ୍ରା ଆରମ୍ଭ ହେବ। ପଞ୍ଚାୟତ ନିର୍ବାଚନ ପୂର୍ବରୁ ପଦଯାତ୍ରାରେ ବ୍ଲକ ଘେରାଓ କାର୍ଯ୍ୟକ୍ରମ ମାନ ଆୟୋଜନ ହେବ। ଏହି କାର୍ଯ୍ୟକ୍ରମ ଦ୍ୱାରା ତୃଣମୂଳ ସ୍ତରରେ ସଂଗଠନକୁ ମଜବୁତ କରିବା ସହ ରାଜ୍ୟ ସରକାରଙ୍କ ଚରମ ବିଫଳତାକୁ ଆୟୁଧ କରି ଡବଲ ଇଞ୍ଜିନ ସରକାର ବିରୋଧରେ ଦଳ ରଣନୀତି ପ୍ରସ୍ତୁତ କରିବ ବୋଲି ସେ କହିଛନ୍ତି ।

# ବନ୍ଦହେଲା ହୀରାକୁଦର ଗୋଟିଏ ଗେଟ୍

ସମ୍ବଲପୁର, ୧୫।୯ (ସମିସ): ହୀରାକୁଦ ନଦୀବନ୍ଧର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ଥିବାବେଳେ ଗତ କେଇଦିନ ଧରି ହୀରାକୁଦ ଜଳସ୍ତର ୬୨୯ ଫୁଟ୍ ଉପରେ ରହୁଛି। ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ ସ୍ଥିତି ଉପରେ ନଜର ରଖିଛନ୍ତି। ଆଜି ଅପରାହ୍ଣ ୪ଟା ୧୮ ମିନିଟ୍ ସମୟରେ ନଦୀବନ୍ଧର ଗୋଟିଏ ଗେଟ୍ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ପ୍ରତି ନଦୀବନ୍ଧର ୬ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତ



**୬ ଗେଟ୍ ଦେଇ ନିଷ୍କାସନ, ଜଳସ୍ତର ୬୨୯.୪୩ ଫୁଟ୍**

ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବାବେଳେ, ଜୁଲାଇ ୧୯ ତାରିଖରେ ଦ୍ୱିତୀୟଥର ପାଇଁ ଏବଂ ସେପ୍ଟେମ୍ବର ୧୧ ତାରିଖରେ ତୃତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଉଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୦.୪୯ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ତଳମୁଣ୍ଡରେ ଆଦୌ ବର୍ଷା ହୋଇନାହିଁ।

ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୪୩ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୪ଟି ଏବଂ ଡାହାଣ ପାର୍ଶ୍ୱର ୨ଟି ସ୍ଲୁଇସ୍ ଗେଟ୍ ଏହିପରି ମୋଟ୍ ୬ଟି ଗେଟ୍ ଖୋଲା ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୪୨,୩୧୬ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୦୭,୦୫୩ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୧,୨୧୫ କ୍ୟୁସେକ୍, ଜଳସେଚନ ସକାଶେ ୨୨୧ କ୍ୟୁସେକ୍ ଓ କେନାଲ ପାଇଁ ୩୮୨୭ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୨୯,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୮୨,୬୬୦ କ୍ୟୁସେକ୍, ଖଇରମାଲଠାରେ ୨,୫୯,୫୦୦ କ୍ୟୁସେକ୍, ବାରମୁଲଠାରେ ୨,୨୨,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୩,୦୦,୫୧୬ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

# ପଠାରୁ ପାଣିକୁ ଟାଣିନେଲା କୁମ୍ଭୀର; ବୃଦ୍ଧା ମୃତ

ମହାକାଳପଡ଼ା,୧୫।୯ (ସମିସ)



ମହାକାଳପଡ଼ା ବ୍ଲକ ଖରିନାସୀ ପଞ୍ଚାୟତରେ ମଙ୍ଗଳବାର ସକାଳୁ ଏକ ଅଭାବନୀୟ ଘଟଣା ଘଟିଛି। ଘର ଲିପିବା ପାଇଁ ଆବଶ୍ୟକୀୟ ମାଟି ନଦୀ କୂଳରୁ ଆଣିବାକୁ ଯାଇଥିବା ଖରିନାସୀ ପଞ୍ଚାୟତ ଦାସ ପଡା ଗାଁର ହେମଲତା ଦାସ (୬୫) ଙ୍କୁ ଏକ କୁମ୍ଭୀର ପାଣି ଭିତରକୁ ଟାଣି ନେଇଥିଲା। ହେମଲତା ଚିତ୍କାର କରିବାରୁ ଉପସ୍ଥିତ ଲୋକମାନେ ମଧ୍ୟ କୁମ୍ଭୀର କବଳରୁ ରକ୍ଷା କରିବା ପାଇଁ ଧାଇଁ ଆସିଥିଲେ। ହେଲେ ସେତେବେଳକୁ କୁମ୍ଭୀର ତାଙ୍କୁ ନଦୀ ଭିତରକୁ ନେଇସାରିଥିଲା। ଉପସ୍ଥିତ ଲୋକମାନେ ଡଙ୍ଗା ସାହାଯ୍ୟରେ ବହୁତ ଖୋଜାଖୋଜି କରିବା ପରେ ରାମନଗର ଜେଟି ପାଖରୁ ହେମଲତା ଙ୍କୁ ମୁମୂର୍ଷ ଅବସ୍ଥାରେ ଉଦ୍ଧାର କରି କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ହେମଲତାଙ୍କ ମୃତ୍ୟୁ ପରେ ନଈକୂଳିଆ ଲୋକେ ଆତଙ୍କିତ ହୋଇ ପଡିଛନ୍ତି।

### କମ୍ ବର୍ଷା ଯୋଗୁଁ ଜଳଭଣ୍ଡାର ଉପରେ ଚାପ

# ଜଳ ସଂରକ୍ଷଣ ପାଇଁ ହ୍ରାସ କରାଯିବ ବିଦ୍ୟୁତ୍ ଉତ୍ପାଦନ

ଭୁବନେଶ୍ୱର, ୧୫।୯

ଚଳିତ ବର୍ଷ ରାଜ୍ୟର କିଛି ସ୍ଥାନରେ ନିଅଣ୍ଟିଆ ଓ ଅନିୟମିତ ବର୍ଷା ଯୋଗୁଁ ଅନେକ ଜଳଭଣ୍ଡାରରେ ଜଳସ୍ତର ନିର୍ଦ୍ଧାରିତ ଉଚ୍ଚତାକୁ ଛୁଇଁ ପାରିନାହିଁ। ଜଳ ଉପଲବ୍ଧତା ନେଇ ଚିନ୍ତା ବଢୁଥିବାବେଳେ ପାନୀୟଜଳ ଓ କୃଷି ପାଇଁ ଆବଶ୍ୟକ ଜଳ ଭଣ୍ଡାରକୁ ସୁରକ୍ଷିତ ରଖିବା ଲାଗି ଜଳବିଦ୍ୟୁତ୍ ଉତ୍ପାଦନ ହ୍ରାସ ନିମନ୍ତେ ସରକାରୀସ୍ତରରେ ଆପାତତଃ ନିଷ୍ପତ୍ତି ହୋଇଛି। ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେସନ୍‌ର ସ୍ଥାପିତ ଜଳବିଦ୍ୟୁତ୍ କ୍ଷମତା ପ୍ରାୟ ୨୦୯୯.୫ ମେଗାୱାଟ୍; କିନ୍ତୁ ଜଳ ସଂରକ୍ଷଣକୁ ଦୃଷ୍ଟିରେ ରଖି ଏହାର ପୂର୍ଣ୍ଣ କ୍ଷମତା ଅନୁଯାୟୀ ଉତ୍ପାଦନ କରାଯାଉନାହିଁ। ଜୁନ୍ ମାସରେ ଜଳଭଣ୍ଡାରର ଜଳକୁ ଅତ୍ୟଧିକ ମାତ୍ରାରେ ଖର୍ଚ୍ଚ ନ କରିବା ହାରାହାରି ଜଳବିଦ୍ୟୁତ୍ ଉତ୍ପାଦନ ପ୍ରାୟ ୩୫୦ରୁ ୫୫୦ ମେଗାୱାଟ୍ ମଧ୍ୟରେ ରଖାଯାଇଛି। ବାଲିମେଳା ଜଳଭଣ୍ଡାରର ପୂର୍ଣ୍ଣ ଜଳସ୍ତର ୧୫୧୬ ଫୁଟ୍। ଜୁଲାଇରେ ଏହା ୧୪୫୫.୬ ଫୁଟ୍‌କୁ ହ୍ରାସ ପାଇଥିଲା। ଫଳରେ ଖରିଫ ଚାଷ ପାଇଁ ଜଳ ସଂରକ୍ଷଣ ନିମନ୍ତେ ଜଳ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ବନ୍ଦ କରାଯାଇଥିଲା।

ଅପରପକ୍ଷରେ ହୀରାକୁଦ ଜଳଭଣ୍ଡାରରେ ଚଳିତ ବର୍ଷ ଜଳବିଦ୍ୟୁତ୍ ଉତ୍ପାଦନ ବିଶେଷ ପ୍ରଭାବିତ ହୋଇନାହିଁ। ପଶ୍ଚିମ ଓଡ଼ିଶାର କୃଷି ପାଇଁ ହୀରାକୁଦ ଜଳଭଣ୍ଡାରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବରଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର ଆଦି ଅଞ୍ଚଳରେ ଖରିଫ ଚାଷ ପାଇଁ କେନାଲ୍ ଜଳ ଉପରେ ଚାଷୀମାନେ ନିର୍ଭର କରନ୍ତି। ତେଣୁ ଜଳବିଦ୍ୟୁତ୍ ଉତ୍ପାଦନ ବଢ଼ାଇବା ଅପେକ୍ଷା ଜଳସେଚନ ପାଇଁ ଆବଶ୍ୟକ ସଂରକ୍ଷଣକୁ ଗୁରୁତ୍ୱ ଦିଆଯାଇଛି।

**ପାନୀୟଜଳ ଓ କୃଷି ପାଇଁ ଜଳ ସଂରକ୍ଷଣକୁ ପ୍ରାଥମିକତା**

ଜଳବିଦ୍ୟୁତ୍ ଉତ୍ପାଦନ କମାଇବା ସତ୍ତ୍ୱେ ରାଜ୍ୟର ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ଉପରେ ତତ୍କାଳ ବଡ଼ ପ୍ରଭାବ ପଡ଼ିବ ନାହିଁ ବୋଲି ସରକାର ପକ୍ଷରୁ କୁହାଯାଇଛି। ରାଜ୍ୟର ବିଦ୍ୟୁତ୍ ଚାହିଦାର ଏକ ବଡ଼ ଅଂଶ ତାପଜ ବିଦ୍ୟୁତ୍, କେନ୍ଦ୍ରୀୟ ଉତ୍ପାଦନ କେନ୍ଦ୍ରରୁ ମିଳୁଥିବା ବିଦ୍ୟୁତ୍ ଓ ଅନ୍ୟ ଉତ୍ସ ମାଧ୍ୟମରେ ପୂରଣ ହେଉଛି। ଆବଶ୍ୟକ ହେଲେ ବାହାରୁ ବିଦ୍ୟୁତ୍ କିଣିବାର ବିକଳ୍ପ ମଧ୍ୟ ରହିଛି। ମାତ୍ର ଦୀର୍ଘକାଳୀନ ଭାବେ ଏହି ସନ୍ତୁଳନ ରକ୍ଷା କରିବା ଚ୍ୟାଲେଞ୍ଜ ହୋଇପାରେ। କମ୍ ଓ ଅନିୟମିତ ବର୍ଷା, ଜଳବାୟୁ ପରିବର୍ତ୍ତନ ଯୋଗୁଁ ଜଳଭଣ୍ଡାରକୁ ଆସୁଥିବା ଜଳ ପ୍ରବାହର ସ୍ଥିତି ଜଳବିଦ୍ୟୁତ୍ ପ୍ରକଳ୍ପର ଉତ୍ପାଦନ ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ପରିସ୍ଥିତିରେ ଜଳାଶୟ ପରିଚାଳନାରେ ପାନୀୟଜଳ, କୃଷି, ପରିବେଶୀୟ ଆବଶ୍ୟକତା ଓ ବିଦ୍ୟୁତ୍ ଉତ୍ପାଦନ ମଧ୍ୟରେ ସନ୍ତୁଳନ ରଖିବା ଆଗାମୀ ଦିନର ମୁଖ୍ୟ ଚ୍ୟାଲେଞ୍ଜ ହେବ। ରାଜ୍ୟର ୨୦୨୫-୨୬ ଆର୍ଥିକ ସର୍ଭେ ମଧ୍ୟ ଭବିଷ୍ୟତର ଶକ୍ତି ମିଶ୍ରଣରେ ଜଳବିଦ୍ୟୁତ୍‌ର ଅଂଶ କ୍ରମେ ହ୍ରାସ ପାଇବା ଏବଂ ସୌର ଓ ପବନ ଭଳି ଅକ୍ଷୟ ଉତ୍ସର ଭୂମିକା ବଢ଼ିବାର ଆକଳନ କରିଛି। ଏହି କ୍ରମରେ ଜଳ ଉପଲବ୍ଧତା ଉପରେ ଚାପ ଜାରି ରହିଲେ ଆଗାମୀ ଦିନରେ 'ପ୍ରଥମେ ପାଣି, ପରେ ବିଦ୍ୟୁତ୍' ନୀତିକୁ ସରକାର ଗୁରୁତ୍ୱ ଦେଇପାରନ୍ତି ବୋଲି କୁହାଯାଉଛି ।

# ଥାନାରେ ରହସ୍ୟଜନକ ପାରା


ବାଂଲାଦେଶରୁ ଆସିଥିବା ସନ୍ଦେହ

ବାରିପଦା/ବୈଶିଙ୍ଗା, ୧୫।୯ (ସମିସ)

ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅନ୍ତର୍ଗତ କଷିପଦା ଗ୍ରାମରୁ ମଙ୍ଗଳବାର ଦ୍ୱିପ୍ରହର ସମୟରେ ଏକ ରହସ୍ୟଜନକ ପାରା ଉଦ୍ଧାର କରାଯାଇଛି। ଗ୍ରାମର ଦୁଇଜଣ ପିଲା ଗାଁ ବାହାରେ ଖେଳୁଥିବାବେଳେ ପାରାଟି ଆସି ସେମାନଙ୍କ ନିକଟରେ ବସିଥିଲା। ପାରା ଗୋଡ଼ରେ ଗୋଡରେ ନୀଳ ରଙ୍ଗର ପିତ୍ତଳ ରିଙ୍ଗରେ ୨୦୨୪'-'୭ ଲେଖାଥିବା ଦେଖିବାକୁ ମିଳିଥିଲା। ପିଲାଙ୍କ ନିକଟରୁ ପାରାକୁ ପାଇବା ପରେ ଗ୍ରାମବାସୀ ସଙ୍ଗେ ସଙ୍ଗେ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ବୈଶିଙ୍ଗା ପୁଲିସ କଷିପଦା ଗ୍ରାମରେ ପହଞ୍ଚି ପାରାକୁ ପରୀକ୍ଷା ନିରୀକ୍ଷା କରିଥିଲେ। ଏହା ସନ୍ଦେହଜନକ ଲାଗିବା ସହ ବାଂଲାଦେଶରୁ ଆସିଥିବା ନେଇ ସନ୍ଦେହ ହେବାରୁ ପୁଲିସ ପାରାକୁ ଥାନାକୁ ନେଇଥିଲା। ଏ ସମ୍ପର୍କରେ ଅଧିକ ଅନୁଧ୍ୟାନ ପାଇଁ ପକ୍ଷୀକୁ ବନ ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ଜୁଆ ଖେଳ ପାଇଁ ଗଣେଶ ପୂଜାରେ ଖାତା ପୂଜା ଏକ ଅପରାଧିକ ପରମ୍ପରା!

# ପିଣ୍ଟୁଙ୍କ ଭାଇ ପିଙ୍କୁ ସହ ୪ ଗିରଫ

ବ୍ରହ୍ମପୁର,୧୫।୯ (ସମିସ): ଗଣେଶ ପୂଜାରେ ଜୁଆ ଖେଳିବା ପାଇଁ ଆରମ୍ଭ କରିଥିଲେ 'ଖାତା ପୂଜା'। ହେଲେ ଖାତା ପୂଜାର ପ୍ରଥମ ଦିନରେ ହିଁ ସେମାନଙ୍କ ଯୋଜନାରେ ପାଣି ପକାଇ ଦେଇଛି ପୁଲିସ। ଗୋଷାଣୀନୂଆଗାଁ ମୁଖ୍ୟ ରାସ୍ତା ନିକଟ ଏକ ପୁରୁଣା ତଥା ପରିତ୍ୟକ୍ତ ଘରେ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରିବା ସହ ଗୋଟିଏ ପିସ୍ତଲ, ନଗଦ ୬୬ହଜାର ୭୨୦ଟଙ୍କା, ୪ଟି ମୋବାଇଲ୍ ଫୋନ୍ ଓ ୨ଟି ମୋଟର ସାଇକେଲକୁ ଜବତ କରିଛି ପୁଲିସ। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଗୋଷାଣୀନୂଆଗାଁ ଶାଳିଆ ବନ୍ଧ ସାହିର ଚନ୍ଦ୍ରଶେଖର ଦାସ ଓରଫ୍ ପିଙ୍କୁ ଦାସ (୪୪), ପୁରୁଣା ବ୍ରହ୍ମପୁରର କୈଳାଶ ମହାନ୍ତି ଓରଫ୍ ବୁଢୁ (୪୯), ବାଲାଜୀପେଣ୍ଠ ସାହିର ସିତୁନ୍ ସାହୁ (୨୫) ଏବଂ କାଳୁଆ ସାହିର ଦେବାଶିଷ ପାତ୍ର (୩୦) ଥିବା ଜଣାପଡିଛି। ଚନ୍ଦ୍ରଶେଖର ଦାସ ଓରଫ୍ ପିଙ୍କୁ ଦାସ ବ୍ରହ୍ମପୁରର ପୂର୍ବତନ ମେୟର ପିଣ୍ଟୁ ଦାସଙ୍କ ସାନଭାଇ ବୋଲି ଜଣାପଡ଼ିଛି। ସେହିପରି କୈଳାଶ ମହାନ୍ତି ଜଣେ ପୁରୁଣା ଅପରାଧୀ ତଥା ବନ୍ଧୁକ ବ୍ୟବସାୟୀ ବୋଲି ପୁଲିସ ପକ୍ଷରୁ ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗଣେଶ ପୂଜା ଦିନ ଅର୍ଥାତ୍ ୧୪ତାରିଖ ସନ୍ଧ୍ୟା ପ୍ରାୟ ୬ଟା ସମୟରେ ଗୋଷାଣୀନୂଆଗାଁ ମୁଖ୍ୟରାସ୍ତା ନିକଟ ଏକ ପରିତ୍ୟକ୍ତ ଘରେ କିଛି ଅସାମାଜିକ



**ବନ୍ଧୁକ ବ୍ୟବସାୟୀ 'ବୁଢୁ' ଓ ଠିକାଦାର 'ଦେବାଶିଷ' ଗିରଫ**

ବ୍ୟକ୍ତି ଏକତ୍ରିତ ହୋଇଥିବା ନେଇ ପୁଲିସକୁ ବିଶ୍ୱସନୀୟ ସୂତ୍ରରୁ ସୂଚନା ମିଳିଥିଲା। ସେମାନେ ଅସ୍ତ୍ରଶସ୍ତ୍ର ରଖି କୌଣସି ଗୁରୁତର ଅପରାଧ ଘଟାଇବା ପାଇଁ ଯୋଜନା କରୁଥିବା ମଧ୍ୟ ସୂଚନା ମିଳିଥିଲା। ଏହାପରେ ଆଇଆଇସିଙ୍କ ନିର୍ଦ୍ଦେଶରେ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଘରକୁ ଚତୁର୍ଦ୍ଦିଗରୁ ଘେରାଉ କରିଥିଲା। ରାତି ପ୍ରାୟ ୧୦ଟା ୨୦ମିନିଟ ସମୟରେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଓ ଦୁଇଜଣ ସରକାରୀ ସାକ୍ଷୀଙ୍କ ଉପସ୍ଥିତିରେ ଘର ଓ ସେଠାରେ ଥିବା ବ୍ୟକ୍ତିମାନଙ୍କ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ଉପରୋକ୍ତ ୪ଜଣ ବ୍ୟକ୍ତି ଧରାପଡ଼ିଥିଲେ। ସେମାନଙ୍କ ନିକଟରୁ ଗୋଟିଏ ନୀଳ ରଙ୍ଗର ଆଇଫୋନ୍, ଗୋଟିଏ ନୀଳ ରଙ୍ଗର ଓପୋ ମୋବାଇଲ୍, ଗୋଟିଏ ସବୁଜ ରଙ୍ଗର ସାମସଙ୍ଗ ଗାଲେକ୍ସି ଫୋଲ୍ଡ ମୋବାଇଲ୍, ଗୋଟିଏ ସାମସଙ୍ଗ ଏ୩୫ ୫ଜି ମୋବାଇଲ୍, ଦୁଇଟି ରୟାଲ୍ ଏନ୍‌ଫିଲ୍ଡ ମୋଟରସାଇକେଲ୍, ନଗଦ ୬୬ହଜାର ୭୨୦ଟଙ୍କା ଏବଂ ସୁନେଲି ରଙ୍ଗର ଗ୍ରିପ୍ ଓ ଟ୍ରିଗର୍ ଥିବା ଗୋଟିଏ ରୂପେଲି ରଙ୍ଗର ପିସ୍ତଲ ଜବତ ହୋଇଥିଲା। ପିସ୍ତଲ ପାଇଁ ବୈଧ ଲାଇସେନ୍ସ କିମ୍ବା କୌଣସି ଆଇନଗତ କାଗଜପତ୍ର ଦେଖାଇବାକୁ ଅଭିଯୁକ୍ତମାନେ ବିଫଳ ହୋଇଥିଲେ। ପିସ୍ତଲର ମାଗାଜିନ୍ ଓ ଗୁଳିଗୁଳା ବିଷୟରେ ପଚରାଯିବାରୁ 'ଗାଜି' ଓରଫ୍ ସନ୍ତୋଷ ପାଢ଼ୀ ଓ ନୀଳାଞ୍ଚଳ ପାତ୍ର ନାମକ ଅନ୍ୟ ଦୁଇଜଣ ବ୍ୟକ୍ତି ମାଗାଜିନ୍ ନେଇ ପୁଲିସ ପହଞ୍ଚିବା ପୂର୍ବରୁ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ଅଭିଯୁକ୍ତମାନେ କହିଥିଲେ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ କରିବା ପରେ କୈଳାଶ ମହାନ୍ତି ଓରଫ୍ ବୁଢୁ, ଚନ୍ଦ୍ରଶେଖର ଦାସ ଓରଫ୍ ପିଙ୍କୁ ଦାସ, ସିତୁନ୍ ସାହୁ ଓ ଦେବାଶିଷ ପାତ୍ରଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ମାଗାଜିନ୍ ନେଇ ଫେରାର ହୋଇଥିବା ଅନ୍ୟ ଦୁଇଜଣଙ୍କୁ ଧରିବା ପାଇଁ ପୁଲିସର ତଦନ୍ତ ଜାରି ରହିଛି। ଗିରଫ ସମସ୍ତ ୪ଜଣଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି।

### ସମବାୟ ନଗରୀ-ଶିଳ୍ପ ସ୍ୱପ୍ନରୁ ଭୂତକୋଠି

# ଇତିହାସ ପାଲଟିବ ଆସିକା ସୂତାକଳର ସ୍ୱପ୍ନ

ବ୍ରହ୍ମପୁର,୧୫।୯ (କ୍ଷୀରସିନ୍ଧୁ ମହାନ୍ତି)

ଏଠି ଦିନେ ଶିଳ୍ପର ସ୍ୱପ୍ନ ଦେଖିଥିଲା ଗୋଟିଏ ପିଢ଼ି। ହଜାର ହଜାର ଲୋକଙ୍କ ଆଶା ଓ ଆକାଂକ୍ଷାରେ ଗଢ଼ି ଉଠିଥିଲା ଆସିକା ସୂତାକଳ। କାରଖାନାର ଘଣ୍ଟି ଥିଲା ଏଠାକାର ଜୀବନର ରୁଟିନ୍, ଯନ୍ତ୍ରର ଶବ୍ଦ ଥିଲା ରୋଜଗାରର ଭରସା। ୧୨ଶହ ଶ୍ରମିକଙ୍କ ଘରେ ଏହି କାରଖାନା ଜଳାଉଥିଲା ଚୁଲି। କିନ୍ତୁ ଯେଉଁ ଶିଳ୍ପ ଦିନେ ହଜାର ହାତକୁ କାମ ଦେଇଥିଲା, ସମୟକ୍ରମେ ସେହି ଶିଳ୍ପ ନିଜେ ଅଚଳ ହୋଇଗଲା। ମାଲିକାନା ବଦଳିଲା, ପରିଚାଳନା ବଦଳିଲା, ଶ୍ରମିକଙ୍କ ସଂଖ୍ୟା କମିଲା, ଆନ୍ଦୋଳନ ହେଲା, ମାମଲା ଗଡ଼ିଲା। ଶେଷରେ କାରଖାନାରେ ଝୁଲିଲା ତାଲା। ଏବେ ଯେଉଁ ପରିସରରେ ଦିନେ ଶ୍ରମିକଙ୍କ ପାଦ ପଡୁଥିଲା। ସେଠାରେ ଗଛଲତାର ଦଖଲ। ଗୋଟିଏ ପଟେ ଭୂତକୋଠି ପାଲଟିଛି କାରଖାନା, ଅନ୍ୟପଟେ ଜୀବିକା ହରାଇ ଛିନ୍ନଛତ୍ର ହୋଇଯାଇଛନ୍ତି ଶ୍ରମିକ ପରିବାର। ଦଶନ୍ଧି ଦଶନ୍ଧି ଧରି ଚାଲିଥିବା ଏହି ଅଛିଣ୍ଡା ଅଙ୍କର ଉତ୍ତର ଏବେ ବି ମିଳିନାହିଁ।

ଆସିକାକୁ ଶିଳ୍ପ ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ଦେବା ସହ ସ୍ଥାନୀୟ ଲୋକଙ୍କୁ ରୋଜଗାର ଯୋଗାଇବା ଲକ୍ଷ୍ୟରେ ଏହି ସୂତାକଳ ପ୍ରତିଷ୍ଠା ହୋଇଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ୧୯୮୪ ମସିହାରେ ଆସିକା ନିକଟରେ ସୂତାକଳ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହାପରେ ନିର୍ମାଣ କାମ ଆରମ୍ଭ ହୋଇ ୧୯୮୭ ମସିହାରେ ସୂତା ଉତ୍ପାଦନ ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ସରକାରଙ୍କ ରାଜ୍ୟ ଶିଳ୍ପ ନିଗମ ବା ଆଇଡିସି ଦ୍ୱାରା ଏହା ପରିଚାଳିତ ହେଉଥିଲା। ପରବର୍ତ୍ତୀ ସମୟରେ ଏହା ଓଡ଼ିଶା ରାଜ୍ୟ ତନ୍ତୁବାୟ ନିଗମ ବା ଓଏସ୍‌ଟିସିକୁ ହସ୍ତାନ୍ତର ହୋଇଥିଲା। ଏହି ସମୟରୁ କାରଖାନାର ପରିଚାଳନାକୁ ନେଇ ଧୀରେଧୀରେ ପ୍ରଶ୍ନ ଉଠିବା ଆରମ୍ଭ ହୋଇଥିଲା। ପରିଚାଳନା ନିର୍ଦ୍ଦେଶକ ବଦଳିଲେ, ବଦଳିଲା ନୀତି ଓ ନିଷ୍ପତ୍ତି। ଏହାର ପ୍ରଭାବ

**୧୨ଶହ ଶ୍ରମିକ ହାତରେ ଚାଲୁଥିଲା ଚକ; ଏବେ ଜଙ୍ଗଲ**

ସିଧାସଳଖ ଶ୍ରମିକଙ୍କ ଉପରେ ପଡ଼ିଥିବା ଅଭିଯୋଗ ହୋଇଥିଲା। ପରେ ସୂତାକଳ ରାଜ୍ୟ ସରକାରଙ୍କ ଏବିଏସ୍‌କୁ ହସ୍ତାନ୍ତର କରାଗଲା। ଆସିକା-ବାରିପଦା-ସୋନପୁର ସ୍ପିନିଂ ଲିମିଟେଡ୍ ବା ଏବିଏସ୍ ନାମରେ ଏହା ପରିଚିତ ହେଲା। କିନ୍ତୁ ମାଲିକାନା ଓ ପରିଚାଳନାରେ ବାରମ୍ବାର ପରିବର୍ତ୍ତନ କାରଖାନାକୁ ସ୍ଥିରତା ଦେବା ବଦଳରେ ଆହୁରି ସଂକଟ ଭିତରକୁ ଠେଲିଦେଲା। ଉତ୍ପାଦନ ହ୍ରାସ ପାଇଲା, ପରିଚାଳନାଗତ ତ୍ରୁଟି ବଢ଼ିଲା ଏବଂ ଶ୍ରମିକ ଅସନ୍ତୋଷ ତୀବ୍ର ହେଲା। ଶ୍ରମିକଙ୍କ ଅସନ୍ତୋଷ ଧର୍ମଘଟର ରୂପ ନେଲା। କାରଖାନାରେ ଅଚଳାବସ୍ଥା ବଢ଼ିଚାଲିଲା। ଶେଷରେ ସରକାରୀ ପରିଚାଳନାରୁ କାରଖାନା ଘରୋଇ ହାତକୁ ଯାଇଥିଲା। କଲିକତାର ଏକ ଘରୋଇ ସୂତାକଳକୁ ଏହା ବିକ୍ରି କରାଯାଇଥିଲା। ମାଲିକାନା ପରିବର୍ତ୍ତନ ପରେ ମଧ୍ୟ ସମସ୍ୟାର ସମାଧାନ ହେଲାନି। ବରଂ ଶ୍ରମିକ ଅସନ୍ତୋଷ ଆହୁରି ବଢ଼ିଥିଲା। କାରଖାନା ପ୍ରତିଷ୍ଠା ସମୟରେ ପ୍ରାୟ ୧୨ଶହ ଶ୍ରମିକ କାମ କରୁଥିଲେ। ପରେ ଏକ ସଂସ୍ଥା ସୂତାକଳ ହାତକୁ ଯିବା ପରେ ଏହି ସଂଖ୍ୟା ପ୍ରାୟ ୪୫୦କୁ ଖସି ଆସିଥିଲା। ସେଥିରେ ପ୍ରାୟ ୨୫୦ ଜଣ ମହିଳା ଶ୍ରମିକ ଥିଲେ। ମାଗୁରା, ଧୋବାଡି, ନୂଆପଲ୍ଲୀ, କୁମ୍ଭାରୀ, ଘଟକୁରୀ, ଖାରିଆ, କଲେଜ ଛକ ଆଦି ଅଞ୍ଚଳର ଅନେକ ପୁରୁଷ ଓ ମହିଳାଙ୍କ ପାଇଁ ଏହି କାରଖାନା ଜୀବିକାର ମୁଖ୍ୟ ମାଧ୍ୟମ ପାଲଟିଥିଲା। ହେଲେ କିଛିଦିନ ଚାଲିବା ପରେ ହଠାତ୍ ବାଲାଜୀ ସୂତାକଳ ବନ୍ଦ ହୋଇଗଲା। ଶ୍ରମିକ ଓ ମାଲିକଙ୍କ ମଧ୍ୟରେ ବିବାଦ ଦେଖାଦେଲା। ଶ୍ରମିକମାନେ ନିଜ ହକ୍ ପାଇଁ ଅଦାଲତର ଆଶ୍ରୟ ନେଲେ। ଏପଟେ କାମ ହରାଇଥିବା ଶ୍ରମିକଙ୍କ ପରିବାର ଆର୍ଥିକ ସଂକଟ ଭିତରକୁ ଠେଲି ହୋଇଗଲେ। କେହି ଗାଁ ଛାଡ଼ିଲେ, କେହି ଅନ୍ୟ ରାଜ୍ୟକୁ ଯାଇ ଦାଦନ ଖଟିଲେ, ଆଉ କେହି ଅନ୍ୟର ମୂଲ ଲାଗି ଜୀବନ ବିତାଇଲେ। କେବଳ ଶ୍ରମିକ ନୁହନ୍ତି, ସୂତାକଳ ପାଇଁ ଜମି ଦେଇଥିବା ସ୍ଥାନୀୟ ଲୋକଙ୍କ ସ୍ୱପ୍ନ ମଧ୍ୟ ଅଧାରେ ରହିଗଲା। ସରକାରୀ ନିୟମ ଅନୁଯାୟୀ ପ୍ରାପ୍ୟ ପାଇ ଅନେକ ଲୋକ ନିଜ ଜମି ହସ୍ତାନ୍ତର କରିଥିଲେ।




କାରଖାନା ହେଲେ ନିଜ ପରିବାର ସହ ଅଞ୍ଚଳର ଆର୍ଥିକ ବିକାଶ ହେବ, ନୂଆ ନିଯୁକ୍ତି ସୃଷ୍ଟି ହେବ ବୋଲି ସେମାନେ ଆଶା ରଖିଥିଲେ। ହେଲେ ସେହି ସ୍ୱପ୍ନ ଧୀରେଧୀରେ ମଉଳିଗଲା। ୨୦୦୨ ମସିହା ବେଳକୁ ସୂତାକଳ ସଂପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ପରେ ଆଉ ଏକ ଘରୋଇ ସଂସ୍ଥା ଏହାକୁ କିଣି ପ୍ଲଟିଂ ବ୍ୟବସାୟ କରିବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ତେବେ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁଁ ଏହି ଉଦ୍ୟମ ସଫଳ ହୋଇପାରିନଥିଲା। ଆଜି ସୂତାକଳ ପରିସରର ଚିତ୍ର ବଦଳିଯାଇଛି। ଯେଉଁଠାରେ ଦିନେ ଶ୍ରମିକଙ୍କ ଗହଳି ଓ ଯନ୍ତ୍ରର ଶବ୍ଦ ଶୁଣାଯାଉଥିଲା, ସେଠାରେ ଏବେ ନୀରବତା ବ୍ୟଥିତ କରୁଛି। କାରଖାନା ପରିସର ଭିତରେ ଗଢ଼ିଉଠିଛି କୃତ୍ରିମ ଜଙ୍ଗଲ। ଭଙ୍ଗା କୋଠା, ନଷ୍ଟ ହୋଇଯାଇଥିବା ଯନ୍ତ୍ର ଓ ଜଙ୍ଗଲିଆ ପରିବେଶ ଆସିକା ସୂତାକଳର ସୁନେଲି ଅତୀତର ମୂକସାକ୍ଷୀ ପାଲଟିଛି। ଏହି ଘଟଣାକ୍ରମ ମଧ୍ୟରେ ସରକାର ଆସିଲେଣି, ଗଲେଣି। ଶ୍ରମିକଙ୍କ ପକ୍ଷରୁ ଅନେକ ଅଭିଯୋଗ ହୋଇଛି। ଥାନାରୁ କୋର୍ଟ କଚେରୀ ଯାଏ କଥା ପହଞ୍ଚିଛି। ହେଲେ ଆସିକା ସୂତାକଳର ଅଛିଣ୍ଡା ଅଙ୍କ ଏଯାଏଁ ସମାଧାନ ହୋଇପାରିନାହିଁ। ତଥାପି ଆଶା ମରିନାହିଁ। ସୂତାକଳ ଆଉ ଚାଲିବ କି ନାହିଁ, ଏହାକୁ ନେଇ ଅନିଶ୍ଚିତତା ଥିଲେ ମଧ୍ୟ ଅନେକ ସ୍ଥାନୀୟ ଲୋକ ଆଜି ବି ଏହି ଜମିରେ ପୁଣି ଶିଳ୍ପର ଚକ ଗଡ଼ିବ ବୋଲି ବିଶ୍ୱାସ ରଖିଛନ୍ତି। ସୂତାକଳ ବଦଳରେ ଅନ୍ୟ କୌଣସି ବଡ଼ ଶିଳ୍ପ କିମ୍ବା ନିଯୁକ୍ତିଭିତ୍ତିକ ଅନୁଷ୍ଠାନ ଗଢ଼ି ଉଠିଲେ ଅଞ୍ଚଳର ଯୁବକଯୁବତୀଙ୍କୁ ବହୁ ପରିମାଣରେ ରୋଜଗାର ମିଳିପାରିବ ବୋଲି ମତ ପ୍ରକାଶ ପାଉଛି। ଆସିକା ସୂତାକଳ କେବଳ ଏକ କାରଖାନା ନୁହେଁ; ଏହା ହଜାର ହଜାର ପରିବାରର ସ୍ମୃତି, ଶ୍ରମ ଓ ସ୍ୱପ୍ନ ସହ ଜଡ଼ିତ ଏକ ଅଧ୍ୟାୟ। ଶିଳ୍ପର ବିକାଶ ଓ ସ୍ଥାନୀୟ ଲୋକଙ୍କୁ ରୋଜଗାର ଯୋଗାଇବା ଯେଉଁ ଲକ୍ଷ୍ୟରେ ଏହା ଗଢ଼ିଉଠିଥିଲା, ତାହା ଆଜି ଅଧାରେ। ସରକାର, ଜିଲ୍ଲା ପ୍ରଶାସନ ଓ ଜନପ୍ରତିନିଧିଙ୍କ ଠୋସ ପଦକ୍ଷେପ ନେଲେ ପୁଣି ଗୌରବ ଫେରି ପାଇବ ବୋଲି ସ୍ଥାନୀୟବାସିନ୍ଦା ମତ ଦେଇଛନ୍ତି। ସୂତାକଳ ପୁଣି ଚାଲିବ କି ନାହିଁ, ତାହା ଭବିଷ୍ୟତ କହିବ; ହେଲେ ଏହି ବିଶାଳ ପରିସରରେ ପୁଣି ଶିଳ୍ପର ଚକ ଗଡ଼ିଲେ ହଜାର ହଜାର ପରିବାରର ଜୀବନରେ ନୂଆ ଆଶାର ସୂର୍ଯ୍ୟ ଉଦୟ ହେବ ନିଶ୍ଚୟ।

## ସୁକିନ୍ଦା ଅଞ୍ଚଳରେ ଗୁଳିକାଣ୍ଡ ଓ ବୋମାମାଡ଼; ଜଣେ ମହିଳା ଗୁରୁତର

ସୁକିନ୍ଦା,୧୫।୯ (ସମିସ): ସୁକିନ୍ଦା ଥାନା ଅନ୍ତର୍ଗତ କଇଁଜିରା ଗ୍ରାମରେ ଗୁଳିକାଣ୍ଡ ଓ ବୋମା ମାଡ ହୋଇଥିବା ବେଳେ ଜଣେ ମହିଳା ଗୁରୁତର ଆହତ ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି। ଘଟଣା ଘଟିଛି ସୁକିନ୍ଦା ବ୍ଲକ ଅନ୍ତର୍ଗତ ଓଲିଆ ପଞ୍ଚାୟତ ଅଧୀନ କଇଁଜିରା ଗ୍ରାମରେ। ଗତ ସୋମବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ କଇଁଜିରା ଗ୍ରାମ ମଦନ ତିରିଆଙ୍କ ଘରେପଶି ତିନି ରାଉଣ୍ଡ ଗୁଳିମାଡ କରିବା ସହ ବୋମାମାଡ କରି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ଏହି ଆକ୍ରମଣରେ ମୃତ ମଦନଙ୍କ ପତ୍ନୀ ଶାନ୍ତି ତିରିଆ (୫୦) ଗୁରୁତର ଆହତ ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ଖବର ପାଇ ସୁକିନ୍ଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଛାନଭିନ କରିବା ସହ ସନ୍ଦେହରେ ୩ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ୧୯୭/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଘଟଣାର ପ୍ରକୃତ ରହସ୍ୟ ଜଣାପଡି ନଥିଲେ ମଧ୍ୟ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଘଟଣା ଘଟିଥିବା ସନ୍ଦେହ କରାଯାଉଛି।

### ● ବଡ଼ଚଣା ବିଜେପିକୁ ଝଟକା

## ଦଳୀୟ ପଦବୀ ଛାଡ଼ିଲେ କ୍ୟାଡର ନେତା

ଯାଜପୁର/ବଡଚଣା,୧୫।୯ (ସମିସ): ରାଜ୍ୟରେ ଡବଲ ଇଂଜିନ ସରକାର ଚାଲିଥିବା ବେଳେ ଯାଜପୁର ଜିଲ୍ଲା ବଡଚଣା ନିର୍ବାଚନ ମଣ୍ଡଳୀରେ ବିଜେପି ସଂଗଠନକୁ ଲାଗିଛି ବଡ ଧରଣର ଝଟକା। ଏହି ନିର୍ବାଚନ ମଣ୍ଡଳୀର ବହୁ ପୁରୁଣା ତଥା କ୍ୟାର୍ଡର ନେତା ଓ କର୍ମୀ ସଂଗଠନର ପଦପଦବୀ ଛାଡି ଦେଇଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ଅସନ୍ତୁଷ୍ଟ ବିଜେପି କର୍ମୀ ମାନେ ମଣ୍ଡଳ ସଭାପତିଙ୍କୁ ସେମାନଙ୍କ ସମୂହ ଇସ୍ତଫାପତ୍ର ପ୍ରଦାନ କରିଥିବା ଜଣାପଡିଛି। ସୂଚନା ମୁତାବକ ବଡଚଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚଣ୍ଡିତଳ ପଞ୍ଚାୟତର ସଭାପତିଙ୍କ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ଅନେକ କ୍ୟାର୍ଡର କର୍ମୀ ଓ ସମର୍ଥକ ସାଂଗଠନିକ ପଦବୀ ଛାଡିଥିବା ଜଣାପଡିଛି। ଚଣ୍ଡିତଳ ପଞ୍ଚାୟତର ବୁଥ ନଂ.୪୨ର ସଭାପତି ରବିନ୍ଦ୍ର କୁମାର ସାମଲ,ବଡଚଣା ମଣ୍ଡଳର ଉପସଭାପତି ବିପିନ୍ ଚନ୍ଦ୍ର ବେହେରା, ବୁଥ ନଂ ୫୭ର ସଭାପତି ତୃପ୍ତି ରଂଜନ, ଗତିକୃଷ୍ଣ ରାଉତ, ତୁଷାର ରଂଜନ ବିଶ୍ୱାଳ, ସୁମନ୍ତ କୁମାର ଦାସ,ଉମାକାନ୍ତ ରାଉତଙ୍କ ସମେତ ବହୁ ଦଳୀୟ କର୍ମୀ ସେମାନଙ୍କ ପଦବୀରୁ ଇସ୍ତଫା ଦେଇଥିବା ଲିଖିତ ଭାବେ ଜଣାଇଛନ୍ତି। ଗତ କିଛି ଦିନ ଧରି ଦଳ ଭିତରେ ଚାଲୁଥିବା ଅସନ୍ତୋଷ ଫଳରେ ଏଭଳି ଇସ୍ତଫା ପତ୍ର ଦିଆଯାଇଥିବା ଚର୍ଚ୍ଚା ହେଉଛି।

## ଟାଟା ମ୍ୟାଜିକ ଦୁର୍ଘଟଣାରେ ଚାଳକ ମୃତ

ସୁକିନ୍ଦା, ୧୫।୯ (ସମିସ): ସୁକିନ୍ଦା ଅଶୋକଝର ରାସ୍ତାର ଶିଙ୍ଗାଡ଼ିଆ ନିକଟ ବୁଲାଣି ରାସ୍ତାରେ ଏକ ଟାଟା ମ୍ୟାଜିକ ଦୁର୍ଘଟଣାରେ ଚାଳକର ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ଗୁରୁତର ଆହତ ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ମୃତ ଚାଳକ ପୁରସ୍ତମପୁର ଗ୍ରାମ ଶାନ୍ତନୁ ବିନ୍ଧାଣୀ(୩୫) ହୋଇଥିବା ବେଳେ ସେହି ଗାଡ଼ିରେ ଥିବା ଅନ୍ୟ ଦୁଇଜଣ ଗୁରୁତର ଆହତ ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ଏହି ଦୁର୍ଘଟଣାରେ ଆହତଙ୍କୁ ପ୍ରଥମେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା, ସେଠାରେ ଡାକ୍ତର ଶାନ୍ତନୁକୁ ମୃତ ଘୋଷଣା କରିବା ସହ ଗୁରୁତର ଦ୍ୱୟଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରିଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇ ସୁକିନ୍ଦା ପୁଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

## ତେଲକୋଇରେ ଗଜାନନଙ୍କ ପୂଜାର୍ଚ୍ଚନା

ତେଲକୋଇ,୧୫।୯ (ସମିସ): ତେଲକୋଇ ବ୍ଲକ୍ ଅଞ୍ଚଳର ବିଭିନ୍ନ ସ୍ଥାନରେ ବିଘ୍ନ ବିନାଶକ ପ୍ରଭୁ ଶ୍ରୀଗଣେଶଙ୍କ ପୂଜା ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ ଗ୍ରାମାଞ୍ଚଳରେ ଥିବା ଯୁବକ ସଂଘରେ ବିଘ୍ନରାଜ ପୂଜା ପାଇଛନ୍ତି। ରଙ୍ଗ ବେରଙ୍ଗର ଆଲୋକ ମାଳା ସାଙ୍ଗକୁ ସୁସଜ୍ଜିତ ମେଢ଼ରେ ବିଘ୍ନ ବିନାଶକଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ମଣ୍ଡପରେ ପୂଜା ପାଉଛନ୍ତି। ଫଳରେ ପୁରପଲ୍ଲୀ ଉତ୍ସବ ମୁଖର ହୋଇଉଠିଛି। ତେଲକୋଇ ସଦର ମହକୁମାର ବଜାର ଅଞ୍ଚଳ,



ତଳସାହି, ପୂର୍ବ ବିହାର, ଗାନ୍ଧୀନଗର ସାହି, ରାମଚନ୍ଦ୍ରପୁର, ହାଲପୁଡ଼ି, କତରା ପାଲି, ଖୁଣ୍ଟା ପଡ଼ା ସମେତ ବିଭିନ୍ନ ସ୍ଥାନରେ ପ୍ରଭୁ ବିଘ୍ନ ବିନାଶକ ପୂଜା ମଣ୍ଡପରେ ବିରାଜମାନ ହୋଇଛନ୍ତି।

### ପାଣିକୋଇଲି ଟ୍ରମାକେୟାରର ଭବିଷ୍ୟତ ଅନ୍ଧାରରେ

# ଉଦ୍‌ଘାଟନ ପୂର୍ବରୁ ବକେୟା ବିଦ୍ୟୁତ୍ ବିଲ ୭୨ଲକ୍ଷ

ଯାଜପୁର,୧୫।୯ (ସମିସ):




ଯାଜପୁରରେ ମେଡିକାଲ କଲେଜ ପ୍ରତିଷ୍ଠା ହେବା ପରେ ଏହାକୁ ନେଇ ବିବାଦ ଦେଖାଦେଇଥିଲା। ଜିଲ୍ଲାର ମଧ୍ୟସ୍ଥଳୀ ଭାବେ ପାଣିକୋଇଲିରେ ମେଡିକାଲ କଲେଜ କରିବାକୁ ଦାବି କରି ଦୀର୍ଘ ଦିନ ଧରି ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। କିନ୍ତୁ ମେଡିକାଲ କାଉନସିଲର ନିୟମ ଅନୁଯାୟୀ ଯାଜପୁରରେ ଏହି ମେଡିକାଲ କଲେଜ ପ୍ରତିଷ୍ଠା କରାଯାଇଥିଲା। ଏହା ପରେ ତତ୍କାଳିନ ବିଜେଡି ସରକାର ସ୍ଥାନୀୟ ଅଞ୍ଚଳବାସୀଙ୍କ ଦାବିକୁ ସମ୍ମାନ ଜଣାଇ ପାଣିକୋଇଲି ଠାରେ ଏକ ଟ୍ରମାକେୟାର ପ୍ରତିଷ୍ଠା କରିଥିଲେ। ପାଣିକୋଇଲି ବଙ୍ଗ, ବିହାର ଓ ଓଡିଶାର ମଧ୍ୟସ୍ଥଳୀ ହୋଇଥିବା ବେଳେ ଏହି ଅଞ୍ଚଳ ଦେଇ ଦୁଇଟି ଜାତୀୟ ରାଜପଥ ଯାଇଛି। ସେଥିପାଇଁ ଏହାର ଆଖପାଖ ଅଞ୍ଚଳରେ ପ୍ରତିଦିନ ଦୁର୍ଘଟଣା ଘଟୁଛି। ମୋଟ ୧୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ନିର୍ମିତ ଏହି ଟ୍ରମା କେୟାର ସଂପୂର୍ଣ୍ଣ ହେବାର ୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ହୋଇଯାଇଥିଲେ ମଧ୍ୟ ଏହାକୁ ଆଜି ପର୍ଯ୍ୟନ୍ତ ଏହାର ଉଦ୍‌ଘାଟନ ହୋଇପାରିନାହିଁ। ରାଜ୍ୟରେ ବିଜେପି ସରକାର ଆସିବା ଦିନ ଠାରୁ ବାରମ୍ବାର ଏହାକୁ ଉଦ୍‌ଘାଟନ କରାଯିବ ବୋଲି ବିଧାୟକ, ସାଂସଦ ଠାରୁ ଆରମ୍ଭ କରି ମନ୍ତ୍ରୀ ପର୍ଯ୍ୟନ୍ତ ଘୋଷଣା କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହା ଉଦ୍‌ଘାଟନ ହୋଇପାରିନାହିଁ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଟ୍ରମା କେୟାର ଉଦଘାଟନ ହୋଇନଥିବା ବେଳେ ଏ ପର୍ଯ୍ୟନ୍ତ ବିଦ୍ୟୁତ ବିଲ ୭୨ ଲକ୍ଷ ୮୮ ହଜାର ୫୯ ଟଙ୍କାର ବାକି ପଡ଼ିଛି। ଯାହା ଫଳରେ ଏହି ଟ୍ରମା କେୟାର ଭବିଷ୍ୟତକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ବକେୟା ବିଲ କାରଣରୁ ୨୦୨୪ ଅକ୍ଟୋବର ୧ ତାରିଖରୁ ଏହି କେନ୍ଦ୍ରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ଫଳରେ ଟ୍ରମା କେୟାର ଏବେ ଅନ୍ଧାରରେ ରହିଛି। ଏଥି ପାଇଁ ଏଠାରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡ ବହୁ ସମସ୍ୟା ଭୋଗୁଛନ୍ତି। ରାତିରେ ଟର୍ଚ୍ଚ ମାରି ଡ୍ୟୁଟି କରୁଛନ୍ତି। ନିକଟରେ ଝୋଲା ପାଚେରି ରହିଥିବାରୁ ସାପ ଓ ଅନ୍ୟ ହିଂସ୍ର ଜୀବଜନ୍ତୁଙ୍କ ଭୟ ରହିଛି। ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିଷ୍ଠା ହୋଇଥିବା ଟ୍ରମା କେୟାର ରୋଗୀଙ୍କୁ ସେବା ଯୋଗାଇ ଦେବାରେ ବିଫଳ ହେଉଛି। ଏହାସହ ଏଥିରେ ଲିଫ୍ଟ, ଡିଜି, କ୍ୟାମେରା, ଓଟି ସରଞ୍ଜାମ, ଏସି ପରି ଦାମୀ ଉପକରଣ କୋଟି କୋଟି ଟଙ୍କା ବ୍ୟୟରେ ଲଗାଯାଇଛି। ତିନି ବର୍ଷ ତଳୁ ଏସବୁ ଲଗାଯାଇଥିବା ବେଳେ ଏହା କାର୍ଯ୍ୟକ୍ଷମ ହେଉନଥିବାରୁ ଏହି ଦାମୀ ସରଞ୍ଜାମଗୁଡ଼ିକ ନଷ୍ଟ ହେବାକୁ ବସିଲାଣି। ଏହି ଟ୍ରମା କେୟାର କାର୍ଯ୍ୟକ୍ଷମ ହେଲେ ଦୁର୍ଘଟଣାପ୍ରବଣ ଯାଜପୁର ଜିଲ୍ଲା ସମେତ କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାବାସୀ ସେବା ପାଇପାରିବେ। ପରିତାପର ବିଷୟ ନବନିର୍ମିତ କୋଠା ଏ ପର୍ଯ୍ୟନ୍ତ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର ହୋଇ ପାରିନାହିଁ। ଅନ୍ୟପଟେ ୧୬ନଂ ଜାତୀୟ ରାଜପଥ ଏକ ଦୁର୍ଘଟଣାପ୍ରବଣ ରାଜପଥ ହୋଇଥିବା ବେଳେ ଦୈନିକ ବହୁ ଦୁର୍ଘଟଣା ଘଟୁଛି। ଖୋଦ୍ ଉପମୁଖ୍ୟମନ୍ତ୍ରୀ ଏହି ଟ୍ରମାକେୟାରକୁ ପରିଦର୍ଶନ କରି ଯାଇଛନ୍ତି। ବିଧାୟକ ଏହାକୁ କାର୍ଯ୍ୟକ୍ଷମ କରିବାକୁ ଚିଠି ଲେଖୁଛନ୍ତି। ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଦୁଇଥର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏବେ ଏହାକୁ ପିପିପି ମୋଡ୍‌ରେ ଖୋଲିବା ପାଇଁ ପ୍ରଶାସନ ଉଦ୍ୟମ କରୁଛି। ଟ୍ରମା କେୟାର ଖୋଲିବା ପ୍ରଶାସନ ଓ ସରକାରଙ୍କ ପାଇଁ ସ୍ୱାଭିମାନର ପ୍ରଶ୍ନ ହୋଇଥିବା ବେଳେ ବକେୟା ବିଦ୍ୟୁତ୍ ବିଲ କିଭଳି ପଇଠ ହେବ ଏବଂ ଏହାର ପରିଚାଳନା ଦାୟିତ୍ୱ ପିପିପି ମୋଡରେ କରାଗଲେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଜୋରଦାର ବିରୋଧ କରାଯିବ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି।

## ଆନନ୍ଦପୁର ବଜାରରେ ବଜାଜର ନୂଆ ଫିଚର ପଲସର




ଆନନ୍ଦପୁର,୧୫।୯ (ସମିସ): ପାର୍ବଣ ଉପଲକ୍ଷେ ଭାରତର ଅଗ୍ରଣୀ ବଜାଜ୍ ମୋଟର ସାଇକଲ କମ୍ପାନୀର ନୂଆ ଫିଚରର ତିନୋଟି ସେଗମେଣ୍ଟରେ ପଲସର ମୋଟର ସାଇକଲ ଆନନ୍ଦପୁର ବଜାରରେ ଉପଲବ୍ଧ ହୋଇଛି। ଦେଶର ସବୁ ଡିଲର ପଏଣ୍ଟରେ ଲୋକାର୍ପଣ ହୋଇଥିବାବେଳେ ଆଜି ଆନନ୍ଦପୁର ଶାଳପଡ଼ା ବାୟପାସ ଡିଲର ପରିଡ଼ା ବଜାଜ୍‌ରେ ମଧ୍ୟ ଶୁଭ ଉଦ୍‌ଘାଟନ ହୋଇଛି। ମୁଖ୍ୟ ପରିଚାଳକ ପ୍ରମୋଦ କୁମାର ପରିଡ଼ା ନୂତନ ସୋ'ରୁମ ଉଦ୍‌ଘାଟନ କରିବା ସହିତ ନୂତନ ମଡେଲ ଲୋକାର୍ପଣ କରିଥିଲେ। ଦୀର୍ଘ ୨୫ବର୍ଷ ଧରି ପଲସର ମୋଟର ସାଇକଲ ଯୁବକମାନଙ୍କର ପ୍ରଥମ ପସନ୍ଦ ହୋଇଥିବାବେଳେ ଏହାକୁ ଅଧିକ ଯୁଗୋପଯୋଗୀ କରିବାକୁ କମ୍ପାନି ନୂଆ ଫିଚର ସହ ନୂତନ ଜ୍ଞାନକୌଶଳରେ ୧୨୫ ପ୍ରିମିୟମ, ୧୫୦ଟିଡି, ଏନ୧୬୦ ଏସଏସ୍ ଭଳି ମୋଟର ସାଇକଲ ପ୍ରସ୍ତୁତ କରିଛି। ନୂଆ ଗାଡ଼ିରେ ମୋନୋ ସକ୍, ସସପେନ୍ସନ, ଗୁଗୁଲ ମ୍ୟାପ୍ ନାଭିଗେସନ, କ୍ରୁଲ ଟେକ୍ନୋଲୋଜି, ଆଇଜିଏସ, ହାଜାର୍ଡ ଲାଇଟ, ଟ୍ରାକସନ କଣ୍ଟ୍ରୋଲ, ଟିଏଫଟି ଡିସପ୍ଲେ, ଫୋର ରାଇଡି ମୋଡ, ଇଜି କଣ୍ଟ୍ରୋଲ ସ୍ୱିଜେସ ଭଳି ବହୁ ଆଧୁନିକ ଜ୍ଞାନକୌଶଳ ଉପଲବ୍ଧ ଅଛି। ଉକ୍ତ ଲୋକାର୍ପଣ ଉତ୍ସବରେ ସହ ପରିଚାଳକ ବନ୍ଦିତା ପରିଡ଼ା, ଉତ୍କଳ କେଶରୀ ପରିଡ଼ା ଓ ସୋରୁମ ମ୍ୟାନେଜର ଆଲୋକ କୁମାର ଜେନା ଉପସ୍ଥିତ ଥିଲେ କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ।

## ବାଳଶିକ୍ଷା ସଂସ୍ଥାନରେ ମାତୃ-ପିତୃ ସମ୍ମିଳନୀ



ଆନନ୍ଦପୁର,୧୫।୯ (ସମିସ): ଘସିପୁରା କନକ ମଞ୍ଜରୀ ବାଳ ଶିକ୍ଷା ସଂସ୍ଥାନରେ ନୂଆଁଖାଇ ଅବସରରେ ବିଦ୍ୟାଳୟ ପରିସରରେ ମାତୃପିତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ଚକ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ମନମୋହନ ଦାଶଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ସାମ୍ବାଦିକ ସୁବାସ ଚନ୍ଦ୍ର ମହାପାତ୍ର ମୁଖ୍ୟ ବକ୍ତା ଏବଂ ନିର୍ଦ୍ଦେଶକ ଶ୍ରୀଧର ମହାରଣା ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଏହି ଘରୋଇ ଶିକ୍ଷାନୁଷ୍ଠାନ ଗଠନରେ ପିତା ମାତାଙ୍କ ଅତୁଳନୀୟ ଅବଦାନ ଓ ମଣିଷ ତିଆରି କାରଖାନାରୁ ସତ୍ୟନିଷ୍ଠ ସଂସ୍କାରୀ, ପରୋପକାରୀ ଧର୍ମପରାୟଣ ଛାତ୍ର ଛାତ୍ରୀ ନିର୍ମାଣ କ୍ଷେତ୍ରରେ ବହୁ ପ୍ରମାଣିତ ମନ୍ତବ୍ୟ ମାନ ପ୍ରକାଶ କରିଥିଲେ। ଶତାଧିକ ମାତୃ ପିତୃ ଉକ୍ତ ସମ୍ମିଳନୀରେ ସକ୍ରିୟ ଯୋଗ ଦାନ କରି ବିଦ୍ୟାଳୟର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ। ଆଚାର୍ଯ୍ୟ ରୋନାଲି ଜେନାଙ୍କ ରାଷ୍ଟ୍ରୀୟ ବନ୍ଦନା ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଇପ୍ସିତା ପ୍ରିୟଦର୍ଶନୀ, ହାର୍ଦ୍ଦିକ ଦାସ, ପୂର୍ଣ୍ଣଚନ୍ଦ୍ର ଚକ୍ର ଓ ବିଶ୍ୱଶକ୍ତି ଜିତ୍ ଚକ୍ର ମେଧାବୀ ଛାତ୍ରଛାତ୍ରୀଙ୍କୁ ଭାରତୀୟ ଶିକ୍ଷା ପରିଷଦ ଭୁବନେଶ୍ୱର ପକ୍ଷରୁ ଉକ୍ତ ସଭାରେ ସମ୍ବର୍ଦ୍ଧିତ କରା ଯାଇଥିଲା। ଆଚାର୍ଯ୍ୟ ଶ୍ରୀଲୋଚନ ପୁହାଣ, ଆଚାର୍ଯ୍ୟ ସତ୍ୟଜିତ୍ ସାହୁ, ଉପପ୍ରଧାନ ଆଚାର୍ଯ୍ୟ ସଂଗ୍ରାମ କେଶରୀ ପରିଡ଼ା, ଆଚାର୍ଯ୍ୟା ସନ୍ଧ୍ୟାରାଣୀ ପଟ୍ଟନାୟକ ଓ ରୋନାଲି ଜେନା ପ୍ରମୁଖ ସମ୍ମିଳନୀର ମହତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ ଗୁରୁମା ଓ ଅନ୍ୟ ସହକର୍ମୀ ପୂର୍ଣ୍ଣ ସହଯୋଗ କରିଥିଲେ।

## ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନୂଆଁଖାଇ ଭେଟ୍‌ଘାଟ୍



ଚମ୍ପୁଆ,୧୫।୯ (ସମିସ): ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ଚମ୍ପୁଆ ଉପଜିଲ୍ଲାପାଳଙ୍କ ବାସଭବନ-କାର୍ଯ୍ୟାଳୟ ପରିସରରେ ନୂଆଁଖାଇ ଭେଟଘାଟ ଉତ୍ସବ ଆନନ୍ଦ ଓ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଉମାକାନ୍ତ ପରିଡ଼ା ଓ ତାଙ୍କ ଧର୍ମପତ୍ନୀ ସଂଘମିତ୍ରା ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। ଏହି ଅବସରରେ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇ ପରସ୍ପରକୁ ନୂଆଁଖାଇ ଜୁହାର ଜଣାଇଥିଲେ। ଭାଇଚାରା, ସୌହାର୍ଦ୍ଦ, ଓ ଆତ୍ମୀୟତାର ପରିବେଶ ମଧ୍ୟରେ ସମସ୍ତେ ପରସ୍ପରର ଶୁଭକାମନା ଗ୍ରହଣ କରିଥିଲେ। ଏହି ଉତ୍ସବରେ ପଶ୍ଚିମ ଓଡ଼ିଶାର ବାସିନ୍ଦା ତଥା ଚମ୍ପୁଆ ଥାନାର ମହିଳା ଏଏସ୍‌ଆଇ ରେବତୀ ବୁଡଙ୍କୁ ନୂଆଁଖାଇ ଉପହାର ପ୍ରଦାନ କରାଯାଇଥିଲା। ଶ୍ରୀମତୀ ବୁଡ ଉତ୍ସବରେ ଯୋଗଦେଇ ସମସ୍ତଙ୍କୁ ନୂଆଁଖାଇ ଜୁହାର ଜଣାଇବା ସହ ବରିଷ୍ଠ ବ୍ୟକ୍ତିମାନଙ୍କଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ। ପରେ ଉପସ୍ଥିତ ସମସ୍ତେ ଏକାଠି ହୋଇ ନବାର୍ଣ୍ଣ ପ୍ରସାଦ ସେବନ କରି ନୂଆଁଖାଇର ଆନନ୍ଦ ବାଣ୍ଟିଥିଲେ। ଏହି ଭେଟଘାଟ ଉତ୍ସବ ପରସ୍ପର ମଧ୍ୟରେ ସ୍ନେହ, ସମ୍ପର୍କ ଓ ସାମାଜିକ ସୌହାର୍ଦ୍ଦ୍ୟକୁ ଆହୁରି ମଜବୁତ କରିଥିଲା।

## ଜରଦାରେ ମୁକ୍ତରଙ୍ଗମଞ୍ଚ ନାଟକ ପାଇଁ ବହି ପୂଜା

ଆନନ୍ଦପୁର,୧୫।୯ (ସମିସ): ପୁରାତନ କଳା, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ପାଇଁ ଘସିପୁରା ବ୍ଲକ୍ ରାମଚନ୍ଦ୍ରପୁର ପଞ୍ଚାୟତ ଜରଦା ଗ୍ରାମରେ ଦୀର୍ଘ ୧୧୮ ବର୍ଷ ଧରି କାର୍ତ୍ତିକ ମାସରେ ରାହାସ ପୂର୍ଣ୍ଣିମା ଉତ୍ସବ ଓ ରାଧାକୃଷ୍ଣ ପୂଜା ଗ୍ରାମବାସୀ ଙ୍କ ଦ୍ୱାରା ଧାର୍ମିକ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ମହା ଆଡମ୍ବର ରେ ପାଳିତ ହୋଇଆସୁଅଛି। ଜରଦା ରାଧାକୃଷ୍ଣଜିଉ ଆଞ୍ଚଳିକ ନାଟ୍ୟ ସଂସଦ ଗଠନ କରାଯାଇ ଗ୍ରାମ ତଥା ନିଜ ଅଞ୍ଚଳ ର ଅଭିନୟରେ ରୁଚି ରଖିଥିବା କଳାକାରଙ୍କୁ ନେଇ ହେବାକୁ ଥିବା ଦୁଇ ରାତ୍ରି ମୁକ୍ତ ମଞ୍ଚରେ ଯାତ୍ରା ପରିବେଷଣ ନିମନ୍ତେ ବହି ପୂଜା ହୋଇଯାଇଛି। ସନ୍ଧ୍ୟାରେ ସଂସଦର ଉପଦେଷ୍ଟା କମିଟି ର ସଭ୍ୟ ଜୟକୃଷ୍ଣ ବଳ, ସନ୍ତୋଷ ରାଉତ, ସୌମ୍ୟ ରଞ୍ଜନ ରାଉତ, ମନୋରଞ୍ଜନ ଜେନା, ପୁରୁଷୋତ୍ତମ ଜେନା, ଶିବପ୍ରସାଦ ଜେନା, ପ୍ରଶାନ୍ତ ବିଶ୍ୱାଳ, ଲକି




ସ୍ୱାଇଁ ଓ ସୁଧାକର ଜେନାଙ୍କ ତତ୍ତ୍ୱାବଧାନରେ ଅଭ୍ୟାସ କରାଯାଉଛି। ନାଟକ ବହି 'ଗୋଟେ ଶୁଆ ଗୋଟେ ଶାରୀ' ଓ 'ଏଇ ମନ କାଶୀ ବୃନ୍ଦାବନ'କୁ ଗୌରାଙ୍ଗ ପଣ୍ଡାଙ୍କ ଦ୍ୱାରା ପୂଜା କରାଯାଇଥିଲା। ସୌମ୍ୟ ରଞ୍ଜନ ଭୂୟାଁ, ସତ୍ୟଜିତ ଜେନା ଓ ଦୀପକ ରାଉତ ପରିଚାଳନା କରିଥିଲେ।

### ଦାଦନ ଦୁଃଖରେ ପେଷି ହେଉଛନ୍ତି ଶ୍ରମଜୀବୀ

# ପେଟ ପାଇଁ ଭିଟାମାଟି ଛାଡୁଛନ୍ତି ଆଦିବାସୀ

ଆନନ୍ଦପୁର,୧୫।୯ (ସମିସ)



ରାଜ୍ୟର ରାଜସ୍ୱ ସମୃଦ୍ଧ କେନ୍ଦୁଝର ଜିଲ୍ଲା ରେ ଖଣିଜ ପଦାର୍ଥ ଓ ଲଘୁ ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଥିଲେ ମଧ୍ୟ ଆନନ୍ଦପୁର ଉପଖଣ୍ଡର "ରତ୍ନଗର୍ଭା" ବଉଳା ଖଣି ଅଞ୍ଚଳର ବାସ୍ତବ ସ୍ଥିତି ଅତ୍ୟନ୍ତ କରୁଣ ଓ ସମ୍ବେଦନଶୀଳ। ଦୈନନ୍ଦିନ ପେଟପାଟଣା ପାଇଁ ଆଜି ବି ନିଜ ଭିଟାମାଟି, ପରିବାର ଓ ସଂସାର ଛାଡ଼ି ହଜାର ହଜାର ଯୁବକଯୁବତୀ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି। ପ୍ରଶାସନିକ ଉଦାସୀନତା, ରାଜନୈତିକ ନେତୃବୃନ୍ଦଙ୍କ ଆନ୍ତରିକତା ଅଭାବ ଯୋଗୁଁ ଅନେକ ଶ୍ରମଜୀବୀ ପରିବାର ହା ହତାଶରେ କାଳ କାଟୁଛନ୍ତି। ବଉଳା ଖଣି ଉପରେ ନିର୍ଭର କରି ଗୁଜୁରାଣ ମେଣ୍ଟାଉ ଥିବା ୬ ହଜାରରୁ ଉର୍ଦ୍ଧ୍ୱ ଯୁବକ, ଯୁବତୀ, ମହିଳା ଓ ପୁରୁଷ ତାମିଲନାଡୁ, ସୁରଟ (ଗୁଜରାଟ), ବେଙ୍ଗାଲୁରୁ (କର୍ଣ୍ଣାଟକ), କୋଲକାତା (ପଶ୍ଚିମବଙ୍ଗ) ଏବଂ ଦିଲ୍ଲୀ ଭଳି ଦୂରଦୂରାନ୍ତ ଶିଳ୍ପାଞ୍ଚଳରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ଗ୍ରାମାଞ୍ଚଳରେ ନିୟମିତ ରୋଜଗାରର କୌଣସି ପନ୍ଥା ନ ଥିବା ବେଳେ ମାସିକ ସ୍ଥାୟୀ ରୋଜଗାର ଆଶାରେ ଏହି ସରଳ ଶ୍ରମିକମାନେ ଦଲାଲଙ୍କ ପ୍ରଲୋଭନରେ ପଡ଼ି ରାଜ୍ୟ ବାହାରକୁ ଗମନ କରୁଛନ୍ତି। ବିଶେଷକରି ସୂତା କଳ, ନିର୍ମାଣ କାର୍ଯ୍ୟ, ଇଟା ଭାଟି ଓ କାରଖାନାରେ ଅମାନୁଷିକ ପରିସ୍ଥିତିରେ କାମ କରୁଛନ୍ତି। ହାଟଡିହି ବ୍ଲକ୍‌ର ବିଶେଷକରି ଆଦିବାସୀ ଅଧ୍ୟୁଷିତ ପଞ୍ଚାୟତଗୁଡ଼ିକରେ ଏହି ସମସ୍ୟା ଅତି ଗୁରୁତର ରୂପ ଧାରଣ କରିଛି। କେ ବାଲିପାଳ, ହଦଗଡ଼, ପଡ଼ାଆରିପଲ୍ଲୀ, ସୋସୋ, ବାଲିବରେଇ, ଢେଙ୍କା, ବାଙ୍ଗୋର ଏବଂ ଧନୁର୍ଜୟପୁର ଆଦି ପଞ୍ଚାୟତଗୁଡ଼ିକରେ ସ୍ଥିତି ସବୁଠାରୁ ଶୋଚନୀୟ ଓ ପ୍ରତି ପଞ୍ଚାୟତରୁ ପ୍ରାୟ ୧୦୦ ରୁ ୨୦୦ରୁ ଅଧିକ ପରିବାରର ଯୁବକ-ଯୁବତୀ ବିଭିନ୍ନ ରାଜ୍ୟ ରେ ଦାଦନ ଖଟୁଛନ୍ତି। କରୋନା ମହାମାରୀ ସମୟରେ ଯେତେବେଳେ ହଜାର ହଜାର ଦାଦନ ଶ୍ରମିକ ଘରକୁ ଫେରିଥିଲେ, ସେତେବେଳେ ଏହି ଭୟାନକ ଚିତ୍ର ପଦାକୁ ଆସିଥିଲା। ସ୍ଥାନୀୟ ଅଞ୍ଚଳରେ ନିଜ ଭିଟାମାଟିରେ କାମ ପାଉଛନ୍ତି ନା କାଗଜପତ୍ରରେ ଶ୍ରମିକ ଦର୍ଶାଇ ବାହାରେ ଦାଦନ ଖଟୁଛନ୍ତି, ସେ ସମ୍ପର୍କରେ ଶ୍ରମ ବିଭାଗ କିମ୍ବା ଜିଲ୍ଲା ପ୍ରଶାସନ ପାଖରେ କୌଣସି ସୂଚନା ନାହିଁ। ଯେଉଁ ଉଦ୍ଦେଶ୍ୟରେ ଶ୍ରମିକ କାର୍ଡ ବଣ୍ଟନ କରାଯାଇଥିଲା, ତାହା କେବଳ ସରକାରୀ ଯୋଜନାର କାଗଜପତ୍ର ଭାବେ ରହିଯାଇଛି। ବରଂ ସଫଳତାର ମାପକାଠି ଭାବେ ତାହାକୁ ବିବେଚନା କରାଯାଉଛି।

ରାଜ୍ୟ ସରକାର କେନ୍ଦୁଝର ଜିଲ୍ଲାରୁ ବାର୍ଷିକ କୋଟି କୋଟି ଟଙ୍କାର ଖଣିଜ ରାଜସ୍ୱ ପାଉଥିବା ବେଳେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ପାଣ୍ଠିରେ ବର୍ଷ ବର୍ଷ ଧରି ହଜାର ହଜାର କୋଟି ଟଙ୍କା ଗଚ୍ଛିତ ଅଛି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଅନୁଯାୟୀ ଦେଶକୁ ବିକାଶଶୀଳ କରିବା ଏବଂ ଯୁବପିଢ଼ିଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ପ୍ରୟାସ କରାଯାଉଥିବା ବେଳେ, ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ଏହି ପାଣ୍ଠିର ସଠିକ୍ ବିନିଯୋଗ ହୋଇପାରୁନାହିଁ। ସ୍ଥାନୀୟ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ, କୃଷି ଆଧାରିତ ପ୍ରକ୍ରିୟାକରଣ କେନ୍ଦ୍ର କିମ୍ବା ଲଘୁ ଖଣିଜ ସମ୍ପଦକୁ ଆଧାର କରି ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଉନାହିଁ। ଏହି ଜିଲ୍ଲାରୁ ମୁଖ୍ୟମନ୍ତ୍ରୀ ପ୍ରତିନିଧିତ୍ୱ କରୁଥିବା ବେଳେ ଏବଂ ଅନନ୍ତ ନାୟକଙ୍କ ପରି ସାଂସଦ ରହିଥିବା ସତ୍ତ୍ୱେ ହାଟଡିହିର ଦାଦନ ସମସ୍ୟା ଆଜି ଯାଏଁ ସମାଧାନ ନହେବା ରାଜନୈତିକ ନେତୃତ୍ୱ ଓ ବିଭାଗୀୟ ଅଧିକାରୀଙ୍କ ପାରିବାପଣିଆ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଯଦି ସରକାର ତୁରନ୍ତ ଏହାର ସମାଧାନ ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଏହା ଶାସକ ଗୋଷ୍ଠୀ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିବ ବୋଲି ବୁଦ୍ଧିଜୀବୀ ଓ ରାଜନୈତିକ ସମୀକ୍ଷକମାନେ ଚେତାବନୀ ଦେଇଛନ୍ତି।

## ଖୁଣ୍ଟବନ୍ଧ ବିଦ୍ୟାମନ୍ଦିରରେ ଭାଗବତ କଥାମୃତ




ଆନନ୍ଦପୁର,୧୫।୯ (ସମିସ): କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ସଭାପତିଙ୍କ ଆହ୍ୱାନ କ୍ରମେ ହରିଚନ୍ଦନପୁର ବ୍ଲକ ଭାଗବତ ପ୍ରଚାର ପ୍ରସାର ସମିତି ପକ୍ଷରୁ ଖୁଣ୍ଟବନ୍ଧ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ "ବିଦ୍ୟାଳୟରେ ଭାଗବତ କଥାମୃତ' ମହସମାରୋହରେ ପାଳିତ ହୋଇଯାଇଛି। ସର୍ବପ୍ରଥମେ ବିଦ୍ୟାମନ୍ଦିରର ପିତୃମାତୃ ସମ୍ମିଳନୀ ଅବସରରେ ଆଚାର୍ଯ୍ୟ, ଗୁରୁମା, ଛାତ୍ରଛାତ୍ରୀ ତଥା ଛାତ୍ରଛାତ୍ରୀଙ୍କ ପିତାମାତାଙ୍କ ସମାବେଶରେ ଭାଗବତ ଗାଦି ପୂଜାର୍ଚ୍ଚନା କରି ଭାଗବତ ପାରାୟଣ କରାଯାଇ ଭାଗବତ ସତସଙ୍ଗ ଅଧିବେଶନ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ଆଚାର୍ଯ୍ୟ ଦାଶରଥି ପ୍ରଧାନ ମୁଖ୍ୟ ଅତିଥି, କେନ୍ଦୁଝରଗଡ଼ ପୌରାଞ୍ଚଳ ଭାଗବତ ପ୍ରଚାର ପ୍ରସାର ସମିତି ସମ୍ପାଦକ ଅକ୍ଷୟ କୁମାର ଦାସ ମୁଖ୍ୟ ବକ୍ତା,ସଦର ବ୍ଲକ ସଭାପତି ପ୍ରସନ୍ନ କୁମାର ଦାସ, ଜିତେନ୍ଦ୍ର ବେହେରା, ହରିଚନ୍ଦନପୁର ବ୍ଲକ୍ ସଭାପତି ସୁରେଶ ଚନ୍ଦ୍ର ସାହୁ, ହୁଣ୍ଡା ମହାପାଟ ଉଚ୍ଚ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ନାରାୟଣ ବାରିକ ସମ୍ମାନୀତ ଅତିଥି ରୂପେ ଯୋଗଦାନ କରି ବାଳକ ବାଳିକା ମାନଙ୍କ ହୃଦୟରେ ଭଗବତ୍ ଭାବ ସଞ୍ଚାରିତ କରିବା ପାଇଁ ଉଦ୍‌ବୋଧନ ଦେଇଥିଲେ। ଏହି ମହାନ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ବିଦ୍ୟାମନ୍ଦିରର ସମ୍ପାଦକ ଲଳିତ କୁମାର ମହାନ୍ତ, ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ ଦେହୁରୀ, ପରିଚାଳନା କରିଥିଲେ ହରିଚନ୍ଦନପୁର ବ୍ଲକ୍ ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ମାର୍କଣ୍ଡ ବେହେରା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଗୁରୁମା ସୁକୁମାରୀ ନାଏକ। ଏଥିରେ ଗୁରୁଜୀ ତ୍ରିଲୋଚନ ମହାନ୍ତ, ସାଧୁଚରଣ କିସାନ ଯୋଗମୟ ଜୁଆଙ୍ଗ, ଗୁରୁମା ଜ୍ୟୋତିର୍ମୟୀ ମହାନ୍ତ, ରୀନାରାଣୀ ସାହୁ, ସେବିକା ପାର୍ବତୀ ମହାନ୍ତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମିତ୍ରଭାନୁ ପରିଡ଼ା, ଉପସଭାପତି ଭାନୁମତୀ ମହାନ୍ତ, ଅଗସ୍ତି ବାରିକ, କୋଷାଧକ୍ଷ ଲକ୍ଷ୍ମୀପ୍ରିୟା ଜୁଆଙ୍ଗ ଓ ସୋମଗିରି ଭାଗବତ ଟୁଙ୍ଗି ସମ୍ପାଦକ ଚକ୍ରଧର ବାରିକ, ହରିଚନ୍ଦନପୁର ବ୍ଲକ ସମ୍ପାଦକ ବିଚିତ୍ରାନନ୍ଦ ବେହେରା ଓ ବାଂଶପାଳ ଭାଗବତ ଟୁଙ୍ଗି ଭକ୍ତ ଗୟାମଣି ବେହେରା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ଧଳା ଜହର କାରବାର ପ୍ରତିବାଦରେ ଦାବିପତ୍ର



ସିଂହପୁର/ବିଞ୍ଝାରପୁର,୧୬।୯ (ସମିସ): ବିଞ୍ଝାରପୁର ଥାନା ଅନ୍ତର୍ଗତ ସିଂହପୁର ଅଞ୍ଚଳରେ ବେଧଡ଼କ ଚାଲିଛି ଧଳାଜହର କାରବାର। ଏଭଳି ଅଭିଯୋଗ ଆଣି ଚିନ୍ତା ପ୍ରକାଶ କରିଛି ସିଂହପୁର ଅଞ୍ଚଳର ଯୁବ ସଂଗଠନ ସିଂହପୁର ୱେଲଫେୟାର ଆସୋସିଏସନ। ନିଶା କାରବାର ଉପରେ ରୋକ୍ ଲଗାଇବା ସହ ଅଞ୍ଚଳରେ ବଢୁଥିବା ଅପରାଧ ନିୟନ୍ତ୍ରଣ ପାଇଁ ସଂଗଠନ ପକ୍ଷରୁ ବିଞ୍ଝାରପୁର ଥାନାରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଯୁବକମାନଙ୍କ ଅଭିଯୋଗ ଅନୁସାରେ, ବାହାର ଜିଲ୍ଲାରୁ କିଛି ପେଶାଦାର ନିଶା ବ୍ୟବସାୟୀ ସିଂହପୁର ଅଞ୍ଚଳକୁ ଆସି ନିଶା କାରବାର ଚଳାଇଥିବା ଅଭିଯୋଗ ହେଉଛି। ଏହାର ପ୍ରଭାବରେ ବିଶେଷକରି ଯୁବପିଢ଼ି ନିଶାର କବଳରେ ପଡୁଥିବା ନେଇ ସ୍ଥାନୀୟ ଯୁବକମାନେ ଚିନ୍ତା ପ୍ରକାଶ କରିଛନ୍ତି। ନିଶା ସେବନ କେବଳ ଜଣେ ବ୍ୟକ୍ତିର ଜୀବନକୁ ପ୍ରଭାବିତ କରେ ନାହିଁ, ଏହାର ପ୍ରଭାବ ପରିବାର ଓ ସମାଜ ଉପରେ ମଧ୍ୟ ପଡ଼ିଥାଏ। ନିଶାକୁ କେନ୍ଦ୍ର କରି ବିଭିନ୍ନ ସମୟରେ ଅପରାଧ ଓ ସାମାଜିକ ବିଶୃଙ୍ଖଳା ଘଟୁଥିବା ନେଇ ଅଭିଯୋଗ ହୋଇଛି।

ବର୍ତ୍ତମାନ ଆଗକୁ ପାର୍ବଣ ଋତୁ ଥିବାରୁ ଅଞ୍ଚଳରେ ନିଶା କାରବାର ଆହୁରି ବଢ଼ିବାର ଆଶଙ୍କା କରୁଛନ୍ତି ସ୍ଥାନୀୟ ଯୁବକମାନେ। ନିଶାସକ୍ତ ଯୁବକମାନଙ୍କୁ ଟାର୍ଗେଟ କରି ନିଶା ବ୍ୟବସାୟୀମାନେ ଅଞ୍ଚଳକୁ ଆସୁଥିବା ଅଭିଯୋଗ ମଧ୍ୟ ଆସିଛି। ଏପରି ସ୍ଥିତିରେ ସିଂହପୁର ଅଞ୍ଚଳରେ ନିୟମିତ ପୁଲିସ ପାଟ୍ରୋଲିଂ ବଢ଼ାଇବା, ସନ୍ଦିଗ୍ଧ ସ୍ଥାନ ଉପରେ ନଜର ରଖିବା ଏବଂ ନିଶା କାରବାର ସହ ଜଡ଼ିତ ବ୍ୟକ୍ତିଙ୍କ ବିରୋଧରେ କଡ଼ା ଆଇନଗତ ପଦକ୍ଷେପ ନେବାକୁ ଦାବି କରିଛି ସିଂହପୁର ୱେଲଫେୟାର ଆସୋସିଏସନ। ଯୁବପିଢ଼ିକୁ ନିଶାରୁ ଦୂରେଇ ରଖିବା ସହ ଏକ ନିଶାମୁକ୍ତ ଓ ଅପରାଧମୁକ୍ତ ସିଂହପୁର ଗଠନ ପାଇଁ ସ୍ଥାନୀୟ ପ୍ରଶାସନ ଏବଂ ପୁଲିସ ତୁରନ୍ତ ଦୃଢ଼ ପଦକ୍ଷେପ ନେବେ ବୋଲି ଆଶା ରଖିଛନ୍ତି ଅଞ୍ଚଳବାସୀ।

# କରଦା ହରିହାଟ ଓ ମେଳା କମିଟି ପକ୍ଷରୁ ସ୍ମୃତିସଭା

ପାଣିକୋଇଲି,୧୬।୯ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ବ୍ରଜନଗର ଠାରେ ସଡ଼କ ଦୁର୍ଘଟଣାରେ କରଦା ଅଞ୍ଚଳର ଲୋକପ୍ରିୟ ଶିକ୍ଷକ ଅଶୋକ କୁମାର ସାହୁ ଓ ତାଙ୍କ ପୁଅ ଆଦିଶର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଛାତ୍ର ଗୌରାଙ୍ଗ ଓଝାଙ୍କ ପୁଅ ସାହିଲ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛି। ଅଶୋକ ସାହୁ ଓ ତାଙ୍କର ପୁଅଙ୍କ ଦୁଃଖଦ ମୃତ୍ୟୁରେ ସ୍ମୃତିସଭା ସହିତ ସାହିଲର ଦ୍ରୁତ ଆରୋଗ୍ୟ ନିମନ୍ତେ କରଦା ମେଳା ଓ ମହୋତ୍ସବ କମିଟି ତରଫରୁ ସ୍ଥାନୀୟ ଦଧିବାମନ ଜୀଉଙ୍କ ମନ୍ଦିରରେ ଏକ ସମୂହ ଦୀପଦାନ ହେବା ସହିତ କଲ୍ୟାଣ ମଣ୍ଡପରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। କରଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ମେଳା କମିଟିର ଉପଦେଷ୍ଟା ଗଣେଶ ଚନ୍ଦ୍ର ସାହୁଙ୍କ ପରିଚାଳନାରେ ତଥା ମେଳା କମିଟିର ସଭାପତି ତଥା ବରିଷ୍ଠ ଶିକ୍ଷାବିତ ଚିନ୍ତାମଣି ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସଭାରେ କରଦା ସହିତ ଆଖପାଖ ଅଞ୍ଚଳର ବହୁ ଶୁଭେଚ୍ଛୁ ଯୋଗ ଦେଇ ଥିଲେ। ଏଥି ସହିତ କମିଟିର ଅନ୍ୟତମ ବରିଷ୍ଠ ସଦସ୍ୟ ତଥା କୃଷକ ନେତା ବଳରାମ ସାହୁ, ଗୋବିନ୍ଦ ଚନ୍ଦ୍ର ସାହୁ, ମାନସ ରଂଜନ ଧଳ, ମାୟାଧର ଜେନା, ବାସୁଦେବ ପରିଡ଼ା, ଅରୁଣ କୁମାର ମହାପାତ୍ର, କାର୍ତ୍ତିକ ସ୍ୱାଇଁ, ବିଶ୍ୱନାଥ ପଣ୍ଡା, ବୃନ୍ଦାବନ ସାହୁ, ଗୋଲକ ଚନ୍ଦ୍ର ମାଝୀ, ଦିଲ୍ଲିପ ଧଳ, ବାଦଲ ଧଳ, ସୁଶୀଲ ବେହେରା, ରିଚିକା ପଣ୍ଡା, ଅନୁପ ବେହେରା, ତାରିଣୀ କୁମାର ପଟ୍ଟନାୟକ, ଦେବାଶୀଷ ସାହୁ, ପ୍ରସନ୍ନ ବେହେରା, ଅଦ୍ୱୈତ ଚରଣ ମଲିକଙ୍କ ସମେତ ବହୁ ବ୍ୟକ୍ତି ଯୋଗ ଦେଇ ସ୍ୱର୍ଗତ ସାହୁଙ୍କ ସ୍ମୃତି ଚାରଣ କରିଥିଲେ।

# ପିସିସି ସାଧାରଣ ସମ୍ପାଦକ ମନୋଜ ରାଉତଙ୍କୁ ସମ୍ବର୍ଦ୍ଧନା




ଯାଜପୁର,୧୬।୯ (ସମିସ): ଯାଜପୁରର ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତଙ୍କୁ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ଏହି ପରିପ୍ରେକ୍ଷୀରେ ନଗର/ବ୍ଲକ କଂଗ୍ରେସ ପକ୍ଷରୁ ନଗର କଂଗ୍ରେସ କାର୍ଯ୍ୟାଳୟ ଠାରେ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଜିଲ୍ଲା କଂଗ୍ରେସର ପୂର୍ବତନ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ରାଉତ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ନେତା ସନ୍ତୋଷ ନନ୍ଦ, ନଗର କଂଗ୍ରେସ ସଭାପତି ନାରାୟଣ ଚନ୍ଦ୍ର ସାମନ୍ତ, ବ୍ଲକ କଂଗ୍ରେସ ସଭାପତି ଗଦାଧର ଦାସ, ବରିଷ୍ଠ ନେତା ଦିଲ୍ଲୀପ ଦାଶ, ପୂର୍ଣ୍ଣ ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଦୁର୍ଯ୍ୟୋଧନ ବେହେରା, ଶ୍ୟାମସୁନ୍ଦର କର, ଦେବ ପଣ୍ଡା, ଆଲୋକ ବେହେରା, ପ୍ରତିମା କର, ହୃଷୀକେଶ ପତି, କନକଲତା ରାଉତ, ଭରତ ସାମଲ, ଭାସ୍କର ମହାନ୍ତି, ବିଭୂତି ମହାପାତ୍ର, ନିକୁଞ୍ଜ ସାମଲ, ଅଶୋକ ଦାସ, ରବିନାରାୟଣ ସ୍ୱାଇଁ, ଅଲେଖ ପୃଷ୍ଟି, ଅପୂର୍ବ ସାମଲ, ସେକ୍ ଅବଦୁଲ୍ ହଲିମ୍, ରାଜେନ୍ଦ୍ର ସାହୁ, ସନ୍ତୋଷ ସାହୁ, କାହ୍ନୁ ଚରଣ ସ୍ୱାଇଁ, ଅନନ୍ତ ନାୟକ, ଅଶୋକ ବାରିକ, ସାଗର ପରିଡ଼ା, ଅର୍ଜିତ ନାୟକ, କପିଳେଶ୍ୱର ଦଲାଇ, ପରିମଳ ବିଶ୍ୱାଳ, ରବିନାରାୟଣ ଜେନା, ଅର୍ଣ୍ଣବ ମିଶ୍ର, ଅନିରୁଦ୍ଧ ରାଉତ, ରମାକାନ୍ତ ସେଠୀ, ରଶ୍ମିକାନ୍ତ ବିଶ୍ୱାଳ, ବିଦ୍ୟାଧର ପାଣିଗ୍ରାହୀ, ଭରତ ଚନ୍ଦ୍ର ସାହୁ, ଜଗନ କେତକି, ଅକ୍ଷୟ ଶତପଥୀ, ଜନାର୍ଦ୍ଦନ ଅଧିକାରୀ, ସୂର୍ଯ୍ୟମଣି ଖିଲାର, ଏକାଦଶୀ ତ୍ରିପାଠୀ, ବିଜୟ ମହାପାତ୍ର, ଅମୂଲ୍ୟ ବିଶ୍ୱାଳ, ଅଲେଖ ସାହୁ, ଦିପୁ ମଲ୍ଲିକ, ନକୁଳ ସାହୁ, ମନୋଜ ସାହୁ, କୁଳମଣି ଦଲାଇ ପ୍ରଭୃତି ଶତାଧିକ କଂଗ୍ରେସ କର୍ମୀ ଓ ନେତୃମଣ୍ଡଳୀମାନେ ଯୋଗଦେଇଥିଲେ। କୁମାର ଆଶୁତୋଷ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଭିତ୍ତିଭୂମି ସଙ୍କଟରେ ୧୧୨ ବର୍ଷର ଐତିହ୍ୟବାହୀ ବିଦ୍ୟାଳୟ

# ୧୨୦ ପିଲାଙ୍କ ପାଇଁ ୪ ଶିକ୍ଷକ

ବିଞ୍ଝାରପୁର,୧୬।୯ (ସମିସ):

ବିଞ୍ଝାରପୁର ବ୍ଲକ ଗୁହାଳୀ ଗିରିଧାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବେ ଶିକ୍ଷକ ଅଭାବ ଓ ଭିତ୍ତିଭୂମି ସଙ୍କଟରେ ଜର୍ଜରିତ। ୧୯୧୪ ମସିହାରେ ପ୍ରତିଷ୍ଠିତ ଏହି ୧୧୨ ବର୍ଷର ଐତିହ୍ୟବାହୀ ଶିକ୍ଷାନୁଷ୍ଠାନ ଦୀର୍ଘବର୍ଷ ଧରି ଅନେକ କୃତି ଛାତ୍ରଛାତ୍ରୀ ସୃଷ୍ଟି କରିଆସିଥିବା ବେଳେ ବର୍ତ୍ତମାନ ଶିକ୍ଷକ ଅଭାବ ଯୋଗୁଁ ଏଠାରେ ପାଠପଢ଼ା ବ୍ୟବସ୍ଥା ପ୍ରଭାବିତ ହୋଇଛି। ଏହି ବିଦ୍ୟାଳୟରେ ଶିଶୁ ବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୯ଟି ଶ୍ରେଣୀରେ ୧୨୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ ରତ ରହିଥିବା ବେଳେ ଶିକ୍ଷାଦାନ ପାଇଁ ମାତ୍ର ୪ଜଣ ଶିକ୍ଷକ




ନିୟୋଜିତ ଅଛନ୍ତି। ପୂର୍ବରୁ ବିଦ୍ୟାଳୟରେ ୫ଜଣ ଶିକ୍ଷକ ଥିବାବେଳେ ଶିକ୍ଷକ ଅରୁଣ ନାଥଙ୍କୁ ଭାଗବତ ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେସନ କରାଯାଇଛି। ଫଳରେ ଶିକ୍ଷକ ସଂଖ୍ୟା ଆହୁରି କମିଯାଇଛି। ଶିକ୍ଷକଙ୍କ ଅଭାବ ଯୋଗୁଁ ଏକାଧିକ ଶ୍ରେଣୀକୁ ଏକାସାଙ୍ଗରେ ପାଠ ପଢ଼ାଇବାକୁ ପଡୁଛି। ଏହାର ସିଧାସଳଖ ପ୍ରଭାବ ଛାତ୍ରଛାତ୍ରୀଙ୍କ ଶିକ୍ଷା ଉପରେ ପଡୁଥିବା ନେଇ ଅଭିଭାବକ ଓ ଗ୍ରାମବାସୀ ବିଭିନ୍ନ ସମୟରେ ଅଭିଯୋଗ କରିଆସୁଛନ୍ତି। ଏହାପରେ ବିଇଓ ମନେଇଶୁଣୀ ନୋଡାଲ ସ୍କୁଲର ଶିକ୍ଷୟିତ୍ରୀ ଆକାଂକ୍ଷା ଦାସଙ୍କୁ ସପ୍ତାହରେ ୩ଦିନ ଗୁହାଳି ବିଦ୍ୟାଳୟକୁ ଆସି ପାଠ ପଢ଼ାଇବାକୁ ଚିଠି କରିଛନ୍ତି। ତେବେ ବିଇଓଙ୍କ ଏହି ୩ଦିନିଆ ବ୍ୟବସ୍ଥାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିବା ସହ ସ୍ଥାୟୀ ଭାବେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି ଦାବି କରିଛନ୍ତି। ଶିକ୍ଷକ ଅଭାବ ସାଙ୍ଗକୁ ବିଦ୍ୟାଳୟରେ ପର୍ଯ୍ୟାପ୍ତ ଶ୍ରେଣୀଗୃହ ଓ ଅନ୍ୟାନ୍ୟ ମୌଳିକ ଭିତ୍ତିଭୂମିର ମଧ୍ୟ ଅଭାବ ରହିଛି। ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବା ଦାବି କରୁଥିବାବେଳେ ଏଭଳି ଏକ ମର୍ଯ୍ୟାଦାସମ୍ପନ୍ନ ଐତିହ୍ୟବାହୀ ବିଦ୍ୟାଳୟର ମୌଳିକ ସମସ୍ୟା ଦୀର୍ଘଦିନ ଧରି ସମାଧାନ ନହେବାକୁ ନେଇ ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଶିକ୍ଷକ ଅଭାବ ଯୋଗୁଁ ଶିକ୍ଷାର ଗୁଣବତ୍ତା ପ୍ରଭାବିତ ହେଉଥିବାରୁ ଅନେକ ଅଭିଭାବକ ନିଜ ପିଲାଙ୍କ ଭବିଷ୍ୟତକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି, ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ସହ ବିଦ୍ୟାଳୟର ଭିତ୍ତିଭୂମିର ସୁଧାର କରାନଗଲେ ଆଗାମୀ ଦିନରେ ଶିକ୍ଷା ବ୍ୟବସ୍ଥା ଆହୁରି ବିପର୍ଯ୍ୟସ୍ତ ହେବ ବୋଲି ଗ୍ରାମବାସୀ କହିଛନ୍ତି।

# ରକ୍ତବନ୍ଧୁ ଯାଜପୁର ପକ୍ଷରୁ ବୃକ୍ଷରୋପଣ



କବାଟବନ୍ଧ,୧୬।୯ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ବ୍ରାହ୍ମଣୀ ନଦୀ କୂଳରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ପୂର୍ବାହ୍ନରେ ରକ୍ତବନ୍ଧୁ ଯାଜପୁର ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କବାଟବନ୍ଧ ମେଡିକାଲ ଅଫିସର ଡାକ୍ତର ନିହାର ରଞ୍ଜନ କର, ଯାଜପୁର ଜିଲ୍ଲା କିନ୍ନର ସଂଘ ସମ୍ପାଦିକା ଲଭଲି ସାହୁ, ବରିଷ୍ଠ ସାମ୍ବାଦିକ ଅନୁଜ ମଲ୍ଲିକ, ସମାଜସେବୀ ମୋହନ ମହାରଣା, ଗଡ଼ମଧୁପୁର ଫରେଷ୍ଟର ବିକାଶ ସିଂ, ଧର୍ମଶାଳା ବ୍ଲକ ଉପାଧ୍ୟକ୍ଷ ବିଶ୍ୱବିଜୟିନୀ ମିଶ୍ର, ଚଢ଼େଇଧରା ଫାୟାର ଷ୍ଟେସନର ସହକାରୀ ଷ୍ଟେସନ ଅଫିସର ସୁରେଶ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ରକ୍ତବନ୍ଧୁ ଯାଜପୁରର ଆବାହକ ବସନ୍ତ କୁମାର ମଲ୍ଲିକଙ୍କ ଆୟୋଜିତ ଏକ ସଭାରେ ଅତିଥିମାନେ ପରିବେଶ ସୁରକ୍ଷା, ଜଳବାୟୁ ନିୟନ୍ତ୍ରଣ, ମୃତ୍ତିକା ସଂରକ୍ଷଣ, ଆଦି ପାଇଁ ଉଦ୍ୟମକୁ ପ୍ରଶଂସା କରିଥିଲେ। ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ଶିଶୁ, ଶାଗୁଆନ, ଆକାଶିଆ, ଚାଖୁଣ୍ଡା ଆଦି ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରକ୍ତବନ୍ଧୁ ଯାଜପୁରର ଆବାହକ ବସନ୍ତ କୁମାର ମଲ୍ଲିକଙ୍କ ସମେତ ବରିଷ୍ଠ ସଦସ୍ୟ ସୁକାନ୍ତ ବେହେରା, ମନୋଜ ବେହେରା, ମାୟାଧର ଦାସ, ଶରତ ବଳ, ମାନସ ଦାସ, ଶାନ୍ତ ଜେନା, ସ୍ମୃତି ରଞ୍ଜନ ଧୀର, ଦିବ୍ୟ ରଞ୍ଜନ ଧୀର, ସାମ୍ବାଦିକ ଅସିତ କୁମାର ନାୟକ, ପ୍ରଶାନ୍ତ ସାମଲ, ସନ୍ତୋଷ ସାହୁ, ଟୁନା ଲେଙ୍କା, ସନାତନ ମଲ୍ଲିକ, ରବୀନ୍ଦ୍ର ରାଉତ, ଜଗବନ୍ଧୁ ମଲ୍ଲିକ, ମାନସ ବାରିକ, ରାଜକିଶୋର ମଲ୍ଲିକ, ଦେବୀ ପ୍ରସାଦ ଧୀର, ମନୋଜ ସାହୁ, ଶିବୁନ ମଲ୍ଲ, ପପୁ ପରିଡ଼ାଙ୍କ ସମେତ ଅନ୍ୟ ମାନେ ଉପସ୍ଥିତ ଥିଲେ।

# ତ୍ରିଜଙ୍ଗା ଜଗନ୍ନାଥ କଲୋନୀରେ ଗଣେଶ ପୂଜା



ଦାନଗଦି,୧୬।୯ (ସମିସ): ଦାନଗଦି ବ୍ଲକ ତ୍ରିଜଙ୍ଗା ପଞ୍ଚାୟତ ଜଗନ୍ନାଥ ସାହିରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଗଣେଶ ପୂଜା ତିନି ଦିନ ଧରି ମହାସମାରୋହରେ ପାଳିତ ହେଉଛି। ପ୍ରତ୍ୟେହ ସନ୍ଧ୍ୟାରେ ନାଚ, ଗୀତ, ପାଲା, ଭଜନ କୀର୍ତ୍ତନର ଆୟୋଜନ କରାଯାଇଛି। ସନ୍ଧ୍ୟାହେଲେ ପୂଜା ମଣ୍ଡପ ନିକଟରେ ଭିଡ଼ ଜମୁଛି। ଏହି କାର୍ଯ୍ୟକ୍ରମକୁ ପୂଜା କମିଟି ପରିଚାଳନା କରିଆସୁଛି।

# ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବରୁଆଁ,୧୬।୯ (ସମିସ): ଯାଜପୁର ସଦର ଥାନା ଅନ୍ତର୍ଗତ କଚେରୀଗାଁ ଗ୍ରାମର ବିଷ୍ଣୁ ମଲିକଙ୍କ ସାନ ପୁଅ ଅଜୟ ମଲିକ (୨୬) ସେହି ଗ୍ରାମର କାଶୀନାଥ ମଲିକ ସହ ଗତ ୧୩ ତାରିଖ ତଥା ରବିବାର ସନ୍ଧ୍ୟା ସମୟରେ ସାଙ୍ଗ ହୋଇ ଘରୁ ବାହାରି ଯାଇଥିଲେ। ଅଜୟର ଫେରିବାରେ ବିଳମ୍ବ ହେବାରୁ ରାତ୍ରିରେ ଅଜୟର ପରିବାର ଅଜୟକୁ ଫୋନ କରିଥିଲେ। ଅଜୟ ଯାଉଛି ବୋଲି ବାପାକୁ କହିଥିଲେ। ମାତ୍ର ରାତ୍ରିରେ ଅଜୟ ଘରକୁ ଫେରିନଥିଲା। ସୋମବାର ସକାଳେ ଅଜୟକୁ ପରିବାର ଲୋକେ ଫୋନ କରିଥିଲେ, ମାତ୍ର ଅଜୟର ମୋବାଇଲ ବନ୍ଦ ଥିଲା। ଏ ବିଷୟରେ ସୋମବାର ସକାଳେ



ଅଜୟ ସହିତ ଯାଇଥିବା କାଶୀନାଥକୁ ପଚାରିବାରୁ ସେ ଅଜୟ କୁଆଡେ ଗଲା ଜାଣିନାହିଁ ବୋଲି କହିଥିଲା। ଗ୍ରାମ ପାଖ ପୋଖରୀ ପାଖରେ ଅଜୟର ଚପଲ ପଡିଥିବାର ଦେଖି ଅଜୟ କୁଆଡେ ପଳାଇ ଯାଇଛି ତାର ସନ୍ଧାନ ମିଳୁନାହିଁ ବୋଲି ପରିବାର ସଦସ୍ୟ ଯାଜପୁର ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଖରୀରେ ପଡ଼ିଯାଇଥିବା ସନ୍ଦେହ କରି ସଦର ପୁଲିସ ବରୁଆଁ ଅଗ୍ନିଶମ ସେବା ବାହିନୀର ସହାୟତା ନେଇଥିଲେ। ଅଗ୍ନିଶମ ବାହିନୀ ପୋଖରୀରେ ଖୋଜି ଅଜୟକୁ ଉଦ୍ଧାର କରି ଏକ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଡାକ୍ତର ଦେଖି ଅଜୟକୁ ମୃତ ଘୋଷଣା କରିଥିଲେ। ସଦର ଥାନା ପୁଲିସ ୨୭/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଜଣାପଡିଛି। ଅଜୟର ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ସଦର ଥାନା ପୁଲିସ ଘଟଣାର ତଦନ୍ତ କରି ପ୍ରକୃତ ସତ୍ୟାସତ୍ୟ ଲୋକଲୋଚନକୁ ଆଣିବା ପାଇଁ ସାଧାରଣରେ ଦାବି ହେଉଛି।

# ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ହୁଇଲ ଚେୟାର ପ୍ରଦାନ

କୁଆଖିଆ,୧୬।୯ (ସମିସ): ରସୁଲପୁର ବ୍ଲକ ବଡକଇଁଚି ପଞ୍ଚାୟତ ଅନ୍ତର୍ଗତ ପାଞ୍ଚଗୋଛିଆ ଗ୍ରାମର ଭିନ୍ନକ୍ଷମ ବ୍ୟକ୍ତି ସୁରେନ୍ଦ୍ର ପହିଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଛି। ଗତ



କିଛିବର୍ଷ ତଳେ ସୁରେନ୍ଦ୍ର ପକ୍ଷାଘାତ ରୋଗରେ ପୀଡ଼ିତ ହୋଇଥିଲେ। ଖବର ପାଇ ସ୍ଥାନୀୟ ଅଞ୍ଚଳର ଯୁବ ବିଜେଡି ନେତା ନିହାର ରଞ୍ଜନ କଣ୍ଡ ତାଙ୍କ ବାସଭାବନରେ ପହଞ୍ଚି ଆଜି ହୁଇଲ ଚେୟାର ପ୍ରଦାନ କରିଥିଲେ। ଶ୍ରୀଯୁକ୍ତ ପହି ବିଜେଡ଼ି ଦଳର ଜଣେ ଆଗଧାଡିର କର୍ମୀଥିଲେ। ସେଥିପାଇଁ ତାଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଶତାୟୁ ରମାଦେବୀ ପଣ୍ଡାଙ୍କ ପରଲୋକ



କୟାଁଗୋଲା,୧୬।୯ (ସମିସ): ବିରିପଟା ନିକଟସ୍ଥ ଆଉଁରୀ ପଞ୍ଚାୟତ ଅନ୍ତର୍ଗତ ଦାମଦୋରପୁର ଗ୍ରାମର ବରିଷ୍ଠ ତଥା ଧର୍ମପ୍ରାଣ ମହିଳା ରମାଦେବୀ ପଣ୍ଡାଙ୍କ ୧୦୪ ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ପରିବାର, ଆତ୍ମୀୟସ୍ୱଜନ ଓ ଗ୍ରାମବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ରମାଦେବୀ ଜଣେ ଧର୍ମପ୍ରାଣ, ସରଳ ଓ ଶାନ୍ତ ସ୍ୱଭାବର ମହିଳା ଭାବେ ଗ୍ରାମରେ ପରିଚିତ ଥିଲେ। ତାଙ୍କ ବଡ଼ ପୁଅ ବାମଦେବ ପଣ୍ଡା ମୁଖାଗ୍ନି ଦେଇଥିଲେ। ପରେ ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଶୋଭାଯାତ୍ରାରେ ମୃତଦେହକୁ ଗ୍ରାମ ମଶାଣିକୁ ନିଆଯାଇଥିଲା। ସେଠାରେ ତାଙ୍କର ଶେଷକୃତ୍ୟ ସମାପନ କରାଯାଇଥିଲା।

# କେବଳ ଫି' ଛାଡ଼ ନୁହେଁ, ସମ୍ପୂର୍ଣ୍ଣ ନିଃଶୁଳ୍କ ଶିକ୍ଷା ଦରକାର

ବରୀ,୧୬।୯ (ସମିସ): ୟୁନିଭରର୍ସଲ ପ୍ରାଉଟିଷ୍ଟ ଷ୍ଟୁଡେଣ୍ଟସ ଫେଡେରେସନର ପ୍ରତିଷ୍ଠା ଦିବସରେ ବରୀ ସ୍ଥିତ ଐତିହାସିକ ମାତୃ ମଙ୍ଗଳ କେନ୍ଦ୍ର ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିକ୍ଷା ବ୍ୟବସ୍ଥାର ମୂଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଓଡିଶା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୧୫ ସେପ୍ଟେମ୍ବର ୟୁନିଭରର୍ସଲ ପ୍ରାଉଟିଷ୍ଟ ଷ୍ଟୁଡେଣ୍ଟସ ଫେଡେରେସନ (ୟୁପିଏସଏଫ)ର ପ୍ରତିଷ୍ଠା ଦିବସ। ଏହି ସଂଗଠନ ପ୍ରତିଷ୍ଠା ଦିନରୁ କୌଣସି ପ୍ରକାର ଭେଦଭାବ ବିନା ସମସ୍ତଙ୍କ ପାଇଁ ସମ୍ପୂର୍ଣ୍ଣ ନିଃଶୁଳ୍କ ଶିକ୍ଷା ଦାବି କରିଆସୁଛି। ରାଜ୍ୟ ସରକାରଙ୍କ ନିଃଶୁଳ୍କ ନାମଲେଖା ଓ ଟ୍ୟୁସନ ଫି' ଛାଡ଼ ଘୋଷଣାକୁ ସଂଗଠନ ସ୍ୱାଗତ କରିବା ସହ ନିଃଶୁଳ୍କ ଶିକ୍ଷାବୋଲି ପ୍ରଚାର କରିବା କେବଳ ଏକ ଆଂଶିକ ଓ ଆଖିରେ ଧୂଳି ଦେବା



ଭଳି ପଦକ୍ଷେପ ବୋଲି ଅନୁଷ୍ଠାନ କହିଛି। ଜଣେ ଛାତ୍ର ଆଜି ନାମଲେଖା ବ୍ୟତୀତ ପୁସ୍ତକ, ୟୁନିଫର୍ମ, ହଷ୍ଟେଲ, ଭୋଜନ, ପରିବହନ, ଡିଜିଟାଲ ସୁବିଧା, ପରୀକ୍ଷା ଫି ଓ ଅନ୍ୟାନ୍ୟ ଖର୍ଚ୍ଚ ବହନ କରୁଛନ୍ତି। ତେଣୁ କେବଳ ଫି' ଛାଡ ନୁହେଁ, ସମ୍ପୂର୍ଣ୍ଣ ନିଃଶୁଳ୍କ ଶିକ୍ଷା ଦରକାର ବୋଲି ଅନୁଷ୍ଠାନର କର୍ମକର୍ତ୍ତା କହିଛନ୍ତି। ୟୁପିଏସଏଫ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ରରେ ପ୍ରଦାନ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ସଂଗଠନର ଉପଦେଷ୍ଟା ଇଂ. କାହ୍ନୁ ଚରଣ ବେହୁରା, ରାଜ୍ୟ କୋର କମିଟିର ତପନ ପ୍ରଧାନ, ରଶ୍ମିତା ଯତି, ଅର୍ଚ୍ଚନା ସାମଲ ଏବଂ ସ୍ଥାନୀୟ ଛାତ୍ରୀ ପ୍ରତିନିଧି ପ୍ରଜ୍ଞା ପାରମିତା ମଲିକ, ଶୁଭ୍ରା ପଣ୍ଡା, ଜୀନାରାଣୀ ମଲିକ, ମାମାଲି ମଲିକ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ତାରାକାନ୍ତ ଆଚାର୍ଯ୍ୟ, ମୋହନ ଚରଣ ଜେନା ପ୍ରଭୃତି ସହଯୋଗ କରିଥିଲେ। ବରୀ ଅଞ୍ଚଳର ଯୁବ ସମାଜ ସେବୀ ପ୍ରଶାନ୍ତ ପଡିହାରୀ, ସୁଧୀର ବିଶ୍ୱାଳ, ଜୟରାମ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଜାରକା ଗ୍ରାମ୍ୟଉନ୍ନୟନ ବିଭାଗର ଠିକାଦାର ପ୍ରେମ

# ନିମ୍ନମାନର କାମକୁ ପ୍ରୋତ୍ସାହନ

ଜେନାପୁର,୧୬।୯ (ସମିସ):

ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼ ପଞ୍ଚାୟତ ମଧୁପୁରଠାରୁ ଭୁବନପୁର ପର୍ଯ୍ୟନ୍ତ ରାସ୍ତାର ଉନ୍ନତି କରଣ ପାଇଁ ଜାରକା ଗ୍ରାମ୍ୟଉନ୍ନୟନ ବିଭାଗର ଟେଣ୍ଡର ପ୍ରକ୍ରିୟା ର ପାଖପାଖି ୬ କୋଟି ଟଙ୍କାର ବ୍ୟୟ ଅଟକଳ ମଞ୍ଜୁର ହୋଇଛି। ଏହି ରାସ୍ତାର ଉନ୍ନତି କରଣ ଶିଳାନ୍ୟାସ ଖୋଦ୍ ବିଭାଗୀୟ ଉପ ଖଣ୍ଡ ଅଧିକାରୀ ଏବଂ ଧର୍ମଶାଳାର ବିଧାୟକ ହିମାଂଶୁ ଶେଖର ସାହୁ କରିଛନ୍ତି। ଏହାକୁ ନଜର ରଖି ଲୋକ ମାନେ ଭାବୁଥିଲେ ରାସ୍ତାର କାମଟି ଉଚ୍ଚମାନର ଓ ସଠିକ୍ ମାତ୍ରାର ମ୍ୟାଟେରିଆଲ ଉପଯୋଗ ହେବ। କିନ୍ତୁ ଏଥିରେ ସମ୍ପୂର୍ଣ୍ଣ ବ୍ୟତି କ୍ରମ ଦେଖାଦେଇଛି। ବିଭଗୀୟ ଉପଖଣ୍ଡ ଅଧିକାରୀ (ଏସ୍‌ଡିଓ) ଗଣମାଧ୍ୟମ ସମ୍ମୁଖରେ କାର୍ଯ୍ୟର ଅର୍ଥ ରାଶି ୫ କୋଟି ୯୯ ଲକ୍ଷ କହିଥିବା ବେଳେ କନିଷ୍ଠ ଯନ୍ତ୍ରୀଙ୍କ ପାଖରେ ଏ ବାବଦରେ ସଠିକ୍ ସୂଚନା ନାହିଁ। ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସୂଚନା ଫଳକ ମାଧ୍ୟମରେ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ସର୍ବସାଧାରଣ ଅବଗତ ନିମନ୍ତେ ପ୍ରଦତ୍ତ ହେବାର ନିୟମ ରହିଛି। ଯାହା ଦ୍ୱାରା ସାଧାରଣ ଲୋକଟିଏ ଜାଣିପାରିବ କେତେ ଟଙ୍କାର କାମ ଏବଂ କ'ଣ କ'ଣ ମ୍ୟାଟେରିଆଲ ବ୍ୟବହାର ହେବ। ଯାହା ଦ୍ୱାରା ଠିକାଦାର ମନମୁଖୀ କରିପାରିବ ନାହିଁ। କିନ୍ତୁ ରାସ୍ତାର କାମ ପାଖାପାଖି ଅଧା ହୋଇଗଲାଣି, ଏଯାବତ୍ ଫଳକ ଲାଗି ନାହିଁ। ଏ ବାବଦରେ ପଚାରି ବୁଝିବାରୁ ଯନ୍ତ୍ରୀ ମହୋଦୟ କହୁଛନ୍ତି ଫଳକ ଚୋରି ହେଇଯାଉଛି ସେଥିପାଇଁ ଲାଗିନାହିଁ।



ରାସ୍ତା ନିର୍ମାଣ କାମ ନିମ୍ନମାନର ହେବା ସଙ୍ଗେ ସଙ୍ଗେ ନିମ୍ନମାନର ମ୍ୟାଟେରିଆଲ ମଧ୍ୟ ବବ୍ୟବହାର ହେଉଛି। ରାସ୍ତା ଚଉଡ଼ା ପାଇଁ ରାସ୍ତାର ଦୁଇ ପାଶ୍ୱର୍ରେ ତଡ଼ା ଯାଇଥିବା ଗାଡ ଭିତରେ ମେଣ୍ଟାଲ, ବଜୁରି, କ୍ରସର୍ ଡଷ୍ଟ ପରିମାଣ ହିସାବରେ ପଡ଼ିବାର ନିୟମ ରହିଛି। କିନ୍ତୁ ଅଧିକ ଲାଭ ଆଶାରେ ଭିତରେ ନିରୋଳା ଡଷ୍ଟ ଭରି ଦେଇ ଉପରେ ପଥର ମିଶା ମ୍ୟାଟେରିଆଲ ଛିଞ୍ଚି ଦେଉଥିବା ଦେଖିବାକୁ ମିଳୁଛି। ପାଣି ମାଡ଼ରୁ ରାସ୍ତାକୁ ରକ୍ଷା କରିବା ପାଇଁ ନିର୍ମାଣ ହେଉଥିବା ସିମେଣ୍ଟ କାନ୍ଥରେ ସିମେଣ୍ଟ ଭାଗ କମ୍ ରହିବ ସହିତ ପାଣି ମଧ୍ୟ ପଡୁନାହିଁ। ତେଣୁ କାନ୍ଥ କେତେବେଳେ ଭୁଶୁଡ଼ି ପଡ଼ିବ ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ। ପିଚୁ ପାଇଁ ପଡୁଥିବା ଓଦା ମିଶ୍ରଣ ପଥର ସ୍ତର ପତଳା ହୋଇଥିବାରୁ ପଥର ଗୁଡ଼ିକ ରାସ୍ତା ସାରା ଗଡୁଛି। ଗତ ୧୫ ଦିନ ହେବ ରାସ୍ତାରେ ମେଣ୍ଟାଲ ବିଛା ହୋଇଥିଲେ ସୁଦ୍ଧା ଏଯାବତ୍ ପାଣି ପଡୁନାହିଁ କି ରୋଲିଂ ହେଉନାହିଁ। ଏହି ରାସ୍ତାଟି ଅନେକ ସରକାରୀ କାର୍ଯ୍ୟାଳୟକୁ ସଂଯୋଗ କରୁଥିବାରୁ ବ୍ୟସ୍ତବହୁଳ ଅଟେ। ଏହି ରାସ୍ତା ଦେଇ ଦୈନନ୍ଦିନ ଶହ ଶହ ଲୋକ ଯାତାୟାତ କରିଥାଆନ୍ତି। ସ୍କୁଲ ପିଲା, କଲେଜ ପିଲା, କର୍ମଜୀବୀ, ରୋଗୀ ମାନେ ଯିବା ଆସିବ କଲା ବେଳେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେବା ସଙ୍ଗେ ସଙ୍ଗେ ଦୁର୍ଘଟଣା ଶିକାର ହେଉଛନ୍ତି। ଏଥି ସହିତ ଯାନବାହନ ମଧ୍ୟ କ୍ଷତିଗ୍ରସ୍ତ ହେଉଛି। ଏ ନେଇ ବିଭାଗୀୟ ଅଧିକାରୀ ଯନ୍ତ୍ରୀଙ୍କୁ ଫୋନ ଯୋଗେ ପଚାରିବାରୁ ସେ ଉତ୍ତର ଦେଉଛନ୍ତି ଆପଣ କିଏ। ୧୫ ଦିନ ହେବ ଏଭଳି ଅବସ୍ଥା। କିନ୍ତୁ ଜେଇ କହୁଛନ୍ତୁ ୫/୬ ଦିନ ହେବ ବିଛା ହୋଇଛି ରୋଲିଂ ହେବ। ଫଳରେ ରାସ୍ତାର ସ୍ଥାୟୀତ୍ୱ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି।


## • ଯାଜପୁର ରୋଡ୍ ସେକ୍ସ ସ୍କାଣ୍ଡାଲ ମାମଲା

# ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କଲା ପୁଲିସ

ବ୍ୟାସନଗର,୧୬।୯ (ସମିସ): ଗତ ସୋମବାର ଯାଜପୁର ରୋଡ ଆଦର୍ଶ ଥାନା ଅର୍ନ୍ତଗତ ସାପଗଡିଆ ସନ୍ନିକଟ ସାଇ ମନ୍ଦିର ଅପରପାଶ୍ୱର୍ରେ ଥିବା ଏକ ଘରେ ସେକ୍ସ ସ୍କାଣ୍ଡାଲ ଚାଲୁଥିବା ନେଇ ଖବର ପାଇ ସୋମବାର ଜିଲ୍ଲା ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଗ୍ରାହକ ବେଶରେ ସେଠାରେ ପହଞ୍ଚି ଘଟଣାକୁ ଦେଖିବା ପରେ ଅନ୍ୟ ପୁଲିସମାନେ ଘଟଣାସ୍ଥଳରେ ପହଞ୍ଚି ଚଢ଼ଉ କରି ୩ ଯୁବତୀ ଏବଂ ୫ ଜଣ ଗ୍ରାହକଙ୍କୁ ଉଠାଇନେଇଥିଲା। ତେବେ ଚଢ଼ଉ ହେଉଥିବା ଦେଖି ୩ଜଣ ଗ୍ରାହକ ୨ ମହଲା ଘରୁ ଡେଇଁ ପଳାଇଯିବାରେ ସକ୍ଷମ ହୋଇଥିଲେ। ତେବେ ପୁଲିସ ଚଢ଼ଉ କରି ଉକ୍ତ ଘରୁ ବିପୁଳ ପରିମାଣର ଗର୍ଭନିରୋଧକ ବଟିକା ଏବଂ କଣ୍ଡୋମକୁ ଜବତ କରିବା ସହିତ ସମ୍ପୃକ୍ତ ଘରକୁ ସିଲ କରିଛି। ତେବେ ଏହି କାରବାର ଚଳାଉଥିବା ମହିଳା ବା ମାଷ୍ଟରମାଇଣ୍ଡ ସମେତ ଅନ୍ୟ ୨ ମହିଳା ପଶ୍ଚିମବଙ୍ଗର ବୋଲି ପୁଲିସ ସୂଚନା ଦେଇଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଉଦ୍ଧାର ଯୁବତୀମାନଙ୍କ ମଧ୍ୟରୁ ୨ଜଣ ନାବାଳିକା ରହିଥିବା ଜଣାପଡିଛି। ତେବେ ପୂର୍ବରୁ ଏହି ଘରେ ପୁଲିସ ଅନେକବାର ଚଢାଉ କରିଥିଲେ ମଧ୍ୟ ଏଠାରେ ନିୟୋଜିତ ଯୁବତୀ ଏବଂ ଗ୍ରାହକମାନେ ଫେରାର ହୋଇଯାଉଥିଲେ। ତେବେ ଯାଜପୁର ରୋଡ ଏସଡିପିଓ ଶରତ ଚନ୍ଦ୍ର ପାତ୍ର, କୋରେଇ ଥାନାଧିକାରୀ ତଥା ଯାଜପୁର ରୋଡ ଥାନା ଭାରପ୍ରାପ୍ତ ଅଧିକାରୀ ରାକେଶ କୁମାର ତ୍ରିପାଠୀ ଏବଂ ହେଡକ୍ୱାର୍ଟର ଥାନା ଅଧିକାରୀ ଭରତ ବେହେରାଙ୍କ ମିଳିତ ନେତୃତ୍ୱରେ ଚଢାଉ ସଫଳ ହୋଇଛି। ତେବେ ମଙ୍ଗଳବାର ସମ୍ପୃକ୍ତ ଯୁବତୀ ଏବଂ ଗ୍ରାହକମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ଅଭିଯୋଗକାରୀ ଭାବେ କୋରେଇ ଥାନାଧିକାରୀ ରାକଶେ କୁମାର ତ୍ରିପାଠୀ ଏବଂ ତଦନ୍ତକାରୀ ଅଧିକାରୀ ଭାବେ ଜିଲ୍ଲା ପୁଲିସ ମୁଖ୍ୟାଳୟର ଥାନା ଅଧିକାରୀ ଭରତ ବେହେରା କାର୍ଯ୍ୟଭାର ତୁଲାଇଛନ୍ତି। ତେବେ ଅଧିକ ତଦନ୍ତ ନିମନ୍ତେ ଜିଲ୍ଲା ପୁଲିସ ମୁଖ୍ୟାଳୟର ଥାନା ଅଧିକାରୀ ଭରତ ବେହେରାଙ୍କୁ ଫୋନ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇନଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇପାରିବ ନାହିଁ। ଆପୋସ ବୁଝାମଣା ଦ୍ୱାରା ହିଁ ଏହା ସମ୍ଭବ।
-ଆଲବର୍ଟ ଆଇନଷ୍ଟାଇନ୍

## ସୁବିଧାରେ ଅସୁବିଧା

ସାଧାରଣତଃ ମଣିଷ ପାଇଁ ଦୁଇପ୍ରକାର ଅସୁବିଧା ଦେଖାଦିଏ। ପ୍ରଥମତଃ, ଯଦି ଈଶ୍ୱରଦତ୍ତ ବା ସ୍ୱାଭାବିକ ଜୀବନଚର୍ଯ୍ୟାରେ ବ୍ୟାଘାତ ସୃଷ୍ଟି ହୁଏ ଏବଂ ଦ୍ୱିତୀୟତଃ, ଅଯାଚିତ ଭାବେ ମାଗଣାରେ ମିଳୁଥିବା କୌଣସି ସୁବିଧାସୁଯୋଗ ବାଧାପ୍ରାପ୍ତ ହୁଏ। ଏବେ ବୃହତ୍ ଶିଳ୍ପପତିଙ୍କଠାରୁ ମାମୁଲି ଶାଗବିକ୍ରେତା ପର୍ଯ୍ୟନ୍ତ ବହୁଳ ଆଦୃତ ହୋଇ ଏକପ୍ରକାର ଅଭ୍ୟାସରେ ପଡ଼ିଯାଇଥିବା ୟୁପିଆଇ(ଗୁଗୁଲ୍ ପେ, ଫୋନ୍ ପେ ଆଦି ୟୁନିଭର୍ସାଲ୍ ପେମେଣ୍ଟ ସିଷ୍ଟମ୍)କୁ ନେଇ ଦ୍ୱିତୀୟ ଧରଣର ବା ସୁବିଧାରେ ସମ୍ଭାବ୍ୟ ଅସୁବିଧାକୁ ନେଇ ଭାରତରେ ବିତର୍କ ସୃଷ୍ଟି ହୋଇଛି।

କେନ୍ଦ୍ର ସରକାର ୟୁପିଆଇ ଜରିଆରେ ହେଉଥିବା କାରବାର ଉପରେ ଟିକସ ଲଦିବାକୁ ଯୋଜନା କରିଛନ୍ତି। ସଂସଦର ଗତ ମୌସୁମୀ ଅଧିବେଶନରେ ଏ ସମ୍ପର୍କରେ 'ପେମେଣ୍ଟ ଆଣ୍ଡ ସେଟଲ୍‌ମେଣ୍ଟ ସିଷ୍ଟମ୍ ଆକ୍ଟ'ର ସଂଶୋଧନ ବିଧେୟକରେ ଏ ପ୍ରସ୍ତାବ ରହିଥିଲା। କିନ୍ତୁ ବିରୋଧ ପରେ ଏହି ଶୁଳ୍କ ବା ଦେୟକୁ ବ୍ୟକ୍ତିଗତ ନେଣଦେଣ କ୍ଷେତ୍ରରେ ଲାଗୁ ନ କରି କେବଳ ବ୍ୟବସାୟିକ କ୍ଷେତ୍ରରେ ଲାଗୁ ହେବ ବୋଲି ସରକାର ସ୍ପଷ୍ଟ କଲେ। ଅଥଚ ଏବେ ପୁଣି ଥରେ କେନ୍ଦ୍ର ସରକାର ସମସ୍ତ ବ୍ୟାଙ୍କ ଓ ଆର୍ଥିକ ସେବା ପ୍ରଦାନକାରୀ ସଂସ୍ଥାଙ୍କୁ ନିର୍ଦ୍ଦେଶଛଳରେ କହିଛନ୍ତି ଯେ ୨ ହଜାର ଟଙ୍କା ତଳକୁ ଯେକୌଣସି ନେଣଦେଣ ଉପରେ ଶୁଳ୍କ ଆଦାୟ କରିପାରିବେ ନାହିଁ। ୨ ହଜାର ଟଙ୍କାରୁ ଊର୍ଦ୍ଧ୍ୱ କାରବାରରେ ୦.୪% ଶୁଳ୍କ ଆଦାୟ ହେବ।

କେନ୍ଦ୍ର ସରକାରଙ୍କ ଏଭଳି ନିର୍ଦ୍ଦେଶନାମା ପରେ ୟୁପିଆଇ କାରବାରରେ ଏମ୍‌ଡିଆର(ମର୍ଚ୍ଚାଣ୍ଟ ଡିସ୍‌କାଉଣ୍ଟ ରେଟ୍) ବା ବ୍ୟବସାୟିକ ଶୁଳ୍କ ଲାଗୁ ହେବ କି ନାହିଁ ବିତର୍କର ଅନ୍ତ ଘଟିଛି। ଆମେମାନେ ଆମ ବ୍ୟାଙ୍କ ଦ୍ୱାରା ଜାରି କରାଯାଇଥିବା କ୍ରେଡିଟ୍ କାର୍ଡ କିମ୍ବା ଏଟିଏମ୍ କାର୍ଡକୁ ଅନ୍ୟବ୍ୟାଙ୍କ ଜରିଆରେ ବ୍ୟବହାର କରିପାରୁଛୁ। କିନ୍ତୁ ଏ ବାବଦ ଶୁଳ୍କ ବା ବ୍ୟବସାୟିକ ଦେୟ ସେହିସବୁ ବ୍ୟାଙ୍କ ମଧ୍ୟରେ ଦିଆନିଆ ହେଉଛି। ଏହା ଏକପ୍ରକାର ଏମ୍‌ଡିଆର ପ୍ରକ୍ରିୟା ଅନ୍ତର୍ଭୁକ୍ତ। କିନ୍ତୁ ନୋଟ୍ ବଦଳରେ ଅଧିକରୁ ଅଧିକ ଡିଜିଟାଲ୍ କାରବାରକୁ ପ୍ରୋତ୍ସାହନ ଲକ୍ଷ୍ୟରେ ୨୦୨୦ରୁ ୟୁପିଆଇ ପେମେଣ୍ଟ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଦେୟମୁକ୍ତ କରାଯାଇଛି। ଏବେ ୟୁପିଆଇରେ ଏମ୍‌ଡିଆର ଲାଗୁ ହେଲେ ସମ୍ପୃକ୍ତ ବ୍ୟାଙ୍କ ଓ ଆର୍ଥିକ ସେବା ପ୍ରଦାନକାରୀ ସଂସ୍ଥା ସେହି ଶୁଳ୍କକୁ ଗ୍ରାହକ ବା ବ୍ୟବହାରକାରୀଙ୍କ ମୁଣ୍ଡରେ ପରୋକ୍ଷରେ ଲଦି ଦେବା ଅସମ୍ଭବ ନୁହେଁ। ଏବେ କ୍ରେଡିଟ୍ କାର୍ଡରେ ସେହିଭଳି ହେଉଛି। 'ଟ୍ୟାକ୍ସେସନ୍ ଆଣ୍ଡ ଅଦର ଲ(ଆମେଣ୍ଡମେଣ୍ଟ) ବିଲ୍ - ୨୦୨୬' ବା 'ଟିକସ ଓ ଅନ୍ୟାନ୍ୟ ବିଧି(ସଂଶୋଧିତ) ବିଧେୟକ - ୨୦୨୬' ଲୋକସଭାରେ ପାରିତ ହେବା ପରେ ଏହି ଆଶଙ୍କା ଆହୁରି ଘନୀଭୂତ ହୋଇଛି। 'ପେମେଣ୍ଟ ଆଣ୍ଡ ସେଟଲମେଣ୍ଟ ଆକ୍ଟ ୨୦୦୭'ର ଧାରା ୧୦(ଏ)କୁ ଏଥିରେ ସଂଶୋଧନ କରାଯାଇଛି। ଏହି ଧାରା ଅନୁଯାୟୀ 'ଆୟକର ଆଇନ' ଧାରା '୨୬୯ଏସ୍‌ୟୁ' ଅଧୀନରେ ବାର୍ଷିକ ୫୦ ହଜାର କୋଟି ଟଙ୍କାର କାରବାର କରୁଥିବା ଯେକୌଣସି ବ୍ୟକ୍ତି/ସଂସ୍ଥାର ଡିଜିଟାଲ୍ କାରବାରକୁ ଦେୟମୁକ୍ତ ରଖାଯାଇଛି। ଏହି ଧାରାରେ ସଂଶୋଧନ କରିବା ଅର୍ଥ ଏଣିକି ଡିଜିଟାଲ୍ କାରବାର ଆଉ ଦେୟମୁକ୍ତ ହେବ ନାହିଁ।




ଏବେ ଭାରତରେ ପ୍ରାୟ ୫୫ କୋଟି ବ୍ୟବହାରକାରୀ ୟୁପିଆଇ ଜରିଆରେ ଆର୍ଥିକ ଦେଣନେଣ କରୁଛନ୍ତି। ଦେୟମୁକ୍ତ ଥିବାରୁ ଏହି କାରବାରର ବୋଝ ବଢ଼ି ବଢ଼ି ବାର୍ଷିକ ୨୦ ହଜାର କୋଟି ଟଙ୍କା ହେଲାଣି, ଯାହାର ମାତ୍ର ୧୧% ସମ୍ପୃକ୍ତ ବ୍ୟାଙ୍କ ଓ ଆର୍ଥିକ ସେବା ପ୍ରଦାନକାରୀ ସଂସ୍ଥା ଭରଣା କରୁଛନ୍ତି। ବାକି ଅର୍ଥ କେନ୍ଦ୍ର ରାଜକୋଷରୁ ଭରଣା ହେଉଛି। କ୍ରମଶଃ ୟୁପିଆଇ ବ୍ୟବହାରୀ ସଂଖ୍ୟା ବଢ଼ିବା ସହିତ ତତ୍‌ସମ୍ବନ୍ଧୀୟ ସାଇବର ଅପରାଧ ମଧ୍ୟ ବଢ଼ୁଛି। ତେଣୁ ଏ ବାବଦ ବୋଝ ସରକାରଙ୍କୁ ମୁଣ୍ଡାଇବାକୁ ପଡ଼ୁଛି। ମୋଟ ୟୁପିଆଇ କାରବାରର ୨୦% ଏ ବାବଦରେ ଖର୍ଚ୍ଚ ହେଉଛି। ଏହା ଏକପ୍ରକାର ରିହାତି ଯୋଜନା ଭଳି କାର୍ଯ୍ୟ କରୁଛି। ଅର୍ଥ ସମ୍ବନ୍ଧୀୟ ସଂସଦର ସ୍ଥାୟୀ କମିଟିର ମତରେ ଏମ୍‌ଡିଆର ବିନା ୟୁପିଆଇ ଆଉ ଅଧିକ ଦିନ ତିଷ୍ଠିବା ସମ୍ଭବ ନୁହେଁ।

ଏକ ସର୍ବେକ୍ଷଣ ଅନୁଯାୟୀ ଭାରତରେ ୨ ହଜାର ଟଙ୍କାରୁ ଊର୍ଦ୍ଧ୍ୱ କାରବାର ବା ବ୍ୟକ୍ତିଠାରୁ ବ୍ୟବସାୟୀଙ୍କୁ ଦେୟ କାରବାର ସଂଖ୍ୟା ମୋଟ ୟୁପିଆଇ କାରବାରର ଦୁଇ-ତୃତୀୟାଂଶ। ଗତ ଆର୍ଥିକ ବର୍ଷରେ ମୋଟ ୨୪ ହଜାର କୋଟି ଥର ଏଭଳି କାରବାର ହୋଇଥିବା ବେଳେ ଏହାର ମୂଲ୍ୟ ଥିଲା ୩୧୪ ଲକ୍ଷ କୋଟି ଟଙ୍କା। ତେଣୁ ୟୁପିଆଇରେ ଏମ୍‌ଡିଆର ଲାଗୁ ହେଲେ ତାହା ଡିଜିଟାଲ୍ କାରବାରକୁ ନିରୁତ୍ସାହିତ କରିବା ସ୍ୱାଭାବିକ। ଏମିତି ଦେଖିବାକୁ ଗଲେ ନଗଦ ଟଙ୍କା ଦ୍ୱାରା କାରବାର ମଧ୍ୟ ଶସ୍ତା ନୁହେଁ। ଏଥିପାଇଁ ଆରବିଆଇକୁ ବାର୍ଷିକ ୫ ହଜାର କୋଟି ଟଙ୍କା ଏବଂ ଏଟିଏମ୍ କାର୍ଡ ଜାରି କରୁଥିବା ବ୍ୟାଙ୍କମାନେ ବାର୍ଷିକ ପ୍ରାୟ ୭ ହଜାର ୫୦୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ବ୍ୟାଙ୍କମାନେ ଏହି ଖର୍ଚ୍ଚ ଏଟିଏମ୍ ଉପଭୋକ୍ତାଙ୍କ ମୁଣ୍ଡକୁ ରକ୍ଷଣାବେକ୍ଷଣ ଖର୍ଚ୍ଚ ଆକାରରେ ଖସାଇ ଦେଉଛନ୍ତି। ଏବେ ୨ ହଜାର ଟଙ୍କାରୁ ଅଧିକ ବ୍ୟକ୍ତିଠାରୁ ବ୍ୟବସାୟୀଙ୍କୁ ୟୁପିଆଇ କାରବାରରେ ଏମ୍‌ଡିଆର ଲାଗୁ ହେବା ପରେ ପରବର୍ତ୍ତୀ ସମୟରେ ତାହା ୨ ହଜାର ଟଙ୍କାରୁ ନିମ୍ନ କାରବାରରେ ମଧ୍ୟ ଲାଗୁ ହେବା ଅସମ୍ଭବ ନୁହେଁ। ତେଣୁ ୟୁପିଆଇରେ ଅଭ୍ୟସ୍ତ ହୋଇସାରିଥିବା ବ୍ୟବହାରକାରୀମାନେ ଏଭଳି ସୁବିଧାରେ ଅସୁବିଧା ସମ୍ମୁଖୀନ ହେବାକୁ ଏବେଠାରୁ ପ୍ରସ୍ତୁତ ହୋଇରୁହନ୍ତୁ।

## ଧର୍ମପଦର ଧର୍ମସଙ୍କଟ

**ଗୌରୀ ପ୍ରସାଦ ମହାପାତ୍ର**

ଅଭିଜ୍ଞ କୁଶଳୀ ବାରଶ ବଢ଼େଇଙ୍କ ସକଳ ଚେଷ୍ଟା ସତ୍ତ୍ୱେ ଯେଉଁ କାମଟି (କୋଣାର୍କ ମନ୍ଦିରର ମୁଣ୍ଡିମରା) ହୋଇପାରିଲା ନାହିଁ, ମୁଖ୍ୟ ବଢ଼େଇ ବିଶୁ ମହାରଣାର ଅନଭିଜ୍ଞ ବାଳୁତ ପୁଅ ଧରମା(ଧର୍ମପଦ) ସେହି କାମଟିକୁ ଅନାୟାସରେ କରିଦେଲା। ଏହା ଓଡ଼ିଆ ଜାତିର ମାନମହତର ପ୍ରଶ୍ନ ଥିଲା। ତେଣୁ ନିଷ୍ପତ୍ତି ହେଲା ନିଜ ଜାତିର ଟେକ ରଖିବା ପାଇଁ ବିଶୁ ମହାରଣା ତା' ପୁଅକୁ ବଳି ଦେବାକୁ ପଡ଼ିବ। ବିଶୁର ଏହି ଧର୍ମସଙ୍କଟ - 'ବାରଶ ବଢ଼େଇରେ ଦାୟ ନା ପୁଅର ଦାୟ?' - ଜାତୀୟ ସ୍ୱାର୍ଥରକ୍ଷାର ଏକ ସଂଜ୍ଞା ପାଲଟିଗଲା। ଶେଷରେ ଧରମା ଆତ୍ମବଳି ଦେଲା ଏବଂ 'ଗଣସ୍ୱାର୍ଥ' ଆଗରେ 'ଜଣ'ଙ୍କର ସ୍ୱାର୍ଥ ବଳି ପଡ଼ିବା ଶ୍ରେୟସ୍କର ବୋଲି ସେଦିନ ଯେଉଁ ସିଦ୍ଧାନ୍ତ ପ୍ରତିଷ୍ଠା କଲା, ତାହା ଯୁଗଯୁଗ ଧରି ଅମର ଦୃଷ୍ଟାନ୍ତ ହୋଇ ରହିଗଲା। ଆଧୁନିକ ଓଡ଼ିଶାର ଏକାଧିକ ସ୍ୱାର୍ଥ ରକ୍ଷା ପ୍ରସଙ୍ଗରେ କ୍ଷମତାସୀନ ଶାସକ ଦଳର ଦୃଷ୍ଟିଭଙ୍ଗୀ ଓ ଦଳୀୟ ଆଭିମୁଖ୍ୟର ତର୍ଜମା କଲା ବେଳେ ଧରମାର ଉପରୋକ୍ତ ସିଦ୍ଧାନ୍ତ ପୁଣି ଥରେ ଆଲୋଚନା ପରିସରକୁ ଆସିଛି।

ମନେ କରାଯାଉ ଜଣେ ପ୍ରଜାଙ୍କ ମାଲିକାନାରେ ଥିବା ଏକ ସ୍ୱର୍ଣ୍ଣପ୍ରସୂ ଚାଷଜମି ଉପରେ ହଠାତ୍ ଦିନେ ରାଜାଙ୍କ ଦୃଷ୍ଟି ପଡ଼ିବାରୁ ସେ ଆଦେଶ ଦେଲେ ଯେହେତୁ ରାଜ୍ୟ ତାଙ୍କର, ସେହି ଜମିରେ ଚାଷ କରିବାର ଅଧିକାର ମଧ୍ୟ ତାଙ୍କର। ରାଜା ତ ଆଉ ନିଜେ ଚାଷ କରିବେ ନାହିଁ। ତେଣୁ ସେ କୌଣସି ବ୍ୟକ୍ତି/ସଂସ୍ଥାକୁ ଉକ୍ତଜମିରେ ଚାଷ ପାଇଁ ଅନୁମତି ଦେଲେ। ସମ୍ପୃକ୍ତ ବ୍ୟକ୍ତି/ସଂସ୍ଥା ଯାହା ଲାଭ କଲେ ସେଥିରୁ ରାଜା ନିଜ ଭାଗ ଅସୁଲ କଲେ ଏବଂ ସମ୍ପୃକ୍ତ ପ୍ରଜାଙ୍କୁ ଏକ ମାମୁଲି ଅଂଶ(ରାଜଭାଗ ବା ରୟାଲ୍‌ଟି) ଅନୁକମ୍ପା ଆକାରରେ ଦେଲେ। ଠିକାସଂସ୍ଥା ଜମିକୁ ଅଧିକରୁ ଅଧିକ ଦୋହନ କରି ଲାଭ କରିଚାଲିଲା ଏବଂ ବିଚରା ଜମିମାଲିକ ବା ପ୍ରଜାଙ୍କ ଆର୍ଥିକ ସ୍ଥିତି କ୍ରମଶଃ ଦୁର୍ବଳ ହେଲା। ରାଜଭାଗ ଅଂଶ ବଢ଼ାଇବା ଲାଗି ସେ ରାଜାଙ୍କୁ ବାରମ୍ବାର ବିନତି କରି ନିରାଶ ହେଲେ। ଏପଟେ ସମ୍ପୃକ୍ତ ଠିକା ସଂସ୍ଥା/ବ୍ୟକ୍ତିଙ୍କ ଅନିୟନ୍ତ୍ରିତ କାର୍ଯ୍ୟକଳାପ ଯୋଗୁଁ ଆଖପାଖ ଜମି, ପରିବେଶ, ଭୂତଳ ଜଳ, ଜନବସତିର ଜୀବନଧାରଣ ମାନ ବିଗିଡ଼ିବାରେ ଲାଗିଲା। ତେଣୁ କ୍ଷତିଭରଣା ପାଇଁ ବାଧ ହୋଇ ପ୍ରଜା ନିଜ ହକ୍ ବା ଭାଗ ସମ୍ପୃକ୍ତ ଠିକାଦାରଙ୍କଠାରୁ ଦାବି କଲେ। ଏ କଥା ରାଜାଙ୍କ କାନକୁ ଯିବା ପରେ ପ୍ରଜାଙ୍କୁ ତାଗିଦ କରି ଦାବିକୁ ଅଗ୍ରାହ୍ୟ କରିବା ପାଇଁ ରାଜାଜ୍ଞା ଜାରି କରିଦେଲେ। ଯଦି ଭାରତ ଭଳି ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏଭଳି ଘଟଣା ଘଟେ ତେବେ ତାହା ବିଶ୍ୱାସଯୋଗ୍ୟ ହୋଇ ନ ପାରେ। କିନ୍ତୁ ବିଡ଼ମ୍ବନା ଯେ ଆମ ଗଣତନ୍ତ୍ରରେ ଏହି ରାଜତନ୍ତ୍ର ସୁଲଭ ମାନସିକତା ନିକଟରେ ଆତ୍ମପ୍ରକାଶ କରିଛି ଖଣି ଓ ଖଣିଜ ବିକାଶ(ସଂଶୋଧନ) ଆଇନ ସ୍ୱରୂପରେ।

ଓଡ଼ିଶା, ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ ଭଳି କେତେକ ରାଜ୍ୟ ଖଣିଜ ସମ୍ପଦରେ ସମୃଦ୍ଧ ହେଲେ ହେଁ ଐତିହାସିକ କାରଣରୁ ଅପେକ୍ଷାକୃତ ଅବିକଶିତ। ଅପରପକ୍ଷରେ ଏସବୁ ରାଜ୍ୟରୁ ଖଣିଜ ଉତ୍ତୋଳନ କରୁଥିବା ସଂସ୍ଥାଠାରୁ କେନ୍ଦ୍ର ସରକାର ବିପୁଳ ପରିମାଣର ରାଜଭାଗ ଅସୁଲ କରି ସଂପୃକ୍ତ ପ୍ରଦେଶମାନଙ୍କୁ ମାମୁଲି ଅଂଶ ଦେଇଆସୁଛନ୍ତି। ଖଣିଜ ଦ୍ରବ୍ୟ ଉତ୍ପାଦନ, ଖନନ ଓ ପରିବହନ ଗୁରୁତର ପରିବେଶ ପ୍ରଦୂଷଣ ସୃଷ୍ଟି କରେ। ବିଶେଷକରି, ତାପଜ ଶକ୍ତି ଉତ୍ପାଦନରେ ପ୍ରଦୂଷଣ ବହୁ ଅଧିକ। ସେଥିପାଇଁ କୋଇଲା ଉତ୍ତୋଳନ ଓ ପରିବହନ ଉପରେ 'ସ୍ୱଚ୍ଛ ଶକ୍ତି' ସେସ୍ ବା ଉପକର ଲାଗୁ କରାଯାଇଛି। ଏହି ସେସ୍‌ରେ ସମ୍ପୃକ୍ତ ପ୍ରଦୂଷଣପୀଡ଼ିତ ରାଜ୍ୟମାନଙ୍କର ଅଧିକାର ରହିବା କଥା। ଏଥିରୁ ଓଡ଼ିଶା ବାର୍ଷିକ ପ୍ରାୟ ୩୦ ହଜାର କୋଟି ଟଙ୍କାର ରାଜସ୍ୱ ପାଇପାରନ୍ତା। କିନ୍ତୁ କେନ୍ଦ୍ର ସରକାର ପଇସାଟିଏ ମଧ୍ୟ ଦେଉନାହାନ୍ତି। ଅନ୍ୟାନ୍ୟ ଖଣିଜ ସମୃଦ୍ଧ ରାଜ୍ୟମାନଙ୍କ ସ୍ଥିତି ମଧ୍ୟ ପ୍ରାୟ ସମାନ।

ଅଗତ୍ୟା ଏସବୁ ରାଜ୍ୟ ନିଜ ରାଜ୍ୟରୁ ଉତ୍ପାଦିତ ଖଣିଜ ଓ ବିଦ୍ୟୁତ୍ ଉପରେ ସେସ୍ ଲାଗୁ କରିବାକୁ ବିଚାର କରୁଛନ୍ତି। କିଛି ରାଜ୍ୟ ମଧ୍ୟ ଏହା ଲାଗୁ କରିଛନ୍ତି। ସଂଘୀୟ ବ୍ୟବସ୍ଥାରେ ଏ ଅଧିକାର ରାଜ୍ୟମାନଙ୍କର ରହିଛି। କିନ୍ତୁ କେନ୍ଦ୍ର ସରକାର ସଂପୃକ୍ତ ରାଜ୍ୟମାନଙ୍କର ଏହି ଅଧିକାରକୁ ବିରୋଧ କରି ଅଦାଲତଙ୍କ ଦ୍ୱାରସ୍ଥ ହେଲେ ଏବଂ ଯୁକ୍ତି ଦର୍ଶାଇଲେ ଯେ ଖଣିଜ ପଦାର୍ଥ ଉପରେ ରୟାଲ୍‌ଟି ବା ରାଜଭାଗ ଅସୁଲ ହେଉଥିବାରୁ ରାଜ୍ୟମାନେ ଅତିରିକ୍ତ ଟିକସ ଆଦାୟ କରିବା ଅସାମ୍ବିଧାନିକ ଏବଂ ଖଣି ଓ ଖଣିଜ(ବିକାଶ ଓ ପରିଚାଳନା) ଆଇନ - ୧୯୫୭ର ବିରୁଦ୍ଧାଚରଣ କରୁଛି। ଏହାଛଡ଼ା ଖଣିଜ ପଦାର୍ଥ ଉପରେ ରାଜ୍ୟମାନେ ନିଜସ୍ୱ ଟିକସ ଲାଗୁ କଲେ ତାହା ଶିଳ୍ପ, ବିଦ୍ୟୁତ୍ ଆଦି କ୍ଷେତ୍ରରେ ମୁଦ୍ରାସ୍ଫୀତି ବୃଦ୍ଧି କରି ଅର୍ଥନୀତି ପାଇଁ ବିପଦ ସୃଷ୍ଟି କରିବ। କିନ୍ତୁ ଖଣିଜ ଉତ୍ପାଦନ ଉପରେ ସେସ୍ ଲାଗୁ କରିବା ବେଳେ ମୁଦ୍ରାସ୍ଫୀତି ବିଷୟଟିକୁ କେନ୍ଦ୍ର ସରକାର ଚତୁରତାର ସହ ଏଡ଼ାଇଗଲେ। ମୁଦ୍ରାସ୍ଫୀତି ବୃଦ୍ଧି ଆଳରେ ରାଜଭାଗରେ ରାଜ୍ୟମାନଙ୍କୁ ସେମାନଙ୍କ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ କରିବା ଯୁକ୍ତି ଗ୍ରହଣୀୟ ନୁହେଁ ବୋଲି ଶେଷରେ ଦେଶର ସର୍ବୋଚ୍ଚ ଅଦାଲତଙ୍କ ୯ ଜଣିଆ ସମ୍ବିଧାନ ଖଣ୍ଡପୀଠ ୨୦୨୪ ଜୁଲାଇ ୨୫ ତାରିଖରେ ରାୟ ଦେଲେ ଏବଂ ରାଜ୍ୟମାନେ ଖଣି ଉତ୍ତୋଳନକାରୀ ସଂସ୍ଥାଙ୍କଠାରୁ ଏହି ବକେୟା ଦେୟ ପିଛିଲା ଭାବେ କିସ୍ତିରେ ଅସୁଲ କରିପାରିବାର ଅଧିକାର ଦେଲେ।

କେନ୍ଦ୍ର-ରାଜ୍ୟ ସମ୍ବଳ ଆବଣ୍ଟନ ଏବଂ ରାଜ୍ୟମାନଙ୍କର ଟିକସ ଧାର୍ଯ୍ୟ ଅଧିକାର ବିଷୟକ ସାମ୍ବିଧାନିକ ବିଧିବ୍ୟବସ୍ଥା ଆଦିର ପୁଙ୍ଖାନୁପୁଙ୍ଖ ତର୍ଜମା କରି ସର୍ବୋଚ୍ଚ ନ୍ୟାୟାଳୟର ବୃହତ୍ତର ସମ୍ବିଧାନ ଖଣ୍ଡପୀଠ ରାୟ ଦେଇଥିବାରୁ ଅଧିକ ମାନସମନ୍ଥନର ଆବଶ୍ୟକତା ନଥିଲା। କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟକୁ ଅକାମୀ କରିବା ପାଇଁ କେନ୍ଦ୍ର ସରକାର ସଂଖ୍ୟାଗରିଷ୍ଠତା ବଳରେ ସଂସଦର ଗତ ମୌସୁମୀ ଅଧିବେଶନରେ 'ଏମଏମଡିଆର ଆଇନ'କୁ ସଂଶୋଧନ କରି ଖଣିଜ ରାଜସ୍ୱ ଉପରେ କେନ୍ଦ୍ରର ଏକଚାଟିଆ ଅଧିକାର ସାବ୍ୟସ୍ତ କରିଦେଲେ। ଏଠାରେ 'ବାରଶ ବଢ଼େଇରେ ଦାୟ ନା ପୁଅରେ ଦାୟ' କଥାଟି ଉଠୁଛି। ବିଡ଼ମ୍ବନା ହେଲା ଉପରୋକ୍ତ ଆଇନ ଯୋଗୁଁ ଓଡ଼ିଶା ପ୍ରାୟ ୧ ଲକ୍ଷ କୋଟିରୁ ଅଧିକ ଟଙ୍କାର ରାଜସ୍ୱ ହରାଇବ ବୋଲି ଓଡ଼ିଶାର ଆଡ୍‌ଭୋକେଟ୍ ଜେନେରାଲ୍ ସର୍ବୋଚ୍ଚ ଅଦାଲତରେ ସତ୍ୟପାଠ ଦାଖଲ କରିଥିଲେ ମଧ୍ୟ ଓଡ଼ିଶାରୁ ନିର୍ବାଚିତ ଶାସକ ଦଳର ଜନପ୍ରତିନିଧିମାନେ ବିଧେୟକକୁ ପ୍ରତିବାଦ ବଦଳରେ ସମର୍ଥନ କଲେ। ଅର୍ଥାତ୍ 'ମାଟି'(ଜନ୍ମଭୂମି ଓଡ଼ିଶା)ର ସ୍ୱାର୍ଥ 'ପାର୍ଟି'(ଦଳୀୟ ହ୍ୱିପ୍) ଆଗରେ ବଳି ପଡ଼ିଲା। 'ପୁଅ ତିଷ୍ଠିବ, ବାରଶ ବଢ଼େଇ ବଳି ପଡ଼ିବେ' ଭଳି କଥା ହେଲା।

ଓଡ଼ିଶାର ନବ୍ୟସୁବିଧାବାଦୀ-ରାଜନୀତିରେ 'ମାଟିରେ ନୁହେଁ ପାର୍ଟିରେ ଦାୟ' ନାମରେ ସ୍ପଷ୍ଟ ସଂଜ୍ଞା ପରିସରରେ ଆସୁଥିବା ଆଉ କେତୋଟି ଉଦାହରଣ ନିଆଯାଉ। ୨୦୧୩ରେ ରଘୁରାମ ରାଜନ କମିଟି ରିପୋର୍ଟ ଆଧାରରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମିଳିବା ଆବଶ୍ୟକ ବୋଲି ଓଡ଼ିଶା ରାଜ୍ୟ ବିଜେପି ନେତାମାନେ ଦାବି କଲେ। କାରଣ ସେତେବେଳେ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ କେନ୍ଦ୍ରରେ ଶାସନ କ୍ଷମତାରେ ଥିଲା। ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ଦେବା ପାଇଁ ବିଜେପିର ଇସ୍ତାହାରରେ ମଧ୍ୟ ଉଲ୍ଲେଖ ରହିଲା। କିନ୍ତୁ ୨୦୧୪ରେ କେନ୍ଦ୍ରରେ ବିଜେପି ସରକାର ଗଠନ କରିବା ପରେ ଚତୁର୍ଦ୍ଦଶ ଅର୍ଥ ଆୟୋଗ ସୁପାରିସ ଆଳରେ 'ମାଟିର ଦାୟ'କୁ ଭୁଲିଗଲା। ସେହିପରି ୨୦୧୩ ଏପ୍ରିଲରେ ଓଡ଼ିଶା ବିଧାନସଭାରେ ଏ ସମ୍ପର୍କିତ ସର୍ବସମ୍ମତ ସଂକଳ୍ପ ପ୍ରସ୍ତାବ ପାରିତ ହେବା ବେଳେ ବିଜେପିର କୌଣସି ସଦସ୍ୟ ଗୃହରେ ଉପସ୍ଥିତ ରହିଲେ ନାହିଁ ଏବଂ ୨୦୧୬ରେ ଲୋକସଭାରେ ବିଜେଡି ପକ୍ଷରୁ ଆଗତ ପ୍ରସ୍ତାବ ଉପରେ ଭୋଟ ବେଳେ ଓଡ଼ିଶାରୁ ନିର୍ବାଚିତ ବିଜେପି ସାଂସଦ ପ୍ରସ୍ତାବ ବିରୋଧରେ ଭୋଟ ଦେଲେ।

ଏନ୍‌ଡିଏ ସରକାର ୨୦୧୪ରେ କେନ୍ଦ୍ରରେ କ୍ଷମତାକୁ ଆସିବା ପରେ 'ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠି (ବିଆର୍‌ଜିଏଫ୍)', ନକ୍ସଲ ଉପଦ୍ରୁତ ଜିଲ୍ଲା ପାଇଁ କାର୍ଯ୍ୟକାରୀ ହେଉଥିବା 'ସମନ୍ୱିତ କାର୍ଯ୍ୟାନ୍ୱୟନ ଯୋଜନା(ଆଇଏପି)' ଆଦିକୁ ବନ୍ଦ କରିଦେବାରୁ ଓଡ଼ିଶାର ରାଜକୋଷ ଉପରେ ବିପୁଳ ଆର୍ଥିକ ବୋଝ ପଡ଼ୁଛି। ରେଳବାଇ, କୋଇଲା ରୟାଲଟି, ଉପକୂଳ କେନାଲ୍ ଓ ବନ୍ୟା ନିରୋଧୀ ଭିତ୍ତିଭୂମି ନିର୍ମାଣ, ମହାନଦୀ ଓ ପୋଲାଭରମ୍ ବିବାଦ, ଆଦିବାସୀ ସଂରକ୍ଷଣ ତାଲିକା ସଂଶୋଧନ, କେନ୍ଦ୍ର ଦ୍ୱାରା ଚାଉଳ ସଂଗ୍ରହ ବକେୟା ଦାବି ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ-ସାମାଜିକ କ୍ଷେତ୍ରରେ ଓଡ଼ିଶା କେବଳ ନିରାଶା ଓ ପ୍ରତ୍ୟାଖ୍ୟାନର ନିଷ୍ଠୁର ଶବ୍ଦ ଶୁଣିଆସିଛି। ପ୍ରତିବଦଳରେ ଓଡ଼ିଶା କେନ୍ଦ୍ରକୁ ବିପୁଳ ରାଜସ୍ୱ ଦେଉଛି। ଉପର୍ଯ୍ୟୁକ୍ତ ଉଦାହରଣମାନଙ୍କରେ ଶାସକ ଦଳର ଜନପ୍ରତିନିଧିମାନଙ୍କର ଦୃଷ୍ଟିଭଙ୍ଗୀ ଓ ମାନସିକତାରେ ଧରମାର ବଳିଦାନ ଅଯୌକ୍ତିକ ପ୍ରମାଣ ହେଉଛି।

ଏବେ ସ୍ୱର୍ଗରେ ଥାଇ ଧରମା ଯଦି ଆମ ଜନପ୍ରତିନିଧିମାନଙ୍କର ଏଭଳି ହାବଭାବ ଦେଖୁଥିବ ତେବେ ସେ ଆଜିକୁ ପ୍ରାୟ ୮୦୦ ବର୍ଷ ପୂର୍ବେ ନେଇଥିବା ବଳିଦାନ ନିଷ୍ପତ୍ତିର ଔଚିତ୍ୟ ଓ ଯଥାର୍ଥତାକୁ ନେଇ ଧର୍ମସଙ୍କଟରେ ପଡ଼ିଯାଇଥିବ। ଗଣତନ୍ତ୍ର ଶାସନରେ ଗଣସ୍ୱାର୍ଥ ଗୌଣ ହୋଇସାରିଥିବାରୁ ତତ୍କାଳୀନ ରାଜତନ୍ତ୍ର ଶାସନରେ ସେ ଗଣଗରିମାକୁ ଗୁରୁତ୍ୱ ଦେଇ କେଡ଼େ ଭୁଲ୍ କରିଛି ବୋଲି ପଶ୍ଚାତାପ କରୁଥିବ। ଭାବପ୍ରବଣତାରେ ଆତ୍ମବଳିଦାନ ଦେବା ଠିକ୍ ଥିଲା ନା 'ଆପେ ବଞ୍ଚିଲେ ବାପର ନାଁ' ନ୍ୟାୟରେ ନିଜ ବାହାଦୂରୀକୁ ରାଜାଙ୍କ ଆଗରେ ବଖାଣି ପୁରସ୍କୃତ ହେବା ଭଲ ହୋଇଥା'ନ୍ତା - ଆଦି ପ୍ରଶ୍ନର ଦ୍ୱନ୍ଦ୍ୱରେ ସେ ଏବେ ଉଦ୍‌ବେଳିତ ହେଉଥିବ!

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

## ଚନ୍ଦ୍ର ଉପରେ ଅଧିକାର କାହାର?

**ଡ. ପ୍ରଦୀପ କୁମାର ନାୟକ**

ଗତ ୬ ତାରିଖରେ ଆମେରିକାର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ତାଙ୍କର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ ସୋସିଆଲ' ରେ ଏକ ବାର୍ତ୍ତା ଦେଇ ଆମେରିକାର ଜାତୀୟ ପତାକା ଚିହ୍ନ ଥାଇ ଲେଖିଥିଲେ 'ଚନ୍ଦ୍ର ଆମର ଅଟେ'। କୌଣସି ସରକାରୀ ନିର୍ଦ୍ଦେଶନାମା ନ ଥାଇ ଯେହେତୁ ଏହି ଦାବି ଉପସ୍ଥାପନ କରାଯାଇଥିବାରୁ ଗଣମାଧ୍ୟମରେ ଅଭୂତପୂର୍ବ ପ୍ରତିକ୍ରିୟା ସୃଷ୍ଟି କରିଛି। ଅନେକ ବୁଦ୍ଧିଜୀବୀଙ୍କ ମତରେ ଏହା ପ୍ରଗଲଭ ଡୋନାଲଡ ଟ୍ରମ୍ପଙ୍କ ଅହମିକାର ପରିପ୍ରକାଶ।

ଆନ୍ତର୍ଜାତିକ ରାଜନୀତିରେ ଆମେରିକା ଏକ ସୁପରପାୱାର ବା ମହାଶକ୍ତିଶାଳୀ ରାଷ୍ଟ୍ର ରୂପେ ପରିଗଣିତ। ଆମେରିକା ତା'ର ସାମରିକ ବଳ ଦ୍ୱାରା ସାରାବିଶ୍ୱର ରାଷ୍ଟ୍ରମାନଙ୍କ ଉପରେ ଏକପ୍ରକାର ପ୍ରଭୁତ୍ୱ ଜାହିର କରିଆସୁଛି। ଗ୍ରୀନଲ୍ୟାଣ୍ଡକୁ ଆମେରିକା ନିଜର ମାନଚିତ୍ରରେ ମିଶେଇବାକୁ ଚାହୁଁଛି। ଯେତେବେଳେ ଆମେରିକା ଓ ଇରାନ ଯୁଦ୍ଧ ଲାଗି ରହିଛି ଇରାନ ନିକଟରେ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଅବସ୍ଥିତ ହର୍ମୁଜ କେନାଲ୍‌କୁ ଡୋନାଲ୍ଡ ଟ୍ରମ୍ପ ଆମେରିକାର ଭୌଗୋଳିକ ଅଞ୍ଚଳ ବୋଲି ଘୋଷଣା କରିଛନ୍ତି। ବର୍ତ୍ତମାନ ତାଙ୍କର ଆତ୍ମଗର୍ବ ଏତେ ବଢ଼ିଗଲାଣି ଯେ ସେ ଆକାଶରେ ଭାସମାନ ପୃଥିବୀର ଉପଗ୍ରହ ଚନ୍ଦ୍ରକୁ 'ଆମେରିକାର ସମ୍ପତ୍ତି' ଘୋଷଣା କରି ସାରିଲେଣି।



ଈଶ୍ୱରସୃଷ୍ଟ ଗ୍ରହ, ନକ୍ଷତ୍ର, ସୂର୍ଯ୍ୟ ଓ ନାନାଦି ତାରକାପୁଞ୍ଜ ଅନାଦିକାଳରୁ ଆକାଶ ମଣ୍ଡଳରେ ଅବସ୍ଥିତ ଏବଂ ପ୍ରକୃତିର ନିୟମ ଅନୁଯାୟୀ ପରିଚାଳିତ ହେଉଛନ୍ତି। ଏହିସବୁ ଅଦ୍ୱିତୀୟ ଅପାର୍ଥିବ ବସ୍ତୁ ସକଳର ଅଧିକାରୀ କୌଣସି ମାନବ ନୁହେଁ। ସେହିପରି ଚନ୍ଦ୍ର ଏକ ଅଦ୍ୱିତୀୟ ସ୍ୱର୍ଗୀୟ ଉପଗ୍ରହ। ଏହାଉପରେ କୌଣସି ରାଷ୍ଟ୍ର ବା ବ୍ୟକ୍ତି ନିଜର ଅଧିକାର ସାବ୍ୟସ୍ତ କରିପାରିବ ନାହିଁ। କିନ୍ତୁ ଇତିହାସରେ ଲେଖା ହୋଇଛି କିଛି ଆତ୍ମଗର୍ବୀ, କ୍ଷମତାନ୍ଧ ଓ ବାଚାଳ ସମ୍ରାଟ ତଥା ଶାସକ ଗ୍ରହ ଉପଗ୍ରହକୁ ନିଜର ବୋଲି ଏକଦା ଦାବି କରୁଥିଲେ। ରୋମାନ ସମ୍ରାଟ ଜୁଲିଅସ ସିଜର ଓ ଅଗଷ୍ଟସ ସିଜର ସାରା ପୃଥିବୀର ମାଲିକ ବୋଲି ଦାବି କରୁଥିଲେ। ଚାଇନିଜ ସମ୍ରାଟ ଚେଙ୍ଗିଜ ଖାନ (୧୧୬୨ ସାଲ - ୧୨୨୭ ସାଲ) ସମଗ୍ର ବିଶ୍ୱର ଶାସନକର୍ତ୍ତା ବୋଲି ଘୋଷଣା କରିଥିଲେ। ପ୍ରାଚୀନ ଆସିରିଆ ଓ ବେବିଲୋନୀୟ ସାମ୍ରାଜ୍ୟର ରାଜାମାନେ ବିଶେଷତଃ ସାଇରସ ନିଜକୁ ପୃଥିବୀର ଚାରିଦିଗର ଅଧିପତି ବୋଲି ଘୋଷଣା କରିଥିଲେ।

୧୯୫୪ ମସିହାରେ ଚିଲି ଦେଶର ଜଣେ ଆଇନଜୀବୀ ଜେନାର ଗାଜାର୍ଡୋ ଭେରା ଚନ୍ଦ୍ରର ମାଲିକ ବୋଲି ଘୋଷଣା କରି ଏହାର ରେଜିଷ୍ଟ୍ରି ଅଫିସ ଚିଲିର ଟାଲକାଠାରେ ଖୋଲିଥିଲେ। ୧୯୯୬ ମସିହାରେ ମାର୍ଟିନ ଜୁଏରଗେନ ନାମକ ଜଣେ ଜର୍ମାନୀ ନାଗରିକ ଦାବି କରିଥିଲେ ଯେ ଆକାଶର ଚନ୍ଦ୍ର ତାଙ୍କ ପରିବାରର ସମ୍ପତ୍ତି। ପ୍ରୁସିଆର ରାଜା ଫ୍ରେଡେରିକ ଦି ଗ୍ରେଟ ଚନ୍ଦ୍ରକୁ ଉପହାର ସ୍ୱରୂପ ତାଙ୍କ ପରିବାରକୁ ୧୭୫୬ ମସିହାରେ ଦେଇଥିଲେ ତାଙ୍କ ପୂର୍ବପୁରୁଷଙ୍କ ବିଶ୍ୱସ୍ତତା ପାଇଁ। ଏହାପୂର୍ବରୁ କାଲିଫର୍ଣ୍ଣିଆର ଜଣେ ଉଦ୍ୟୋଗପତି ଦେନିସ ହୋପ ୧୯୮୦ ମସିହାରେ 'ଲୁନାର ଏମ୍ବାସୀ କମିଶନ' ନାମକ ଏକ କମ୍ପାନୀ ଗଠନ କରି ଚନ୍ଦ୍ରର ଭୂମିକୁ ଏକର ପିଛା ୧୯.୯୫ ଡଲାରରୁ ୨୫ ଡଲାରରେ ବିକ୍ରୟ କରିଥିଲେ।

ବାସ୍ତବରେ ଆନ୍ତର୍ଜାତିକ ନିୟମ ଏହି ସମ୍ବନ୍ଧରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ମିଳିତ ଜାତିସଂଘ ଆନୁକୂଲ୍ୟରେ ଦୁଇଟି ଚୁକ୍ତି ଯଥା - ଆଉଟର ସ୍ପେସ ଟ୍ରିଟି -୧୯୬୭ ଏବଂ ମୁନ ଆଗ୍ରିମେଣ୍ଟ -୧୯୭୯ ସଭ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଛି। ଏହାଦ୍ୱାରା କୌଣସି ରାଷ୍ଟ୍ର ଗ୍ରହ, ଉପଗ୍ରହ କିମ୍ବା ଚନ୍ଦ୍ରକୁ ନିଜର ବୋଲି ଦାବି କରିପାରିବ ନାହିଁ। ଏହି ପରିପ୍ରେକ୍ଷୀରେ କୁହାଯାଇ ପାରେ ଯେ ଆମେରିକାର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କ ଘୋଷଣା - 'ଚନ୍ଦ୍ର ଆମେରିକାର' ଏକ ହାସ୍ୟାସ୍ପଦ ଚିନ୍ତାଧାରା ରୂପେ ସାରା ବିଶ୍ୱରେ ସମାଲୋଚିତ ହେବ।

(ଅବସରପ୍ରାପ୍ତ ଅଧ୍ୟକ୍ଷ)
ଭୁବନେଶ୍ୱର, ମୋ: ୯୪୩୭୬୪୪୩୪୧

## ଆକାଶ ଦୀପ

ଲୋକକଥାରେ ଲୋକଦେବତା

**ସ୍ୱପ୍ନେଶ୍ୱର**

ଦ୍ୱାପର ଯୁଗରେ ଲୀଳା ପୁରୁଷୋତ୍ତମ ଶ୍ରୀକୃଷ୍ଣଙ୍କ ବୃନ୍ଦାବନ ଲୀଳା ସମାପ୍ତିର ସମୟ ଆସି ପହଞ୍ଚିଲା। ଆଉ ଅଳ୍ପଦିନ ପରେ ତାଙ୍କୁ ଗୋପପୁର ଛାଡ଼ି ମଥୁରା ଯିବାକୁ ହେବ ଏବଂ ମାମୁ କଂସକୁ ନିଧନ କରି ଅଜା ଉଗ୍ରସେନଙ୍କୁ ରାଜ୍ୟ ଭାର ଅର୍ପଣ କରିବାକୁ ହେବ। ପୁଣି ତା'ର କିଛିଦିନ ପରେ ମଥୁରା ତ୍ୟାଗ କରି ତାଙ୍କୁ ଦ୍ୱାରକାରେ ରାଜ୍ୟ ସ୍ଥାପନ କରି ଜନ୍ମିତ ପିତାମାତା ଓ ଅଷ୍ଟପାଟରାଣୀଙ୍କ ସହ ଜୀବନ ଅତିବାହିତ କରିବାକୁ ଥିଲା। ସେ ସମୟରେ ଦୁଇଟି ବିଷୟ ତାଙ୍କୁ ଗଭୀର ଚିନ୍ତାଗ୍ରସ୍ତ କରୁଥିଲା। ପ୍ରଥମ, ପିତାମାତା ନନ୍ଦଯଶୋଦା ଓ ଗୋପୀଗୋପାଳମାନଙ୍କର ଅପାର ସ୍ନେହ ଓ ଶ୍ରଦ୍ଧା ପରିତ୍ୟାଗ କରି ଯିବାକୁ ହେବ। ଦ୍ୱିତୀୟ ଚିନ୍ତା ଥିଲା ଶ୍ରୀକୃଷ୍ଣଙ୍କ ସହ ସମ୍ପର୍କକୁ ନେଇ ରାଧା କଳଙ୍କିନୀ ଅପବାଦ ମୁଣ୍ଡେଇ ଗୋପଦାଣ୍ଡରେ ଲଜ୍ଜିତା ହେଉଥିଲେ ଏବଂ ଶାଶୂନଣନ୍ଦଙ୍କଠାରୁ ନାନା ଗଞ୍ଜଣା ଶୁଣୁଥିଲେ। ତେଣୁ ରାଧାଙ୍କୁ କଳଙ୍କମୁକ୍ତ କରିବା ଏବଂ କଳିଯୁଗରେ ତାଙ୍କ ସହ କିଛିକାଳ ଅବସ୍ଥାନ ପାଇଁ ସେ ଏକ ମାୟା ରଚନା କରି ଜ୍ୱର ଦେବତାଙ୍କୁ ନିଜ ଶରୀରକୁ ନିମନ୍ତ୍ରଣ କଲେ।

ଶ୍ରୀକୃଷ୍ଣଙ୍କ ଏବେ ଶଯ୍ୟାଶାୟୀ ହେଲେ। ଯେତେ ଯାହା ଉପଚାର କଲେ ମଧ୍ୟ ଜ୍ୱର ଭଲ ହେଲା ନାହିଁ। ଶ୍ରୀକୃଷ୍ଣ ମାଆଙ୍କୁ କହିଲେ- 'ମାଆ! ମୋର ଜ୍ୱର ଉପଶମ ପାଇଁ ତମେମାନେ ଅନେକ ଉପାୟ କଲଣି। କୋଉଥିରେ କିଛି ଫଳ ହେଉ ନାହିଁ। ମୋତେ ଗୋଟେ ଉପାୟ ଦେଖାଯାଉଛି। ରାଜି ହେବ ଯଦି କହିବି।' ମାତା ଯଶୋଦା ରାଜି ହେବାରୁ କାହ୍ନା କହିଲେ- 'କୁମ୍ଭାରକୁ କହି ଗୋଟେ ମାଠିଆ ଗଢ଼ିବ, ଯେଉଁଥିରେ ଅନେକ କଣା ଥିବ। ସେ ମାଠିଆରେ ଜଣେ ଗୋପୀ ଯମୁନାରୁ ଜଳ ଆଣିବ। ସେ ଜଳପାନ କଲେ ମୋ ଜ୍ୱର ଭଲ ହେବ। ଯେଉଁ ନାରୀ ଦେହରେ କଳଙ୍କ ନ ଥିବ, ସେ ମାଠିଆ କଣା ହେଲେ ମଧ୍ୟ ସେଥିରେ ପାଣି ପାରିବ। ଆମ ଗୋପପୁରରେ ସେପରି ନାରୀ ଅଛନ୍ତି।'

ଶ୍ରୀକୃଷ୍ଣଙ୍କ ଇଚ୍ଛା ଅନୁଯାୟୀ କୁମ୍ଭାରକୁ ବରାଦ କରି ଅନେକ ଛିଦ୍ର ଥିବା ଏକ ମାଠିଆ ଗଢ଼ାଗଲା। ଗୋପୀମାନେ ଜଣ ଜଣ କରି ସେ ମାଠିଆରେ ଯମୁନାରୁ ଜଳ ଆଣିବାକୁ ଚେଷ୍ଟା କଲେ, କିନ୍ତୁ ସଫଳ ହେଲେ ନାହିଁ। ଶେଷରେ ରାଧା ଏ ଖବର ପାଇ ବରଷାଣାରୁ ଆସି ପହଞ୍ଚିଲେ। ସେ ନନ୍ଦଙ୍କ ଘରୁ କଣା ମାଠିଆକୁ ନେଇ ଯମୁନାକୁ ଚାଲିଗଲେ। ଯମୁନା ନଦୀରେ ସେ ମାଠିଆଟାକୁ ବୁଡ଼େଇଲା ମାତ୍ରେ ମାୟାଧର କୃଷ୍ଣ ମାୟା କରି ମାଠିଆର କଣାମାନଙ୍କୁ ରୁନ୍ଧି ଦେଲେ। ରାଧା ମାଠିଆରେ ଜଳ ଧରି ନନ୍ଦଙ୍କ ଘରେ ପହଞ୍ଚିଲେ। ମାଠିଆର ପାଣି ପିଇବାର ଅଳ୍ପ ସମୟପରେ କୃଷ୍ଣଙ୍କ ଜ୍ୱର ପୂରା ଛାଡ଼ିଗଲା।

କାହ୍ନୁ ସୁସ୍ଥ ହେବା ପରେ ଗୋପବାସୀ ଯେ ଯାହା ଘରକୁ ବାହୁଡ଼ି ଗଲେ। ମାତା ଯଶୋଦା ଏବଂ ନନ୍ଦ ରାଜା ମଧ୍ୟ ନିଜ ନିଜ କାମରେ ଚାଲିଗଲେ। କାହ୍ନୁଙ୍କ ପାଖରେ ଥିଲେ କେବଳ ରାଧା। ତାଙ୍କ ମନରେ ସରସତା ନ ଥିଲା। ସେ ଜାଣିଥିଲେ ଯେ ତାଙ୍କର ପ୍ରାଣପ୍ରିୟ କାହ୍ନା ଆଉ କିଛିଦିନ ପରେ ଗୋପପୁର ଛାଡ଼ି ଚାଲିଯିବେ। ଅନ୍ତର୍ଯ୍ୟାମୀ ଶ୍ରୀକୃଷ୍ଣ ରାଧାଙ୍କ ମନର କଥା ଓ ଅନ୍ତରର ବ୍ୟଥା ବୁଝି ପାରୁଥିଲେ। ସେ ଧୀର ମଧୁର ସ୍ୱରରେ କହିଲେ- 'ରାଧେ! ଆଉ କିଛିଦିନ ପରେ ମୋର ଗୋପଲୀଳା ସମାପ୍ତ ହେବ। ତା' ପରେ ତୁମ ଅନୁପସ୍ଥିତିରେ ମୋର ଦ୍ୱାରକା ଲୀଳା ରଚନା ବିଧିନିର୍ଦ୍ଦିଷ୍ଟ। ତା' ପୂର୍ବରୁ ମୁଁ ତୁମକୁ କଳଙ୍କମୁକ୍ତ କରି ପରମସନ୍ତୋଷ ଲାଭ କରିଛି। କେବଳ ସେହି ଉଦ୍ଦେଶ୍ୟରେ ମୁଁ ଜ୍ୱର ଦେବତାଙ୍କୁ ମୋ ଶରୀରକୁ ଆବାହନ କରିଥିଲି ଏବଂ କଣା ମାଠିଆରେ ପାଣି ଆଣିବାର ନାଟକ ରଚନା କରିଥିଲି। ଦ୍ୱାରକା ଲୀଳା ପରେ ମୁଁ କଳିଯୁଗରେ ନୀଳାଚଳରେ ଜଗନ୍ନାଥ ନାମ ନେଇ ଦାରୁ ସ୍ୱରୂପରେ ଆରାଧିତ ହେବି। ଆଶ୍ୱିନ ମାସର ଶେଷ ପାଞ୍ଚଦିନ ଓ କାର୍ତ୍ତିକ ମାସର ପ୍ରଥମ ପଚିଶ ଦିନ ମହାକାର୍ତ୍ତିକ ଭାବେ ବିଦିତ ହେବ। ସେ ସମୟରେ ଆମେ ଦୁହେଁ ରାଧାଦାମୋଦର ରୂପେ ଏକତ୍ର ପୂଜା ପାଇବା। ଗୋପୀମାନେ ହବିଷ୍ୟାଳୀରୂପେ ଜଗନ୍ନାଥଙ୍କୁ ରାଧାଦାମୋଦର ରୂପେ ପୂଜା କରିବେ। ପ୍ରତିଦିନ ସକାଳେ ସେମାନେ ଆମକୁ ଆରାଧନା କରିବେ ଏବଂ ସନ୍ଧ୍ୟାରେ ଦେବତା ଓ ପିତୃଲୋକମାନଙ୍କ ଉଦ୍ଦେଶ୍ୟରେ ଆକାଶ ଦୀପ ଦାନ କରିବେ। ମୋତେ ରୋଗମୁକ୍ତ କରିବା ପାଇଁ ଯେଉଁ କଣା ମାଠିଆରେ ତୁମେ ପାଣି ଆଣିଥିଲ, ଆକାଶ ଦୀପ ସେହି କଣା ମାଠିଆରେ ସ୍ଥାନିତ ହେବ। ବାଉଁଶରେ ନିର୍ମିତ ମୋର ମୋହନ ବଂଶୀ ତୁମ ସହ ମୋର ସଂପର୍କର ସେତୁ ଥିଲା। କଳିଯୁଗରେ ବଂଶୀ ଏକ ଲମ୍ବ ବାଉଁଶର ସ୍ୱରୂପ ଧାରଣ କରିବ। ସେହି ବାଉଁଶରେ ଏକ ରଶି ଲଗାଇ କଣା ମାଠିଆରେ ଥିବା ଦୀପକୁ ଆକାଶକୁ ଉଠାଯିବ।' କଳିଯୁଗରେ କାର୍ତ୍ତିକ ମାସରେ ଘରେ ଘରେ ଆକାଶ ଦୀପ ପରମ୍ପରା ଚଳି ଆସୁଛି।

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବିଧାୟକ 'ସିଦ୍ଧାନ୍ତ' ହଟହଟା

ବ୍ରହ୍ମପୁର/କୁକୁଡ଼ାଖଣ୍ଡି,୧୫।୯(ସମିସ): ସଦର ଥାନା ଅନ୍ତର୍ଗତ କୁକୁଡ଼ାଖଣ୍ଡି ଦାସ ସାହିରେ ସୋମବାର ସନ୍ଧ୍ୟାରେ ଘଟିଥିବା ବୋମାମାଡ଼ ଘଟଣାକୁ ନେଇ ଏବେ ବି ଚାପା ଉତ୍ତେଜନା ଲାଗିରହିଛି। ଘଟଣା ପରେ ସାହିବାସିନ୍ଦାଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ଦେଖାଦେଇଥିବା ବେଳେ ସୁରକ୍ଷାକୁ ନେଇ ପୁଲିସ ଓ ଜନପ୍ରତିନିଧିଙ୍କୁ ବିଭିନ୍ନ ପ୍ରଶ୍ନ



କରିଛନ୍ତି ଅଞ୍ଚଳବାସୀ। ସମସ୍ୟାର ସମାଧାନ ପାଇଁ ମଙ୍ଗଳବାର ଦିଗପହଣ୍ଡି ବିଧାୟକ ଡ଼. ସିଦ୍ଧାନ୍ତ ମହାପାତ୍ର, ସଦର ଏସ୍‌ଡିପିଓ ଏସ୍.ଏସ୍. ପରିଡ଼ା, ସଦର ଥାନା ଅଧିକାରୀ ସୁଚିତ୍ରା ପରିଡ଼ା, ସରପଞ୍ଚ ବନ୍ଦନା ସେଠୀ ଓ ସମିତି ସଭ୍ୟ ଅଶୋକ ଦାସ ଘଟଣା ସ୍ଥଳରେ ପହଞ୍ଚିଥିଲେ। ସାହି ମୁଖିଆ ଓ ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ବସ୍ତିବାସିନ୍ଦାଙ୍କ ସହ ସୁରକ୍ଷା ଓ ଘଟଣାର ସମାଧାନ ନେଇ ଆଲୋଚନା ହୋଇଥିଲା। ସୂଚନା ପ୍ରକାରେ, ବୋମାମାଡ଼ ପରେ ସାହିବାସିନ୍ଦା ଦୁଇ ଯୁବକଙ୍କୁ କାବୁ କରି ପ୍ରାୟ ୧୦ଘଣ୍ଟା ଧରି ଅଟକ ରଖିଥିଲେ। ଖବର ପାଇ ସଦର ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ ହେଁ ପରିସ୍ଥିତି ଜଟିଳ ହେବାରୁ ଅତିରିକ୍ତ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଜଣେ ଆହତ ଯୁବକଙ୍କୁ ଚିକିତ୍ସା ପାଇଁ ମେଡିକାଲ ପଠାଯାଇଥିବା ବେଳେ ଅନ୍ୟଜଣଙ୍କୁ ପୁଲିସ କୌଶଳକ୍ରମେ ମଧ୍ୟରାତ୍ରିରେ ଉଦ୍ଧାର କରିଥିବା ଜଣାପଡ଼ିଛି। ବିଧାୟକ ବସ୍ତିବାସିନ୍ଦାଙ୍କ ସୁରକ୍ଷା ପାଇଁ ସିସିଟିଭି କ୍ୟାମେରା ଲଗାଇବା ସହ ଅପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଗ୍ୟାଙ୍ଗକୁ ଧରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଏଥିରେ

- ଢିଲା ସୁରକ୍ଷା ଓ ଡ୍ରଗ୍ସ କାରବାର ନେଇ ବିଧାୟକଙ୍କ ସନ୍ଦେହ
- ପୁଲିସ କବଜାରେ ମୁଖ୍ୟ ଅଭିଯୁକ୍ତ କାଳିଆ ସାହୁ

ଉତ୍ୟକ୍ତ ଅଞ୍ଚଳବାସୀଙ୍କ ଅସନ୍ତୋଷ ଥମିନଥିଲା। କାମଧନ୍ଦା ପାଇଁ ଅଞ୍ଚଳ ବାହାରକୁ ଯାଉଥିବା ଶ୍ରମିକ ପରିବାରଗୁଡ଼ିକ ନିଜ ସୁରକ୍ଷାକୁ ନେଇ ଭୟଭିତ ଥିବା କହିଛନ୍ତି। ଘଟଣାରେ କାଳିଆସାହୁ ଓ ତାଙ୍କ ଗ୍ୟାଙ୍ଗକୁ ଗିରଫ କରି ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରି ସାହିବାସିନ୍ଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ, ବୋମାମାଡ଼ ଘଟଣା ପଛରେ 'ଡ୍ରଗ୍ସ' କାରବାର ଥାଇପାରେ ବୋଲି ବିଧାୟକ ଡ଼. ସିଦ୍ଧାନ୍ତ ମହାପାତ୍ର ସନ୍ଦେହ ପ୍ରକାଶ କରିଛନ୍ତି। ଇତିମଧ୍ୟରେ ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା 'କାଳିଆ ସାହୁ' ବର୍ତ୍ତମାନ ପୁଲିସ କବଜାରେ ଥିବା ଜଣାପଡ଼ିଛି। ତାଙ୍କୁ ପଚରାଉଚରା କରାଯାଇ ଘଟଣା ପଛର ପ୍ରକୃତ କାରଣ, ବୋମାମାଡ଼ରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ଏବଂ ଡ୍ରଗ୍ସ କାରବାର ସହ ଏହାର କିଛି ସମ୍ପର୍କ ରହିଛି କି ନାହିଁ, ସେନେଇ ପୁଲିସ ତଦନ୍ତ ଜାରି ରଖିଛି।

# ସେକ୍ସ ରାକେଟ ଠାବ: ୨ ଦେହଜୀବୀଙ୍କ ସହ ଗ୍ରାହକ ଅଟକ

ଅନୁଗୋଳ,୧୫।୯(ସମିସ): ଅନୁଗୋଳ ସହରରେ ସେକ୍ସ ରାକେଟ ଠାବ ହୋଇଛି। ଅନୁଗୋଳ ପୁରୁଣା ବସଷ୍ଟାଣ୍ଡ ପାଖ ଅମଲାପଡ଼ାର ଏକ ଘରୁ୨ ଦେହଜୀବୀ ଧରାପଡ଼ିଥିବାବେଳେ ୨ ଗରାଖଙ୍କୁ ମଧ୍ୟ ଅଟକ ରଖାଯାଇଛି। ଅମଲାପଡାର ରାଜେଶ ସ୍ୱାଇଁ ନିଜ ଘରେ ଏହି ସେକ୍ସ ରାକେଟ ଚଳାଇଥିବା ଖବର ପାଇ ଅନୁଗୋଳ ସ୍ପେଶାଲ



ସ୍କ୍ୱାର୍ଡ ପୁଲିସ ପାଇ ଚଢ଼ଉ କରିଥିଲା। ଦୀର୍ଘ ଦିନ ହେବ ଏହି ରାକେଟ୍ ଚାଲିଥିଲା। ସ୍ପେଶାଲ୍ ସ୍କ୍ୱାର୍ଡ ଏବଂ ଅନୁଗୋଳ ପୁଲିସ ରାଜେଶ୍ ସ୍ୱାଇଁଙ୍କ ଘରେ ଆଜି ସନ୍ଧ୍ୟାରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ଦୁଇ ମହିଳା ଓ ଦୁଇଜଣ ଗ୍ରାହକ ଧରାପଡ଼ିଛନ୍ତି। ଏହା ସହିତ ବହୁ ଆପତ୍ତିଜନକ ସାମଗ୍ରୀ ଜବତ ହୋଇଛି। ପୁଲିସ ଏମାନଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଥିବା ପୁଲିସ ସୂତ୍ରରୁ ପ୍ରକାଶ।

# ନୂଆଁଖାଇରେ ଉତ୍ସବମୁଖର ପଶ୍ଚିମ ଓଡ଼ିଶା

**ସମ୍ବଲପୁର,୧୫।୯(ସମିସ):** ପଶ୍ଚିମ ଓଡ଼ିଶାର ଗଣପର୍ବ 'ନୂଆଁଖାଇ'। ମଙ୍ଗଳବାର ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ନିର୍ଦ୍ଧାରିତ ଲଗ୍ନରେ ଇଷ୍ଟ ଦେବାଦେବୀଙ୍କଠାରେ ନୂଆଁ ଲାଗିକରି ଅଞ୍ଚଳବାସୀ ନୂଆଁ ଖାଇଛନ୍ତି। ସମଗ୍ର ପଶ୍ଚିମ ଓଡ଼ିଶାରେ ଉତ୍ସାହ ଓ ଉଦ୍ଦୀପନାର ଭରି ରହିଛି। ପଶ୍ଚିମ ଓଡ଼ିଶାର ଘରେ ଘରେ ପରିବାର ସଦସ୍ୟଙ୍କ ଭିଡ଼ ସହ ନୂଆଁ ଖାଇବାପରେ ବଡ଼ମାନଙ୍କୁ ମୁଣ୍ଡିଆମାରି ଜୁହାର ଭେଟ୍ ହୋଇଛନ୍ତି। ମା' ସମଲେଶ୍ୱରୀଙ୍କ ମୂଳପୀଠ ସମ୍ବଲପୁରଠାରେ ନବାନ୍ନ ଲାଗି ହୋଇଥିବାବେଳେ ସୁବର୍ଣ୍ଣପୁରରେ ମା' ସୁରେଶ୍ୱରୀ, ବଲାଙ୍ଗୀରରେ ମା' ସମଲେଶ୍ୱରୀ ଓ ମା' ପାଟଣେଶ୍ୱରୀ, ବୌଦ୍ଧରେ ମା' ଭୈରବୀ, କଳାହାଣ୍ଡିରେ ମା' ମାଣିକେଶ୍ୱରୀ, ସୁନ୍ଦରଗଡ଼ରେ ମା' ସମଲେଶ୍ୱରୀ ପୀଠରେ ନବାନ୍ନ ଲାଗି ହୋଇଯାଇଛି। ଗ୍ରାମାଞ୍ଚଳରେ ଚାଷୀମାନେ କ୍ଷେତରେ ପୂଜାର୍ଚ୍ଚନା କରି ଧରତୀ ମା'ଙ୍କୁ କ୍ଷୀର ଅର୍ପଣ କରିଥାନ୍ତି, ଏହାକୁ 'ଗୁରସ୍ ରୁକା' କୁହାଯାଏ। ରାଖି ପିନ୍ଧାଇବା ମଧ୍ୟ ନୂଆଁଖାଇରେ ହୋଇଥାଏ। ଏହାପରେ ଗ୍ରାମାଞ୍ଚଳରେ ଅନେକ ସ୍ଥାନରେ ଗାଁର ସମସ୍ତ ପରିବାର ଏକାଠି ବସି ନବାନ୍ନ ଭକ୍ଷଣ କରିଥିବା ସୂଚନା ମିଳିଛି।

ସମ୍ବଲପୁରର ସମଲେଇ ପୀଠରେ ଆଜି ଭୋର୍ ୫ଟାବେଳୁ ଆରମ୍ଭ ହୋଇଯାଇଥିଲା ରୀତିନୀତି। ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କୁ ସ୍ନାନାଦି ସମ୍ପନ୍ନ କରାଯାଇ ଅଳଙ୍କାର, ନବବସ୍ତ୍ରରେ ବେଶଭୂଷା ପରେ ଗମ୍ଭୀରା ଓ ପାଶ୍ୱର୍ ଦେବାଦେବୀଙ୍କଠାରେ ପୂଜକମାନେ ଝୋଟି ଦେଇଥିଲେ। ପୂର୍ବାହ୍ନ ପ୍ରାୟ ୯ଟା ସମୟରେ ୪ ଜଣ ପୂଜକ ପରିବାର ସହିତ ବେହେରା ପରିବାରରୁ ନବାନ୍ନ ଭୋଗ ଓ ପିଠାପଣା ଆସିଥିଲା। ନିର୍ଦ୍ଧାରିତ ଲଗ୍ନ ୯ଟା ୪୦ ମିନିଟ୍‌ରୁ ୯ଟା ୫୪ ମିନିଟ ମଧ୍ୟରେ ନୂଆ ଚାଉଳ, କ୍ଷୀରି, ପିଠା ଆଦି ଭୋଗଲାଗି ହୋଇଥିଲା। ଏହାପରେ ପରମ୍ପରା ଅନୁଯାୟୀ ୧୧୫ ପାଶ୍ୱର୍ ଦେବାଦେବୀ ଏବଂ ତିନୋଟି ମନ୍ଦିରରେ ନବାନ୍ନ ଲାଗି କରାଯାଇଥିଲା। ନବାନ୍ନ ଲାଗି ପରେ ମା' ସମଲେଶ୍ୱରୀଙ୍କ



ମଙ୍ଗଳ ଆଳତୀ ହୋଇଥିଲା। ଏହାପରେ ବହୁସଂଖ୍ୟାରେ ଅପେକ୍ଷା କରି ରହିଥିବା ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନ କରିଥିଲେ। ପୂର୍ବାହ୍ଣ ୧୧ଟା ୪୫ ମିନିଟ୍‌ଠାରୁ ମା'ଙ୍କ ଅନ୍ନଭୋଗ ସକାଶେ ଦର୍ଶନ ବନ୍ଦ ରହିଥିବାବେଳେ ଏହାପରେ ପୁଣି ଶ୍ରଦ୍ଧାଳୁମାନେ ମା'ଙ୍କୁ ଦର୍ଶନ କରିଥିଲେ। ମା' ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗି ହେବାପରେ ସମ୍ବଲପୁର ତଥା ଆଖପାଖ ଅଞ୍ଚଳରେ ଘରେ ଘରେ ଗୃହଦେବୀ ଓ ଇଷ୍ଟଦେବୀଙ୍କଠାରେ ନବାନ୍ନ ଲାଗିକରି ଲୋକେ ନବାନ୍ନ ଭକ୍ଷଣ କରିଥିଲେ। ନୂଆଁ ଖାଇବାପରେ ଘରର ଦେବାଦେବୀଙ୍କୁ ମୁଣ୍ଡିଆ ମାରିବାସହ ନିଜଠାରୁ ବଡ଼ମାନଙ୍କୁ ମୁଣ୍ଡିଆ ମାରିବା ପ୍ରଥା ରହିଛି, ଏହାକୁ ଜୁହାର୍ ଭେଟ୍ କୁହାଯାଏ। ସମସ୍ତେ ନିଜଠାରୁ ବଡ଼ମାନଙ୍କୁ ମୁଣ୍ଡିଆମାରି ଆଶୀର୍ବାଦ ଭିକ୍ଷା କରିଥିଲେ।

ଆଜି ଅପରାହ୍ଣରୁ ପଶ୍ଚିମ ଓଡ଼ିଶାରେ ବିଭିନ୍ନ ସ୍ଥାନରେ ଆୟୋଜିତ ହୋଇଥିଲା 'ନୂଆଁଖାଇ ଭେଟ୍‌ଘାଟ୍' କାର୍ଯ୍ୟକ୍ରମ। ସମ୍ବଲପୁରୀ କବିତା ପାଠୋତ୍ସବଠାରୁ ଆରମ୍ଭ କରି ଗୀତ, ନୃତ୍ୟ, ଏକକ ଅଭିନୟ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ଜନପ୍ରତିନିଧି ତଥା ବିଶିଷ୍ଟ ଅତିଥିମାନେ ଯୋଗ ଦେଇଥିବାବେଳେ ଅଞ୍ଚଳର ବହୁମୁଖୀ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନରେ ସୁବିଧା ଦାବି**

# ୧୬୮ ଦିନରେ ପୁରୀବାସୀଙ୍କ ପଦଯାତ୍ରା

ପୁରୀ,୧୫।୯(ସମିସ): ପୁରୀବାସୀଙ୍କ ପାଇଁ ଶ୍ରୀମନ୍ଦିରେ ସୁବିଧାଜନକ ସ୍ଥାୟୀ ପ୍ରବେଶ ଓ ଦର୍ଶନ ବ୍ୟବସ୍ଥା ଦାବିରେ ଚାଲିଥିବା ଅହିଂସାପୂର୍ଣ୍ଣ ପଦଯାତ୍ରା ମଙ୍ଗଳବାର ୧୬୮ ଦିନରେ ପହଞ୍ଚିଛି। ଦୀର୍ଘ ଦିନ ଧରି ଜାରି ରହିଥିବା ଏହି ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ ଏବେ କେବଳ ଏକ ଦାବି ନୁହେଁ ବରଂ ପୁରୀବାସୀଙ୍କ ଭାବନା, ଆସ୍ଥା ଓ ନିରନ୍ତର ସଂକଳ୍ପର ସ୍ୱର ହୋଇଉଠିଛି। ପ୍ରତିଦିନ ଭକ୍ତ ସାଲବେଗ ପୀଠରୁ ଆରମ୍ଭ ହେଉଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ଅଭିମୁଖେ ଯାଇ ପତିତପାବନଙ୍କ ଦର୍ଶନ କରିବା ସହ ପୁରୀବାସୀଙ୍କ ଦାବି ଶୀଘ୍ର ବିଚାର କରି ସ୍ଥାୟୀ ସମାଧାନ ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା



କରାଯାଉଛି। ପଦଯାତ୍ରାର ଆବାହକ ସ୍ୱାଧୀନ ପଣ୍ଡା କହିଛନ୍ତି, ଏହି ପ୍ରୟାସ କୌଣସି ଦଳୀୟ ରାଜନୀତି ସହ ଜଡ଼ିତ ନୁହେଁ। ପୁରୀବାସୀଙ୍କ ହକ୍‌କୁ ଶାନ୍ତିପୂର୍ଣ୍ଣ ଭାବେ ସରକାରଙ୍କ ନିକଟରେ ପହଞ୍ଚାଇବା ହିଁ ଲକ୍ଷ୍ୟ। ସରକାର ପୁରୀବାସୀଙ୍କ ପ୍ରତିନିଧିଙ୍କ ସହ ଆଲୋଚନା କରି ଏକ ଦୀର୍ଘସ୍ଥାୟୀ ବ୍ୟବସ୍ଥା ନିର୍ଦ୍ଧାରଣ କରନ୍ତୁ ବୋଲି ସେ କହିଛନ୍ତି। ସତ୍ୟାଗ୍ରହୀମାନେ କହିଛନ୍ତି, ଏକ ସ୍ପଷ୍ଟ, ସମ୍ମାନଜନକ ଓ ସ୍ଥାୟୀ ବ୍ୟବସ୍ଥା ଘୋଷଣା ନ ହେବା ପର୍ଯ୍ୟନ୍ତ ଏହି ପଦଯାତ୍ରା ଜାରି ରହିବ। ତେବେ ମଙ୍ଗଳବାର ପଦଯାତ୍ରାରେ ସର୍ବଶ୍ରୀ ହରିଶଙ୍କର ମିଶ୍ର, ବିଶ୍ୱନାଥ ମିଶ୍ର, ଚକ୍ରଧର ମହାପାତ୍ର, ସୁକାନ୍ତ ପଣ୍ଡା, ନୃସିଂହନାଥ ନାୟକ, ସନ୍ତୋଷ ସେନାପତି, କାହ୍ନୁଚରଣ ପ୍ରଧାନ, ଅଞ୍ଜୁବାଳା ମହାନ୍ତି, ଶାଳିନୀ ପ୍ରଧାନ, ଶୁଭଶ୍ରୀ ମହାରଣା, ମନୀଷା ପାତ୍ର, ପୂଜା ଦାସ, ସିଲା କିନ୍ନର, ରିୟା କିନ୍ନର, ବୈଶାଳୀ ପ୍ରଧାନ, ରିତିକା ପ୍ରଧାନ, ସୌମ୍ୟା ସାହୁ, ମମତା ସ୍ୱାଇଁ, ଯାଦବାନନ୍ଦ ରାୟ, ଶିଶିରକାନ୍ତ ଶତପଥୀ, ମନୋରଞ୍ଜନ ରଣସିଂହ, ପ୍ରକାଶ ଚନ୍ଦ୍ର ନାୟକ, ଲିଙ୍ଗରାଜ ସାହୁ, ବରୁଣ ମହାପାତ୍ର, ରମେଶ ଚନ୍ଦ୍ର ମହାନ୍ତି, ସୁବାଷ ପଟ୍ଟନାୟକ, ବାପିନାସାମନ୍ତରାୟ, କାଶୀନାଥସାହୁ ଓ ମାନସ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପୁଣି ଏମ୍‌କେସିଜିରେ...

ବିଭାଗରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବା ପାଇଁ ପ୍ରାୟ ଏକ ବର୍ଷ ପୂର୍ବେ ଲକ୍ଷାଧିକ ଟଙ୍କା ଆସିଥିବା ସତ୍ତ୍ୱେ ଏଯାଏଁ ଏହା କାର୍ଯ୍ୟକାରୀ ହୋଇନଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ ପୂର୍ତ୍ତ ବିଭାଗ ଅଧିନରେ ଥିବା ଜିଇଡି (ସାଧାରଣ ବିଦ୍ୟୁତ ବିଭାଗ)ର ଅବହେଳା ଓ ଦାୟିତ୍ୱହୀନତା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଦାୟିତ୍ୱରେ ଅବହେଳା ଅଭିଯୋଗ ଥିବା ସତ୍ତ୍ୱେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନାହିଁ, ତାହା ମଧ୍ୟ ସନ୍ଦେହ ସୃଷ୍ଟି କରିଛି। ଏମକେସିଜି ମେଡ଼ିକାଲର ଅନେକ କୋଠାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବା ନେଇ ଦକ୍ଷିଣାଞ୍ଚଳ ଉପଅଗ୍ନିଶମ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମାରାଣ୍ଡି ମଧ୍ୟ ଚିନ୍ତା ପ୍ରକାଶ କରିଛନ୍ତି। ଏ ନେଇ ମେଡିକାଲ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଥିବା ସେ କହିଛନ୍ତି। ବାରମ୍ବାର ଅଗ୍ନିକାଣ୍ଡ, ଅଗ୍ନିଶମ ବିଭାଗର ଚେତାବନୀ ଓ ଅଗ୍ନି ନିରାପତ୍ତା ପାଇଁ ଅର୍ଥ ମଞ୍ଜୁର ସତ୍ତ୍ୱେ ବ୍ୟବସ୍ଥା କାର୍ଯ୍ୟକାରୀ ନହେବା ଏସବୁ ଘଟଣା ମେଡିକାଲର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଉପରେ ଗୁରୁତର ପ୍ରଶ୍ନଚିହ୍ନ ଲଗାଇଛି। ଅନ୍ୟପକ୍ଷରେ ନିଆଁ ଲାଗିଥିବା ଘଟଣାକୁ ନେଇ ଏମକେସିଜି ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ସୁଦୀପା ଦାଶଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ କିଛି ନକହିବାକୁ ଡିଏମଇଟି (ଚିକିତ୍ସା ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ) ପକ୍ଷରୁ ତାଙ୍କୁ ନିର୍ଦ୍ଦେଶ ଥିବା ଡ଼ା. ଦାଶ କହିଛନ୍ତି।

## ୨୦୦୦ ଟଙ୍କାରୁ ଅଧିକ...

ରେଳବାଇ ଏବଂ ଇନ୍ଧନ ଭଳି ନିର୍ଦ୍ଦିଷ୍ଟ ବର୍ଗରେ ୨୦୦୦ ଟଙ୍କା ରୁ ଅଧିକ କାରବାର ପାଇଁ ୫ ଟଙ୍କାର ଏକ ସ୍ଥିର ଶୁଳ୍କ ନିଆଯିବ ଏବଂ ଅନ୍ୟାନ୍ୟ ଉଚ୍ଚ-ମୂଲ୍ୟର ପି-ଟୁ-ଏମ୍ କାରବାର ପାଇଁ ୦.୪% ଶୁଳ୍କ ନିଆଯିବ।

ନୂଆ ନିୟମରେ କୁହାଯାଇଛି ଯେ, ୨୦୦୦ ଟଙ୍କାରୁ କମ୍ ପେମେଣ୍ଟ ଗ୍ରହଣ କରୁଥିବା ବ୍ୟବସାୟୀଙ୍କୁ କୌଣସି ଚାର୍ଜ ଦେବାକୁ ପଡ଼ିବନାହିଁ। କାରଣ ଦେଶରେ ମୋଟ ବ୍ୟବସାୟୀ ସଂଖ୍ୟାର ୯୫ ପ୍ରତିଶତ ହେଉଛନ୍ତି ଏହି ବର୍ଗର। ଏହାର ଅର୍ଥ ହେଉଛି କେବଳ ୫ ପ୍ରତିଶତ ମର୍ଚାଣ୍ଟ ବ୍ୟବସାୟୀଙ୍କୁ ଏହି ଚାର୍ଜ ଦେବାକୁ ପଡ଼ିବ।। ସରକାରଙ୍କ ଏହି ପଦକ୍ଷେପ ଅଧୀନରେ ଛୋଟ ଭେଣ୍ଡର ଏବଂ ଟାୟାର-୩ ବଜାର ପାଇଁ ଡିଜିଟାଲ୍ ପେମେଣ୍ଟ ଇନଫ୍ରାଷ୍ଟ୍ରକ୍ଚରକୁ ଅପଗ୍ରେଡ୍ କରିବା ପାଇଁ ଏକ ସ୍ୱତନ୍ତ୍ର ଫଣ୍ଡ ମଧ୍ୟ ତିଆରି କରାଯିବ।

## କଂଗ୍ରେସରେ ବଡ଼...

ଉପସ୍ଥିତିକୁ ନୁହେଁ; ପ୍ରତ୍ୟେକ ସଚିବଙ୍କୁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଦାୟିତ୍ୱ ଦେବାର ଯୋଜନା ରହିଛି। ରାଜ୍ୟ ସଂଗଠନର ସ୍ଥିତି ସମ୍ପର୍କରେ କେନ୍ଦ୍ରୀୟ ନେତୃତ୍ୱକୁ ନିୟମିତ ଅବଗତ କରିବା, ତଳସ୍ତରର କର୍ମୀଙ୍କ ସହ ସମନ୍ୱୟ, ସାଂଗଠନିକ ବିସ୍ତାର ଓ ନିର୍ବାଚନୀ ପ୍ରସ୍ତୁତିକୁ ଆଗେଇ ନେବା ସେମାନଙ୍କ ପ୍ରମୁଖ ଦାୟିତ୍ୱ ହେବ। ଏହି ପରିପ୍ରେକ୍ଷୀରେ କଂଗ୍ରେସ ଏବେ ଦଳରେ ପଦ ଅପେକ୍ଷା କାର୍ଯ୍ୟଦକ୍ଷତାକୁ ଅଧିକ ଗୁରୁତ୍ୱ ଦେଉଥିବା ମନେ ହେଉଛି ।କଂଗ୍ରେସର 'ସଂଗଠନ ସୃଜନ ଅଭିଯାନ'ର ପରବର୍ତ୍ତୀ ପର୍ଯ୍ୟାୟରେ ଜିଲ୍ଲା, ମଣ୍ଡଳ ଓ ବ୍ଲକ୍ ସ୍ତରରେ ଦଳର ନେତୃତ୍ୱ ନେଉଥିବା ପଦାଧିକାରୀଙ୍କ କାର୍ଯ୍ୟର ସମୀକ୍ଷା କରାଯିବ। ଦଳୀୟ ସୂତ୍ର ଅନୁସାରେ, ଜିଲ୍ଲା ସଭାପତିମାନଙ୍କ କାର୍ଯ୍ୟଦକ୍ଷତାକୁ 'ଏ', 'ବି' ଓ 'ସି' ଶ୍ରେଣୀରେ ବିଭକ୍ତ କରିବାର ଯୋଜନା ରହିଛି।

ଯେଉଁ ଜିଲ୍ଲା ସଭାପତିଙ୍କ କାର୍ଯ୍ୟ ସନ୍ତୋଷଜନକ ନୁହେଁ ବୋଲି ଦଳୀୟ ସମୀକ୍ଷାରେ ଜଣାପଡ଼ିବ, ସେମାନଙ୍କୁ ନୋଟିସ ଦିଆଯାଇ ଥରେ ସୁଯୋଗ ଦିଆଯିବ। ଏହାପରେ ସେମାନଙ୍କ ଦକ୍ଷତାରେ ଉନ୍ନତି ନ ଘଟିଲେ ନୂତନ ସଭାପତି ନିଯୁକ୍ତି ଦିଆଯିବ। ଏହିକ୍ରମରେ କଂଗ୍ରେସ ମହାସଚିବ କେ.ସି. ବେଣୁଗୋପାଳ ବିହାରରେ ମଣ୍ଡଳ ଓ ବ୍ଲକ୍ ସଭାପତିମାନଙ୍କ କାର୍ଯ୍ୟର ସମୀକ୍ଷା କରୁଛନ୍ତି ଏବଂ ଗୁଜରାଟରେ ପ୍ରଭାରୀ ରଣଦୀପ ସିଂହ ସୁର୍ଜେୱାଲା ନିଜ କାର୍ଯ୍ୟ ଆରମ୍ଭ କରିଛନ୍ତି। ଉତ୍ତରପ୍ରଦେଶରେ ମଧ୍ୟ ସଂଗଠନ ପୁନର୍ଗଠନ ପ୍ରକ୍ରିୟା ଜାରି ରହିଛି। ନୂଆ ଜିଲ୍ଲା ସଭାପତି ନିଯୁକ୍ତି ସହ ବିଭିନ୍ନ ସ୍ତରରେ ନୂଆ କମିଟି ଗଠନ ପାଇଁ ପ୍ରସ୍ତୁତି ଚାଲିଛି। କଂଗ୍ରେସର ଏହି ସମଗ୍ର ପଦକ୍ଷେପକୁ ଆଗାମୀ ନିର୍ବାଚନ ପୂର୍ବରୁ ସଂଗଠନକୁ 'ଇଲେକ୍ସନ୍ ମୋଡ୍'ରେ ଆଣିବାର ରଣନୀତି ଭାବେ ଦେଖାଯାଉଛି। ଦୀର୍ଘ ସମୟ ଧରି ଅନେକ ରାଜ୍ୟରେ ସଂଗଠନୀୟ ଦୁର୍ବଳତା, ଗୋଷ୍ଠୀ ବିବାଦ, ତଳସ୍ତରରେ ନିଷ୍କ୍ରିୟତା ଓ ନେତୃତ୍ୱ ମଧ୍ୟରେ ସମନ୍ୱୟର ଅଭାବ କଂଗ୍ରେସ ପାଇଁ ଆହ୍ୱାନ ସୃଷ୍ଟି କରିଛି। ଏହାକୁ ଦୂର କରି ସଂଗଠନକୁ ନୂଆ ଭାବରେ ଗଢ଼ିବାକୁ ଦଳ ପ୍ରକ୍ରିୟା ଆରମ୍ଭ କରିଛି । ୨୦୨୯ ଲୋକସଭା ନିର୍ବାଚନକୁ ଆଖି ଆଗରେ ରଖି କଂଗ୍ରେସ ଏବେଠାରୁ ଯେଉଁ ସଂଗଠନୀୟ ଭିତ୍ତି ଗଢ଼ିବାକୁ ଚାହୁଁଛି, ତାହାର ସଫଳତା ଆଗାମୀ ୫ ରାଜ୍ୟର ବିଧାନସଭା ନିର୍ବାଚନରେ ପରୀକ୍ଷିତ ହେବ ।

## ମା'ସମଲେଶ୍ୱରୀଙ୍କ ଠାରେ...

କୋଦଣ୍ଡରାମ ରାୟ, ସୁଧାଂଶୁ ରାୟ ଓ ପ୍ରଶାନ୍ତ ରାୟଙ୍କ ପରିବାରରୁ ତଥା ବେହେରା ପରିବାରରୁ ନବାନ୍ନ ଭୋଗ ଆସିଥିଲା। ପୂଜକମାନେ ପ୍ରାୟ ୯ଟା ୨୫ ମିନିଟ ପର୍ଯ୍ୟନ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ କରିବାପରେ ଶୁଭଶଙ୍ଖ ନାଦ କରାଯାଇଥିଲା। ଏହା ଗୁପ୍ତପୂଜା ହୋଇଥିବାରୁ କାହାରିକୁ ଭିତରକୁ ଛଡ଼ା ଯାଇ ନ ଥାଏ। ଠିକ୍ ପୂର୍ବାହ୍ଣ ୯ଟା ୪୦ ମିନିଟ୍‌ରେ ଭୋଗଲାଗି ଆରମ୍ଭ ହେବାରୁ ଢୋଲ, ଶଙ୍ଖ, ଘଣ୍ଟ ବାଦ୍ୟରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ବ୍ରହ୍ମପୁରା ମନ୍ଦିରରେ ପଣ୍ଡିତମାନଙ୍କ ଦ୍ୱାରା ନିର୍ଦ୍ଧାରିତ ଲଗ୍ନ ୯ଟା ୪୦ ମିନିଟ୍‌ରୁ ୯ଟା ୫୪ ମିନିଟ ମଧ୍ୟରେ ନୂଆ ଚାଉଳ, ସାରୁ ଶାଗ, କାକରା, ବବରା, କ୍ଷୀରି ଆଦି ଭୋଗଲାଗି ହୋଇଥିଲା। ପ୍ରାୟ ୧୦ଟା ବେଳେ ପୂଜକମାନେ ଗମ୍ଭୀରା ଭିତରୁ ବାହାରି ମନ୍ଦିର ପରିସରସ୍ଥ ୧୧୫ ପାଶ୍ୱର୍ ଦେବାଦେବୀଙ୍କୁ ନବାନ୍ନ ଲାଗି କରିଥିଲେ। ଶ୍ରୀ ଗଣେଶଙ୍କଠାରୁ ଆରମ୍ଭ କରି ଶେଷରେ ମାଉଲୀ ଦେବୀଙ୍କୁ ନବାନ୍ନ ଅର୍ପଣ କରାଯାଇଥିଲା। ଏହାପରେ ବଡ଼ବଜାର କେଉଟପଡ଼ାର ଘୁଡ଼ାଘାଟ ମନ୍ଦିର, ଧୋବାପଡ଼ାର ଘିକୁଣ୍ଡି ମନ୍ଦିର ଓ ସୁନାରିପଡ଼ାର ହନୁମାନ ମନ୍ଦିରକୁ କେଇଜଣ ପୂଜକ ଯାଇ ନବାନ୍ନ ଲାଗି କରି ଫେରିଥିଲେ। ଏହାପରେ ପ୍ରାୟ ସାଢ଼େ ୧୦ଟା ସମୟରେ ମା' ସମଲେଶ୍ୱରୀଙ୍କ ମଙ୍ଗଳ ଆଳତୀ କରାଯାଇଥିଲା। ପୂର୍ବାହ୍ଣ ୧୧ଟା ସମୟରେ ଅପେକ୍ଷାରତ ଶହ ଶହ ଭକ୍ତ ଓ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିଥିଲେ।

ମା'ଙ୍କ ନୂଆ ଚାଉଳ ଭୋଗ ନେଇ ଲୋକେ ଘରେ ଘରେ ନୂଆଁ ଖାଇଥିଲେ। ନୂଆଁ ଖାଇବା ପରେ ନିଜଠୁ ବଡ଼ ମାନଙ୍କୁ ମୁଣ୍ଡିଆ ମାରି ଜୁହାର ଭେଟ୍ ହୋଇ ଆଶୀର୍ବାଦ ଗ୍ରହଣ କରିଥିଲେ। ବହୁ ସ୍ଥାନରେ ସାମୂହିକ ନୂଆଁଖାଇ ପାଳିତ ହୋଇଯାଇଛି। ଦିନତମାମ ସମ୍ବଲପୁର ତଥା ଆଖପାଖ ଅଞ୍ଚଳରୁ ଆସି ମା' ସମଲେଶ୍ୱରୀଙ୍କ ଦର୍ଶନ କରିଥିଲେ। ମା' ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁଙ୍କ ସୂଚନା ଅନୁଯାୟୀ, ମା'ଙ୍କ ପାଖରେ ନବାନ୍ନ ଲାଗି ଓ ପାଶ୍ୱର୍ ଦେବାଦେବୀଙ୍କ ପୂଜାର୍ଚ୍ଚନା ସମ୍ପନ୍ନ ହେବା ପରେ ମହାଆଳତୀ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପନ୍ନ ହୋଇଥିଲା। ଏହାପରେ ଭକ୍ତମାନେ ପୂର୍ବାହ୍ଣ ୧୧ଟା ୪୫ ମିନିଟ୍ ପର୍ଯ୍ୟନ୍ତ ଦର୍ଶନ କଲାପରେ ପୁଣି ମା'ଙ୍କ ଅନ୍ନଭୋଗ ପାଇଁ ମଧ୍ୟାହ୍ନ ୧୨ଟା ୩୦ ପର୍ଯ୍ୟନ୍ତ ଦର୍ଶନ ବନ୍ଦ ରହିଥିଲା। ଏହାପରେ ଶ୍ରଦ୍ଧାଳୁମାନେ ରାତି ୭ଟା ୪୫ ମିନିଟ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ମା'ଙ୍କ ଦର୍ଶନ କରିଥିଲେ। ଏହାପରେ ପୁଣି ସନ୍ଧ୍ୟା ଆଳତୀ ପାଇଁ ଦର୍ଶନ ବନ୍ଦ ହୋଇଥିଲା। ଏହାପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶନ ଜାରି ରହିଥିଲା। ସନ୍ଧ୍ୟାରେ ମାରୱାଡି ଯୁବା ମଞ୍ଚ, ଓଡ଼ିଶା ସାଂସ୍କୃତିକ ସମାଜ, ଚିତ୍ରୋତ୍ପଳା ଯୁବକ ସଂଘ ଓ ଲକ୍ଷ୍ମୀନାରାୟଣ ସାହିତ୍ୟ ସଂସଦ, ସମଲେଶ୍ୱରୀ ଯୁବକ ସଂଘ ଆଦି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନୃତ୍ୟଗୀତର ଆସର 'ନୂଆଁଖାଇ ଭେଟ୍‌ଘାଟ୍' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ଅଟକିଲା ଦାରା...

ଆଳ ଦେଖାଇ ରାଜ୍ୟ ସରକାର ଦାରାକୁ ମୁକ୍ତି କରିବେ କି ନାହିଁ ଟାଳଟୁଳ ନୀତି ଆପଣାଇ ଥିଲେ। ଗତ ୯ ତାରିଖରେ ସୁପ୍ରିମ୍‌କୋର୍ଟରେ ଶୁଣାଣି ବେଳେ ରାଜ୍ୟ ସରକାର ସମୟ ମାଗିବାରୁ କୋର୍ଟ କ୍ଷୁବ୍ଧ ହୋଇଥିଲେ ଓ ପରବର୍ତ୍ତୀ ଶୁଣାଣିକୁ ସେପ୍ଟେମ୍ବର ୧୭କୁ ଘୁଞ୍ଚାଇଥିଲେ। ଏହା ପୂର୍ବରୁ ରାଜ୍ୟ ସରକାର ଦାରାର ମୁକ୍ତି ଉପରେ ଅଙ୍କୁଶ ଲଗାଇଛନ୍ତି ।

ଗତ ୨୦୨୫ ମସିହା ମାର୍ଚ୍ଚ ମାସରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କ ମୁକ୍ତିକୁ ସର୍ତ୍ତମୂଳକ ସମର୍ଥନ ପ୍ରଦାନ କରିଥିଲା। ସାମାଜିକ ସଦଭାବନା ବଜାୟ ରହିଲେ ଦାରାର ମୁକ୍ତି ସମ୍ଭବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୁପାରିସ କରାଯାଇଥିଲା। ମାତ୍ର ଗତ ଅଗଷ୍ଟ ୧୫ ତାରିଖରେ ଦାରାର ସମର୍ଥକମାନେ ଜେଲ ସମ୍ମୁଖରେ ବିଭିନ୍ନ ଉତ୍ତେଜନାପୂର୍ଣ୍ଣ ସ୍ଲୋଗାନ ପ୍ରଦାନ ମାମଲାକୁ ପୁରା ଗଡ଼ବଡ଼ କରିଦେଇଛି। ଜିଲା ପ୍ରଶାସନର ୧୫ ଅଗଷ୍ଟ ଘଟଣାକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିବା ପରେ ଗତ ଅଗଷ୍ଟ ମାସ ୨୮ ତାରିଖରେ ଆଉ ଚିଠିରେ ଦାରା ସମର୍ଥକଙ୍କ କାର୍ଯ୍ୟକଳାପକୁ ନେଇ ଆଶଙ୍କା ପ୍ରକାଶ କରାଯାଇଥିଲା। ଷ୍ଟେଟ୍ ସେଣ୍ଟେନ୍ସ ରିଭ୍ୟୁ ବୋଡର୍ ଏହି ଚିଠିର ସମୀକ୍ଷା କରି ଏଥିରେ ଦାରାର ମୁକ୍ତି ନେଇ କୌଣସି ସ୍ପଷ୍ଟ ସୁପାରିସ ନ ଥିବା ଓ ରିପୋର୍ଟରେ ଅସମ୍ପୂର୍ଣ୍ଣ ତଥ୍ୟ ଥିବାରୁ ମୁକ୍ତି ପିଟିସନକୁ ଖାରଜ କରି ଦେଇଥିବା ଜଣାପଡ଼ିଛି ।

## ୩୮ ବର୍ଷ ପରେ...

ଟୁଲ୍, ଯଥା ଏଚଇସି-ଏଚଏମଏସ ଆଦି ବ୍ୟବହାର କରି ଏହି ଅଧ୍ୟୟନ କରାଯିବ ବୋଲି ଜଣାପଡ଼ିଛି।

ସୂଚନା ଅନୁସାରେ ମୌସୁମୀ ବର୍ଷା ସମୟରେ ପର୍ଯ୍ୟାପ୍ତ ବନ୍ୟା ନିୟନ୍ତ୍ରଣ କ୍ଷମତା ରଖି ମୌସୁମୀ ଶେଷ ସୁଦ୍ଧା ଜଳଭଣ୍ଡାର ଫୁଲ୍ ରିଜର୍ଭୟାର ଲେଭଲ୍ (ଏଫଆରଏଲ)ରେ ରଖିବାକୁ ଜଳସମ୍ପଦ ବିଭାଗ ଯୋଜନା କରିଛି। ସେହିପରି ହୀରାକୁଦ ଜଳଭଣ୍ଡାର ପାଇଁ ବର୍ତ୍ତମାନ ଥିବା ଅପର ଓ ଲୋଅର୍ ରୁଲ୍ କର୍ଭକୁ ବଜାୟ ରଖିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି । ଗୋଟିଏ ମଧ୍ୟମ ସ୍ତରୀୟ ରୁଲ୍ କର୍ଭ ଲାଗୁ କରିବା ନେଇ ଆଲୋଚନା ହୋଇଥିଲେ ମଧ୍ୟ, ସବୁ ପ୍ରକାର ଜଳବୈଜ୍ଞାନିକ ପରିସ୍ଥିତିରେ ଏହା ଉପଯୋଗୀ ହେବ ନାହିଁ ବୋଲି କମିଟି ଅନୁଭବ କରିଛି। ବିଶେଷକରି ଶୁଷ୍କ ବର୍ଷରେ ଜଳସେଚନ ଆବଶ୍ୟକତା ଓ ପ୍ରବଳ ବର୍ଷା ସମୟରେ ବନ୍ୟା ନିୟନ୍ତ୍ରଣ ଉଭୟ ଦିଗରେ ଏହା ସମସ୍ୟା ସୃଷ୍ଟି କରିପାରେ। ବର୍ତ୍ତମାନ ଓଡ଼ିଶାର ହୀରାକୁଦ ଓ ରେଙ୍ଗାଲିଏହି ଦୁଇ ପ୍ରମୁଖ ଜଳଭଣ୍ଡାର ପ୍ରତିଷ୍ଠିତ ରୁଲ୍ କର୍ଭ ଅନୁଯାୟୀ ପରିଚାଳିତ ହେଉଛି। ବହୁମୁଖୀ ଜଳଭଣ୍ଡାରରେ ମୌସୁମୀ ସମୟରେ ସର୍ବାଧିକ ଜଳସ୍ତରରେ ଜଳ ରଖିବା ସବୁବେଳେ ସମ୍ଭବ ନୁହେଁ। ବନ୍ୟା ପ୍ରବାହକୁ ଅସ୍ଥାୟୀ ଭାବେ ଧରି ରଖିବା ପାଇଁ ପର୍ଯ୍ୟାପ୍ତ ଫ୍ଲଡ୍ କୁଶନ୍ ରଖିବା ଆବଶ୍ୟକ ବୋଲି ବୈଠକରେ ମତ ପ୍ରକାଶ ପାଇଛି।

ଡ୍ୟାମ ସେଫ୍ଟିର ମୁଖ୍ୟଯନ୍ତ୍ରୀ ଟେକ୍ନିକାଲ୍ ୱାର୍କିଂ ଗ୍ରୁପ୍‌ର ସଦସ୍ୟ-ସଚିବ ତଥା କନ୍‌ଭେନର୍ ଭାବେ କାର୍ଯ୍ୟକରିବେ। ଏହି ଗ୍ରୁପ୍‌ରେ ପ୍ଲାନିଂ, ଡ୍ୟାମ ସେଫ୍ଟି, ଏବଂ ଏଚଏଚ, ଜିଆଇଏସର ମୁଖ୍ୟଯନ୍ତ୍ରୀମାନେ ଏଥିରେ ସଦସ୍ୟ ରହିବେ। ଏହି ଗ୍ରୁପ୍ ଜଳବୈଜ୍ଞାନିକ ତଥ୍ୟ ସଂଗ୍ରହ, ହାଇଡ୍ରୋଲଜିକାଲ୍ ବିଶ୍ଳେଷଣ, ଜଳଭଣ୍ଡାର ସିମୁଲେସନ୍ ଓ ରୁଲ୍ କର୍ଭ ସଂଶୋଧନ ସମ୍ପର୍କିତ ସୁପାରିସ ପ୍ରସ୍ତୁତ କରିବ। ଏଥିସହ ରାଜ୍ୟ ସରକାରଙ୍କ ଡ୍ୟାମ ସେଫ୍ଟି ଆଇନ, ୨୦୨୧ର ବ୍ୟବହାରିତାକୁ ମଧ୍ୟ ରୁଲ୍ କର୍ଭ ସମୀକ୍ଷା ସମୟରେ ସମୀକ୍ଷା କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି ଉଲ୍ଲେଖଯୋଗ୍ୟ ଯେ ସାଧାରଣତଃ ଐତିହାସିକ କିମ୍ବା ଅନୁମାନିତ ଜଳ ପ୍ରବାହର ତଥ୍ୟକୁ ଆଧାର କରି ବନ୍ଧ ପରିଚାଳନା ସମ୍ପର୍କିତ ଅଧ୍ୟୟନ ମାଧ୍ୟମରେ ରୁଲ୍ କର୍ଭ ନିର୍ଦ୍ଧାରଣ କରାଯାଇଥାଏ। ତେବେ ଅନେକ ସମୟରେ ଜଳ ପ୍ରବେଶ କମ୍ ରହିବା ଏବଂ ବିଭିନ୍ନ ଚାହିଦା ପାଇଁ ସର୍ବନିମ୍ନ ଆବଶ୍ୟକତା ପୂରଣ କରିବା ଭଳି ବିଭିନ୍ନ ପରିସ୍ଥିତି କାରଣରୁ ଜଳଭଣ୍ଡାରର ଜଳ ସଂରକ୍ଷଣ ସ୍ତର ସମ୍ପର୍କରେ ରୁଲ୍ କର୍ଭକୁ କଡ଼ାକଡ଼ି ଭାବେ ପାଳନ କରିବା ସମ୍ଭବ ହୋଇନଥାଏ। ଛତିଶଗଡ଼ ସରକାରଙ୍କ ପକ୍ଷରୁ ମହାନଦୀର ଉପରମୁଣ୍ଡରେ ବହୁ ସଂଖ୍ୟକ ବନ୍ଧ ଓ ବ୍ୟାରେଜ୍ ନିର୍ମାଣ କରାଯିବା ପରେ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷ ରୁଲ୍ କର୍ଭକୁ ବଜାୟ ରଖିବାରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହା ସହିତ, ଜଳ ଛାଡ଼ିବା ସମ୍ପର୍କିତ ବାସ୍ତବ ସମୟର ତଥ୍ୟ (ରିଅଲ୍-ଟାଇମ୍ ଡାଟା) ଛତିଶଗଡ଼ ପକ୍ଷରୁ ଯୋଗାଇ ଦିଆଯାଉନାହିଁ। ଅତଏବ ବର୍ତ୍ତମାନ ସ୍ଥିତିରେ ରୁଲ କର୍ଭରେ ଆବଶ୍ୟକୀୟ ସଂଶୋଧନ ଜରୁରୀ ହୋଇ ପଡ଼ିଥିବା ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି।

**Change of Name (Minor)**

By virtue of an affidavit before the executive magistrate, Gop on dated 03.09.2026 I, Baban Charan Sahoo, S/o-Uchhab Sahoo permanent resident of At/PO:Ganeswarpur, PS: Gop, Dist: Puri, Odisha-752110 declare that I have changed my daughter's name from Swatalin Sahoo (Old name) to Srotalini Sahoo (New name). Henceforth she shall be known as Srotalini Sahoo D/o- Baban Charan Sahoo for all purposes.

**AFFIDAVIT**

By virtue of an affidavit sworn before Executive Magistrate Puri dated 21.11.2025 I Alok Behera, Address At. Chakrabartipatana, P.O. Gopinathpur, P.S. Puri sadar, Dist. Puri , Pin-752002 declare that I have changed my name from Tituna Behera to Alok Behera Henceforth, I shall be known as **Alok Behera** for all purpose.

**Alok Behera**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar Affidavit C.F.No. 127 on dated 25/08/2026, I **DHIRENDRA NAYAK**, S/o Raghunath Nayak resident of Village At.- Badamatha, Po-Baradanga, P.S: Mohakalapada, Dist: Kendrapada, Odisha, PIN: 754224, declare that I have changed my name from **PRAMOD NAYAK (Old Name)** to **DHIRENDRA NAYAK (New Name)**. Henceforth, I shall be known as **DHIRENDRA NAYAK** for all purposes.

Sd- **DHIRENDRA NAYAK**

**AFFIDAVIT**

I, B. K Palmal, S/o - Late Basudev Palmal, Resident of Vill - Balda, PO - Balda, PS - Padwa, Dist - Koraput, Pin - 764038, Odisha declared by this affidavit Enrl No. 338/99 (Serial No. 1017), Dated - 12/06/2026, that now onwards I shall be known as **Balakrushna Palmal** for all future purposes.

**LOST**

I, **Aditya Rajuka** hereby declare that the original money receipt issued by WESCO / TPWODL utility towards a security deposit of **Rs 16,57,367.94** (Rupees Sixteen Lakh Fifty Seven Thousand Three Hundred Sixty Seven and Ninty- Four Paisa only) in the name of **Radha Gopi Food Industries, Bisra** has been lost / misplaced. If the original receipt is found in the future the **Radha Gopi Food Industries** shall have no claim for refund of the said security deposit on the basis of the original receipt.

**Sd/- Aditya Rajuka**
**Partner, Radha Gopi Food Industries, Bisra**

**AFFIDAVIT**

I, Balbeer Singh Bens, aged about 57 years, S/o-Jeneral Singh Bains, resident of Ward No- 09, Khariar Road, Main Road, Jonk, Po- Khariar Road, Ps- Jonk, Dist- Nuapada, Odisha, PIN- 766104, do hereby declare by this affidavit No. 1888, dtd-15/09/2026, that now onwards I shall be known as **BALBEER SINGH BAINS** for all future purposes.

**AFFIDAVIT**

I, Jhasketan Meher, aged about 45 years, S/o-Prahallad Meher, resident of Gohirapadar, Bangomunda, Po-Banganmura, Ps-Bangomunda, Dist-Balangir, Odisha, PIN-767040, do hereby declare by this affidavit No.1889, dtd- 15/09/2026, that now onwards I shall be known as **JHASAKETAN MEHER** for all future purposes.

**AFFIDAVIT**

I, Mahammad Ashfaque, aged about 40 years, S/o-Abdul Rauf, resident of Ward No.2, Shanti Nagar, Padampur, Po-Rajborasamber, Ps-Padampur, Dist- Bargarh, Odisha, PIN- 768036, do hereby declare by this affidavit No. 1906, dtd-15/09/2026, that now onwards I shall be known as **MUHAMMAD ASHFAQUE** for all future purposes.

**AFFIDAVIT**

I, Wokil Ahemad Khan residing at At-Sayadpur, Po/Ps-Binjharpur Dist-Jajpur, Pin-755004, Odisha declare that my wife Safiqun Nesa holding Indian Passport No:L7398111. In this passport my name was mentioned Wokil Ahmed Khan instead of Wokil Ahemad Khan. I have corrected my name to Wokil Ahemad Khan vide affidavit SL No- 472 Dt-15.09.2026 for all future purposes.

Wokil Ahemad Khan

# ବିଭିନ୍ନ ଅଞ୍ଚଳରେ ବିରାଜିଲେ ବିଘ୍ନରାଜ ଗଜାନନ






ଆରଡ଼ି,୧୬।୯ (ସମିସ)

ଭଦ୍ରକ ଜିଲ୍ଲାର ଅନନ୍ୟ ଶୈବ କ୍ଷେତ୍ର ଆରଡ଼ି ଅଞ୍ଚଳରେ ଥିବା ଚାରି ପଞ୍ଚାୟତ ଆରଡ଼ି, ନାନ୍ଦପୁର, ଓଳଗ ଓ ସୁନ୍ଦରପୁରରେ ପ୍ରାୟ ଗ୍ରାମରେ ଅଗ୍ରପୂଜ୍ୟ ବାବା ଗଜାନନଙ୍କ ପୂଜା ତିନି ଦିନ ଧରି ଚାଲିଛି। ପ୍ରାୟତଃ ପାଞ୍ଚ ଦିନ ଧରି ଏହି ପୂଜା ଚାଲୁଥିବା ବେଳେ ଚଳିତ ବର୍ଷ ଦୁଇ ମାସିଆ ହେଉଥିବାରୁ ତିନି ଦିନ ଧରି ପୂଜା ଚାଲିବ। ବାବା ଆଖଣ୍ଡଳମଣୀ ପୀଠରେ ଥିବା ବୁଢ଼ା ଗଣେଶଙ୍କର ବହୁ ଆଡ଼ମ୍ବରରେ ପୂଜା ହୋଇଛି। ମଙ୍ଗଳବାର ବାବାଙ୍କ ପାଖରେ ନୀତି ଭୋଗ ଲାଗିଛି। ସେହିପରି ପହଣା ଗ୍ରାମରେ ଜୟ ଗଣେଶ କମିଟିରେ ଦୀର୍ଘ ୩୫ ବର୍ଷ ଧରି ପୂଜା ଚାଲି ଆସୁଛି। ନବଜ୍ୟୋତି ଗଣେଶ କମିଟି ଆନୁକୂଲ୍ୟରେ ବି ଦୀର୍ଘ ୨୦ ବର୍ଷ ଧରି

## ପୂରପଲ୍ଲୀରେ ଉତ୍ସବମୁଖର ମାହୋଲ

ପୂଜା ଚାଲି ଆସୁଛି। ଆରଡ଼ି, ପାଳଟପୁର, ମୁଆଁ, ଶୀତଳପୁର, ସନ୍ତରା, ବାଙ୍କାମୁହାଁ, ବାତୋଳ, ସୁନ୍ଦରପୁର, ସାଠିବାଙ୍କୁଡ଼ା, ଖଟୁଆପାଟଣା, ସାନପଙ୍କି ଆଦି ଗ୍ରାମରେ ମହା ଆଡ଼ମ୍ବରରେ କ୍ଲବ୍‌ମାନଙ୍କରେ ବାବାଙ୍କୁ ପୂଜା କରାଯାଇଛି। ଏହି ବର୍ଷ ଭସାଣିରେ ଡିଜେ ବନ୍ଦ କରିବା ପାଇଁ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ନେଇଥିବାରୁ ପିଲାମାନଙ୍କ ମନରେ ସରାଗ କମିଯାଇଛି। ସ୍ଥାନୀୟ ଧୂଷୁରୀ ପୁଲିସ ପକ୍ଷରୁ ସବୁ କ୍ଲବ୍‌ର ପିଲାମାନଙ୍କୁ ଡାକି ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପରାମର୍ଶ ବି ଦିଆଯାଇଛି।



ରାଢୋ ମହାବୀର ବଜାର ଗଣେଶ ପୂଜା



ମାଳଦା ପିଲା ଗଣେଶ



ଭଦ୍ରକ ନଳାଙ୍ଗ ରଙ୍ଗରାଜପୁର ଲାୟନ୍ସ କ୍ଲବ



ଭଦ୍ରକ ଟାଉନହଲ୍ ଛକସ୍ଥିତ ବାବା ବିଘ୍ନେଶ୍ୱର ପୂଜା କମିଟି

## ମହାବୀର ବଜାରଠାରେ ଗଣେଶ ପୂଜା



ବାରିକପୁର,୧୫।୯ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ସମେତ ରାଢୋ ମହାବୀର ବଜାରଠାରେ ବାର୍ଷିକ ଗଣେଶ ପୂଜା ପାଳିତ ହୋଇଛି। ଗଜାନନଙ୍କ ପୂଜା ଉତ୍ସବ ପାଇଁ ପ୍ରଥମେ ସ୍ଥାନୀୟ ହନୁମାନ ପୋଖରୀରୁ ଘଟ ଉତ୍ତୋଳନ ସହିତ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ପୂଜକ ପ୍ରଶାନ୍ତ ତ୍ରିପାଠୀଙ୍କ ଦ୍ୱାରା ବୈଦିକ ରୀତିନୀତି ଅନୁଯାୟୀ ଅଗ୍ରପୂଜ୍ୟଙ୍କ ଆବାହନ ହୋଇଥିଲା। ପୂଜା ମଣ୍ଡପରେ ସୂର୍ଯ୍ୟ ପୂଜା, ଗୋ ପୂଜା, ଗଣେଶଙ୍କ ସ୍ତୁତି ପୂଜା, ଷୋଡ଼ଶ ଉପଚାର ପୂଜା, ହୋମଯଜ୍ଞ ଆଦି ଆୟୋଜିତ ହୋଇଥିଲା। ସଂକଳ୍ପ କର୍ତ୍ତା ଭାବେ ସନ୍ତୋଷ ନାୟକ ଦାୟିତ୍ୱ ନିର୍ବାହ କରିଥିଲେ। ନିକଟସ୍ଥ ସାହିର ବିଦ୍ୟାର୍ଥୀ ଓ ଶ୍ରଦ୍ଧାଳୁମାନେ ଉତ୍ସବରେ ଯୋଗଦେଇ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ଅଜିତ୍ ସାମଲ, ଚିରଞ୍ଜିବୀ ନାୟକ, ଦୀପକ ରାଉତ, ଜ୍ଞାନରଞ୍ଜନ ରାଉତ, ଶଶାଙ୍କ ଶେଖର ନାୟକ, ପବିତ୍ର ରାଉତ, ଜଗନ୍ନାଥ ନାୟକ, ଅବିନାଶ ସାହୁ, ଦେବାନନ୍ଦ କୁଅଁର, ମିତ ରଞ୍ଜନ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

## ପୂଜାମଣ୍ଡପ ବୁଲିରେ ବିଭିନ୍ନ ରାଜନେତା



ଧାମନଗର,୧୬।୯ (ସମିସ): ଧାମନଗର ବ୍ଲକ୍ ଓ ଏନ୍‌ଏସି ଅଞ୍ଚଳରେ ପଞ୍ଚାୟତ ସମିତି ଓ ତହସିଲ୍ କାର୍ଯ୍ୟାଳୟ ସମେତ ବ୍ୟାବସାୟିକ ଓ ବିଭିନ୍ନ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ, ଉଚ୍ଚ ମାଧ୍ୟମିକ ସ୍କୁଲ ଏବଂ କଲେଜ ସହିତ ତାଳପଦା, ବନ୍ଧଟିଆ, ଗୋଖାଦିଗୀ, ରାମେଶ୍ୱରପୁର, ଦକ୍ଷିଣବାଡ଼ଠାରୁ ଆରମ୍ଭ କରି ଗାଁଠୁ ସହର ସବୁଆଡ଼େ ଏପରିକି ସାହି ଗଳିରେ ବ୍ୟାପକ ଆୟୋଜନରେ ବିଭିନ୍ନ ସୁସଜ୍ଜିତ ପୂଜା ମଣ୍ଡପରେ ଭକ୍ତି ଓ ଶ୍ରଦ୍ଧାର ସହ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ପୂଜା ମହାସମାରୋହରେ ପାଳିତ ହୋଇଛି। ଏହି ଅବସରରେ ବିଭିନ୍ନ ରାଜନେତା ତଥା ଧାମନଗର ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ବିଜେଡି ନିର୍ବାଚନମଣ୍ଡଳୀ ନେତା ସଞ୍ଜୟ ଦାସ, ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ସାରଦା ପ୍ରସନ୍ନ ସାହୁ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ବିଜେପି ନେତା ଅଶୋକ ପୁହାଣ, ଅରବିନ୍ଦ ପତି, କୈଳାସ ଚନ୍ଦ୍ର ମହାପାତ୍ର, ସରୋଜ ମହାପାତ୍ର, ସରପଞ୍ଚ ଅଜୟ କୁମାର ମଲ୍ଲିକ, ସୀତାକାନ୍ତ ମିଶ୍ର, ନରେନ୍ଦ୍ର ନାରାୟଣ ନାୟକ, ସମିତିସଭ୍ୟ ଭାରତ ବିଜୟ ଦଳେଇ, ଜ୍ଞାନରଞ୍ଜନ ମହାକୁଡ଼, ସୁଦୀପ୍ତ ଖଟୁଆ, ସୂର୍ଯ୍ୟକାନ୍ତ ନାୟକ, ବିଜେଡି ବ୍ଲକ୍ ସଭାପତି ପ୍ରତାପ ସାମଲ, ନଗର ସଭାପତି ବିଜୟକେତନ ସାହୁ, ଆଇନଜୀବୀ ଅମରେନ୍ଦ୍ର ମହାନ୍ତି, ବିଜେଡି ନେତା ଉମେଶ ଚନ୍ଦ୍ର ମହାନ୍ତି, ସେକ୍ ଜାଫର ଅଲ୍ଲୀ, ସେକ୍ ରୋସ୍ତମ, ମୀର୍ ମୁରତୁଜା, ସନାତନ ସାହୁ, ରବୀନ୍ଦ୍ର ଜେନା, ସିଦ୍ଧାର୍ଥ ମିଶ୍ର, ରତିକାନ୍ତ ନାୟକ, ବିଜେପି ନେତା କୃଷ୍ଣ ଚନ୍ଦ୍ର ଜେନା, ବୈକୁଣ୍ଠ ନାଥ ସାହୁ, ସ୍ୱାଧୀନ ସମ୍ବିତ୍ ଦାଶ, କଂଗ୍ରେସ ଜିଲ୍ଲା ସାଧାରଣ ସମ୍ପାଦକ ସଞ୍ଜୟ କୁମାର ମିଶ୍ର, କଂଗ୍ରେସ ନେତା ପ୍ରମୋଦ କୁମାର ସ୍ୱାଇଁ, ରମେଶ ଚନ୍ଦ୍ର ବେହେରା ପ୍ରମୁଖ ପବିତ୍ର ଗଣେଶ ଚତୁର୍ଥୀ ଅବସରରେ ବିଭିନ୍ନ ପୂଜାମଣ୍ଡପରେ ପହଞ୍ଚି ଅଗ୍ରପୂଜ୍ୟ ଶ୍ରୀଗଜାନନଙ୍କ ଦର୍ଶନ କରି ଶୁଭାଶିଷ ଲାଭ କରିଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଆଇଆଇସି ଶୁଭ୍ରଜିତ୍ ଦାଶଙ୍କ ତତ୍ତ୍ୱାବଧାନରେ ପୁଲିସ ଫୋର୍ସ ମୁତୟନ କରାଯାଇଥିବା ବେଳେ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି।

## ସ୍ମୃତିସ୍ନିଗ୍ଧାଙ୍କ ସନ୍ଦେହଜନକ ମୃତ୍ୟୁ

ବନ୍ତ/ଆଗରପଡ଼ା,୧୬।୯ (ସମିସ): ଆଗରପଡ଼ା ଥାନା ଅନ୍ତର୍ଗତ ଚାରିଗାଁ ମଧୁସୂଦନ ସାହୁଙ୍କ ଝିଅ ସ୍ମୃତିସ୍ନିଗ୍ଧା(୨୨)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିବାର ଜଣାପଡ଼ିଛି। ପ୍ରାପ୍ତ ସୂଚନାନୁଯାୟୀ, ସ୍ମୃତିସ୍ନିଗ୍ଧା ଗଣେଶ ପୂଜା ଦିନ ଘରୁ ବାଲେଶ୍ୱରକୁ ଯାଇଥିଲେ। ମାତ୍ର ସନ୍ଧ୍ୟା ପ୍ରାୟ ୬ଟା ସମୟରେ ବାଲେଶ୍ୱର ରେଲ୍‌ୱେ ଷ୍ଟେସନ ଉତ୍ତରପାର୍ଶ୍ୱ ଅରଡ଼ବଜାର ଲେଭଲ କ୍ରସିଂ ନିକଟରୁ ତାଙ୍କୁ ଗୁରୁତର ଅବସ୍ଥାରେ ରେଲ୍‌ୱେ ପୁଲିସ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲା। ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ସୂଚନା ମିଳିଛି। ତାଙ୍କ ମରଶରୀର



ପହଞ୍ଚିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସେ ବାରିପଦା କୋର୍ଟରେ ଟାଇପିଷ୍ଟ ଭାବେ କାର୍ଯ୍ୟ କରୁଥିଲେ। ସେ ବାଲେଶ୍ୱର ଷ୍ଟେସନରେ କିପରି ଗୁରୁତର ଭାବେ ଆହତ ହେଲେ ଏନେଇ ସମସ୍ତଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ସ୍ମୃତିସ୍ନିଗ୍ଧାଙ୍କ ଅକାଳ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସହ ଏହି ଘଟଣାର ବିଧିବଦ୍ଧ ତଦନ୍ତ କରାଯାଇ ପ୍ରକୃତ କାରଣ ଲୋକଲୋଚନକୁ ଆଣିବା ପାଇଁ ସରପଞ୍ଚ ଗୀତିକା ଭୋଇ, ପ୍ରାକ୍ତନ ସରପଞ୍ଚ ବନମାଳୀ ବେହେରା, ସମିତିସଭ୍ୟ ଧରଣୀଧର କର, ପ୍ରାକ୍ତନ ସମିତିସଭ୍ୟ ରାମଚନ୍ଦ୍ର ସାହୁଙ୍କ ସମେତ ଗ୍ରାମବାସୀମାନେ ଦାବି କରିଛନ୍ତି।

### ରାସ୍ତାରେ ଗଡୁଛି ଶହଶହ ବାଲିବୋଝେଇ ଟ୍ରକ୍

## ନିରବଦ୍ରଷ୍ଟା ସାଜିଛନ୍ତି ପ୍ରଶାସନ, ପୁଲିସ ଓ ଖଣି ବିଭାଗ

ଅସୁରାଳି,୧୬।୯ (ସମିସ): ଧାମନଗର ଅଞ୍ଚଳରେ ବେଆଇନ ବାଲି ଚୋରା ଚାଲାଣ ଦିନକୁ ଦିନ ନିୟନ୍ତ୍ରଣ ବାହାରକୁ ଚାଲିଗଲାଣି। ପ୍ରଶାସନିକ କଟକଣା ଓ ଯାଞ୍ଚ ଅଭାବରୁ ବାଲି ମାଫିଆମାନେ ବେପରୁଆ ଭାବେ ଦିନରାତି ବାଲି ଚୋରା ଚାଲାଣ ଜାରି ରଖିଛନ୍ତି।

ପ୍ରାପ୍ତ ସୂଚନା ଅନୁଯାୟୀ, ଦୈନିକ ଶହଶହ ବାଲି ବୋଝେଇ ଟ୍ରକ୍ ବାରିକପୁର-ଗୋବିନ୍ଦପୁର-ଅସୁରାଳି ରାସ୍ତା ଦେଇ ଯାତାୟାତ କରୁଛନ୍ତି। ସେହିପରି ଅନ୍ୟପଟେ ଧାମନଗର, ଝାଟିଆ ସାହି, କଲ୍ୟାଣୀ ଓ ମଙ୍ଗଳପୁର ଆଦି ପ୍ରମୁଖ ଜନବହୁଳ ଅଞ୍ଚଳ ଦେଇ ମଧ୍ୟ ଅସଂଖ୍ୟ ବାଲି ଟ୍ରକ୍ ନିୟମକାନୁନ୍‌କୁ

**ଓଭରଲୋଡିଂ ଯୋଗୁଁ ନଷ୍ଟ ହେଉଛି ରାସ୍ତା; ବୃଦ୍ଧି ପାଉଛି ଦୁର୍ଘଟଣା ଆଶଙ୍କା**



ଜଳାଞ୍ଜଳି ଦେଇ ଚାଲାଣ ହେଉଛି। ଏହି ଓଭରଲୋଡ୍ ବାଲି ଟ୍ରକ୍‌ଗୁଡ଼ିକର ଯାତାୟାତ ଯୋଗୁଁ ଗ୍ରାମାଞ୍ଚଳରେ ନୂତନ ଭାବେ ନିର୍ମିତ ପକ୍କା ରାସ୍ତାଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହେବାକୁ ବସିଲାଣି। ଏହା ସହିତ ପ୍ରବଳ ଧୂଳି-ବାଲି ଉଡ଼ିବା ଯୋଗୁଁ ପରିବେଶ ପ୍ରଦୂଷିତ ହେବା ସହ ପାଖାପାଖି ବାସ କରୁଥିବା ଲୋକେ ଓ ପାଦଚଲା ପଥଚାରୀ ଦୁର୍ଘଟଣାର ଆଶଙ୍କା ଭିତରେ ଗମନାଗମନ କରିବାକୁ ବାଧ ହେଉଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ଏତେ ବଡ଼ ପରିମାଣରେ ବେଆଇନ ବାଲି ଚାଲାଣ ହେଉଥିବା ସତ୍ତ୍ୱେ ଖଣି ବିଭାଗ କିମ୍ବା ସ୍ଥାନୀୟ ଧୂଷୁରୀ ଓ ଧାମନଗର ପୁଲିସ ପକ୍ଷରୁ କୌଣସି ପ୍ରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ପୁଲିସ ଓ ଖଣି ବିଭାଗ ନିରବଦ୍ରଷ୍ଟା ସାଜିଥିବାରୁ ଏହା ପଛରେ ମାଫିଆଙ୍କ ସହ ସଲାସୁତରା ଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ତୁରନ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଓ ଉଚ୍ଚ କର୍ତ୍ତୃପକ୍ଷ ଏଥିରେ ହସ୍ତକ୍ଷେପ କରି ବେଆଇନ ବାଲି ଚାଲାଣ ଉପରେ ରୋକ୍ ନ ଲଗାଇଲେ ଆଗାମୀ ଦିନରେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ବରିଷ୍ଠ କଂଗ୍ରେସ ନେତା ଦାମୋଦର ମହାନ୍ତିଙ୍କ ପରଲୋକ

ଧାମନଗ,୧୬।୯ (ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତ ଅଧୀନ ରାମେଶ୍ୱରପୁର ଗାଁର ମୁରବି, ସମାଜସେବୀ, ପରୋପକାରୀ ମିଷ୍ଟଭାଷୀ ବରିଷ୍ଠ କଂଗ୍ରେସ ନେତା ଦାମୋଦର ମହାନ୍ତି (୭୨)ଙ୍କ ପରଲୋକ ଘଟିଛି। ତାଙ୍କର ବିୟୋଗ ଅଞ୍ଚଳ ପାଇଁ ଏକ ଅପୂରଣୀୟ କ୍ଷତି ହୋଇଛି ଯାହା ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି। ସେ ଦୀର୍ଘ



ଦିନ ହେବ ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ମରଶରୀର ଗାଁରେ ପହଞ୍ଚିବା ପରେ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ, କଂଗ୍ରେସ ଦଳର ବରିଷ୍ଠ ନେତାଙ୍କ ସମେତ ବିଭିନ୍ନ ଦଳର ନେତୃମଣ୍ଡଳୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ମରଶରୀରକୁ ପଞ୍ଚାୟତରେ ଶୋଭାଯାତ୍ରା କରାଯାଇ ଗ୍ରାମ ଶ୍ମଶାନରେ ଅନ୍ତିମସଂସ୍କାର କରାଯାଇଛି।

## ପରିବାରକୁ ଘରେ ତାଲା ପକାଇ ୨ ଲକ୍ଷ ଟଙ୍କାର ସମ୍ପତ୍ତି ଲୁଟ୍

ଦୋବଲ,୧୬।୯ (ସମିସ): ଧାମନଗର ଥାନା ଅନ୍ତର୍ଗତ ପଧାନୀ ପଞ୍ଚାୟତ ରାମରାକୁଳ ଗ୍ରାମରେ ଚୋରି ଅଭିଯୋଗ ହୋଇଛି। ଘରେ ପରିବାର ଲୋକ ଶୋଇଥିବାବେଳେ ଦୁର୍ବୃତ୍ତମାନେ ତଳ ମହଲାକୁ ବାହାରପଟୁ ତାଲା ପକାଇ ଉପର ମହଲାରୁ ନଗଦ ଟଙ୍କା ଓ ସୁନାଗହଣା ଲୁଟି ନେଇଥିବା ଅଭିଯୋଗ ହୋଇଛି।

ଅଭିଯୋଗକାରୀ ବିଶ୍ୱରଞ୍ଜନ ବିଶ୍ୱାଳଙ୍କ ଏତଲା ଅନୁଯାୟୀ, ବନ୍ୟାପାଣି ଘରେ ପଶୁଥିବାରୁ ଘରର ମୂଲ୍ୟବାନ ସାମଗ୍ରୀ ଉପର ମହଲାରେ ରଖାଯାଇଥିଲା। ଶନିବାର ରାତିରେ ପରିବାର ଲୋକ ତଳ ମହଲାରେ ଶୋଇଥିଲେ। ରବିବାର ସକାଳେ ଉପର ମହଲାକୁ ଯାଇଥିବାବେଳେ ଏକ ଘରର ତାଲା ଭଙ୍ଗା ଓ ଜିନିଷପତ୍ର ଏଣେତେଣେ ପଡ଼ିଥିବା ଦେଖିଥିଲେ। ଅଭିଯୋଗ ଅନୁଯାୟୀ, ଲୁଟେରାମାନେ ନଗଦ ୫୦ ହଜାର ଟଙ୍କା ସମେତ ଗୋଟିଏ ମଙ୍ଗଳସୂତ୍ର, ଦୁଇ ହଳ ଶଙ୍ଖା, ଦୁଇଟି ସୁନାମୁଦି, ଗୋଟିଏ ଚୁଡ଼ି ଓ ପ୍ରାୟ ୩୦ ଗ୍ରାମ୍ ଓଜନର ସୁନାଚେନ୍ ଲୁଟି ନେଇଛନ୍ତି। ଚୋରି ସମ୍ପତ୍ତିର ମୂଲ୍ୟ ପ୍ରାୟ ୨ଲକ୍ଷ ଟଙ୍କା ବୋଲି ଏତଲାରେ ଦର୍ଶାଯାଇଛି। ଘଟଣା ସମ୍ପର୍କରେ ବିଶ୍ୱରଞ୍ଜନ ୧୩ ତାରିଖ ପୂର୍ବାହ୍ଣରେ ଧାମନଗର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାରେ ଏକ ମାମଲା(ନଂ-୩୧୯୬/୨୦୨୬) ରୁଜୁ କରିଛି। ଆଇଆଇସି ଶୁଭ୍ରଜିତ୍ ଦାସଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ନାରାୟଣ ନାୟକ ଘଟଣାର ତଦନ୍ତ କରୁଛନ୍ତି। ବନ୍ୟା ସମୟରେ ଏଭଳି ଲୁଟ୍ ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

### ଅଭ୍ୟାସଗତ ଅପରାଧୀଙ୍କ ଗିରଫ ଓ ମିଥ୍ୟା ମାମଲା ପ୍ରତ୍ୟାହାର ଦାବି

## ଖଦାଳପୋଖରୀରେ ଶାନ୍ତି ଫେରାଇବା ନିମନ୍ତେ ରାସ୍ତାରୋକ

ଚାନ୍ଦବାଲି,୧୬।୯ (ସମିସ): ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ଖଦାଳପୋଖରୀ ପଞ୍ଚାୟତରେ ଶାନ୍ତି ଓ ଆଇନଶୃଙ୍ଖଳା ଫେରାଇ ଆଣିବା ଦାବିରେ ସୋମବାର ଖଦାଳପୋଖରୀ ଶାନ୍ତି କମିଟି ପକ୍ଷରୁ ରାସ୍ତାରୋକ ଆନ୍ଦୋଳନ କରାଯାଇଛି। ଗଦି-ପଞ୍ଚୁଟିକ୍ରି ରାସ୍ତାର ଖଦାଳପୋଖରୀ ଛକ ନିକଟରେ ଆନ୍ଦୋଳନକାରୀମାନେ ରାସ୍ତା ଉପରେ ବସି ଦାବି ପୂରଣ ପାଇଁ ପ୍ରତିବାଦ ଜଣାଇଥିଲେ।

ଶାନ୍ତି କମିଟିର ଅଭିଯୋଗ ଅନୁଯାୟୀ, ଖଦାଳପୋଖରୀ ପଞ୍ଚାୟତ ଅଞ୍ଚଳରେ ବାରମ୍ବାର ଅପରାଧିକ ଘଟଣା ଘଟୁଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସୁରକ୍ଷାର ଭାବନା ସୃଷ୍ଟି ହୋଇଛି। ନିୟମିତ ଅପରାଧ ଘଟାଉଥିବା ଅଭ୍ୟାସଗତ ଅପରାଧୀମାନଙ୍କୁ ଚିହ୍ନଟ କରି ତୁରନ୍ତ ଗିରଫ କରିବା ସହ ଆଇନ ଅନୁଯାୟୀ କଠୋର ପଦକ୍ଷେପ ନେବାକୁ କମିଟି ଦାବି କରିଛି। ଏଥିସହ ଖଦାଳପୋଖରୀ ଶାନ୍ତି କମିଟିର ସଦସ୍ୟମାନଙ୍କ ନାମରେ ହୋଇଥିବା କଥିତ ମିଥ୍ୟା ମାମଲାଗୁଡ଼ିକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ମଧ୍ୟ ଆନ୍ଦୋଳନକାରୀମାନେ ଦାବି ଉଠାଇଛନ୍ତି। ଅଞ୍ଚଳରେ ଦୀର୍ଘସ୍ଥାୟୀ ଭାବେ ଶାନ୍ତି ଓ ସାମାଜିକ ସଦ୍‌ଭାବ ବଜାୟରଖିବା ସହ ସାଧାରଣ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ପ୍ରଶାସନ ଓ ପୁଲିସ ତୁରନ୍ତ ପଦକ୍ଷେପ ନେବାକୁ କମିଟି




ପକ୍ଷରୁ ଦାବି କରାଯାଇଛି। ଏହି ରାସ୍ତାରୋକ ଆନ୍ଦୋଳନରେ ସିପିଆଇ(ଏମ୍) ଜିଲ୍ଲା କମିଟି ସଭ୍ୟ ତଥା ଘଣ୍ଟେଶ୍ୱର ଆଞ୍ଚଳିକ ସୁରକ୍ଷା ମଞ୍ଚର ସଭାପତି ବିକାଶ ନାଥ, ସମ୍ପାଦକ ଅଞ୍ଜନ ଦାସ, ଖଦାଳପୋଖରୀ ଶାନ୍ତି କମିଟି ସଭାପତି ଚନ୍ଦ୍ରମଣି ଦାସ, ସମ୍ପାଦକ ଚକ୍ରଧର ଦାସ, ଶିକ୍ଷାବିତ୍ ନିରଞ୍ଜନ ନାଥ, ଶାନ୍ତି କମିଟି ସଦସ୍ୟ ହାକିମ୍ ଦାସ, ନବଘନ ବାରିକ୍, ଲକ୍ଷ୍ମୀଧର ବାରିକ୍, ସୁବାସ ଦାସ, ସୁରେନ୍ଦ୍ର ଦାସ, କୈଳାସ ଦାସ, ହରିହର ମାହୁନ୍ତ, ଶ୍ରୀଧର ନାଥ ଓ ଯୁବନେତା ଦୀପକ ଦାସଙ୍କ ସମେତ ବହୁ ଅଞ୍ଚଳବାସୀ ସାମିଲ ହୋଇଥିଲେ। ଆନ୍ଦୋଳନକାରୀମାନେ ନିଜ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ପ୍ରତିବାଦ ଜାରି ରହିବ ବୋଲି କହିବା ସହ ଖଦାଳପୋଖରୀ ଅଞ୍ଚଳରେ ଶାନ୍ତି ଓ ସୁରକ୍ଷାର ପରିବେଶ ସୃଷ୍ଟି ପାଇଁ ପ୍ରଶାସନର ତ୍ୱରିତ ହସ୍ତକ୍ଷେପ ଦାବି କରିଛନ୍ତି।

### ଦୋବଲରେ ନିର୍ମାଣ ହେବ ବହୁମୁଖୀ ଷ୍ଟାଡିୟମ୍

## ୭.୬୬ କୋଟିର ଟେଣ୍ଡର ଅନୁମୋଦନ

ଦୋବଲ,୧୬।୯ (ସମିସ): ଧାମନଗର ବ୍ଲକ୍ ଦୋବଲ କାଳୀପଡ଼ିଆ (ମୁସ୍ତଫାପୁର)ଠାରେ ଏକ ଅତ୍ୟାଧୁନିକ ବହୁମୁଖୀ ଷ୍ଟାଡିୟମ୍ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି। ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ଏହି ଟେଣ୍ଡର ଆହ୍ୱାନ କରାଯାଇଥିବା ବେଳେ ପ୍ରଥମ ଶ୍ରେଣୀ ଠିକାଦାର ସୁଶ୍ରିତା ମିଶ୍ର ଏହାକୁ ସମ୍ପାଦନ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଜିଏସ୍‌ଟି ବାଦ୍ ଏହି ପ୍ରକଳ୍ପର ମୂଲ୍ୟ ୭ କୋଟି ୬୬ ଲକ୍ଷ ୭ ହଜାର ୧୯୪ ଟଙ୍କା ରହିଛି।



ଏହି ବହୁମୁଖୀ ଷ୍ଟାଡିୟମ୍ ପରିସରରେ ଖେଳାଳି ଓ ଦର୍ଶକମାନଙ୍କ ପାଇଁ ବହୁବିଧ ସୁବିଧା ଉପଲବ୍ଧ ହେବ। ଷ୍ଟାଡିୟମ୍‌ର ପ୍ରଥମ ମହଲାରେ ଏକ ସୁସଜ୍ଜିତ ଜିମ୍ ବ୍ଲକ୍ ଏବଂ ଭିଆଇପିମାନଙ୍କ ପାଇଁ ସ୍ୱତନ୍ତ୍ର ଭିଆଇପି ବ୍ଲକ୍ ରହିବ। ଏହାସହ ଦର୍ଶକମାନଙ୍କ ବସିବା ପାଇଁ ଗ୍ୟାଲେରୀ, ପାରିପାର୍ଶ୍ୱିକ ଉନ୍ନତୀକରଣ ତଥା ପାର୍କ ନିର୍ମାଣ କରାଯିବ। ବାସ୍କେଟବଲ୍, ଭଲିବଲ୍, ହ୍ୟାଣ୍ଡବଲ୍ ଏବଂ ଟେନିସ୍ କୋର୍ଟ ପାଇଁ ସିନ୍‌ଥେଟିକ୍ ସର୍ଫେସର ବ୍ୟବସ୍ଥା ରହିବ। ଟେନିସ୍ କୋର୍ଟ ସହିତ ଅନ୍ତର୍ଜାତୀୟ ମାନକର ବାସ୍କେଟ୍‌ବଲ୍ ପୋଷ୍ଟ, କ୍ରିକେଟ ପାଇଁ ପେସ୍ ଫ୍ରେଣ୍ଡଲି ପିଚ୍ ଏବଂ ପାରମ୍ପରିକ କବାଡ଼ି କୋର୍ଟ ମଧ୍ୟ ନିର୍ମାଣ ହେବ। କ୍ରିକେଟ ପଡ଼ିଆରେ ପ୍ରାକୃତିକ ଘାସ ଲଗାଯିବା ସହ ପଡ଼ିଆରେ ପାଣି ମଡ଼ାଇବା ପାଇଁ ସ୍ପ୍ରିଙ୍କଲର ଏବଂ ଅତ୍ୟାଧୁନିକ ଶୌଚାଳୟ, ଓଭରହେଡ୍ ପାଣି ଟାଙ୍କି ନିର୍ମାଣ କରାଯିବ। ଦୋବଲରେ ଏହି ଷ୍ଟାଡିୟମ୍ ନିର୍ମାଣ ହେବା ଦ୍ୱାରା ଧାମନଗର ଅଞ୍ଚଳର କ୍ରୀଡ଼ା ଭିତ୍ତିଭୂମିରେ ଏକ ନୂଆ ଅଧ୍ୟାୟ ଯୋଡ଼ି ହେବ। ସ୍ଥାନୀୟ ଯୁବପିଢ଼ି ଓ କ୍ରୀଡ଼ାବିତ୍‌ମାନେ ନିୟମିତ ଅଭ୍ୟାସ ଏବଂ ପ୍ରତିଯୋଗିତା ପାଇଁ ଉନ୍ନତ ସୁବିଧା ପାଇପାରିବେ। ପୂର୍ବରୁ ଏହି ପଡ଼ିଆରେ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଫୁଟ୍‌ବଲ୍ ଟ୍ରଫି ମ୍ୟାଚ୍ ଏବଂ ପୂର୍ବାଞ୍ଚଳ ଜୋନ୍‌ସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ସଫଳତାର ସହ ଅନୁଷ୍ଠିତ ହୋଇସାରିଛି। ଏହି ଷ୍ଟାଡିୟମ୍ ନିର୍ମାଣ ଦ୍ୱାରା ମୁଖ୍ୟତଃ ଦୋବଲ ଜୋନ୍ ଏବଂ ଭଣ୍ଡାରିପୋଖରୀ ବ୍ଲକ୍‌ର କେତେକ ପଞ୍ଚାୟତର ଛାତ୍ରଛାତ୍ରୀ ତଥା କ୍ରୀଡ଼ାବିତ୍‌ମାନେ ସିଧାସଳଖ ଉପକୃତ ହୋଇପାରିବେ। ଏଠାରୁ ବହୁ ପ୍ରତିଭାଶାଳୀ କ୍ରୀଡ଼ାବିତ୍ ସୃଷ୍ଟି ହୋଇପାରିବେ ବୋଲି ସ୍ଥାନୀୟ ଲୋକେ ଆଶା ପ୍ରକାଶ କରିଛନ୍ତି। ଏହି ବହୁମୁଖୀ ପ୍ରକଳ୍ପ ସ୍ଥାନୀୟ ଅଞ୍ଚଳ ପାଇଁ ଏକ ଗର୍ବର ବିଷୟ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। କାଳୀପଡ଼ିଆରେ ଷ୍ଟାଡିୟମ୍ ନିର୍ମାଣ ପାଇଁ ଗତ ମାର୍ଚ୍ଚ ୨୧ ତାରିଖରେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଘୋଷଣା କରାଯାଇଥିଲା। ଆଉ ୨୨ ତାରିଖରେ ଦୋବଲ ଅଞ୍ଚଳର ବରିଷ୍ଠ ନାଗରିକ ସମାଜ ପକ୍ଷରୁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୂର୍ବରୁ ଦୋବଲ ପଡ଼ିଆରେ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଫୁଟବଲ୍ ଟ୍ରଫିର ବିଭିନ୍ନ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସେହିପରି ପୂର୍ବାଞ୍ଚଳ ଜୋନ୍‌ସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଗ୍ରାମ୍ୟ ନିର୍ମାଣ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ପତ୍ର ସଂଖ୍ୟା ୩୨୪୧୨/ ୯.୯.୨୦୨୬ ଅନୁଯାୟୀ, ଗତ ଅଗଷ୍ଟ ୧୦ ତାରିଖରେ ଅନୁଷ୍ଠିତ ଟେଣ୍ଡର କମିଟି ବୈଠକର ସୁପାରିସ୍ ଆଧାରରେ ଏହି ଟେଣ୍ଡର ଅନୁମୋଦନ କରାଯାଇଛି। ସମ୍ପୃକ୍ତ ଠିକାଦାର ସୁଶ୍ରିତା ମିଶ୍ରଙ୍କୁ ତୁରନ୍ତ ନିର୍ମାଣ ଚୁକ୍ତିନାମା ସ୍ୱାକ୍ଷର କରିବାକୁ ବାଲେଶ୍ୱର ଗ୍ରାମ୍ୟନିର୍ମାଣମଣ୍ଡଳର ମୁଖ୍ୟନିର୍ମାଣଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଡ୍ରେନେଜ୍ ନାଳ ଉପରେ ସେତୁ ନିର୍ମାଣ ଦାବି

ବାରିକପୁର,୧୫।୯ (ସମିସ)



ଭଣ୍ଡାରିପୋଖରୀ ବ୍ଲକ୍‌ରେ ବନ୍ୟାଞ୍ଚଳ ଭାବେ ପରିଗଣିତ ମାଳଦା ନିକଟ ଦେଇ ଯାଇଥିବା ଡ୍ରେନେଜ୍ ନାଳର ବିଭିନ୍ନ ସ୍ଥାନରେ ଏବେ ସେତୁ ନିର୍ମାଣର ଆବଶ୍ୟକତା ଜରୁରୀ ହୋଇପଡ଼ିଛି। ସୂଚନା ମୁତାବକ, ଛତାବର ପର୍ବତୀ ପାର୍ଶ୍ୱରୁ ଆସିଥିବା ଡ୍ରେନେଜ୍ ନାଳଟି ସିଧାସଳଖ ଗେଙ୍ଗୁଟି ନଦୀକୁ ସଂଯୋଗ ହୋଇଛି। ବୈତରଣୀରେ ବନ୍ୟା ଆସିଲେ କଣ୍ଟି ଘାଇ ଦେଇ ନିଷ୍କାସିତ ହେଉଥିବା ପାଣି ଡ୍ରେନେଜ୍ ନାଳରେ ସିଧା ନପଙ୍ଗ ଯାଏଁ ମାଡ଼ିଆସୁଛି। ବନ୍ୟା ପାଣି ବିଲବାଡ଼ି ଓ ଗ୍ରାମ୍ୟ ରାସ୍ତାକୁ ପ୍ରବେଶ କରିବା ପୂର୍ବରୁ ଏଥିପାଇଁ କେତେକ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଉଛି। ଏହାର ପ୍ରମୁଖ କାରଣ ହେଲା ଡ୍ରେନେଜ୍ ନାଳରେ ଶୀଘ୍ର ବନ୍ୟାଜଳ ଭରି ଯାଉଥିବାବେଳେ ଲୋକମାନେ ଯାତାୟାତରୁ ବଞ୍ଚିତ ହେଉଛନ୍ତି। ଯଦିଓ କେଉଁଠି କେମିତି ଘୋଷରା ପୋଲମାନ ରହିଛି କିନ୍ତୁ ନାଳରେ ବନ୍ୟା ପାଣି ପ୍ରବେଶ କରିବା କ୍ଷଣି ତାହା ସମ୍ପୂର୍ଣ୍ଣ ବୁଡ଼ିଯାଉଛି। ତେଣୁ ଡ୍ରେନେଜ୍ ପାର୍ଶ୍ୱବର୍ତ୍ତୀ ଗ୍ରାମର ବାସିନ୍ଦାମାନେ ଅତ୍ୟାବଶ୍ୟକୀୟ ପାଇଁ ବାହାର ବଜାର ଘାଟକୁ ଆସିପାରୁ ନାହାନ୍ତି।

ସୂଚନା ମୁତାବକ, ବଡ଼ନପଙ୍ଗ ଗାଁ ନିକଟରେ ବ୍ରାହ୍ମଣ ସାହିକୁ ସଂଯୋଗ କରୁଥିବା ଡ୍ରେନେଜ୍ ନାଳ ଉପରେ ଥିବା ଘୋଷରାଟି ବନ୍ୟାଜଳ ସହିତ ସାମାନ୍ୟ ବର୍ଷା ହେଲେ ମଧ୍ୟ ବୁଡ଼ିଯାଉଛି। ଲୋକମାନେ ଦୈନିକ ଘୋଷରା ପାର ହୋଇ ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ଆସୁଥିବାବେଳେ ବର୍ଷା ଦିନେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ନାଳରେ ପାଣି ହେଲେ ଘୋଷରା ବୁଡ଼ିଯିବା ଯୋଗୁଁ ସ୍କୁଲ ଛାତ୍ରଛାତ୍ରୀମାନେ ମଧ୍ୟ ଯାତାୟାତ କରିବା କଷ୍ଟକର ହୋଇପଡୁଛି। ଦୀର୍ଘ ଦିନ ହେବ ହୋମ୍ ପାଇପ୍ ଦ୍ୱାରା ଘୋଷରା ନିର୍ମାଣ ହୋଇଥିବାବେଳେ ଏହା ଧୀରେ ଧୀରେ ଦୁର୍ବଳ ହୋଇଗଲାଣି। ଚଳିତ ବର୍ଷ ମଧ୍ୟ ୫/୬ ଥର ବନ୍ୟା ଆସିବାରୁ ଘୋଷରାଟିରେ ଫାଟ ସୃଷ୍ଟି ହୋଇଯାଇଛି। ଦୁଇ ମୁଣ୍ଡରୁ କଂକ୍ରିଟ୍ ମସଲା ମଧ୍ୟ ଭାସିଯାଇଛି। ଏବେ ଏହା ଅତ୍ୟନ୍ତ ସଂକଟାପନ୍ନ ଭାବେ ରହିଛି। ତେଣୁ ପ୍ରଶାସନ ଏହା ଉପରେ ଦୃଷ୍ଟି ଦେଇ ଏଠାରେ ଏକ ସେତୁ ନିର୍ମାଣ ପାଇଁ ନପଙ୍ଗ ପଞ୍ଚାୟତବାସୀ ଦାବି କରିଛନ୍ତି। ଅନୁରୂପ ଭାବେ ଗିଲପଦୀଠାରେ ଫନୀ ବାତ୍ୟାଠାରୁ ଦୀର୍ଘ ୭ ବର୍ଷ ହେବ ଭଗ୍ନ ଅବସ୍ଥାରେ ଗୋଟିଏ ଘୋଷରା ରହିଛି। ଏଥିପାଇଁ ଚାଷୀ ଓ ଗ୍ରାମବାସୀଙ୍କ ସମେତ ଛାତ୍ରଛାତ୍ରୀମାନେ ଗମନାଗମନ ପାଇଁ ହଇରାଣ ହେଉଛନ୍ତି। ତେଣୁ ଏହା ଉପରେ ମଧ୍ୟ ପ୍ରଶାସନିକ ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି।

# ସରତା ପୋଲ ମୁଣ୍ଡରେ ଦୁର୍ଘଟଣା ଆଶଙ୍କା

**ବାରିକପୁର,୧୫।୯ (ସମିସ):** ଭଣ୍ଡାରିପୋଖରୀ ପାଳଦା ବାଙ୍କଠାରୁ ଯାଜପୁରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାଟି ଅତ୍ୟନ୍ତ ସଂକଟାପନ୍ନ ହୋଇଗଲାଣି। ରାସ୍ତାର ପୁରୁଷୋତ୍ତମପୁର, ରାଢୋ, ଖପୁରିଆପଦା, ପଟାପୋଲ ପ୍ରମୁଖ ସ୍ଥାନରେ ଦୈନିକ କିଛି ନା କିଛି ଦୁର୍ଘଟଣା ଘଟୁଛି। ସେହିଭଳି ମାଳଦା ବଜାରଠାରୁ ଜଳହରି ଯାଏଁ ରାସ୍ତା ଅବସ୍ଥା ନ କହିଲେ ଭଲ। ବିଶେଷକରି ଏହି ସୀମା ମଧ୍ୟରେ ଥିବା ସରତା ପୋଲର ଉପରି ଭାଗ ଜରାଜୀର୍ଣ୍ଣ ହୋଇଗଲାଣି। ପୋଲ ଉପରୁ



ପ୍ଲାଷ୍ଟର ଉଠି ଦୀର୍ଘ ଦିନ ଧରି ଲୁହା ଛଡ଼ ଦେଖାଯିବା କାରଣରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ସେହିଭଳି ଲଗାଣ ବର୍ଷା ଓ ବନ୍ୟା ଯୋଗୁଁ ଗୋଟିଏ ପାର୍ଶ୍ୱ ପୋଲ ମୁଣ୍ଡରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ପୋଲ ଓ ରାସ୍ତାକୁ ସଂଯୋଗ ପାଇଁ ପଡ଼ିଥିବା ମାଟି ଏବଂ ପଥର ସମ୍ପୂର୍ଣ୍ଣ ଭାବେ ଧୋଇଯାଇଛି। ଫଳରେ ସେତୁ ମୁଣ୍ଡରେ କୂଅ ସଦୃଶ ଗର୍ତ୍ତ ହୋଇଥିବାବେଳେ ଗାଈଗୋରୁ ଓ ବୁଲା କୁକୁର ଏଥିରେ ପଡ଼ି ଆହତ ହୋଇଥିବା ଜଣାଯାଇଛି। ଯଦି କେହି ସାଇକଲ ଓ ମୋଟର ସାଇକଲ ଆରୋହୀ ମାଳଦା ବଜାର ଏବଂ ଜଳହରି ଗାଁ ପଟରୁ ଆସୁଛନ୍ତି ଟିକେ ଅସାବଧାନତା ହେଲେ ଦୁର୍ଘଟଣା ହେବାର ଆଶଙ୍କା ରହିଛି। ରାତି ବେଳା ଯଦି କେହି ଅଜଣା ଲୋକ ଯାତାୟାତ କରନ୍ତି ସେମାନେ ଗର୍ତ୍ତରେ ପଡ଼ି ଖଣ୍ଡିଆଖାବରା ହେବେ ଏଥିରେ ସନ୍ଦେହ ନାହିଁ। ତେଣୁ ସମ୍ପୂର୍ଣ୍ଣ ରାସ୍ତା ସହିତ ଭଗ୍ନ ଅବସ୍ଥାରେ ଥିବା ସରତା ସେତୁ ଉପରେ ପୂର୍ତ୍ତ ବିଭାଗ ଯନ୍ତ୍ରୀମାନେ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

**ସୁନାମୁହିଁ ପୀଠକୁ ବିପଦ**

# ଦବିଗଲା ପାହାଚ ସଂଲଗ୍ନ ପଥର ପ୍ୟାକିଂ



**ବାରିକପୁର,୧୫।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକ୍ ନେରଡ଼ା ବୈତରଣୀ କୂଳରେ ଜିଲ୍ଲାର ଅନ୍ୟତମ ଶକ୍ତି କ୍ଷେତ୍ର ମା' ସୁନାମୁହିଁଙ୍କ ପୀଠ ରହିଛି। ମା'ଙ୍କ ମନ୍ଦିର ନଦୀପଠା ଉପରେ ରହିଥିବାବେଳେ ଏବେ କିଛି ବର୍ଷ ହେବ ଧୀରେ ଧୀରେ ବୈତରଣୀ କୂଳ ଲଙ୍ଘୁଛି। ନଦୀକୂଳଠାରୁ ମାତ୍ର ୧୦୦ ମିଟର ଦୂରରେ ମା'ଙ୍କ ଭବ୍ୟ ମନ୍ଦିର ରହିଛି। ତେଣୁ ମା' ସୁନାମୁହିଁଙ୍କ ପୀଠକୁ ବିପଦ ଘନଉଥିବା ଆଶଙ୍କା କରି ଏହାର ସୁରକ୍ଷା ପାଇଁ ବାରମ୍ବାର ଦାବି ହୋଇଥିଲା। ତଦନୁଯାୟୀ ଚଳିତ ବର୍ଷ ଆଖୁଆପଦା ଜଳସମ୍ପଦ ବିଭାଗ ପକ୍ଷରୁ ମନ୍ଦିର ପଛପଟ ନଦୀକୂଳରେ ଲକ୍ଷାଧିକ ଟଙ୍କାର ପଥର ପ୍ୟାକିଂ କାର୍ଯ୍ୟ ସହିତ ଭକ୍ତଙ୍କ ସୁବିଧା ପାଇଁ ପାହାଚ ନିର୍ମାଣ ହୋଇଥିଲା। ଦୁଃଖର କଥା ଜୁଲାଇରୁ ଅଗଷ୍ଟ ମାସ ମଧ୍ୟରେ ବୈତରଣୀ ନଦୀରେ ବାରମ୍ବାର ବନ୍ୟା ଆସିବା କାରଣରୁ ପଥର ପ୍ୟାକିଂ କାର୍ଯ୍ୟ ଅନେକାଂଶରେ କ୍ଷତିଗ୍ରସ୍ତ ହୋଇଛି। ପାହାଚ ଦୁଇପାର୍ଶ୍ୱକୁ ଲାଗି ପଥର ପ୍ୟାକିଂ ହୋଇଥିବାବେଳେ କିଛି ଜାଗାରେ ଡମ୍ପିଂ ମଧ୍ୟ ହୋଇଥିଲା। ବାରମ୍ବାର ପାଣି ମାଡ଼ ଯୋଗୁଁ ପଥରଗୁଡ଼ିକ ଦବିଯାଇଥିବା ବେଳେ କେତେକ ପଥର ମଧ୍ୟ ଭାସିଯାଇଥିବା ଜଣାଯାଇଛି। ତେଣୁ ମା' ସୁନାମୁହିଁଙ୍କ ପୀଠକୁ ପୂର୍ବରୁ ଯେଉଁ ବିପଦ ଥିଲା ଏବେ ମଧ୍ୟ ସମାନ ଅବସ୍ଥା ଦେଖାଦେଇଛି। ତେଣୁ ପ୍ରଶାସନ ଏହା ଉପରେ ତୁରନ୍ତ ଦୃଷ୍ଟି ଦେଇ ମରାମତି କରିବାକୁ ମନ୍ଦିର କମିଟି ସଭାପତି ଭାଗବତ ଜେନା, ମୁଖ୍ୟ ପରିଚାଳକ ଅନନ୍ତ କିଶୋର ଜେନା, ବରିଷ୍ଠ ସଦସ୍ୟ ସରୋଜ ପଣ୍ଡା, ବୀରଭଦ୍ର ଜେନା, ବସନ୍ତ ନାୟକ, ଦୀପକ ଜେନା, ପାଗଳ ବେହେରା, ପ୍ରଫୁଲ୍ଲ ଜେନା, କାଳିଆ ମାଝୀ, ଭୀମସେନ ଜେନା ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

# ବନ୍ୟା ପର କଷ୍ଟ: ଏବେ ବି ଚୁଲିରୁ ଶୁଖିନି ପାଣି



**ଅସୁରାଳି,୧୫।୯ (ସମିସ):** କିଛିଦିନ ତଳେ ଆସିଥିବା ବନ୍ୟା ଜଳ ହ୍ରାସ ପାଇଥିଲେ ମଧ୍ୟ ହାସନାବାଦ ଜେନାସାହିରେ ବାସ କରୁଥିବା ୩୦ ପରିବାରର ଦୁଃଖ ନ କହିବା ଭଲ। ଅର୍ଜୁନପୁର ପଞ୍ଚାୟତବାସୀଙ୍କ ଦୁର୍ଦ୍ଦଶା କମିବାର ନାଁ ନେଉନାହିଁ। ବନ୍ୟାଜଳ ଗାଁରୁ ଛାଡ଼ିଯାଇଛି ସତ, ହେଲେ ଦୈନନ୍ଦିନ ଜୀବନଜୀବିକା ପାଇଁ ଜାରି ରହିଥିବା ସଂଘର୍ଷ ଏବେ ବନ୍ୟା ଦୁଃଖଠାରୁ ବଳିଯାଇଛି। ବନ୍ୟା ପାଣି ପଶିଯିବା ଫଳରେ ଅର୍ଜୁନପୁର ଓ ହାସନାବାଦ ପଞ୍ଚାୟତର ବହୁ ଲୋକଙ୍କ କଚ୍ଚାଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଲୋକଙ୍କ ଘରଦ୍ୱାର, ଆସବାବପତ୍ର ଏବଂ ରୋଷେଇ ସାମଗ୍ରୀ ବନ୍ୟା ପାଣିରେ ଭାସିଯାଇଛି। ଫଳରେ ଅନେକ ପରିବାର ଏବେ ବି ଚୁଲି ଜାଳି ନ ପାରି ଭୋକଉପାସରେ ଦିନ କାଟୁଛନ୍ତି। ଘର ଭାଙ୍ଗିଯାଇଥିବାରୁ ପଲିଥିନ୍ ଟାଙ୍ଗି ଅସହାୟ ଭାବେ ଦିନ ବିତାଉଛନ୍ତି ବିପନ୍ନ। ବନ୍ୟା ପ୍ରକୋପରେ ହାସନାବାଦ ଓ ଅର୍ଜୁନପୁର ଅଞ୍ଚଳର ବହୁ ଚାଷଜମିରେ ବାଲି ଚରିଯାଇ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସମବାୟ ସମିତି ଓ ବ୍ୟାଙ୍କରୁ ଋଣ ନେଇ ଚାଷ କରିଥିବା ଚାଷୀମାନେ ଏବେ ଆଗକୁ କିପରି ଋଣ ପରିଶୋଧ କରିବେ ଏବଂ ପରିବାର ପ୍ରତିପୋଷଣ କରିବେ, ସେନେଇ ଗଭୀର ଚିନ୍ତାରେ ପଡ଼ିଛନ୍ତି।

ସୂଚନାଯୋଗ୍ୟ ଯେ, ସ୍ଥାନୀୟ ସରପଞ୍ଚ ଓ ପ୍ରଶାସନ ପକ୍ଷରୁ ପ୍ରାରମ୍ଭିକ ପର୍ଯ୍ୟାୟରେ କିଛି ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଥିଲେ ବି ତାହା ଆବଶ୍ୟକତା ତୁଳନାରେ ଯଥେଷ୍ଟ ନୁହେଁ। ବର୍ତ୍ତମାନ ସୁଦ୍ଧା ଘରଭଙ୍ଗା ସହାୟତା କିମ୍ବା ଫସଲ କ୍ଷତିପୂରଣ ପାଇଁ କୌଣସି ସର୍ଭେ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ବିପନ୍ନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ତୁରନ୍ତ କ୍ଷତିପୂରଣ ଯୋଗାଇଦେବା ସହ ଭଙ୍ଗାଘର ପୁନଃନିର୍ମାଣ ପାଇଁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଆରିହାନ୍ତ ଏକାଡେମୀର 'ଆସ ମଣିଷ ହେବା' କାର୍ଯ୍ୟକ୍ରମ




**ଭଦ୍ରକ,୧୫।୯ (ସମିସ):** ଜଗନ୍ନାଥପୁରସ୍ଥ ଭଦ୍ରକର ବହୁ ପ୍ରାଚୀନ ଆବାସିକ ବିଜ୍ଞାନ କୋଚିଂ ସେଣ୍ଟର ଆରିହାନ୍ତ ଏକାଡେମୀ ତରଫରୁ ଯୁବ ଛାତ୍ରଛାତ୍ରୀଙ୍କ ନିମିତ ଚରିତ୍ର ଓ ମୂଲ୍ୟବୋଧ ନିର୍ମାଣ ଆଧାରିତ ଅଭିନବ କାର୍ଯ୍ୟକ୍ରମ 'ଆସ ମଣିଷ ହେବା' ଏକାଡେମୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ନିର୍ଦ୍ଦେଶକ ସୁରେଶ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଏକ ଦିବସୀୟ କାର୍ଯ୍ୟକ୍ରମରେ ବିଶିଷ୍ଟ ବୈଦିକ ବିଦ୍ୱାନ ପଣ୍ଡିତ ବୀରେନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଭଲ ମଣିଷ ହେବାର ମାର୍ଗ ପରିବାରରୁ ଆରମ୍ଭ ହୋଇଥାଏ ବୋଲି ଦର୍ଶାଇ ଦୈନିକ ଦିନଚର୍ଯ୍ୟା କିପରି ହେବା ଉଚିତ୍ ତାହାର ଶାସ୍ତ୍ରୋଚିତ ନିୟମ ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ନାୟକ ଯୋଗଦେଇ ପିତାମାତାଙ୍କ ଆଶୀର୍ବାଦ ହିଁ ଆମକୁ ସଫଳ କରେ ଏବଂ ଏଥିପାଇଁ ଆମେ ତାଙ୍କର ଆଶା ପୂରଣ ପାଇଁ ନିରନ୍ତର ବିଦ୍ୟାର୍ଥୀ ପଞ୍ଚ ଲକ୍ଷଣର ଅଧିକାରୀ ହେବାକୁ ସାଧନା କରିବା ଉଚିତ୍ ବୋଲି ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ କବି ଗୌତମ ମହାରଣା, ଅଧ୍ୟାପକ ନୃସିଂହ ଚରଣ ପାଢ଼ୀ, ଅମିତ୍ କୁମାର, ରବୀନ୍ଦ୍ର ପିଲାଇ, ଅବନୀ ପତି ପ୍ରମୁଖ ଯୋଗଦେଇ ମଣିଷ ହେବାର ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ପ୍ରଥମ ବର୍ଷ ବିଜ୍ଞାନ ଶ୍ରେଣୀର ବିଦ୍ୟାର୍ଥୀଙ୍କୁ ସ୍ୱାଗତ ମଧ୍ୟ କରାଯାଇଥିଲା। ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ଅନ୍ତର୍ନିହିତ ପ୍ରତିଭାର ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମକୁ ତାରାକାନ୍ତ ବିଶ୍ୱାଳ, ରାଜେଶ ରାଉତ, ପ୍ରଜ୍ଞାପାରମିତା, ତୃପ୍ତିମୟୀ ପ୍ରମୁଖ ପରିଚାଳନା କରିଥିଲେ।

**ସୁନା ବ୍ୟବସାୟ ନାଁରେ ୧୧ ଲକ୍ଷ ଠକେଇ ଅଭିଯୋଗ**

# 'ହୀନା ଇମ୍ପେକ୍ସ' ମାଲିକଙ୍କ ସମେତ ୩ ଜଣଙ୍କ ନାଁରେ ମାମଲା

**ଭଦ୍ରକ,୧୫।୯ (ସମିସ):** ସୁନା ବ୍ୟବସାୟରେ ବିନିଯୋଗ କରାଇବାର ପ୍ରତିଶ୍ରୁତି ଦେଇ ୧୦ ଲକ୍ଷ ୮୦ ହଜାର ଟଙ୍କା ନେଇ ଠକେଇ କରିଥିବା ଅଭିଯୋଗରେ ଭଦ୍ରକ ଟାଉନ ଥାନାରେ ୩ ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି। କୋର୍ଟଙ୍କ ନିର୍ଦ୍ଦେଶ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ନୂଆବଜାର ଅଞ୍ଚଳର ରାଜେନ୍ଦ୍ର ବେହେରା ଏନେଇ ଅଭିଯୋଗ କରିଛନ୍ତି। ଏତଲାରେ ଭଦ୍ରକ ଟାଉନସ୍ଥିତ "ହୀନା ଇମ୍ପେକ୍ସ'ର ମାଲିକ ଶକିଲ ୟୁସୁଫ୍ ଶେଖ୍, ପାର୍ଟନର ସାହିଦ୍ କାଜି ଓ କର୍ମଚାରୀ ସଲିମଙ୍କ ନାମ ରହିଛି। ଅଭିଯୋଗ ଅନୁସାରେ, ସୁନା ବ୍ୟବସାୟରେ ଟଙ୍କା ବିନିଯୋଗ କଲେ ଲାଭ ମିଳିବ ବୋଲି କହି ଅଭିଯୁକ୍ତମାନେ ରାଜେନ୍ଦ୍ରଙ୍କଠାରୁ ୧୦.୮୦ ଲକ୍ଷ ଟଙ୍କା ନେଇଥିଲେ। ପରେ ଟଙ୍କା ଫେରସ୍ତ ନ କରିବା ସହ ପ୍ରତିଶ୍ରୁତି ମୁତାବକ ସୁବିଧା ଦିଆଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ରାଜେନ୍ଦ୍ର ଭଦ୍ରକ ଏସ୍‌ଡିଜେଏମ୍ କୋର୍ଟରେ ଆଇସିସି ନଂ ୨୮୬/୨୬ ଦାଏର କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପରେ ଗତ ୧୨ ତାରିଖରେ ଭଦ୍ରକ ଟାଉନ ଥାନାରେ କେସ୍ ନମ୍ବର ୦୫୬୧/୨୦୨୬ରେ ମାମଲା ରୁଜୁ ହୋଇଛି। ବିଏନ୍‌ଏସ୍‌ର ଦଫା ୩୧୮(୪) ଓ ୩(୫)ରେ ମାମଲା ରୁଜୁ କରାଯାଇଛି। ଟାଉନ ଥାନା ଅଧିକାରୀ ପ୍ରଭାଂଶୁ ଶେଖର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ଚମ୍ପାବତୀ ମାର୍ଣ୍ଡି ମାମଲାର ତଦନ୍ତ କରୁଛନ୍ତି। ତଦନ୍ତ ପରେ ଅଭିଯୋଗର ସତ୍ୟତା ଓ ଟଙ୍କା କାରବାରର ସମ୍ପୂର୍ଣ୍ଣ ତଥ୍ୟ ସ୍ପଷ୍ଟ ହେବ।

# ଧାମନଗର ବ୍ଲକ୍‌ରେ ରିଲିଫ୍ ବଣ୍ଟନରେ ଅନିୟମିତତା; ଜନ ଅସନ୍ତୋଷ

**ବେତାଳିଗାଁ,୧୫।୯ (ସମିସ):** ଧାମନଗର ବ୍ଲକ୍‌ର ପାଳସାହି, ରଇପୁର ସମେତ ବିଭିନ୍ନ ପଞ୍ଚାୟତରେ ବନ୍ୟା ପ୍ରପୀଡ଼ିତଙ୍କ ପାଇଁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ୭ ଦିନିଆ ରିଲିଫ୍ ସାମଗ୍ରୀ ବଣ୍ଟନକୁ ନେଇ ଅନିୟମିତତା ଅଭିଯୋଗ ଉଠିଛି। ବିଶେଷକରି ଅନେକ ପରିବାରର ସମସ୍ତ ସଦସ୍ୟଙ୍କୁ ରିଲିଫ୍ ତାଲିକାରେ ସାମିଲ୍ କରାଯାଇ ନ ଥିବା ନେଇ ବନ୍ୟା ପ୍ରପୀଡ଼ିତମାନେ ଅଭିଯୋଗ କରିଛନ୍ତି। ଫଳରେ ବିଭିନ୍ନ ଅଞ୍ଚଳରେ ଜନ ଅସନ୍ତୋଷ ପ୍ରକାଶ ପାଉଥିବା ଜଣାପଡ଼ିଛି। ଲଗାତାର ଭାବେ ତିନିରୁ ଚାରି ଥର ବଡ଼ ବନ୍ୟା ଓ ପ୍ରବଳ ବର୍ଷାର ସମ୍ମୁଖୀନ ହୋଇଥିବା ଧାମନଗର ଅଞ୍ଚଳରେ ଚାଷବାସ, ଘରଦ୍ୱାର ଓ ଜୀବିକା ଗୁରୁତର ଭାବେ ପ୍ରଭାବିତ ହୋଇ ଲୋକମାନଙ୍କର ଆର୍ଥିକ ମେରୁଦଣ୍ଡ ଭୁଶୁଡ଼ି ପଡ଼ିଛି। ଏଭଳି ସମୟରେ ରିଲିଫ୍ ସାମଗ୍ରୀ ପାଇବା ବନ୍ୟା ପ୍ରପୀଡ଼ିତ ପରିବାରଗୁଡ଼ିକ ପାଇଁ ଅତ୍ୟନ୍ତ ଜରୁରୀ ହୋଇଥିବାବେଳେ, ବଣ୍ଟନ ପ୍ରକ୍ରିୟାରେ କୌଣସି ପରିବାର ବା ପରିବାରର ଯୋଗ୍ୟ ସଦସ୍ୟ ବାଦ୍ ପଡ଼ିଥିଲେ ତାହା ଅତ୍ୟନ୍ତ ସମ୍ବେଦନଶୀଳ ଓ ଗୁରୁତର ପ୍ରଶାସନିକ ପ୍ରଶ୍ନ ସୃଷ୍ଟି କରୁଛି।

ଅଭିଯୋଗ ଅନୁଯାୟୀ, ବିଭିନ୍ନ ପଞ୍ଚାୟତରେ ବହୁ ପରିବାରର କିଛି ସଦସ୍ୟଙ୍କୁ ରିଲିଫ୍ ତାଲିକାରୁ ବାଦ୍ ଦିଆଯାଇଥିବାରୁ ଅନେକ ପରିବାର ଆବଶ୍ୟକ ପରିମାଣର ସହାୟତା ପାଇବାରୁ ବଞ୍ଚିତ ହୋଇଥିବା ଦାବି କରିଛନ୍ତି। ତେବେ ଏହି ଅଭିଯୋଗର ସତ୍ୟତା କେତେଦୂର ରହିଛି, ତାହା ସରକାରୀ ତାଲିକା, ବଣ୍ଟନ ରେଜିଷ୍ଟର ଓ ପ୍ରକୃତ ହିତାଧିକାରୀଙ୍କ ତଥ୍ୟ ଯାଞ୍ଚ ପରେ ହିଁ ସ୍ପଷ୍ଟ ହୋଇପାରିବ। ଏ ସମ୍ପର୍କରେ ଧାମନଗର ବିଡିଓ ଓ ସିଇଓଙ୍କ ସହ ଯୋଗାଯୋଗ କରାଯିବାରୁ, ଅଙ୍ଗନବାଡ଼ି କର୍ମୀମାନଙ୍କ ଦ୍ୱାରା ପ୍ରସ୍ତୁତ ତାଲିକା ଅନୁଯାୟୀ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଉଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ, ସମ୍ପୃକ୍ତ ଅଙ୍ଗନବାଡ଼ି କର୍ମୀମାନେ ମଧ୍ୟ କୌଣସି ବନ୍ୟା ପ୍ରପୀଡ଼ିତ ପରିବାର ବା ପରିବାରର ସଦସ୍ୟଙ୍କୁ ଜାଣିଶୁଣି ତାଲିକାରୁ ବାଦ୍ ଦିଆଯାଇ ନ ଥିବା କହିଛନ୍ତି। ତେବେ ପ୍ରଶ୍ନ ଉଠୁଛି, ଯଦି ପ୍ରଶାସନିକ ଅଧିକାରୀଙ୍କ କହିବା ଅନୁଯାୟୀ ଅଙ୍ଗନବାଡ଼ି ତାଲିକା ଆଧାରରେ ରିଲିଫ୍ ବଣ୍ଟନ ହୋଇଛି ଏବଂ ଅଙ୍ଗନବାଡ଼ି କର୍ମୀଙ୍କ କହିବା ଅନୁଯାୟୀ କୌଣସି ପରିବାର ସଦସ୍ୟଙ୍କୁ ବାଦ୍ ଦିଆଯାଇନାହିଁ, ତେବେ କିଛି ପରିବାରର ସଦସ୍ୟ ରିଲିଫ୍‌ରୁ ବଞ୍ଚିତ ହେଲେ କିପରି ଏହା ଏବେ ନିହାତି ତଦନ୍ତର ବିଷୟ ପାଲଟିଛି। ବନ୍ୟା ପରି ଦୁର୍ବିପାକ ସମୟରେ ସରକାରୀ ସହାୟତାର ସୁଚାରୁ ଓ ସ୍ୱଚ୍ଛ ବଣ୍ଟନ ଅତ୍ୟନ୍ତ ଜରୁରୀ। ତେଣୁ ଅଭିଯୋଗଗୁଡ଼ିକର ନିରପେକ୍ଷ ଯାଞ୍ଚ କରି, ପ୍ରକୃତ ହିତାଧିକାରୀଙ୍କ ତାଲିକା, ବଣ୍ଟନ ରେଜିଷ୍ଟର ଓ ରିଲିଫ୍ ପାଇଥିବା ପରିବାରର ବାସ୍ତବ ସ୍ଥିତି ଯାଞ୍ଚ କରିବାକୁ ବନ୍ୟା ପ୍ରପୀଡ଼ିତ ଓ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି। ଅଭିଯୋଗର ନିରପେକ୍ଷ ତଦନ୍ତ ହେଲେ ପ୍ରକୃତ ଚିତ୍ର ସାମ୍ନାକୁ ଆସିବା ସହ ଯଦି କୌଣସି ସ୍ତରରେ ତ୍ରୁଟି ଥିବା ପ୍ରମାଣିତ ହୁଏ, ତେବେ ଯୋଗ୍ୟ ବନ୍ୟା ପ୍ରପୀଡ଼ିତଙ୍କୁ ତାଙ୍କର ପ୍ରାପ୍ୟ ସହାୟତା ମିଳିବାର ବାଟ ମଧ୍ୟ ସୁଗମ ହୋଇପାରିବ।

# ମୃତ୍ୟୁଞ୍ଜୟଙ୍କ ବିୟୋଗରେ ବିଜେଡି ପକ୍ଷରୁ ମହମବତି ଶୋଭାଯାତ୍ରା

**ବେତାଳିଗାଁ,୧୫।୯ (ସମିସ):** ସମାଜସେବୀ ତଥା ପ୍ରତିଷ୍ଠିତ ବ୍ୟବସାୟୀ ମୃତ୍ୟୁଞ୍ଜୟ ସାହୁ (ରୋଗା ଭାଇ)ଙ୍କ ଅକାଳ ବିୟୋଗରେ ଧାମନଗର ବ୍ଲକ୍ ପାଳସାହି ପଞ୍ଚାୟତ ବିଜେଡି ପକ୍ଷରୁ ଏକ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୃତ୍ୟୁଞ୍ଜୟ ଦଳର ଜଣେ ଆଗଧାଡ଼ିର ପୁରୁଣା କର୍ମୀ ଭାବେ ଦୀର୍ଘଦିନ ଧରି ସକ୍ରିୟ ରହିଥିଲେ। ପାଳସାହି ପଞ୍ଚାୟତରେ ଦଳକୁ ସୁଦୃଢ଼ କରିବା ସହ ବିଭିନ୍ନ ସାଂଗଠନିକ କାର୍ଯ୍ୟରେ ତାଙ୍କର ସକ୍ରିୟ ଅବଦାନ ରହିଥିବାରୁ ତାଙ୍କ ବିୟୋଗରେ ଦଳୀୟ କର୍ମୀମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ପାଳସାହି ହନୁମାନ ମନ୍ଦିର ନିକଟରୁ ଏହି ମହମବତି ଶୋଭାଯାତ୍ରା ବାହାରି ବେତାଳିଗାଁ ବଜାର ପରିକ୍ରମା କରି ଗାନ୍ଧୀ ମଣ୍ଡପ ନିକଟରେ ପହଞ୍ଚିଥିଲା। ସେଠାରେ ଦିବଂଗତ ସାହୁଙ୍କ ସ୍ମୃତିଚାରଣ କରାଯିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ଏହି ଶୋଭାଯାତ୍ରାରେ




ପଞ୍ଚାୟତ ବିଜେଡିର ବହୁ କର୍ମୀଙ୍କ ସମେତ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଧୂଷୁରୀ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ଅସୁରାଳି ଜିଲ୍ଲା ପରିଷଦ ସଭ୍ୟ ସାରଦା ପ୍ରସନ୍ନ ସାହୁ, ବ୍ଲକ୍ ବିଜେଡି ସଭାପତି ପ୍ରତାପ ସାମଲ, ଉମେଶ ମହାନ୍ତି, ପଞ୍ଚାୟତ ସଭାପତି ବ୍ରଜେନ୍ଦ୍ର ମହାନ୍ତି, ଅନିଲ ଦାଶ, ସୁକାନ୍ତ ମଲ୍ଲିକ, ଆଲୋକ ରାଉତ, ସରପଞ୍ଚ ଜଗତାନନ୍ଦ ସେଠୀ, ଜିତେନ୍ଦ୍ର ଦାଶ, କୃଷ୍ଣଚନ୍ଦ୍ର ପ୍ରଧାନ, ଭବରଞ୍ଜନ ମହାନ୍ତି, ସମିତିସଭ୍ୟ ଭାରତ ବିଜୟ ଦଳେଇ ପ୍ରମୁଖ ଯୋଗଦେଇଥିଲେ। ଉପସ୍ଥିତ ନେତୃବୃନ୍ଦ ଓ କର୍ମୀମାନେ ମୃତ୍ୟୁଞ୍ଜୟ ସାହୁଙ୍କ ଦଳ ପ୍ରତି ଦୀର୍ଘଦିନର ସମର୍ପଣ, ସମାଜସେବା, ସରଳତା ଓ ମିଳାପୀ ସ୍ୱଭାବକୁ ସ୍ମରଣ କରି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିସହ ଶୋକସନ୍ତପ୍ତ ପରିବାରକୁ ଏହି ଅପୂରଣୀୟ ଦୁଃଖ ସହିବା ପାଇଁ ଧୈର୍ଯ୍ୟ ଓ ଶକ୍ତି ପ୍ରଦାନ କରିବାକୁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

# ୮ ସେତୁ ପାଇଁ ୨୪ ଲକ୍ଷ ଅନୁଦାନ; ସର୍ଭେ ଓ ତଦନ୍ତ ଖର୍ଚ୍ଚକୁ ମଞ୍ଜୁରି

**ଭଦ୍ରକ,୧୫।୯ (ସମିସ):** ଭଦ୍ରକ ଜିଲ୍ଲାରେ ୮ଟି ନୂତନ ସେତୁ ନିର୍ମାଣ ପାଇଁ ପ୍ରାଥମିକ ପଦକ୍ଷେପ ଆରମ୍ଭ ହୋଇଛି। ଏହି ପ୍ରକଳ୍ପଗୁଡ଼ିକର ସର୍ଭେ ଓ ତଦନ୍ତ କାର୍ଯ୍ୟ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମୋଟ୍ ୨୪ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ପ୍ରତ୍ୟେକ ସେତୁ ପାଇଁ ୩ ଲକ୍ଷ ଟଙ୍କା ଲେଖାଏଁ ବ୍ୟୟ ବରାଦ ହୋଇଛି। ବିଭାଗୀୟ ସୂଚନା ଅନୁଯାୟୀ, ଭଦ୍ରକ-୧ ଓ ଭଦ୍ରକ-୨ ଗ୍ରାମ୍ୟ ନିର୍ମାଣ ଡିଭିଜନ୍ ଅଧୀନରେ ଏହି ୮ଟି ପ୍ରକଳ୍ପ ରହିଛି। ଭଦ୍ରକ-୧ ଡିଭିଜନ ଅଧୀନରେ କୁଣ୍ଡି ନଦୀ ଉପରେ ମାଳିଆରୁଆଁ ରାସ୍ତାରେ ହାଇ-ଲେଭେଲ ସେତୁ, ଭଦ୍ରକାଳୀ ମନ୍ଦିରରୁ ରଘୁପତିବିନ୍ଧା ରାସ୍ତାର ୧.୩୫୦ କି.ମି.ରେ ସାଳନ୍ଦୀ ନଦୀ ଉପରେ ସେତୁ ଏବଂ ସବରଙ୍ଗା-ହରିପୁର ରାସ୍ତାରେ ଧନତ୍ରୀ ନଦୀ ଉପରେ ସେତୁ ନିର୍ମାଣ ପାଇଁ ସର୍ଭେ ଓ ତଦନ୍ତ ହେବ। ସେହିପରି ଭଦ୍ରକ-୨ ଡିଭିଜନ ଅଧୀନରେ ମାଧପୁର-ହେଙ୍ଗୁପଟି ରାସ୍ତାରେ ସାଳିଆଜୋର ନଦୀ ଉପରେ, ଘଟାପୁର-ରଟଣୀ ରାସ୍ତାରେ ନୂଆ ନାଳ ଉପରେ, ମୌଦପୁର-ନିଧିବିନ୍ଧା ରାସ୍ତାର ୧.୪ କିମି ନିକଟ କାଠମୁଣ୍ଡାରେ ଚେଲିଆ ନାଳ ଉପରେ ଏବଂ ଆର୍‌ଡି ରାସ୍ତାରୁ ବାବାଜୀପୁହାଣ ଜମି ରାସ୍ତାରେ ବ୍ରଜାନନ୍ଦପୁର ଜୋର ଉପରେ ହାଇ-ଲେଭେଲ ସେତୁ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ଏଥିସହ ଲକ୍ଷ୍ମୀଦାସପୁର ଛକ ନିକଟ କାମାରଗାଁ-ବାଲିମେଡ଼ ପିଡବ୍ଲ୍ୟୁଡି ରାସ୍ତାରେ ଆଉ ଏକ ସେତୁ ନିର୍ମାଣ ପାଇଁ ମଧ୍ୟ ସର୍ଭେ ହେବ। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍‌ଙ୍କ ପକ୍ଷରୁ ୯ ସେପ୍ଟେମ୍ବର ୨୦୨୬ରେ ପତ୍ର ସଂଖ୍ୟା ୩୨୪୮୭ ଜାରି ହୋଇଛି। ୨୦୨୬-୨୭ ବର୍ଷର ରାସ୍ତା ଓ ସେତୁ କାର୍ଯ୍ୟକ୍ରମ ଅଧୀନରେ 'ସର୍ଭେ ଆଣ୍ଡ ଇନ୍‌ଭେଷ୍ଟିଗେସନ୍ ଏକ୍ସପେନ୍ସ' ବାବଦରେ ଏହି ଅର୍ଥ ବରାଦ ହୋଇଛି। ସର୍ଭେ ଓ ତଦନ୍ତ ପରେ ପ୍ରକଳ୍ପଗୁଡ଼ିକର ବୈଷୟିକ ଦିଗ, ସେତୁର ଆବଶ୍ୟକତା ଓ ନିର୍ମାଣ ସମ୍ଭାବନା ସମ୍ପର୍କରେ ଆକଳନ କରାଯିବ। ପରବର୍ତ୍ତୀ ପଦକ୍ଷେପରେ ପ୍ରକଳ୍ପଗୁଡ଼ିକର ନିର୍ମାଣ ନେଇ ଆବଶ୍ୟକୀୟ ଅନୁମୋଦନ ଓ ପ୍ରଶାସନିକ ପ୍ରକ୍ରିୟା ଆଗକୁ ବଢ଼ିବ।


# ଘୋର୍ ଶିକ୍ଷା ସମସ୍ୟାରେ ୨ ପ୍ରମୁଖ ବିଦ୍ୟାଳୟ

**ରାମନାରାୟଣରେ ନାହିଁ ରୋଷେଇଶାଳା | ବୀଣାପାଣିରେ ଦ୍ୱିତୀୟ ଶ୍ରେଣୀ ଛାତ୍ରଛାତ୍ରୀ ଶୂନ୍**

ଦୋଳସାହି,୧୫।୯ (ସମିସ)

ତିହିଡ଼ି ବ୍ଲକ୍ ଅଧୀନ ଦୋଳସାହି ଓ ଗୁଆମାଳ ପଞ୍ଚାୟତର ୨ ପ୍ରମୁଖ ବିଦ୍ୟାଳୟ ସମସ୍ୟା ଘେରରେ ରହିଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଦୋଳସାହି ପଞ୍ଚାୟତର ପିଏମ୍‌ଶ୍ରୀ ରାମନାରାୟଣ ସ୍କୁଲରେ ରୋଷେଇ ଘର ନ ଥିବାରୁ ଖୋଲା ଆକାଶ ତଳେ ପିଲାଙ୍କ ମଧ୍ୟାହ୍ନଭୋଜନ ରୋଷେଇ ହେଉଛି। ସେହିପରି ଗୁଆମାଳ ବୀଣାପାଣି ଉଚ୍ଚ ବିଦ୍ୟାଳୟରେ ୩ ଶିକ୍ଷକଙ୍କ ଅଭାବ ସହ ଦ୍ୱିତୀୟ ଶ୍ରେଣୀରେ କୌଣସି ଛାତ୍ରଛାତ୍ରୀ ନ ଥିବା ବିସ୍ମିତ କରିଛି।

ସୂଚନାଯୋଗ୍ୟ, ଦୋଳସାହି ପଞ୍ଚାୟତର ପିଏମ୍‌ଶ୍ରୀ ରାମନାରାୟଣ ସ୍କୁଲରେ ୬୫୦ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ଏହି ବିଦ୍ୟାଳୟରେ ରୋଷେଇ







ଗୃହ ନାହିଁ। ଫଳରେ ଖୋଲା ଆକାଶ ତଳେ ରୋଷେଇ ହେଉଥିବା ଦେଖିବାକୁ ମିଳୁଛି। ସରକାରଙ୍କ ପକ୍ଷରୁ ନିର୍ମାଣ ହେଉଥିବା ୨ଟି ବିଦ୍ୟାଳୟ ଗୃହ ଅଧପନ୍ତରିଆ ହୋଇ ରହିଥିବା ଦେଖିବାକୁ ମିଳିଛି। ସେହିପରି ଏହି ବିଦ୍ୟାଳୟରେ ଖାଦ୍ୟ ଖାଇବା ପାଇଁ ସ୍ଥାନ ଅଭାବରୁ ଛାତ୍ରଛାତ୍ରୀମାନେ ବୁଲି ବୁଲି ଖାଦ୍ୟ ଭୋଜନ କରୁଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ୩ଟି ଶ୍ରେଣୀ ଗୃହର ଆବଶ୍ୟକତା ଥିବା ଜଣାଯାଇଛି। ସେହିପରି ଗୁଆମାଳ ବୀଣାପାଣି ଉଚ୍ଚ ବିଦ୍ୟାଳୟରେ ଦ୍ୱିତୀୟ ଶ୍ରେଣୀରେ ଛାତ୍ରଛାତ୍ରୀ ନ ଥିବା ଜଣାଯାଇଛି। ୩ ଜଣ କଳା ଶିକ୍ଷକ ଅଭାବ ଥିବା ଯୋଗୁଁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି। ସେହିପରି ବୀଣାପାଣି ଉଚ୍ଚ ବିଦ୍ୟାଳୟରେ ପାଚେରି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉ ନ ଥିବା ନେଇ ବିଦ୍ୟାଳୟ ପରିସରରେ ବିଭିନ୍ନ ଧରଣର ନିଶାଡ଼ିଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଏହି ଦୁଇ ପ୍ରମୁଖ ବିଦ୍ୟାଳୟର ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବଡ଼ଧରଣର ବ୍ୟାଙ୍କ ଡକାୟତି ଉଦ୍ୟମ ପଣ୍ଡ
# ୭ ଅଟକ, ପଶ୍ଚିମବଙ୍ଗ କାର୍ ଜବତ

ବାରିପଦା/ବୈଶିଙ୍ଗା, ୧୫।୯ (ସମିସ)




ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅନ୍ତର୍ଗତ ବଡ଼ସାହି ବ୍ଲକ ମାନଗୋବିନ୍ଦପୁରରେ ବଡ଼ଧରଣର ବ୍ୟାଙ୍କ ଡକାୟତି ଉଦ୍ୟମ ପଣ୍ଡ ହୋଇଛି। ପୁଲିସ ୭ ଜଣଙ୍କୁ ଅଟକ ରଖି ଅଧିକ ଛାନଭିନ ଚଳାଇଥିବାବେଳେ ପଶ୍ଚିମବଙ୍ଗ ନମ୍ବର ଥିବା ଏକ କାର୍, ଡକାୟତି ସରଞ୍ଜାମ ଓ ବ୍ୟାଙ୍କର ମୋବାଇଲ ଫୋନ ଜବତ କରିଛି। ସମ୍ପୂର୍ଣ୍ଣ ଡକାୟତିର କାହାଣୀ ସିସିଟିଭିରେ କଏଦ ହୋଇଛି। ମାନଗୋବିନ୍ଦପୁର ପଞ୍ଚାୟତ ଅଫିସ ନିକଟରେ ଥିବା ୟୁନିଅନ ବ୍ୟାଙ୍କ ଶାଖାରେ ସୋମବାର ବିଳମ୍ବିତ ରାତିରେ ବ୍ୟାଙ୍କ ଡକାୟତି ଯୋଜନା କରିଥିଲେ ଏହି ଗ୍ୟାଙ୍ଗ। ୫ ଦିନ ଛୁଟିର ସୁଯୋଗ ନେଇ ବ୍ୟାଙ୍କରେ କଳାକନା ବୁଲାଇବାକୁ ଚେଷ୍ଟା କରିଥିଲେ।

ସୂଚନା ମୁତାବକ, ବିଳମ୍ବିତ ରାତି ପ୍ରାୟ ୧ଟା ୩୦ରୁ ୨ଟା ମଧ୍ୟରେ କିଛି ଦୁର୍ବୃତ୍ତ ବ୍ୟାଙ୍କର ଗ୍ରିଲ୍ ଓ କବାଟ ଭାଙ୍ଗି ଭିତରକୁ ପ୍ରବେଶ କରିଥିଲେ। ତେବେ କ୍ୟାସ୍ କ୍ୟାବିନ୍ ଓ ଲକର୍ ପାଖକୁ ଯିବା ସମୟରେ ବ୍ୟାଙ୍କର ସେଣ୍ଟ୍ରାଲ୍ ସିକ୍ୟୁରିଟି ସିଷ୍ଟମରେ ଆଲାରାମ୍ ବାଜି ଉଠିଥିଲା ଓ ବାଙ୍ଗାଲୋରସ୍ଥ ମୁଖ୍ୟ କଣ୍ଟ୍ରୋଲ୍ ରୁମ୍‌ରୁ ବୈଶିଙ୍ଗା ପୁଲିସକୁ ତୁରନ୍ତ ସତର୍କ ସୂଚନା ମିଳିଥିଲା। ଖବର ପାଇ ନୂତନ ଥାନା ଅଧିକାରୀ ବାବା ଶଙ୍କର ସରାଫଙ୍କ ନେତୃତ୍ୱରେ ପୁଲିସ ଟିମ୍ ଘଟଣାସ୍ଥଳରେ ଅତର୍କିତ ଚଢ଼ଉ କରିଥିଲା। ପୁଲିସ ପହଞ୍ଚିବା ଦେଖି ଦୁର୍ବୃତ୍ତମାନେ କୌଣସି ଟଙ୍କା ଲୁଟ୍ କରି ନ ପାରି ନିଜ କାର୍ ଯୋଗେ ଖସି ପଳାଇବାକୁ ଚେଷ୍ଟା କରିଥିଲେ। ପୁଲିସ ମାଣ୍ଡ୍ରୀ-ବୈଶିଙ୍ଗା ରାସ୍ତାରେ ସେମାନଙ୍କୁ ପିଛା କରି ବୈଶିଙ୍ଗା ଛକ ନିକଟରେ ଘେରାବନ୍ଦୀ କରି ୭ ଜଣ ସନ୍ଦିଗ୍ଧଙ୍କୁ ଅଟକ ରଖିବା ସହ ଏକ କାର୍ ଜବତ କରିଥିଲେ। ଦୀର୍ଘଦିନ ଧରି ଏହି ଥାନା ଅଞ୍ଚଳରେ ଚୋରି ଓ ଡକାୟତି ଘଟଣା ବୃଦ୍ଧି ପାଉଥିବାବେଳେ ନୂଆ ଥାନା ଅଧିକାରୀଙ୍କ ଏହି ଦ୍ରୁତ କାର୍ଯ୍ୟାନୁଷ୍ଠାନକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।

ପୂର୍ବରୁ ଏହି ଗ୍ୟାଙ୍ଗ ସ୍ଥାନୀୟ ଅଞ୍ଚଳର କିଛି ଅପରାଧୀଙ୍କ ସହ ମିଶି ଚୋରି, ଡକାୟତିରେ ସମ୍ପୃକ୍ତ ଥିବା ସହିତ ବହୁ ଚୋରି ସାମଗ୍ରୀ ବିକ୍ରୟ କରିଛନ୍ତି। ରାଜ୍ୟର ଅନ୍ୟ ଅଞ୍ଚଳରେ ଘଟିଥିବା ଚୋରି ସହ ଏମାନଙ୍କ ସମ୍ପୃକ୍ତି ନେଇ ପୁଲିସ ପକ୍ଷରୁ ପଚରାଉଚରା ଜାରି ରହିଛି। ତଦନ୍ତ ଗୋପନୀୟତା ପାଇଁ ବୁଧବାର ସମସ୍ତ ବିବରଣୀ ପ୍ରଦାନ କରାଯିବ ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀପକ କୁମାର ଗୋଚ୍ଛାୟତ କହିଛନ୍ତି। ସମସ୍ତ ଅଭିଯୁକ୍ତ ବାଲେଶ୍ୱର ରେମୁଣା, ସଦର, ଟାଉନ ଅଞ୍ଚଳର ବୋଲି ଜଣାପଡିଛି।

## ଗଣେଶ ଚତୁର୍ଥୀରେ ପ୍ରିନ୍ସ ଗ୍ରୁପ୍‌ର ସମସ୍ତ ଅନୁଷ୍ଠାନରେ ନବାଗତଙ୍କୁ ଭବ୍ୟ ସ୍ୱାଗତ




ବାରିପଦା/ବାଲେଶ୍ୱର,୧୫।୯ (ସମିସ): ପବିତ୍ର ଗଣେଶ ଚତୁର୍ଥୀ ଅବସରରେ ପ୍ରିନ୍ସ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସ ପକ୍ଷରୁ ବାଲେଶ୍ୱର ଓ ବାରିପଦାସ୍ଥ କଲେଜ ଓ ବିଦ୍ୟାଳୟକୁ ମିଶାଇ ସମସ୍ତ କ୍ୟାମ୍ପସରେ ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ ଭବ୍ୟ ସ୍ୱାଗତ ସମାରୋହ ଆୟୋଜିତ ହୋଇଥିଲା। ଧାର୍ମିକ ପରିବେଶ, ଶୃଙ୍ଖଳିତ ଆୟୋଜନ ଓ ସାଂସ୍କୃତିକ ଉତ୍ସାହରେ ଭରପୂର ଏହି କାର୍ଯ୍ୟକ୍ରମ ସମସ୍ତଙ୍କ ପ୍ରଶଂସା ସାଉଁଟିଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ବିଘ୍ନବିନାଶକ ଭଗବାନ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା ଭକ୍ତି ଓ ନିଷ୍ଠାର ସହ ସମ୍ପନ୍ନ ହୋଇଥିଲା। ପରେ ଅନୁଷ୍ଠିତ ସ୍ୱାଗତ ସଭାରେ ଅତିଥି, ଅଧ୍ୟାପକ ଓ ଶିକ୍ଷକମାନେ ନବାଗତଙ୍କୁ ସ୍ୱାଗତ ଜଣାଇବା ସହ ଶୃଙ୍ଖଳା, ନୈତିକ ମୂଲ୍ୟବୋଧ, କଠିନ ପରିଶ୍ରମ ଓ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ସମ୍ପର୍କରେ ପ୍ରେରଣାଦାୟକ ବକ୍ତବ୍ୟ ରଖିଥିଲେ। ପରେ ବରିଷ୍ଠ ଛାତ୍ରଛାତ୍ରୀଙ୍କ ପରିଚାଳନାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଙ୍ଗୀତ, ନୃତ୍ୟ ଓ ବିଭିନ୍ନ ମନୋଜ୍ଞ ପରିବେଷଣ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ନବାଗତ ଛାତ୍ରଛାତ୍ରୀଙ୍କୁ ପ୍ରିନ୍ସ ପରିବାରର ସଦସ୍ୟ ଭାବେ ସାଦରେ ଗ୍ରହଣ କରି ସେମାନଙ୍କୁ ସ୍ୱାଗତ ଉପହାର ପ୍ରଦାନ କରାଯାଇଥିଲା। ଏହି ଆତ୍ମୀୟ ପଦକ୍ଷେପ ନବାଗତଙ୍କ ମନରେ ଆନନ୍ଦ ଓ ଆତ୍ମବିଶ୍ୱାସ ସୃଷ୍ଟି କରିଥିଲା। ପ୍ରିନ୍ସ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସର ସମସ୍ତ କ୍ୟାମ୍ପସରେ ଆୟୋଜିତ ଏହି ସ୍ୱାଗତ ସମାରୋହ ସୁଚାରୁ ଓ ସଫଳତାର ସହ ସମ୍ପନ୍ନ ହୋଇଥିଲା। ନୂତନ ଶିକ୍ଷାବର୍ଷ ଆରମ୍ଭରେ ଏଭଳି ଆୟୋଜନ ନବାଗତଙ୍କ ମଧ୍ୟରେ ଉତ୍ସାହ, ଆତ୍ମବିଶ୍ୱାସ ଓ ପ୍ରିନ୍ସ ପରିବାର ପ୍ରତି ଆତ୍ମୀୟତାର ଭାବନାକୁ ଆହୁରି ସୁଦୃଢ଼ କରିଥିଲା। କାର୍ଯ୍ୟକ୍ରମଗୁଡ଼ିକୁ ପ୍ରିନ୍ସ ଗ୍ରୁପ୍‌ର ଅଧ୍ୟାପକ ଓ ଶିକ୍ଷକ ମଣ୍ଡଳୀ, କର୍ମକର୍ତ୍ତା ଓ ଅନ୍ୟାନ୍ୟ ସଦସ୍ୟ ସହଯୋଗ କରିଥିଲେ।

## ଶ୍ରୀ ଗଣେଶ ସ୍ୱଞ୍ଜ ଆଇରନ୍ କାରଖାନା ସମ୍ମୁଖରେ ଶ୍ରମିକଙ୍କ ଧାରଣା

ଯୋଡ଼ା,୧୫।୯ (ସମିସ): କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ଅଧୀନ କୁଟୁଗାଁ ଠାରେ ଥିବା ଶ୍ରୀ ଗଣେଶ ସ୍ୱଞ୍ଜ ଆଇରନ୍ କାରଖାନା ସମ୍ମୁଖରେ ମଜଦୁର ସଂଘ ପକ୍ଷରୁ ଶ୍ରୀ ଗଣେଶ ସ୍ୱଞ୍ଜ ଆଇରନ୍ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକଙ୍କ ନିକଟରେ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଓ ଦାବିକୁ ନେଇ ୨୯ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ସଭାପତି ଶାନ୍ତନୁ ମହାପାତ୍ର ଓ ସାଧାରଣ ସମ୍ପାଦକ ଲକ୍ଷ୍ମଣ ମହାକୁଡ଼ଙ୍କ ନେତୃତ୍ୱରେ ଏହି ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଶ୍ରମିକଙ୍କ ପାଇଁ ସାର୍ଟିଫାଏଡ୍ ଷ୍ଟାଣ୍ଡିଂ ଅର୍ଡର, ମାସିକ ୫ ହଜାର ଟଙ୍କା ବେତନ ବୃଦ୍ଧି, ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ସୁବିଧା, ଅଭିଯୋଗ ସମାଧାନ କମିଟି ଗଠନ, ବୈଧାନିକ ଭତ୍ତା ପ୍ରଦାନ ଏବଂ ଶ୍ରମ ଆଇନ ଅନୁଯାୟୀ "ପ୍ରୋଟେକ୍ଟେଡ୍ ୱର୍କମେନ୍" ବ୍ୟବସ୍ଥା କରିବାକୁ ଦାବି ହୋଇଛି। ସେହିପରି କାରଖାନା ଆଇନ ଅନୁଯାୟୀ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ଆଠ



ଘଣ୍ଟାରୁ ଅଧିକ କାର୍ଯ୍ୟ ପାଇଁ ଓଭରଟାଇମ୍ ପାରିଶ୍ରମିକ, କାର୍ଯ୍ୟସ୍ଥଳରେ ଦୁର୍ଘଟଣା ଘଟିଲେ ଚିକିତ୍ସା ଓ କ୍ଷତିପୂରଣ ବ୍ୟବସ୍ଥା, ୟୁନିଫର୍ମ, ବୁଟ୍ ଓ ରେନ୍‌କୋଟ୍ ଯୋଗାଣ ଭଳି ଦାବି ମଧ୍ୟ ରହିଛି। ଏଥିସହ ଶ୍ରମିକଙ୍କୁ ନିୟମିତ ଉପସ୍ଥାନ ସୁବିଧା, ଜରୁରୀକାଳୀନ ଅଗ୍ରିମ ଅର୍ଥ, ସାପ୍ତାହିକ ପେମେଣ୍ଟ, ପେମେଣ୍ଟ ସ୍ଲିପ୍ ପ୍ରଦାନ, ସୁରକ୍ଷା ସାମଗ୍ରୀ ଯୋଗାଣ, ଆବଶ୍ୟକ ସମୟରେ ଆମ୍ବୁଲାନ୍ସ ସୁବିଧା ଏବଂ ସିଫ୍ଟ ଅନୁଯାୟୀ କନ୍‌ଭେୟାନ୍ସ ଆଲାଉନ୍ସ ଦେବାକୁ ମଧ୍ୟ ସଂଘ ଦାବି କରିଛି। ଶ୍ରମିକଙ୍କ ନିଯୁକ୍ତି, ଦରମା, ସୁରକ୍ଷା ଓ କଲ୍ୟାଣ ସମ୍ବନ୍ଧୀୟ ଅନ୍ୟାନ୍ୟ ଦାବିକୁ ମଧ୍ୟ ଦାବିପତ୍ରରେ ସାମିଲ କରାଯାଇଛି। ଗତ ୩୧ମାର୍ଚ୍ଚରୁ ଏହି ଦାବି କମ୍ପାନୀକୁ ଜଣାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇ ନ ଥିବାରୁ ଶ୍ରମିକମାନେ କମ୍ପାନୀ ଫାଟକ ଆଗରେ ଧାରଣା ଦେଇଛନ୍ତି। ବଡ଼ବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ବାମେବାରୀ ଥାନା ଅଧିକାରୀ ପହଞ୍ଚି ବୁଝାସୁଝା କରାଇବା ସହ ଉଭୟ ପକ୍ଷଙ୍କୁ ବାମେବାରୀ ଥାନାକୁ ଡକାଇ ସମାଧାନ କରାଇବାକୁ ଚେଷ୍ଟା ଚଳାଇଥିବା ଜଣାପଡ଼ିଛି।

## ରାଜପଥ ସୁରକ୍ଷା ଟାସ୍କଫୋର୍ସ ବୈଠକ | ସଡ଼କ ସୁରକ୍ଷା ଓ ଦୁର୍ଘଟଣା ହ୍ରାସକୁ ଗୁରୁତ୍ୱ

କେନ୍ଦୁଝର,୧୫।୯ (ସମିସ): ଜିଲ୍ଲା ରାଜପଥ ସୁରକ୍ଷା ଟାସ୍କଫୋର୍ସର ଚତୁର୍ଥ ବୈଠକ ମିନି କନଫରେନ୍ସ ହଲରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ସଡ଼କ ସୁରକ୍ଷା ସମିତିର ଅଧ୍ୟକ୍ଷ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜପଥ ସୁରକ୍ଷା, ଜବରଦଖଲ ଉଚ୍ଛେଦ ଓ ଜରୁରୀକାଳୀନ ସେବା ଉପରେ ଆଲୋଚନା ହୋଇଥିଲା। ସଡ଼କ ସୁରକ୍ଷା ଓ ଦୁର୍ଘଟଣାକୁ ନିୟନ୍ତ୍ରଣ କରିବା ପାଇଁ ପୂର୍ବ ବୈଠକରେ ହୋଇଥିବା ନିଷ୍ପତ୍ତି ତୁରନ୍ତ କାର୍ଯ୍ୟକାରୀ କରିବା ସହ ବାକି ରହିଥିବା କାମର ଅଗ୍ରଗତି ଉପରେ ଆଲୋଚନା ହୋଇଥିଲା। ଜାତୀୟ ରାଜପଥରେ ବେଆଇନ ପାର୍କିଂ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସୁରକ୍ଷା ଜୋନରେ ଟ୍ରେଡ ଲାଇସେନ୍ସ ଏବଂ ଏନ୍‌ଓସି ନ ନେଇ ଘର କଲେ ଦାୟୀ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାଜପଥ ପାଶ୍ୱର୍ରେ ଅନଧିକୃତ ଜମି ବ୍ୟବହାର ଓ ନିର୍ମାଣକୁ ରୋକିବା ସହ ନିର୍ଦ୍ଧାରିତ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ଉପରେ ଆଲୋଚନା ହୋଇଥିଲା। ଜାତୀୟ ରାଜପଥ ୪୯ର ଜୁଡିଆ ଘାଟି, ଅଞ୍ଜର ଏବଂ ପୁତୁଲପାଣି ଛକରେ ବେଆଇନ ଟ୍ରକ ପାର୍କିଂ ଯୋଗୁଁ ଗମନାଗମନରେ ସମସ୍ୟା ହେଉଥିବା ନେଇ ଲୋକଙ୍କ ଅଭିଯୋଗ ପରେ ପୁଲିସ ଏବଂ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ନିୟମିତ ଏନଫୋର୍ସମେଂଟ କରି କାର୍ଯ୍ୟାନୁଷ୍ଠାନ



ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଜାତୀୟ ରାଜପଥରେ ପାଟ୍ରୋଲିଂ, ଦୁର୍ଘଟଣା ପରବର୍ତ୍ତୀ ସେବା ଉପରେ ସମୀକ୍ଷା ହୋଇଥିଲା। ବୈଠକରେ କେନ୍ଦୁଝର ଆଞ୍ଚଳକି ପରିବହନ ଅଧିକାରୀ ଇଂ ମାନସ ରଞ୍ଜନ ସାହୁ, ଜାତୀୟ ରାଜପଥ ପ୍ରାଧିକରଣ ପ୍ରକଳ୍ପ ନିର୍ଦ୍ଦେଶକ ଏ. କାର୍ତ୍ତିକ ରେଡୀ, କେନ୍ଦୁଝର ଖଣି ସର୍କଲ ଉପ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ସାହୁ, ଯୋଡ଼ା ସର୍କଲ ଖଣି ଅଧିକାରୀ ବ୍ରହ୍ମାନନ୍ଦ ମହାନ୍ତ, ଡିଏସ୍‌ପି ଜୟଦୀପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ୨ ଛେଳି ଚୋର ଗିରଫ

ତେଲକୋଇ,୧୫।୯ (ସମିସ): ତେଲକୋଇ ଥାନା ପୁଲିସ ଆଜି ଛେଳି ଚୋରି କରିଥିବା ଅଭିଯୋଗରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ ଥାନା ମରୁଆ ବିଲ ଗ୍ରାମର ଲମ୍ବୋଦର ମହାରଣା (୪୦) ଓ ବଜ୍ରି ବନ୍ଧୁ ମହାପାତ୍ର (୨୫)। ସୋମବାର ବିଳମ୍ବିତ ରାତିରେ କାଳିଆ ହତା ଫାଣ୍ଡି ବାଲି ଗ୍ରାମର ଗଣେଶ୍ୱର ମହାନ୍ତଙ୍କ ପରିବାର ଶୋଇଥିବା ବେଳେ ଅଭିଯୁକ୍ତ ଦ୍ୱୟ ଗଣେଶ୍ୱରଙ୍କ ଛେଳି ଗୁହାଳ କବାଟ ଖୋଲି ଛେଳି ଚୋରି କରିଥିଲେ। ଶବ୍ଦ ଶୁଣି ଗଣେଶ୍ୱର ଓ ତାଙ୍କ ପରିବାର ଲୋକେ ଉଠିପଡ଼ି ଉଭୟଙ୍କୁ କାବୁ କରି ପୁଲିସରେ ଦେଇଥିଲେ। ପୁଲିସ ଉଭୟଙ୍କୁ କୋର୍ଟଚାଲାଣ କରିଛି।

## ଜଙ୍ଗଲରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଚମ୍ପୁଆ,୧୫।୯ (ସମିସ): ଚମ୍ପୁଆ ଥାନା ରାମଚନ୍ଦ୍ରପୁର ଗ୍ରାମ ନିକଟବର୍ତ୍ତୀ ଜଙ୍ଗଲରୁ ଜଣେ ମହିଳାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତକ ମହିଳା ଜଣଙ୍କ ହେଲେ ଇନ୍ଦ୍ରପ୍ରସ୍ଥ ଗ୍ରାମର ମାଧବ ମହାନ୍ତଙ୍କ ପତ୍ନୀ ରଶ୍ମିତା ମହାନ୍ତ (୫୪)। ସୂଚନା ଅନୁସାରେ ରଶ୍ମିତାଙ୍କ ଦୁଇ ସନ୍ତାନ ବାହାରେ କାମ କରୁଥିବାବେଳେ ସ୍ୱାମୀଙ୍କ ସହ ପାରିବାରିକ କଳହ ଓ ମନୋମାଳିନ୍ୟ ଯୋଗୁଁ ରଶ୍ମିତା ଦୀର୍ଘ ଦୁଇବର୍ଷ ହେବ ନିଜ ବାପଘର ରାମଚନ୍ଦ୍ରପୁର ଗାଁରେ ରହିଆସୁଥିଲେ। ସେଠାରେ ସେ ମୂଲ ଲାଗି କିଛି ଅର୍ଥ ରୋଜଗାର ମଧ୍ୟ କରୁଥିଲେ। କିନ୍ତୁ ଗତ ଦୁଇଦିନ ହେବ ସେ ବାପଘର ଛାଡ଼ି ପଳାଇଥିଲେ। ଆଜି ସ୍ଥାନୀୟ ସକାଳେ ଲୋକେ ଗାଁ ନିକଟସ୍ଥ ଜଙ୍ଗଲର ଏକ ବରଗଛରେ ତାଙ୍କ ଝୁଲନ୍ତା ମୃତଦେହ ଦେଖି ପରିବାର ଲୋକ ଓ ସ୍ଥାନୀୟ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି। ସାଇଣ୍ଟିଫିକ ଟିମ୍ ମଧ୍ୟ ପହଞ୍ଚି ବିଭିନ୍ନ ଦିଗରୁ ଅନୁସନ୍ଧାନ ଜାରି ରଖିଛି। ଶବ ବ୍ୟବଚ୍ଛେଦ ପାଇଁ ପଠାଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତ୍ୟୁର କାରଣ ଜଣାପଡ଼ିନାହିଁ। ତେବେ ଏହା ଆତ୍ମହତ୍ୟା ବୋଲି ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲି ଆଇଆଇସି କହିଛନ୍ତି।

## କାର୍ ଧକ୍କାରେ ବୃଦ୍ଧା ମୃତ, ୩ ଗୁରୁତର

ତୁରୁମୁଙ୍ଗା,୧୫।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ସାହାରପଡ଼ା - ବାରତଣିଆ ରାସ୍ତାର ମାଟିଆଗୁନି ନିକଟରେ ମଙ୍ଗଳବାର ଅପରାହ୍ଣରେ କାର୍ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିବା ବେଳେ କାର୍‌ରେ ଥିବା ୩ ଯାତ୍ରୀ ଗୁରୁତର ହୋଇଛନ୍ତି। ରାସ୍ତାକଡ଼ ଗଛମୂଳରେ ବସି ରସି ବିକ୍ରି ବେଳେ ବୃଦ୍ଧାଙ୍କୁ କାର ଧକ୍କା ଦେବା ପରେ ଭାରସାମ୍ୟ ହରାଇ କାରଟି ରାସ୍ତାକଡ଼ ବିଲ ଭିତରକୁ ଓଲଟି ପଡ଼ିଛି। ମୃତ ବୃଦ୍ଧା ମାଟିଆଗୁନି ଗ୍ରାମର ଜୁନାଇ ମୁଣ୍ଡା ବୋଲି ଜଣାପଡ଼ିଛି। କାର୍‌ରେ ଥିବା ୩ ଜଣ ଯାତ୍ରୀ ଚାପି ହୋଇ ରହିଥିବାବେଳେ ସେମାନଙ୍କୁ ଉଦ୍ଧାର କରି କରଞ୍ଜିଆ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁତରଙ୍କ ମଧ୍ୟରେ ଜଣେ ଯବାନ ଥିବା ଜଣାପଡ଼ିଛି। ପାଟଣା ପୁଲିସ ମୃତଦେହ ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଛି।

### ■ ଭତ୍ତା ହିତାଧିକାରୀଙ୍କ ଅସନ୍ତୋଷ
## ମିଳିଲାନି ଭତ୍ତା, ଫିକା ପଡ଼ିଲା ନୂଆଁଖାଇ

ମୋରଡା,୧୫।୯ (ସମିସ): ସରିଲା ନୂଆଁଖାଇ। ବର୍ଷକୁ ଥରେ ନୂଆଁ ଅନ୍ନ ପାଇବାକୁ, ନୂଆ ଲୁଗାପଟା ପିନ୍ଧିବାକୁ ଥିଲାବାଲା, ନଥିଲା ବାଲା ସଭିଏଁ ଆଶା କରି ବସିଥା'ନ୍ତି। ପ୍ରତିବର୍ଷ ଖାସ୍ କରି ନୂଆଖାଇ ପାଇଁ ସମସ୍ତ ବର୍ଗର ହିତାଧିକାରୀଙ୍କୁ ଆଗୁଆ ଭତ୍ତା ଦିଆଯିବାକୁ ସରକାର ବ୍ୟବସ୍ଥା କରିଥା'ନ୍ତି। ମାତ୍ର ମୋରଡା ବ୍ଲକର ଭତ୍ତା ହିତାକାରୀଙ୍କ ଭାଗ୍ୟରେ ଭତ୍ତା ଜୁଟିପାରିଲାନାହିଁ। ସରକାରଙ୍କ ନିର୍ଦ୍ଦେଶ ମଧ୍ୟ ଅନୁପାଳନ ହୋଇନାହିଁ। ଅର୍ଥାତ୍ ସମସ୍ତ ପ୍ରକାର ଭତ୍ତା ହିତାଧିକାରୀ ଚଳିତ ମାସର ଭତ୍ତା ପାଇନାହାନ୍ତି। ଫଳରେ ସେମାନଙ୍କ ପାଇଁ ନୂଆଁଖାଇ ଏଥର ପାଣିଚିଆ ହୋଇଯାଇଛି।

ନୂଆଁଖାଇ ପୂର୍ବରୁ ଭତ୍ତା ପ୍ରଦାନ ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଥିଲା। ସେହି ଅନୁଯାୟୀ ପ୍ରତିବର୍ଷ ନୂଆଁଖାଇ ପଡୁଥିବା ମାସର ଭତ୍ତା ଆଗୁଆ ଦିଆଯାଉଥିଲା। ଚଳିତବର୍ଷ ମୋରଡା ବ୍ଲକର ଭତ୍ତା ହିତାଧିକାରୀ ନୂଆଁଖାଇ ପୂର୍ବରୁ ଭତ୍ତା ପାଇନାହାନ୍ତି। ଏହି ବ୍ଲକର ୧୮ ଟି ପଞ୍ଚାୟତ ଥିବାବେଳେ ନୂତନ କରି ଦୁଇଟି ପଞ୍ଚାୟତକୁ ନେଇ ଗୋଟିଏ ଏନଏସି ଗଠନ ହୋଇଛି। ଯେଉଁଥିରେ ଅନେକ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ, ବିଧବା ଏବଂ ଭିନ୍ନକ୍ଷମ ଆଦି ଭତ୍ତା ପଞ୍ଚାୟତ ମାଧ୍ୟମରେ ଦିଆଯାଇଥାଏ। ତେବେ ଏସବୁ ହିତାଧିକାରୀଙ୍କ ପାଇଁ ଭତ୍ତା ହିଁ ଏକମାତ୍ର ଭରସା। ମାସିକ ଭତ୍ତା ମିଳିଲେ ଔଷଧ, ତେଲ ଲୁଣ ଭଳି ଦୈନନ୍ଦିନ ଖର୍ଚ୍ଚ ସହିତ ଅନ୍ୟାନ୍ୟ ଆବଶ୍ୟକତା ପୂରଣ ହୁଏ। ନୂଆଁଖାଇ ପୂର୍ବର ଭତ୍ତା କେବଳ ନୂଆଁଖାଇ ପାଇଁ ଖର୍ଚ୍ଚ ହୁଏ ଅଥଚ ଚଳିତଥର ନୂଆଖାଇ ପୂର୍ବରୁ ହିତାଧିକାରୀଙ୍କ ଭାଗ୍ୟରେ ଭତ୍ତା ଖଣ୍ଡିକ ଜୁଟିପାରିଲାନାହିଁ। ଫଳରେ ଅନେକ ହିତାଧିକାରୀଙ୍କ ମନରେ ନିରାଶାଭାବ ଦେଖାଦେଇଛି। ସରକାରୀ ନିର୍ଦ୍ଦେଶ ଥିବା ସତ୍ତ୍ୱେ ହିତାଧିକାରୀଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରିବା ଏକ ଅପରାଧ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି। ତେବେ ଏ ସମ୍ପର୍କରେ ଜଣେ ପିଇଓ କହିଛନ୍ତି, ନୂଆଁଖାଇ ଉପଲକ୍ଷେ ଭତ୍ତା ପାଇଁ କୌଣସି ନିର୍ଦ୍ଦେଶ ନ ଥିବାବେଳେ ଆସନ୍ତା ୧୮ ତାରିଖରେ ପ୍ରଦାନ କରାଯାଇପାରେ।

## ପ୍ରଶାସନିକ ଅବହେଳା: ଦିବ୍ୟାଙ୍ଗଙ୍କୁ ୬ମାସ ହେଲା ମିଳୁନି ଭତ୍ତା

ଆନନ୍ଦପୁର,୧୫।୯ (ସମିସ): ଘସିପୁରା ବ୍ଲକ୍ ଶାଳଦେଇ ପଞ୍ଚାୟତ ବ୍ରାହ୍ମଣଦା ଗ୍ରାମର ଜଣେ ମାନସିକ ଭିନ୍ନକ୍ଷମ ଯୁବକଙ୍କ ପ୍ରତି ପ୍ରଶାସନିକ ଅବହେଳା ଚରମ ସୀମାରେ ପହଞ୍ଚିଛି। ଗ୍ରାମର ଗରିବ ତଥା ଭୂମିହୀନ ପରିବାରର ପୁଅ ହରି ସା ବିଗତ ୬ ମାସ ଧରି ସରକାରୀ ଭିନ୍ନକ୍ଷମ ଭତ୍ତାରୁ ବଞ୍ଚିତ ହୋଇ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ଅଭିଯୋଗ ଅନୁଯାୟୀ, ହରିଙ୍କ ଭତ୍ତା ଟଙ୍କା ବନ୍ଦ ହୋଇଯିବା ପରେ ତାଙ୍କ ଭୂମିହୀନ ବାପା-ମାଆ ନ୍ୟାୟ ପାଇଁ ବାରମ୍ବାର ଘସିପୁରା ବିଡିଓ ଏବଂ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ପ୍ରାୟ ୪ ମାସ ତଳେ ବିଡିଓଙ୍କ ନିର୍ଦ୍ଦେଶକ୍ରମେ ବ୍ୟାଙ୍କ ଖାତାରେ



ଲିଙ୍କ୍ କରାଇ ଏହାର କାଗଜପତ୍ର ବ୍ଲକ୍‌ରେ ଦାଖଲ କରାଯାଇଥିଲା। ପ୍ରଶାସନର କହିବା ଅନୁସାରେ ସମସ୍ତ ନିୟମ ପାଳନ କରାଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାଙ୍କ ବ୍ୟାଙ୍କ ଖାତାକୁ ଟଙ୍କାଟିଏ ବି ଆସିନାହିଁ। ଅନ୍ୟପଟେ ନିୟମ ମୁତାବକ ଏନପିସିଆଇ କରିବା ସତ୍ତ୍ୱେ ଜଣେ ମାନସିକ ଅକ୍ଷମ ବ୍ୟକ୍ତି ୬ ମାସ ଧରି ଭତ୍ତା ନପାଇବା ପ୍ରଶାସନିକ ସ୍ଥାଣୁତାକୁ ସ୍ପଷ୍ଟ କରୁଛି। ଚିକିତ୍ସା ଖର୍ଚ୍ଚ ଓ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବା ପାଇଁ ହରିଙ୍କ ଅସହାୟ ବାପା-ମାଆ ଏବେ ଅନ୍ୟ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ଜିଲ୍ଲାପାଳ ଏବଂ ଉଚ୍ଚ ପଦସ୍ଥ ଅଧିକାରୀ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ବକେୟା ଭତ୍ତା ରାଶି ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ୧୦ ଫୁଟର ଅଜଗର ଉଦ୍ଧାର



ସାରସକଣା,୧୫।୯ (ସମିସ): ଝାରପୋଖରିଆ ଥାନା ଅନ୍ତର୍ଗତ ଶୀର୍ଷା ଗ୍ରାମର ଜଗନ୍ନାଥ ମନ୍ଦିର ନିକଟରୁ ୧୦ ଫୁଟର ଅଜଗର ଉଦ୍ଧାର ହୋଇଛି। ଅଜଗରକୁ ଜଣେ ବାଇକ୍ ଆରୋହୀ ଦେଖିଥିଲେ ଓ ଲୋକଙ୍କ ଭିଡ଼ ଲାଗିଥିଲା। ପରେ ସାପ ଧରାଳି ପହଞ୍ଚି ଅଜଗରକୁ ଉଦ୍ଧାର କରିଥିଲେ। ଅଜଗରକୁ ବନ ବିଭାଗ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା। କିଛିଦିନ ତଳେ ଲଗାଣ ବର୍ଷା ସାଙ୍ଗକୁ ବନ୍ୟା ହୋଇଥିଲା। ବନ୍ୟାଜଳରେ ଅଜଗର ଭାସି ଆସିଥିବା ଗ୍ରାମବାସୀ ଅନୁମାନ କରୁଛନ୍ତି।

## ମଦ ପାଇଁ ରାସ୍ତା ଜାମ୍, ଦୋକାନ ସ୍ଥାନାନ୍ତର ଦାବି

କେନ୍ଦୁଝର,୧୫।୯ (ସମିସ): କେନ୍ଦୁଝର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଠିପି ବନ୍ଦ ମଦ ଦୋକାନ ପାଇଁ ନିୟମିତ ରାସ୍ତା ଜାମ ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି। ମଦ କିଣିବା ପାଇଁ ଲୋକମାନେ ରାସ୍ତାରେ ମୋଟର ସାଇକଲ ରଖୁଥିବାରୁ ଗାଡି ଚଳାଚଳରେ ସମସ୍ୟା ଦେଖାଦେଉଛି। ପୂର୍ବରୁ ଏହି କାରଣରୁ ଲୋକଙ୍କ ବିରୋଧ ଯୋଗୁଁ ଉକ୍ତ ସ୍ଥାନରେ ଥିବା ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ତେବେ ନୂତନ ନିଲାମ ପରେ ଏବେ ପୁଣି ଉକ୍ତ ସ୍ଥାନରେ ଠିପି ବନ୍ଦ ମଦ ଦୋକାନ ଖୋଲିଛି। ଫଳରେ ସର୍ବସାଧାରଣ ସ୍ଥାନରେ ପରିସ୍ଥିତି ଅଣାୟତ୍ତ ହୋଇପଡୁଛି। ରାତିରେ ଉକ୍ତ ସ୍ଥାନରୁ ରାଉରକେଲା, ସମ୍ବଲପୁର ଆଦି ଅଞ୍ଚଳକୁ ଯାତ୍ରୀମାନେ ବସ୍‌କୁ ଅପେକ୍ଷା କରୁଥିବାବେଳେ ମଦ୍ୟପଙ୍କ ଯୋଗୁଁ ଅସୁବିଧାରେ ପଡୁଛନ୍ତି। ସନ୍ଧ୍ୟା ପରେ ମହିଳା ଏବଂ ଛୋଟ ଛୋଟ ଶିଶୁ ମଧ୍ୟ ଉକ୍ତ ସ୍ଥାନରେ ଛିଡ଼ାହୋଇ ବସରେ ଯାଆନ୍ତି। ମଦ୍ୟପମାନେ ମଦ କିଣିବା ପାଇଁ ଦୋକାନ ସମ୍ମୁଖରେ ରୁଣ୍ଡ ହେଉଥିବାରୁ ମହିଳାମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ବିଶେଷକରି ପର୍ବପର୍ବାଣି ସମୟରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇ ଯାତାୟତ ବ୍ୟାଘାତ ହେଉଛି। ସହରର ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦାବି ହୋଇଛି। ଏହାକୁ ନେଇ ଅସନ୍ତୋଷ ଧୀରେ ଧୀରେ ଉଗ୍ରରୂପ ନେବାରେ ଲାଗିଛି। ଜିଲ୍ଲାପାଳ ବିଶାଳ ସିଂହ ଏବଂ ଆରକ୍ଷୀ ଅଧୀକ୍ଷକ ନିତିନ କୁଶଲକର ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହୋଇଛି।

## ମୟୂରଭଞ୍ଜ ଓ ରାଇରଙ୍ଗପୁର ଡାକ ମଣ୍ଡଳ ସମ୍ବଲପୁର ସହ ସାମିଲ ପ୍ରସ୍ତାବ

### ପ୍ରଶାସନିକ ସ୍ପଷ୍ଟୀକରଣ ରଖିଲା ଡାକ ବିଭାଗ

ବାରିପଦା, ୧୫।୯ (ସମିସ): ମୟୂରଭଞ୍ଜ ଓ ରାଇରଙ୍ଗପୁର ଡାକ ମଣ୍ଡଳକୁ ମୁଖ୍ୟାଳୟ ରିଜିଅନରୁ ସମ୍ବଲପୁର ରିଜିଅନକୁ ସ୍ଥାନାନ୍ତର ପ୍ରସ୍ତାବ ଉପରେ ଡାକ ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ପ୍ରଦାନ କରାଯାଇଛି। ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଦ୍ୱାରା ଦିଆଯାଇଥିବା ଆପତ୍ତି ଓ ଅଭିଯୋଗ ପତ୍ରର ଉତ୍ତର ରଖି ମୟୂରଭଞ୍ଜ ଡାକ ଅଧୀକ୍ଷକ ଏକ ପତ୍ର ମାଧ୍ୟମରେ ସ୍ଥିତି ସ୍ପଷ୍ଟ କରିଛନ୍ତି। ଡାକ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ୍ରମେ ବିଭିନ୍ନ ରିଜିଅନ ମଧ୍ୟରେ ଡାକ ଡିଭିଜନଗୁଡ଼ିକର ସନ୍ତୁଳିତ ପୁନର୍ଗଠନ ପାଇଁ ପ୍ରସ୍ତାବ ପ୍ରସ୍ତୁତ ଚାଲିଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରଶାସନିକ କାର୍ଯ୍ୟଦକ୍ଷତା ବୃଦ୍ଧି କରିବା, ସମନ୍ୱୟ ରକ୍ଷା କରିବା ଏବଂ କାର୍ଯ୍ୟଶୈଳୀକୁ ଅଧିକ ସୁଦୃଢ଼ କରିବା। ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଏହି ଡାକ ମଣ୍ଡଳ ଅଧୀନରେ ଥିବା କୌଣସି ବି କାର୍ଯ୍ୟକ୍ଷମ ୟୁନିଟ୍ ବା କାର୍ଯ୍ୟାଳୟ ସ୍ଥାନାନ୍ତର କିମ୍ବା ବନ୍ଦ ହେବ ନାହିଁ। କେବଳ ପ୍ରଶାସନିକ ସ୍ତରରେ ପୁନର୍ବିନ୍ୟାସ କରାଯାଉଛି। ପ୍ରଯୁକ୍ତିବିଦ୍ୟା ଭିତ୍ତିକ ସେବା ଓ ଉନ୍ନତ ପ୍ରଣାଳୀ ଯୋଗୁଁ କାର୍ଯ୍ୟାଳୟଗୁଡ଼ିକର ପରିଚାଳନା ଆହୁରି ସୁଦୃଢ଼ ହେବ। ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ସାଧାରଣ ନାଗରିକ କିମ୍ବା ଗ୍ରାହକଙ୍କୁ ମିଳୁଥିବା ଦୈନନ୍ଦିନ ଡାକ ସେବା ଉପରେ କୌଣସି ପ୍ରତିକୂଳ ପ୍ରଭାବ ପଡ଼ିବ ନାହିଁ।

## ତ୍ରିରଙ୍ଗା କପ୍ କ୍ରିକେଟ | ରୟାଲ ଷ୍ଟ୍ରାଇକର୍ସ ବିଜୟୀ

ବାରିପଦା, ୧୫।୯ (ସମିସ): ସ୍ଥାନୀୟ ୧୫ନଂ ୱାର୍ଡସ୍ଥ ପୂର୍ଣ୍ଣଚନ୍ଦ୍ରପୁର ପଡ଼ିଆରେ ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ଆୟୋଜିତ ୩ଦିନିଆ ତ୍ରିରଙ୍ଗା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ଦ୍ୱାରା ଉଦଘାଟିତ ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ରୟାଲ ଷ୍ଟ୍ରାଇକର୍ସ ୮ ୱିକେଟରେ ମା' ଅମ୍ବିକା ସୁପର ସ୍ମାସର୍ସକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ପ୍ରଥମେ ବ୍ୟାଟିଂ କରି ମା' ଅମ୍ବିକା ଦଳ ୧୦ ଓଭରରେ ୭ ୱିକେଟ ହରାଇ ୧୬୧ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଲାଲଟୁ ସିଂ ୨୧ ବଲରେ ୬୮ ରନ କରିଥିବାବେଳେ ବିପକ୍ଷ ଦଳର ପୁଙ୍ଗା ସୋରେନ, ହୀରକ ସିଂ ଓ ନିହାର ରଞ୍ଜନ ନାଏକ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ରୟାଲ ଦଳ ୯.୩ ଓଭରରେ ୨ ୱିକେଟ ହରାଇ ୧୬୫ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଆଦିତ୍ୟ ବସା ୩୩ ବଲରେ ୫ଟି ଚୌକା ଓ ୧୧ଟି ଛକା ବଳରେ ଧୂଆଁଧାର ୯୨ ରନ ସଂଗ୍ରହ କରିଥିଲେ। ମୃତ୍ୟୁଞ୍ଜୟ ଘୋଷାଲ ଓ ସ୍ୱାଭିମ ଦାସ ଖେଳ ପରିଚାଳନା କରିଥିବାବେଳେ ଶେକ ନାଫିସୁଲ ହୁସେନ ଓ ଦୀନକୃଷ୍ଣ ନାୟକ ସ୍କୋରିଂରେ ସହଯୋଗ କରିଥିଲେ। ମାନସ ରଞ୍ଜନ ସିଂହ ଧାରା ବିବରଣୀ ପ୍ରଦାନ କରିଥିଲେ। ଶ୍ରେଷ୍ଠ କ୍ଷେତ୍ରରକ୍ଷକ ଭାବେ ସମ୍ବିତ ସାମଲ, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ଲାଲଟୁ ସିଂ, ଶ୍ରେଷ୍ଠ ବୋଲର ଭାବେ ଆଲୋକ ଦାସ ଓ ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜ ଭାବେ ଆଦିତ୍ୟ ବସା ପୁରସ୍କୃତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ସରୋଜିନୀ ହେମ୍ବ୍ରମ, ସମ୍ମାନିତ ଅତିଥି ଭାବେ ଏମସିସି ବ୍ୟାଙ୍କ ସଭାପତି ସୁବ୍ରମନିୟମ ମହାନ୍ତି, ପୂର୍ବତନ କ୍ରିକେଟ ଖେଳାଳି ସୋମନାଥ ସିଂହ ଓ ତ୍ରିରଙ୍ଗା କ୍ଲବ ଉପସଭାପତି ରବୀନ୍ଦ୍ର କୁମାର ମହାନ୍ତି ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। କ୍ଲବର ବରିଷ୍ଠ ସଦସ୍ୟ ସରୋଜ ମହାପାତ୍ରଙ୍କ ନେତୃତ୍ୱରେ ମହମ୍ମଦ ଭାଇ, ଓମ ପ୍ରକାଶ, ଅଭିଜିତ ବେହେରା, ଚିରଞ୍ଜୀବ, ଉପେନ୍ଦ୍ର ନାୟକ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

## ପାହାନ ପ୍ରଶିକ୍ଷଣ ଶିବିର | ମୁଣ୍ଡାଙ୍କ ପାରମ୍ପରିକ ଧର୍ମ ଓ ରୀତିନୀତି ସୁରକ୍ଷା ପାଇଁ ଆହ୍ୱାନ

ବାରିପଦା, ୧୫।୯ (ସମିସ)

ମୁଣ୍ଡା ସମାଜର ପ୍ରାଚୀନ ଧାର୍ମିକ ପରମ୍ପରା, ରୀତିନୀତି ଓ ସାଂସ୍କୃତିକ ଆସ୍ଥାକୁ ସୁରକ୍ଷିତ ରଖିବା ସହ ଏହାକୁ ଆଗାମୀ ପିଢ଼ି ନିକଟରେ ପହଞ୍ଚାଇବାର ଦୃଢ଼ ସଂକଳ୍ପ ସହ ମୁଣ୍ଡାରୀ ଭାଷା ସମନ୍ୱୟ ସମିତି ଓ ସାରନା ସୋତୋହ ପାହାନ ଗୁଟୁଗାମର ମିଳିତ ଆନୁକୂଲ୍ୟରେ ଆୟୋଜିତ ତିନିଦିନିଆ ପାହାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ରଙ୍ଗାମାଟିଆସ୍ଥ କଲ୍ୟାଣ ମଣ୍ଡପରେ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଦିବସରେ ମୁଣ୍ଡା ସମାଜର ପାରମ୍ପରିକ ଧାର୍ମିକ ବ୍ୟବସ୍ଥାରେ ବାହ୍ୟ ଧର୍ମୀୟ ପ୍ରଭାବ ଯୋଗୁଁ ଘଟୁଥିବା ପରିବର୍ତ୍ତନ ଓ ପାରମ୍ପରିକ ରୀତିନୀତିର ଅବକ୍ଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଭିନ୍ନ ମୁଣ୍ଡା ସାମାଜିକ ସଂଗଠନର ପ୍ରତିନିଧି, ପାହାନ ଓ ସାଧାରଣ ଲୋକଙ୍କ ଉପସ୍ଥିତିରେ ମୁଣ୍ଡାଙ୍କ ନିଜସ୍ୱ ଧାର୍ମିକ ପରମ୍ପରାକୁ କିପରି ଶୁଦ୍ଧ ଓ



ସ୍ୱତନ୍ତ୍ର ଭାବେ ସୁରକ୍ଷିତ ରଖାଯାଇପାରିବ, ସେନେଇ ଗଭୀର ମନ୍ଥନ ହୋଇଥିଲା। ବକ୍ତାମାନେ କହିଥିଲେ ଯେ ପାହାନ କେବଳ ଧାର୍ମିକ କାର୍ଯ୍ୟ ସମ୍ପାଦନ କରୁଥିବା ବ୍ୟକ୍ତି ନୁହେଁ; ସେ ମୁଣ୍ଡା ସମାଜର ପାରମ୍ପରିକ ଧର୍ମ, ଆସ୍ଥା, ରୀତିନୀତି ଓ ଆଧ୍ୟାତିକ ଜ୍ଞାନର ଜଣେ ରକ୍ଷକ। ତେଣୁ ପାହାନ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଏହାର ପାରମ୍ପରିକ ଜ୍ଞାନକୁ ସଂରକ୍ଷଣ କରିବା ସମାଜର ଦାୟିତ୍ୱ ବୋଲି ମତ ପ୍ରକାଶ ପାଇଥିଲା। ତିନିଦିନିଆ ପ୍ରଶିକ୍ଷଣ ସଫଳତାର ସହ ସମାପ୍ତ କରିଥିବା ୩୨ ଜଣ ପାହାନଙ୍କୁ ସଂଗଠନ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରମାଣପତ୍ର ଗ୍ରହଣ ପୂର୍ବରୁ ପ୍ରଶିକ୍ଷିତ ପାହାନମାନେ ସାରନା ସୋତୋହ ପାହାନ ଗୁଟୁଗାମ ପକ୍ଷରୁ ନିର୍ଦ୍ଧାରିତ ନିୟମ ଓ ସର୍ତ୍ତାବଳୀକୁ ପାଳନ କରିବା ପାଇଁ ଶପଥ ନେଇଥିଲେ। ଏଥିସହ ପ୍ରଶିକ୍ଷଣରୁ ହାସଲ କରିଥିବା ଧାର୍ମିକ ଜ୍ଞାନକୁ କେବଳ ସମାଜର ମଙ୍ଗଳ, ଏକତା ଓ ଉନ୍ନତି ପାଇଁ ବ୍ୟବହାର କରିବାକୁ ସେମାନେ ଶପଥବଦ୍ଧ ହୋଇଥିଲେ।

ଉଦ୍‌ଯାପନୀ ସଭାରେ ମୁଣ୍ଡାରୀ ଭାଷା ସମନ୍ୱୟ ସମିତି ଆବାହକ ବିରବଲ ସିଂହ ସଭାପତିତ୍ୱ କରିଥିବାବେଳେ ସାଧାରଣ ସମ୍ପାଦକ ସୁନାରାମ ସିଂହ ସଭା ପରିଚାଳନା କରିଥିଲେ। ଏ ଅବସରରେ ମୁଣ୍ଡାରୀ ସମାଜ ସାୱାର ଜାମଦାର ସଭାପତି ନନ୍ଦଲାଲ ସିଂହ, ଜିଲ୍ଲା ପରିଷଦ ସଭ୍ୟ (ଜୋନ୍-୪୯) ମଧୁସୂଦନ ସିଂହ, ରଙ୍ଗାମାଟିଆ ସରପଞ୍ଚ ରୋହିଦାସ ସିଂହ, ଭାରତ ମୁଣ୍ଡା ସମାଜର ମନୋଜ ମୁଣ୍ଡା, ଦିଲ୍ଲୀପ କୁମାର ସିଂହ, ମୁଣ୍ଡାରୀ ୟୁଟ୍ୟୁବର୍ସ ଆଣ୍ଡ ଆର୍ଟିଷ୍ଟସ୍ ଆସୋସିଏସନ୍‌ର ବାଜି ସିଂହ, ସେନେଗ ସୁସୁନ୍ କାଜିଗେ ଦୁରାଙ୍ଗର ସୁବନ ସିଂହ, ସମନ୍ୱୟ ସମିତିର ପରାମର୍ଶଦାତା ବିଲକାନ ପ୍ରଭୁଦୟାଲ ନାଗ, ବେତନଟୀ ବ୍ଲକ ଆବାହକ ତପନ ସିଂହଙ୍କ ସମେତ ରାମେଶ୍ୱର ଚାଲାକି, ଅଜିତ ସିଂହ, ଶଶୀଧର ସିଂହ, ବୁଧିଆ ସିଂହ, ମନୋରଞ୍ଜନ ସିଂ ଉପସ୍ଥିତ ଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରଘୁନାଥ ସିଂହ, ବସନ୍ତ ସିଂହ, ପୂର୍ଣ୍ଣଚନ୍ଦ୍ର ସିଂହ ଓ ପରମେଶ୍ୱର ସିଂହ ପ୍ରଶିକ୍ଷକ ଭାବେ ଯୋଗଦେଇ ପାହାନଙ୍କୁ ପାରମ୍ପରିକ ଧାର୍ମିକ ରୀତିନୀତି, ପୂଜାବିଧି ଓ ପାହାନଙ୍କ ଦାୟିତ୍ୱ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ରାମ ମୁଣ୍ଡା ଓ ସୁନାରାମ ସୋସୋ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ଆୟ ଓ ବ୍ୟୟ ସମାନ ରହିପାରେ। ମାନ ସମ୍ମାନ ବୃଦ୍ଧି ପାଇବ। ଅଫିସ୍ କାର୍ଯ୍ୟ ପ୍ରଭାବିତ ହୋଇପାରେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିପାରେ। ପରିବାର ଲୋକଙ୍କ ସହ ହସଖୁସିର ସମୟ ବିତାଇବେ। ବ୍ୟବସାୟରେ ଲାଭ ମିଳିପାରେ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା କରିପାରନ୍ତି। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ନୂଆ କାର୍ଯ୍ୟ ଆରମ୍ଭ କରିପାରନ୍ତି।

**କର୍କଟ:** ଯୋଜନା ମୁତାବକ କାମ କରିବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ସାମାଜିକ କାର୍ଯ୍ୟରେ ସାମିଲ ରହିପାରନ୍ତି। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିବେ।

**ସିଂହ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ।

**କନ୍ୟା:** ବ୍ୟବସାୟରୁ ଲାଭ ମିଳିପାରେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ଦାନ ଧର୍ମ କରିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିପାରନ୍ତି। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି।

**ବିଛା:** କାର୍ଯ୍ୟରେ ବାଧା ଆସିପାରେ। ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଆୟ ଓ ବ୍ୟୟ ସମାନ ରହିବ।

**ଧନୁ:** କର୍ମ ଚଞ୍ଚଳ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। ଧୈର୍ଯ୍ୟ ରଖି କାମ କରନ୍ତୁ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ।

**କୁମ୍ଭ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଧାର କରଜରୁ ଦୂରେଇ ରହିବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ବ୍ୟବସାୟ ପାଇଁ ନୂଆ ଯୋଜନା କରିପାରନ୍ତି। ଚକ୍ଷୁ ସମସ୍ୟା ହୋଇପାରେ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଅଚାନକ ଖୁସି ଖବର ପାଇବେ। ଧନଲାଭ ଯୋଗ ଅଛି। ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ।

## ଆଜିର ଇତିହାସ

- ୧୮୨୧- ମେକ୍ସିକୋ ସ୍ପେନ୍‌ଠାରୁ ସ୍ୱାଧୀନ ହେଲା।
- ୧୯୦୮ - ଜେନେରାଲ ମୋଟର୍ସ ନିଗମର ସ୍ଥାପନା।
- ୧୯୫୬- ଅଷ୍ଟ୍ରେଲିଆରେ ଟେଲିଭିଜନ ପ୍ରସାରଣ ଆରମ୍ଭ ହେଲା।
- ୧୯୭୫- ପାପୁଆ ନ୍ୟୁଗିନି ଅଷ୍ଟ୍ରେଲିଆରୁ ସ୍ୱାଧୀନ ହେଲା।
- ୧୯୭୮ - ଜେନେରାଲ୍ ଜିଆ ଉଲ୍ ହକ୍ ପାକିସ୍ତାନର ରାଷ୍ଟ୍ରପତି ହେଲେ।



## ବଜେଟ୍ ବଡ଼ ନା କାହାଣୀ !

# 'ରାମାୟଣ'କୁ 'ହନୁମାନ ଅଂଶ'ର ଚ୍ୟାଲେଞ୍ଜ

ବଲିଉଡ୍‌ରେ କୌଣସି ଫିଲ୍ମ ହିଟ୍ ହେବା ପାଇଁ ବଡ଼ ଷ୍ଟାର୍‌କାଷ୍ଟ ସହ ଶହ ଶହ କୋଟିର ବଜେଟ୍ ଦରକାର ବୋଲି ଏକ ଧାରଣା ରହିଛି। ହେଲେ ବେଳେବେଳେ ବକ୍ସ ଅଫିସ୍‌ରେ ଏମିତି କିଛି ଆଶ୍ଚର୍ଯ୍ୟଜନକ ଘଟଣା ଘଟେ, ଯାହା ଏଭଳି ଧାରଣାକୁ ସମ୍ପୂର୍ଣ୍ଣ ଭାବେ ବଦଳାଇ ଦିଏ। ବର୍ତ୍ତମାନ ବଲିଉଡ୍‌ରେ ଠିକ୍ ସେଭଳି ଏକ ରୋମାଞ୍ଚକର ସ୍ଥିତି ଦେଖିବାକୁ ମିଳିଛି, ଯେଉଁଠି ମାତ୍ର ୨ କୋଟିର ଏକ ଛୋଟ ଫିଲ୍ମ, ୪,୦୦୦ କୋଟିର ମେଗା ପ୍ରୋଜେକ୍ଟ ଆଗରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନୀମ କରୋଲି ବାବାଙ୍କ ଆଧ୍ୟାତ୍ମିକ ଜୀବନ ଯାତ୍ରା ଉପରେ ଆଧାରିତ ଚଳଚ୍ଚିତ୍ର 'ହନୁମାନ ଅଂଶ' ବକ୍ସ ଅଫିସ୍‌ରେ ଚମତ୍କାର ପ୍ରଦର୍ଶନ କରିଛି। ରିଲିଜ୍‌ର ପ୍ରଥମ ଦିନରେ ମାତ୍ର ୧୦ ଲକ୍ଷ ଟଙ୍କାର ଓପନିଂ କରିଥିବା ଏହି ଫିଲ୍ମ, ଦର୍ଶକଙ୍କ ମଧ୍ୟରେ ଧୀରେ ଧୀରେ ଏଭଳି କ୍ରେଜ୍ ସୃଷ୍ଟି କଲା ଯେ, ଏହାକୁ ଅଟକାଇବା ମୁସ୍କିଲ ହୋଇପଡ଼ିଲା। ମାତ୍ର ୩୫ ଦିନ ମଧ୍ୟରେ ଫିଲ୍ମଟି ପ୍ରାୟ ୧୯୩ କୋଟି ଟଙ୍କା ରୋଜଗାର କରିସାରିଛି। ଏହା ତାର ବଜେଟ୍‌ର ପ୍ରାୟ ୯୬ ଗୁଣ ଅଧିକ ବ୍ୟବସାୟ କରି ଚଳିତ ବର୍ଷର ସବୁଠାରୁ ବଡ଼ ସରପ୍ରାଇଜ୍ ହିଟ୍ ଭାବେ ଉଭା ହୋଇଛି। 'ହନୁମାନ ଅଂଶ' ପାଖରେ କୌଣସି ବଡ଼ ସୁପରଷ୍ଟାର୍ ନ ଥିଲେ କି ବଡ଼ ଧରଣର ପ୍ରମୋସନ୍ ହୋଇ ନ ଥିଲା। ଏହାର ପ୍ରକୃତ ଶକ୍ତି ଥିଲା ନିଛକ କାହାଣୀ, ଆଧ୍ୟାତ୍ମିକ ଶ୍ରଦ୍ଧା ଏବଂ ଦର୍ଶକଙ୍କ ସକାରାତ୍ମକ ପ୍ରତିକ୍ରିୟା। ଦର୍ଶକମାନେ ନିଜେ ହିଁ ଏହି ଫିଲ୍ମର ପ୍ରଚାର କଲେ ଏବଂ ଚତୁର୍ଥ ତଥା ପଞ୍ଚମ ସପ୍ତାହରେ ବି ଫିଲ୍ମଟି କୋଟି କୋଟି ଟଙ୍କା କମାଇବା ଜାରି ରଖିଲା। ଅନ୍ୟପଟେ, ନିର୍ଦ୍ଦେଶକ ନିତେଶ ତିୱାରୀଙ୍କ ସିନେମାଟିକ୍ ମାଷ୍ଟରପିସ୍ 'ରାମାୟଣ' ଆସିବାକୁ ଯାଉଛି, ଯେଉଁଥିରେ ରଣବୀର କପୁର (ଭଗବାନ ରାମ), ସାଇ ପଲ୍ଲବୀ (ସୀତା) ଏବଂ ଯଶ୍ (ରାବଣ) ଭୂମିକାରେ ନଜର ଆସିବେ। ଦୁଇଟି ଭାଗରେ ନିର୍ମିତ ହେଉଥିବା ଏହି ଫିଲ୍ମର ବଜେଟ୍ ପ୍ରାୟ ୪,୦୦୦ କୋଟି ଟଙ୍କା ବୋଲି ଚର୍ଚ୍ଚା ହେଉଛି। ଅବଶ୍ୟ ଅଭିନେତା ଯଶ୍ ସ୍ପଷ୍ଟ କରିଛନ୍ତି ଯେ, ଏହି ବିପୁଳ ପରିମାଣର ବଜେଟ୍‌ରେ ଦୁଇଟିଯାକ ଭାଗର ସୁଟିଂ, ଭିଏଫ୍‌ଏକ୍ସ ଏବଂ ହଲିଉଡ୍ ସ୍ତରର ପ୍ରମୋସନ ଖର୍ଚ୍ଚ ସାମିଲ ଅଛି। ଏହି ସମୟରେ 'ହନୁମାନ ଅଂଶ'ର ଅଭୁତପୂର୍ବ ସଫଳତା 'ରାମାୟଣ' ଉପରେ ଏକ ମନସ୍ତାତ୍ତ୍ୱିକ ଚାପ ପକାଇଛି। ସିନେମା ଜଗତରେ କେବଳ ବଡ଼ ବଜେଟ୍ ବା ମେଗାଷ୍ଟାର୍ ରହିଲେ ଫିଲ୍ମ ହିଟ୍ ହୁଏନାହିଁ, ବରଂ ଦର୍ଶକ ସବୁବେଳେ ଭଲ କାହାଣୀକୁ ହିଁ ପସନ୍ଦ କରନ୍ତି ବୋଲି ଏଥିରୁ ଏକପ୍ରକାର ସ୍ପଷ୍ଟ ହୋଇଛି।



# ବିଶ୍ୱ ଓଜୋନ ଦିବସ

ଓଜୋନ ସ୍ତର ଏକ ଅଦୃଶ୍ୟ ଛଣା କାଗଜ ଭଳି କାମ କରେ। ଏହା ସୂର୍ଯ୍ୟଙ୍କର ପ୍ରାୟ ୯୭ ରୁ ୯୯ ପ୍ରତିଶତ କ୍ଷତିକାରକ ଅତିବାଇଗଣୀ ରଶ୍ମିକୁ ଶୋଷିନିଏ ଏବଂ ପୃଥିବୀ ପୃଷ୍ଠକୁ କେବଳ ସୁରକ୍ଷିତ ଆଲୋକ ଓ ଉତ୍ତାପ ପଠାଇଥାଏ। ସରଳ ଭାଷାରେ କହିଲେ, ଯଦି ଓଜୋନ ସ୍ତର ନ ଥାନ୍ତା, ତେବେ ପୃଥିବୀରେ କୌଣସି ଗଛଲତା, ମଣିଷ କିମ୍ବା ଜୀବଜନ୍ତୁ ଜୀବିତ ରହିପାରନ୍ତେ ନାହିଁ। ଯଦି ଏହି ସ୍ତର ନଷ୍ଟ ହୋଇଯାଏ, ତେବେ ସୂର୍ଯ୍ୟଙ୍କ ଅତିବାଇଗଣୀ ରଶ୍ମି ସିଧାସଳଖ ପୃଥିବୀରେ ପହଞ୍ଚି ମଣିଷଙ୍କଠାରେ ଚର୍ମ କର୍କଟ, ଆଖିରେ ମୋତିଆବିନ୍ଦୁ ଏବଂ ଗଛଲତା ଓ ଜୀବଜନ୍ତୁଙ୍କ ବ୍ୟାପକ କ୍ଷତି ଘଟାଇବ। ଏହି ବିପଦ ବିଷୟରେ ଲୋକଙ୍କୁ ସଚେତନ କରିବା ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୧୬ ତାରିଖକୁ ବିଶ୍ୱ ଓଜୋନ ଦିବସ ଭାବରେ ପାଳନ କରାଯାଇଥାଏ। ସୂର୍ଯ୍ୟକିରଣରେ ଆସୁଥିବା କେତେକ ମାରାତ୍ମକ ବିକିରଣକୁ ଓଜୋନସ୍ତର ଭୂପୃଷ୍ଠକୁ ଛାଡେ ନାହିଁ। ସେଭଳି ଏକ ମାରାତ୍ମକ ବିକିରଣ ହେଉଛି 'ଅତିବାଇଗଣି-ଖ'। ଏହି ବିକିରଣ ଆମ ଶରୀରରେ ବିଶେଷକରି ଚର୍ମରେ କର୍କଟ ଓ ଆଖିରେ ପରଳ ସୃଷ୍ଟି କରିପାରେ। ଏହି ବିକିରଣ କୃଷି ଉତ୍ପାଦନ ଉପରେ ମଧ୍ୟ କୁପ୍ରଭାବ ପକାଇଥାଏ। ସୂର୍ଯ୍ୟକିରଣରେ ଏହି ଅତିବାଇଗଣି ବିକିରଣ ରହିଲେ ଗଛର ପତ୍ର ଛୋଟ ହୁଏ ଓ ଫୁଲ ଧରିବାରେ ବିଳମ୍ବ ହୁଏ। ମାଛ ଯାଆଁଳା ଠିକ୍ ଭାବରେ ବଢ଼ିପାରନ୍ତି ନାହିଁ। ଅତିବାଇଗଣୀ ବିକିରଣ ଦ୍ୱାରା ଘର, ଲୁଗାପଟା ଓ ଆସବାବ ଉପକରଣର ରଙ୍ଗ ଶୀଘ୍ର ଫିକା ପଡ଼ିଯାଏ। ୧୯୮୫ରେ ପ୍ରଥମେ ଆଣ୍ଟାର୍କଟିକା ଉପରେ ଏକ ଓଜୋନ ଗର୍ତ୍ତ ହୋଇଥିବା ବ୍ରିଟିଶ ଆଣ୍ଟାର୍କଟିକା ସର୍ଭେରେ ପ୍ରକାଶ ପାଇଥିଲା। ପରେ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇବା ସହ ଏହାର ସୁରକ୍ଷା ଉପରେ ଜାତିସଂଘ ଗୁରୁତ୍ୱ ଦେଇଥିଲା। ୧୯୮୭ ମସିହାର ଏହି ଦିନରେ ମଣ୍ଟ୍ରିଲ ପ୍ରୋଟୋକଲ ନାମକ ଏକ ଅନ୍ତଃରାଷ୍ଟ୍ରୀୟ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏହି ସନ୍ଧିର ମୂଳ ଲକ୍ଷ୍ୟ ଥିଲା ବାୟୁମଣ୍ଡଳରେ ଓଜୋନ ସ୍ତରକୁ ହ୍ରାସ କରୁଥିବା କିଛି ପଦାର୍ଥର ପ୍ରସ୍ତୁତି ବା ଉତ୍ପାଦନ ସମୟବଦ୍ଧ ଉପାୟରେ ବନ୍ଦ କରିବା, ଯଦ୍ଦ୍ୱାରା ଓଜୋନ ସ୍ତରକୁ ସଂରକ୍ଷଣ କରାଯାଇପାରିବ। ଏହି ଐତିହାସିକ ଦିନକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ୧୯ ଡିସେମ୍ବର, ୨୦୦୦ ମସିହାରେ ସଂଯୁକ୍ତ ରାଷ୍ଟ୍ର ମହାସଭାରେ ୧୬ ସେପ୍ଟେମ୍ବରକୁ ଅନ୍ତଃରାଷ୍ଟ୍ରୀୟ ଓଜୋନ ସ୍ତର ସଂରକ୍ଷଣ ଦିବସ ରୂପେ ପାଳିବାକୁ ଏକ ଘୋଷଣାନାମା ଗୃହୀତ ହେଲା। ଚୁକ୍ତି ସ୍ୱାକ୍ଷର ହେବାର ପ୍ରାୟ ୩୦ ବର୍ଷ ପରେ ଓଜୋନ ସ୍ତରରେ ଦେଖାଦେଇଥିବା ଛିଦ୍ର ବନ୍ଦ ହେବାର ଦେଖିବାକୁ ମିଳିଥିଲା। ତଥାପି ଏହି ଓଜୋନ ସ୍ତର କ୍ଷୀଣ ହେବା ଯୋଗୁଁ ନିର୍ଗତ ବିଷାକ୍ତ ଗ୍ୟାସର ପ୍ରଭାବ ପୃଥିବୀ ଉପରେ ପରବର୍ତ୍ତୀ ୫୦ରୁ ୧୦୦ ବର୍ଷ ପର୍ଯ୍ୟନ୍ତ ରହିବ ବୋଲି ଅନୁମାନ କରଯାଏ। ଏହାବାଦ୍ ଆମ ଦ୍ୱାରା ବ୍ୟବହୃତ ଏସି, ଫ୍ରିଜ୍ ଆଦିରୁ ନିର୍ଗତ କ୍ଲୋରୋଫ୍ଲୋରୋକାର୍ବନ ପରି ଗ୍ୟାସ୍ ଓଜୋନ ଚାଦରକୁ କଣା କରିଦେଉଛି। ଏହି ବିଷାକ୍ତ ଗ୍ୟାସ୍‌ର ବ୍ୟବହାର କମାଇବା ପାଇଁ ଜନସାଧାରଣଙ୍କୁ ସଜାଗ କରିବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।

# ପ୍ରଥମେ ଉପହାର ତା'ପରେ ଖାଦ୍ୟ

ଭାରତୀୟ ବିବାହରେ ଅତିଥିମାନେ ଭଗବାନଙ୍କ ସଦୃଶ। ବିବାହରେ ଯୋଗ ଦେଉଥିବା ଅତିଥିମାନେ ବର-କନିଆଙ୍କୁ ଆଶୀର୍ବାଦ ଦିଅନ୍ତି ଏବଂ ନିଜ ଇଚ୍ଛା ମୁତାବକ ଉପହାର ଦିଅନ୍ତି। ହେଲେ ଦକ୍ଷିଣ କୋରିଆରେ କୌଣସି ବାହାଘର ଭୋଜି ଖାଇବାକୁ ହେଲେ ଅତିଥିଙ୍କୁ ପ୍ରଥମେ 'ଏଣ୍ଟ୍ରି ଫି' ବା ଏକ ନିର୍ଦ୍ଦିଷ୍ଟ ପରିମାଣର ନଗଦ ଟଙ୍କା ଦେବାକୁ ପଡ଼ିଥାଏ। ନିକଟରେ ଜଣେ ଭାରତୀୟ ମହିଳା ଦକ୍ଷିଣ କୋରିଆର ଏକ ବିବାହ ଉତ୍ସବରେ ଯୋଗ ଦେଇଥିବା ବେଳର ନିଜର ଅଭିଜ୍ଞତାକୁ ନେଇ ଏକ ଭିଡିଓ ସେୟାର କରିଛନ୍ତି, ଯାହା ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଭାରତରେ ବାହାଘର ଶେଷ ହେବା ପରେ କିମ୍ବା ଖାଇବା ସମୟରେ ଲୋକେ ଉପହାର ଦିଅନ୍ତି। କୋରିଆରେ ବିବାହ ମଣ୍ଡପକୁ ପଶିବା ମାତ୍ରେ ପ୍ରଥମେ ଏକ ବଡ଼ କ୍ୟାଶ୍ କାଉଣ୍ଟର ଦେଖିବାକୁ ମିଳେ। ସେଠାରେ ବର ଏବଂ କନିଆ ଉଭୟ ପକ୍ଷର ସମ୍ପର୍କୀୟମାନେ ଟେବୁଲ ପକାଇ ବସିଥାନ୍ତି। ଅତିଥିମାନେ ହଲ୍ ଭିତରକୁ ଯିବା ପୂର୍ବରୁ ସେହି କାଉଣ୍ଟରରେ ନଗଦ ଟଙ୍କା ଥିବା ଖାମ ଜମା କରିବାକୁ ପଡ଼ିବ। ଭାରତୀୟ ମହିଳା ଜଣକ ତାଙ୍କ କୋରିଆ ବନ୍ଧୁଙ୍କ ବିବାହରେ ଯୋଗ ଦେଇଥିଲେ। ଏହି ସମୟରେ ସେଠାରେ ବିବାହକୁ ନେଇ ପ୍ରଚଳିତ ଥିବା ଏହି ଅଜବ ନିୟମ ସମ୍ପର୍କରେ ସେ ଜାଣିବାକୁ ପାଇଲେ। ସମ୍ପୃକ୍ତ ମହିଳାଙ୍କ ସହିତ ଦୁଇଜଣ ବରିଷ୍ଠ ସାଙ୍ଗ ମଧ୍ୟ ଥିଲେ। ତିନିଜଣ ଯାକ ଠିକ୍ ସମୟରେ ପହଞ୍ଚିଥିଲେ। ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଚାଲିଥିବା ଉତ୍ସବରେ ସେମାନେ ସାମିଲ ରହିଲେ। ଏହାପରେ ଅତିଥିମାନେ ଯେତେବେଳେ ଭୋଜି ଖାଇବାକୁ ଗଲେ ସମ୍ପୃକ୍ତ ଭାରତୀୟ ମହିଳା ଓ ତାଙ୍କ ବନ୍ଧୁ ବି ସେମାନଙ୍କ ସହ ଗଲେ। ହେଲେ ଯେମିତି ସେମାନେ ଲଞ୍ଚ୍ ହଲ୍ ଗେଟ୍ ସମ୍ମୁଖରେ ପହଞ୍ଚିଲେ, ସେଠାରେ ଥିବା ସୁରକ୍ଷାକର୍ମୀ ସେମାନଙ୍କୁ ଅଟକାଇ ଦେଲେ। ସେଠାରେ ତାଙ୍କୁ ଟୋକନ୍ ମଗାଯାଇଥିଲା। ସେଇଠୁ ସେ ତାଙ୍କ କୋରିଆ ବନ୍ଧୁଙ୍କୁ ଫୋନ୍ କଲେ। ଏହି ସମୟରେ ସେ ଦକ୍ଷିଣ କୋରିଆରେ ପ୍ରଚଳିତ ଏଭଳି ଏକ ନିୟମ ବିଷୟରେ ଜାଣିବାକୁ ପାଇଥିଲେ। ଏହି ନିୟମ ଭାରତୀୟ ମହିଳା ଜଣକୁ ବେଶ୍ ଅଜବ ଲାଗିଥିଲା। ଭାରତୀୟ ଦୃଷ୍ଟିକୋଣରୁ ଏହା ଟିକେ ବ୍ୟବସାୟିକ ମନେ ହୋଇପାରେ, କିନ୍ତୁ କୋରିଆନ୍ ସଂସ୍କୃତିରେ ଏହାକୁ ପରସ୍ପରକୁ ସାହାଯ୍ୟ କରିବାର ଏକ ମାଧ୍ୟମ ବୋଲି ଧରାଯାଏ। କୋରିଆରେ ବିବାହ ଖର୍ଚ୍ଚ ଅତ୍ୟଧିକ ଅଧିକ ହୋଇଥାଏ। ଅତିଥିମାନେ ଦେଉଥିବା ଏହି ଟଙ୍କା ଦ୍ୱାରା ନବଦମ୍ପତିଙ୍କ ବିବାହ ଖର୍ଚ୍ଚ ଏବଂ ହୋଟେଲ୍ ଭୋଜିର ବିଲ୍ ସହଜରେ ସୁଝି ହୋଇଯାଏ।



# ସମ୍ଭାବନା




# ସଫ୍ଟ ବ୍ଲକିଂ

**ଆଜିକାଲି ଯୁବପିଢ଼ି ଅନ୍ୟଠୁ ଦୂରତ୍ୱ ବଜାୟ ରଖିବା ଲାଗି ସଫ୍ଟ ବ୍ଲକିଂ ଟ୍ରେଣ୍ଡ ଉପାୟ ଆପଣାଉଛନ୍ତି। ଏଥିରେ ଜଣକର ଷ୍ଟୋରିକୁ ମ୍ୟୁଟ କରିବା, ନିଜ ପୋଷ୍ଟ ନ ଦେଖାଇବା, ଅନ୍‌ଫଲୋ କରିବା, ଫଲୋର୍ସରୁ ହଟାଇବା ଏବଂ କଥାବାର୍ତ୍ତା କମ୍ କରିବା ସାମିଲ ଅଛି। ଏହାଦ୍ୱାରା ଝଗଡ଼ା ବିନା ଜଣେ ଜଣକଠାରୁ ଦୂରତ୍ୱ ରକ୍ଷା କରିଥାଏ।**

ସଫ୍ଟ ବ୍ଲକିଂରେ ଜଣେ ଜଣକୁ ସମ୍ପୂର୍ଣ୍ଣ ଭାବେ ବ୍ଲକ୍ କରି ନ ଥାଏ। ବରଂ ଧୀରେ ଧୀରେ ଅନଲାଇନ୍ ଦୂରତ୍ୱ ରକ୍ଷା କରିବା ଆରମ୍ଭ କରେ। ଏଥିରେ କାହାର ଷ୍ଟୋରି ମ୍ୟୁଟ୍ କରିବା, ନିଜ ପୋଷ୍ଟ ନ ଦେଖାଇବା, ଅନଫଲୋ କରିବା, ଫଲୋରୁ ହଟାଇବା ଏବଂ କଥାବାର୍ତ୍ତା କମ୍ କରିବା ସାମିଲ ଥାଏ। ଅବଶ୍ୟ ଅନେକ ସମୟରେ କିଛି ଲୋକ ଜଣକୁ କିଛି ସମୟ ପାଇଁ ବ୍ଲକ୍ କରି ପୁଣି ଅନବ୍ଲକ୍ କରନ୍ତି। ଏହାଦ୍ୱାରା ଜଣେ ଅନ୍ୟଜଣକ ଫଲୋ ଲିଷ୍ଟରୁ ବାହାରି ଯାନ୍ତି। ଏହାକୁ ଏଭଳି ବି କୁହାଯାଇପାରିବ ଯେ, ସାମ୍ନାବାଲା ସମ୍ପୂର୍ଣ୍ଣ ଭାବେ ସମ୍ପର୍କ ଶେଷ କରିବା ପରିବର୍ତ୍ତେ ସୋସିଆଲ ମିଡିଆରୁ ଦୂରତ୍ୱ ରକ୍ଷା କରେ। ସଫ୍ଟ ବ୍ଲକିଂ ପଛରେ ଅନେକ କାରଣ ହୋଇପାରେ। ଅନେକ ସମୟରେ ଲୋକେ ନିଜ ଜୀବନରେ ଅଧିକ ଗୋପନୀୟତା ଚାହାନ୍ତି। ବ୍ରେକ୍‌ଅପ୍ ତଥା ସାଙ୍ଗସାଥୀରେ ହୋଇଥିବା ଲଢ଼େଇ ଝଗଡ଼ା ପରେ କିଛି ସମୟ ଦୂରତ୍ୱ ଚାହାନ୍ତି। ତେଣୁ ଏଭଳି ସ୍ଥିତିରେ ପୂରା ବ୍ଲକ୍ କରିବା ପରିବର୍ତ୍ତେ ସଫ୍ଟ ବ୍ଲକିଂ ଉପାୟ ଆପଣାନ୍ତି। କୁହାଯାଉଛି ଯେ, ଏହି ଉପାୟ ପିଜିଟିଭ୍ ହେଲେ ବି ସମ୍ପର୍କରେ ଭୁଲବୁଝାମଣା ସୃଷ୍ଟି କରିପାରେ।

# କମ୍ ଫି'ରେ କ୍ୟାରିୟର

**ଅନେକ ଭାରତୀୟ ୟୁନିଭର୍ସିଟିରେ ପଢ଼ା ଫି' ଖୁବ୍ ମହଙ୍ଗା ହୋଇଥାଏ। କିଛି କୋର୍ସର ଫି ଲକ୍ଷାଧିକ ହୋଇଥିବା ବେଳେ ଆଉ କିଛି କୋର୍ସ କମ୍ ଫି'ରେ ବି କରାଯାଇପାରିବ। ତେବେ କ୍ୟାରିୟର ଲାଗି କେବଳ ଦାମୀ ଫି' ନୁହେଁ ବରଂ ଉପଯୁକ୍ତ କୌଶଳ ଓ ଦକ୍ଷତା ଜରୁରି। କମ୍ ଫି'ର କୋର୍ସ ଚୟନ କରି ଭଲ ରୋଜଗାର କରି ହେବ।**



**ଡିଜିଟାଲ ମାର୍କେଟିଂ ଏବଂ ଏସ୍‌ଇଓ:** ପ୍ରତ୍ୟେକ ଛୋଟ ବଡ଼ ବ୍ୟବସାୟ ଏବେ ଅନଲାଇନରେ ପରିଚାଳିତ ହେଉଛି। ତେଣୁ ଡିଜିଟାଲ ମାର୍କେଟିଂର ଆବଶ୍ୟକତା ବଢୁଛି। ଏହି କୋର୍ସ ସରକାରୀ ସଂସ୍ଥାନ ଏବଂ ଗୁଗଲ ମେଟାର ଫ୍ରି ସାର୍ଟିଫିକେସନ ସହିତ ପ୍ରାୟ ୫-୧୦ ହଜାର ଟଙ୍କାରେ ହେବ। ଏଥିରେ ସୋସିଆଲ ମିଡିଆ ହ୍ୟାଣ୍ଡଲିଂ, ଗୁଗଲ ଆଡ୍, ଏସଇଓ ସ୍କିଲ୍ ଶିକ୍ଷା ପ୍ରଦାନ କରାଯାଏ। ଡିଜିଟାଲ ମାର୍କେଟିଂ କୋର୍ସ କରିବା ପରେ କୌଣସି କମ୍ପାନିରେ ଚାକିରି କରିପାରିବେ। ନଚେତ୍ ଘରେ ବସି ଫ୍ରିଲାନ୍ସିଂରୁ ଭଲ ରୋଜଗାର କରିପାରିବେ।

**ଡାଟା ଆନାଲିଟିକ୍ସ ଏବଂ ବେସିକ୍ କୋଡିଂ:** କମ୍ପ୍ୟୁଟରରେ ରୁଚି ଥିଲେ ବିଟେକ୍ ଡିଗ୍ରୀ ବିନା ମଧ୍ୟ ଆଇଟି କ୍ଷେତ୍ରରେ ପ୍ରବେଶ କରିପାରିବେ। ସରକାରୀ ପୋର୍ଟାଲରେ ୬ ମାସରୁ ୧ ବର୍ଷର ଡାଟା ଆନାଲିଟିକ୍ସ ଏବଂ ପାଇଥନ ଡିପ୍ଲୋମା କୋର୍ସ କମ୍ ଫି'ରେ ଉପଲବ୍ଧ। ଏହି କୋର୍ସ ପୂରା କରିବା ମାତ୍ରେ ପ୍ରାରମ୍ଭିକ ପର୍ଯ୍ୟାୟରେ ମାସକୁ ୨୫-୩୫ ହଜାର ଟଙ୍କା ପାରିଶ୍ରମିକ ମିଳିଥାଏ।

**ଆଇଟିଆଇ ଟ୍ରେଡ୍ କୋର୍ସ:** ଦଶମ ତଥା ଦ୍ୱାଦଶ ପରେ ପ୍ରାକ୍ଟିକାଲ କାମ ଶିଖିବାକୁ ଚାହୁଁଥିଲେ, ଆଇଟିଆଇରୁ ଭଲ ଆଉ କିଛି ହୋଇ ନ ପାରେ। ପ୍ରାୟ ହଜାରରୁ ୩ ହଜାର ଫି'ରେ ଇଲେକଟ୍ରିସିଆନ, ଏସି/ଆରଏସି ଟେକ୍ନିସିଆନ ଡ୍ରାଫ୍ଟମ୍ୟାନ ଭଳି ଟ୍ରେଡ୍ ଶିଖିପାରିବେ। ଏହି କୋର୍ସର ବିଶେଷତ୍ୱ ହେଉଛି ଭାରତୀୟ ରେଲୱେ, ଓଏନଜିସି, ବିଜୁଳି ବିଭାଗରେ ସରକାରୀ ଚାକିରି ସହିତ ନିଜର ବ୍ୟବସାୟ ଆରମ୍ଭ କରିପାରିବେ।

**ମେଡିକାଲ ଲ୍ୟାବ୍ ଟେକ୍ନିସିଆନ ଏବଂ ପାରାମେଡିକାଲ ଡିପ୍ଲୋମା:** ଡାକ୍ତରୀ ପଢ଼ା ଲାଗି କୋଟି କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ। ତେବେ ସରକାରୀ ତଥା ମାନ୍ୟତାପ୍ରାପ୍ତ ସଂସ୍ଥାନରୁ ୧-୨ ବର୍ଷର ଡିପ୍ଲୋମା ଇନ ମେଡିକାଲ ଲ୍ୟାବ୍ ଟେକ୍ନୋଲୋଜି ବା ରେଡିୟୋଲୋଜି ଡିପ୍ଲୋମା କୋର୍ସ ବହୁତ କମ୍ ଖର୍ଚ୍ଚରେ ଆସିଥାଏ। ରକ୍ତ ପରୀକ୍ଷା, ଏକ୍ସ-ରେ ଟେକ୍ନିସିଆନଙ୍କ ଚାହିଦା ଲଗାତାର ବଢୁଛି।

**ୱେବ୍ ଡିଜାଇନିଂ:** ପ୍ରତ୍ୟେକ ଟେକ୍ କମ୍ପାନିକୁ ୱେବ୍‌ସାଇଟ୍ ଏବଂ ଆପ୍ ଲୁକ୍ ଡିଜାଇନ ପାଇଁ ଡିଜାଇନରଙ୍କ ଆବଶ୍ୟକତା ଥାଏ। ସରକାରୀ କୌଶଳ ବିକାଶ କେନ୍ଦ୍ର କିମ୍ବା ଅନଲାଇନ ପ୍ଲାଟ୍‌ଫର୍ମରୁ ୩-୬ ମାସର ୱେବ୍ ଡିଜାଇନିଂ କୋର୍ସ କମ୍ ଫି'ରେ କରାଯାଇପାରିବ।

# ଏଆଇ ରେଟ୍ରୋ ଟ୍ରେଣ୍ଡରେ ସାମିଲ ହେଉଥିଲେ...

**ଏଆଇ ଦ୍ୱାରା ଲୋକମାନେ ୮୦ ଦଶକର ଫଟୋ ସୋସିଆଲ ମିଡିଆରେ ସେୟାର୍ କରୁଛନ୍ତି। ଏହି ଧାରା ଏବେ ଖୁବ୍ ଲୋକପ୍ରିୟ ହେବାରେ ଲାଗିଛି। ଲୋକମାନେ ନିଜର ବର୍ତ୍ତମାନର ଫଟୋକୁ ଏଆଇ ସାହାଯ୍ୟରେ ୮୦ ଦଶକର ପୋଷାକ ହେୟାର ଷ୍ଟାଇଲରେ ପରିବର୍ତ୍ତନ ଆଣୁଛନ୍ତି। ତେବେ ଏହା ଲୋକଙ୍କ ପାଇଁ ବିପଦ ବି ସୃଷ୍ଟି କରିପାରେ। ସାଇବର ସୁରକ୍ଷା ବିଶେଷଜ୍ଞଙ୍କ ଏହାକୁ ନେଇ ସତର୍କ ରହିବାକୁ କହୁଛନ୍ତି।**

- ବ୍ୟବହାରକାରୀଙ୍କୁ ନିଜର ସେଟିଂ ଏବଂ ସମ୍ବନ୍ଧିତ ସେବାର ପ୍ରାଇଭେସି ପଲିସି ନିହାତି ଜାଣିବା ଦରକାର।
- ଫଟୋ ଅପଲୋଡ୍ କରିବା ପୂର୍ବରୁ ସମ୍ବନ୍ଧିତ ପ୍ଲାଟ୍‌ଫର୍ମ ଡାଟାକୁ କିଭଳି ବ୍ୟବହାର କରୁଛି, ବୁଝନ୍ତୁ।
- ସ୍ମାର୍ଟଫୋନ୍‌ରୁ ଉତ୍ତୋଳନ ହୋଇଥିବା ଫଟୋରେ ଫଟୋ ଉତ୍ତୋଳନର ସମୟ, କ୍ୟାମେରା ଏବଂ ଡିଭାଇସ ସହିତ ଜଡ଼ିତ ତଥ୍ୟ ଓ କିଛି ପରିସ୍ଥିତିରେ ଲୋକେସନ ଭଳି ତଥ୍ୟ ବି ସାମିଲ ହୋଇପାରେ। ଏଆଇ କମ୍ପାନି ଏହି ଡାଟାକୁ ଷ୍ଟୋର କରିପାରେ।
- ଫଟୋ ବ୍ୟାକଗ୍ରାଉଣ୍ଡ ଉପରେ ବିଶେଷ ଦୃଷ୍ଟି ଦିଅନ୍ତୁ। ଯଦି ଏଥିରେ ବ୍ୟକ୍ତିଗତ ଦସ୍ତାବିଜ, ଠିକଣା କିମ୍ବା ଅନ୍ୟ ତଥ୍ୟ ଦେଖାଦିଏ, ତାହାକୁ ହଟାଇ ଦିଅନ୍ତୁ।
- ପିଲା ତଥା ଅନ୍ୟ ଲୋକଙ୍କ ଫଟୋ ଅପଲୋଡ କରିବା ପୂର୍ବରୁ ସେମାନଙ୍କ ଗୋପନୀୟତା ଉପରେ ଧ୍ୟାନ ଦିଅନ୍ତୁ।
- ଚାଟଜିପିଟି ତଥା ଅନ୍ୟ କୌଣସି ଏଆଇ ପ୍ଲାଟଫର୍ମର ଡାଟା କଣ୍ଟ୍ରୋଲ ସେଟିଂ ଯାଞ୍ଚ କରନ୍ତୁ।
- ଅତ୍ୟଧିକ ସମ୍ବେଦନଶୀଳ ଫଟୋ କୌଣସି ଅବିଶ୍ୱସନୀୟ ଏଆଇ ୱେବସାଇଟ୍‌ରେ ଅପଲୋଡ୍ ନ କରିବା ଭଲ।




# ଆଗକୁ ବଢ଼ିବାର ସ୍ମାର୍ଟ ଉପାୟ

**ଅଫିସ୍‌ରେ କେବଳ କାମ ନୁହେଁ। କିଛି ଉପାୟ ଏଭଳି ଅଛି, ଯାହାକି ପ୍ରଫେସନାଲଙ୍କୁ ସ୍ମାର୍ଟ ଉପାୟରେ କ୍ୟାରିୟରରେ ଆଗକୁ ନେବାରେ ସାହାଯ୍ୟ କରେ।**

- ଯଦି କୌଣସି କର୍ମଚାରୀ ନିଜ କାମ ନିର୍ଦ୍ଧାରିତ ସମୟରେ ପୂରା କରିଛନ୍ତି, ତେବେ ନିଜ କ୍ଷମତାକୁ ପ୍ରତିଥର ଦେଖେଇ ହେବା ଭଲ ନୁହେଁ। ସବୁଠୁ ଭଲ କର୍ମଚାରୀ ହେବା ଆଶାରେ ଲୋକେ ଅଜାଣତରେ ଅଧିକ କାମ ନିଜ ଉପରକୁ ଆଣନ୍ତି। ତେଣୁ କାମ ଶୀଘ୍ର ସରିଗଲେ ଅତିରିକ୍ତ କାର୍ଯ୍ୟ କରିବାରୁ ବଞ୍ଚିତ ହେବା ଦରକାର।
- ଟିମ୍‌ୱାର୍କ ଜରୁରି, କିନ୍ତୁ ନିଜର ବ୍ୟକ୍ତିଗତ ଯୋଗଦାନକୁ ଲୁଚାଇବା ଅନୁଚିତ। ଯେଉଁ ପ୍ରୋଜେକ୍ଟରେ ନିଜେ ନେତୃତ୍ୱ ନେଉଛନ୍ତି କିମ୍ବା କୌଣସି କାମ ନିଜେ କରୁଛନ୍ତି। ସେ ସମ୍ପର୍କରେ ନିଜର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ସ୍ପଷ୍ଟ ଭାବେ ଅବଗତ କରାଇବା ଜରୁରି। ପ୍ରତ୍ୟେକ କାର୍ଯ୍ୟକୁ ଦଳଗତ ଭାବେ କରିବା ଦେଖାଇଲେ, ବ୍ୟକ୍ତିଗତ ଭୂମିକାକୁ ଅଣଦେଖା ହୋଇଥାଏ।
- ଚାକିରି ଛାଡ଼ିବାର କୌଣସି ଉଦ୍ଦେଶ୍ୟ ନ ଥିଲେ ବି ବେଳେ ବେଳେ ସାକ୍ଷାତକାର ଦେବା ଭଲ। ଏହାଦ୍ୱାରା ଏକଥା ଜାଣିପାରିବେ ଯେ, ଅନ୍ୟ ଏକ କମ୍ପାନି ନିଜର ଦକ୍ଷତା ପାଇଁ କେତେ ପାରିଶ୍ରମିକ ଦେଉଛି।
- ଅଫିସ୍ ପାର୍ଟି ପ୍ଲାନିଂ, ମିଟିଂ ନୋଟ୍, ଅନ୍ୟ ଅନାବଶ୍ୟକ କାମର ଦାୟିତ୍ୱ ନିଜେ ଉଠାନ୍ତୁନି। ଏହାଦ୍ୱାରା ନିଜର ମୁଖ୍ୟ କାମ ପ୍ରଭାବିତ ହୋଇପାରେ। ତେଣୁ ଦାୟିତ୍ୱ ତୁଲାଇବା ଲାଗି ହଁ କହିବା ପୂର୍ବରୁ ନିଜର ପ୍ରାଥମିକତା ସ୍ଥିର କରନ୍ତୁ।



# କୋଚିରେ ଭାରତ-ବ୍ରାଜିଲ ଲିଜେଣ୍ଡସ୍ ଫୁଟବଲ୍ ମୁକାବିଲା

କୋଚି,୧୫।୯ (ଏଜେନ୍ସି): କୋଲକାତାରେ ଭାରତ ଓ ବ୍ରାଜିଲ ମଧ୍ୟରେ ଖେଳାଯିବାକୁ ଥିବା ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମୁକାବିଲାର ଏକ ସପ୍ତାହ ଆଗରୁ ଦୁଇ ଦେଶର ଲିଜେଣ୍ଡସ୍ ବା କିମ୍ବଦନ୍ତୀ



ଖେଳାଳିଙ୍କ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ୍ କେରଳର କୋଚିଠାରେ ଖେଳାଯିବ। ଏହି ମ୍ୟାଚ୍‌ଟି କୋଚିର ଜବାହାରଲାଲ ନେହେରୁ ଷ୍ଟାଡିୟମ୍‌ରେ ସେପ୍ଟେମ୍ବର ୨୩ ତାରିଖରେ ଆୟୋଜିତ ହେବ। ବ୍ରାଜିଲ ଲିଜେଣ୍ଡସ୍ ଟିମ୍‌ରେ ୨୦୦୨ ବିଶ୍ୱଚାମ୍ପିଅନ ଖେଳାଳି ରୋନାଲ୍ଡିନୋ, ରିଭାଲ୍ଡୋଙ୍କ ପରି ବିଗତଦିନର ସୁପରଷ୍ଟାର ଅଂଶଗ୍ରହଣ କରିବେ। ଗତବର୍ଷ ଏଭଳି ଏକ ପ୍ରଦର୍ଶନୀ ମ୍ୟାଚ୍ ଚେନ୍ନଇରେ ଖେଳାଯାଇଥିଲା ଓ ଏଥିରେ ବ୍ରାଜିଲ ୨-୧ ଗୋଲରେ ବିଜୟୀ ହୋଇଥିଲା।

**ବ୍ରାଜିଲ ଲିଜେଣ୍ଡସ୍**: ଗୋମ୍ସ, ଜୋର୍ଗିନୋ, ଗୁସ୍ତାଭୋ ନେରୀ, ଲଲିଭେଲଟନ, ପାରା, ଏଡମିଲସନ, ଆମାରାଲ, ସୁଜା, ଜୁନିଅର, କାମାଣ୍ଡୁକାଇଆ, ରୋନାଲ୍ଡିନୋ, ରିଭାଲ୍ଡୋ, ପାଓଲୋ ସର୍ଗିଓ, ଗିଓଭାନି, ଭିଓଲା, ରିକାର୍ଡୋ ଓଲିଭେରିଆ, ଡିଓଗୋ।

**ଭାରତ ଲିଜେଣ୍ଡସ୍** : ଶୁଭାଶିଷ ରୟ, ସନ୍ଦୀପ ନନ୍ଦି, ସୁରେଶ ମୁତାତ, ଦେବବ୍ରତ ରୟ, ଅଜୟନ, ଅର୍ଣ୍ଣବ ମଣ୍ଡଳ, ମେହରାଜ ଉଦ୍ଦିନ ୱାଡୋ, ବିବିଆନୋ ଫର୍ଣ୍ଣାଣ୍ଡେଜ୍, ରିନୋ ଆଣ୍ଟୋ, ଏନ୍‌ପି ପ୍ରଦୀପ, କ୍ଲାଇମାକ୍ସ ଲରେନ୍ସ, ଜୋ ପଲ ଆଞ୍ଚେରୀ, ମେହତାବ ହୋସେନ, ନେଲସନ, ଆଇଏମ୍ ବିଜୟନ, ମହମ୍ମଦ୍ ରଫି, ସିକେ ବିନୀତ, ଅସିମ ବିଶ୍ୱାସ, କେଟି ଚାକୋ। **ଖେଳ ଆରମ୍ଭ**- ରାତି ୭ଟା୩୦

# ଆଫ୍ରିକାରେ ପ୍ରଥମଥର ୱାର୍ଲ୍ଡ ଆଥଲେଟିକ୍ ଚାମ୍ପିଅନସିପ୍

ବୁଦାପେଷ୍ଟ,୧୫।୯ (ଏଜେନ୍ସି): ଆଫ୍ରିକା ମହାଦେଶରେ ପ୍ରଥମଥର ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିଅନସିପ୍ ଆୟୋଜନ ଅଧିକାର ପାଇଛି। ବିଶ୍ୱ ଆଥଲେଟିକ୍ସରେ ଏକ ସୁପର ପାୱାର ବିବେଚିତ କେନିଆର ରାଜଧାନୀ ନାଇରୋବିରେ ୨୦୨୯ରେ ଆୟୋଜିତ ହେବ ବୋଲି ୱାର୍ଲ୍ଡ ଆଥଲେଟିକ୍ସର ସଭାପତି ସେବାଷ୍ଟିଆନ କୋ' ଘୋଷଣା କରିଛନ୍ତି। ସେହିପରି ୨୦୩୧ରେ ଏହା ଜର୍ମାନୀକୁ ଫେରିବ ବୋଲି ସେ କହିଛନ୍ତି। କେନିଆରେ ଶୀର୍ଷ ଆଥଲେଟମାନେ ଡୋପ୍ ଟେଷ୍ଟରେ ଧରାପଡ଼ିବା ପରେ ଏହି ପ୍ରତିଯୋଗିତା ଆୟୋଜନ କରିବା ଲାଗି କିଛି ଅଧିକ ରିସ୍କ ନେବାକୁ ପଡ଼ିପାରେ। ଏହା ସତ୍ତ୍ୱେ ଆଥଲେଟିକ୍ସକୁ ଏହାର ଏକ ଶ୍ରେଷ୍ଠ ପ୍ରତିଯୋଗୀଙ୍କ ନିକଟକୁ ଆଣିବାରେ ଆମେ ପ୍ରତିଜ୍ଞାବଦ୍ଧ ବୋଲି କୋ' କହିଛନ୍ତି। ନିକଟରେ ଶେଷ ହୋଇଥିବା ଅଲ୍ଟିମେଟ ଚାମ୍ପିଅନସିପ୍‌ରେ କେବଳ ଆମନ୍ତ୍ରିତ ଖେଳାଳିଙ୍କୁ ସୁଯୋଗ ମିଳିଥିଲା। ନାଇରୋବିରେ ହେବାକୁ ଥିବା ୱାର୍ଲ୍ଡ ଚାମ୍ପିଅନସିପ୍‌ରେ ପୁରୁଷ ଟ୍ରିପଲ ଜମ୍ପ, ଶଟ୍‌ପୁଟ୍, ଚାଲି ଓ ମାରାଥନ ରେସ୍ ଆୟୋଜିତ ହେବ ବୋଲି କୋ' କହିଛନ୍ତି। ଏହି ଚାମ୍ପିଅନସିପ୍ ୩ ଦିନ ନୁହେଁ ୧୦ ଦିନ ଧରି ଆୟୋଜିତ ହେବ।

# ବିମାନରେ ଭାଙ୍ଗିଗଲା ରୁମେଶଙ୍କ ଜାଭେଲିନ୍

କଲମ୍ବୋ,୧୫।୯ (ଏଜେନ୍ସି): ବିଶ୍ୱରେ ଏବେ ଚହଳ ପକାଇଥିବା ଶ୍ରୀଲଙ୍କାର ଜାଭେଲିନ୍ ଫିଙ୍ଗାଳି ରୁମେଶ ପାଥିରାଗେ ବୁଦାପେଷ୍ଟରେ ୱାର୍ଲ୍ଡ ଆଥଲେଟିକ୍ସ ଅଲ୍ଟିମେଟ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣପଦକ ଜିତି ସ୍ୱଦେଶ ଫେରୁଥିବା ବେଳେ ତାଙ୍କର ଜାଭେଲିନ୍ ଭାଙ୍ଗିଯାଇଛି। ଫଳରେ ଜାପାନରେ ହେବାକୁ ଯାଉଥିବା ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ବିଜୟରେ ବାଧା ସୃଷ୍ଟି ହୋଇଛି। ବୁଦାପେଷ୍ଟରେ ୯୧.୦୯ ମିଟରକୁ ଜାଭେଲିନ୍ ଫିଙ୍ଗି ରୁମେଶ ସ୍ୱର୍ଣ୍ଣପଦକ ଜିତିଥିଲେ। ଚଳିତବର୍ଷ ନୀରଜ ଚୋପ୍ରାଙ୍କୁ ପଛରେ ପକାଇ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଡାଏମଣ୍ଡ ଲିଗ୍‌ରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ସବୁଠାରୁ ବଡ଼ କଥା ହେଲା ସେ ଏକମାତ୍ର ଜାଭେଲିନ୍ ଫିଙ୍ଗାଳି ଯିଏକି ୩ଥର ୯୦ ମିଟର ମାର୍କ ଦୂରତାକୁ ଚଳିତବର୍ଷ ଅତିକ୍ରମ କରିବାରେ ସମର୍ଥ ହୋଇଛନ୍ତି। ଜାପାନରେ ହେବାକୁ ଥିବା ଏସିଆନ ଗେମ୍ସରେ ଭାଗନେବାକୁ ଭାରତର ନୀରଜ ଚୋପ୍ରା ସଂଘର୍ଷ କରୁଛନ୍ତି। ଅଲିମ୍ପିକ୍ ସ୍ୱର୍ଣ୍ଣପଦକ ବିଜେତା ପାକିସ୍ତାନର ଅର୍ଶାଦ୍ ନଦୀମ ଫର୍ମରେ ନ ଥିଲାବେଳେ ରୁମେଶଙ୍କୁ ସ୍ୱର୍ଣ୍ଣପଦକ ଜିତିବାର ସୁବର୍ଣ୍ଣ ସୁଯୋଗ ରହିଛି।

## ଭାରତ-ଆଫଗାନିସ୍ତାନ ଦ୍ୱିତୀୟ ଟି-୨୦

# ନୀତୀଶ ରେଡ୍ଡୀଙ୍କ ଘାତକ ବୋଲିଂ

ନୂଆଦିଲ୍ଲୀ,୧୫।୯ (ଏଜେନ୍ସି)

ଅର୍ଶଦୀପ ସିଂହ, ନୀତୀଶ କୁମାର ରେଡ୍ଡୀଙ୍କ ସଫଳ ବୋଲିଂ ବଳରେ ଏଠାରେ ଭାରତ ସହ ଆଜି ଖେଳାଯାଇଥିବା ଦ୍ୱିତୀୟ ଟି-୨୦ ମୁକାବିଲାରେ ଆଫଗାନିସ୍ତାନ କ୍ରମାଗତ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଏହି ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୫୯ ରନ୍ କରିଛି। ଦଳ ପକ୍ଷରୁ ଓପନର ତଥା ଅଧିନାୟକ ଇବ୍ରାହିମ୍ ଜଦ୍ରାନ ୩୩ବଲ୍‌ରେ ୩୬, ଡାରୱିସ୍ ରସୁଲି ୧୫ବଲ୍‌ରେ ୨୬ ରନ୍ କରିଥିଲେ। ସେଦିକୁଲ୍ଲା ଅଟଳ ୧୨, ଗୁଲବଦିନ ନାଏବ ୧୧ ଓ ଆଜମତୁଲ୍ଲା ଓମରଜାଇ ୧୧ ରନ୍ କରିଥିଲେ। ଶେଷ ଭାଗରେ ରଶିଦ୍ ଖାନ୍ ୧୬ବଲ୍‌ରେ ୨୮ ଓ ମହମ୍ମଦ୍ ନବି ୧୪ବଲ୍‌ରେ ୨୦ ରନ୍ କରିବା ଫଳରେ ଆଫଗାନିସ୍ତାନର ସମ୍ମାନ ରକ୍ଷା ହୋଇଥିଲା। ଭାରତ ପକ୍ଷରୁ ନୀତୀଶ କୁମାର ରେଡ୍ଡୀ ୩ଟି ଓ ଅର୍ଶଦୀପ ସିଂହ ୨ଟି ୱିକେଟ ନେଇଥିଲେ। ଯଶପ୍ରୀତ୍ ବୁମ୍‌ରା, ଅକ୍ଷର ପଟେଲ, ରବି ବିଷ୍ଣୋଇ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।



### ବରୁଣଙ୍କ ସ୍ଥାନରେ ବିଷ୍ଣୋଇ

ଆଫଗାନିସ୍ତାନ ବିପକ୍ଷ ଦ୍ୱିତୀୟ ଦିନିକିଆରେ ମଧ୍ୟ ଭାରତର ଅଧିନାୟକ ଶ୍ରେୟସ ଆୟର ଟସ୍ ଜିତିବାରେ ସଫଳ ହୋଇଛନ୍ତି। ଏଥିଲାଗି ସେ ନିଜକୁ ଭାଗ୍ୟବାନ ମନେ କରୁଛନ୍ତି ବୋଲି ଆୟର ତାଙ୍କ ଟସ୍ ପଡ଼ିବା ପରେ ପ୍ରତିକ୍ରିୟାରେ କହିଛନ୍ତି। ଏହି ମ୍ୟାଚ୍‌ରେ ଟସ୍ ଜିତିବା ପରେ ଆୟର ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମ ଟି-୨୦କୁ ୭୨ ରନ୍‌ରେ ଜିତିଥିବା ଭାରତୀୟ ଦଳରେ ଆହତ ଲେଗ୍ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କ ସ୍ଥାନରେ ରବି ବିଷ୍ଣୋଇଙ୍କୁ ସାମିଲ କରାଯାଇଛି। ଭାରତୀୟ ଦଳରେ ଏକମାତ୍ର ପରିବର୍ତ୍ତନ କରାଯାଇଥିଲାବେଳେ ପ୍ରଥମ ମ୍ୟାଚ୍‌ରେ ପରାଜିତ ହୋଇଥିବା ଆଫଗାନିସ୍ତାନ ଦଳ ଅପରିବର୍ତ୍ତିତ ରହିଛି। ଭାରତୀୟ ଦଳରେ ଜଣେ ଖେଳାଳି ପରିବର୍ତ୍ତନ କରାଯିବା ଅର୍ଥ ଯୁବ ଖେଳାଳି ବୈଭବ ସୂର୍ଯ୍ୟବଂଶୀଙ୍କୁ ଖେଳିବାର ସୁଯୋଗ ମିଳିନାହିଁ। ୱିକେଟକିପର ତଥା ଓପନର ସଞ୍ଜୁ ସାମସନଙ୍କୁ ପରିବର୍ତ୍ତନ କରାଯାଇନାହିଁ। ଭାରତର ଟପ୍ ଅର୍ଡର ବ୍ୟାଟିଂର ପ୍ରଥମ ୭ ଜଣଙ୍କ ମଧ୍ୟରେ ୫ଜଣ ବାମହାତୀ ବ୍ୟାଟର ରହିଥିବାରୁ ଆଉ ଜଣେ ବାମହାତି ସୂର୍ଯ୍ୟବଂଶୀଙ୍କୁ ଦଳର ସମୀକରଣରୁ ଏଡ଼ାଇ ରଖାଯାଇଛି।

### ରେକର୍ଡ: ୧୨ ମ୍ୟାଚ୍‌ରେ ୧୧ଥର ଟସ୍ ବିଜୟ

ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଟି-୨୦ ଦଳର ଅଧିନାୟକ ଶ୍ରେୟସ ଆୟର ଟସ୍ ଜିତିବାରେ ସଫଳ ହୋଇଛନ୍ତି। ଏହା ଫଳରେ ଆୟର ନେତୃତ୍ୱ ନେଇଥିବା ପ୍ରଥମ ୧୨ଟି ମ୍ୟାଚ୍ ମଧ୍ୟରୁ ଆଜିର ମୁକାବିଲାକୁ ମିଶାଇ ୧୧ଥର ଟସ୍ ଜିତିବାରେ ସଫଳ ହୋଇଛନ୍ତି। ଟସ୍ ଜିତିବାରେ ଆୟର ବିଶ୍ୱରେକର୍ଡ କରିଛନ୍ତି। ପୂର୍ବରୁ କତାରର ମିର୍ଜା ବେଗ୍ ଓ ଫିଲିପାଇନ୍ସର ହେନରୀ ଟେଲର ନେତୃତ୍ୱ ନେବା ପରେ ସର୍ବାଧିକ ୧୦ଟି ଲେଖାଏଁ ମ୍ୟାଚ୍‌ରେ ଟସ୍ ଜିତି ଏହି ରେକର୍ଡର ଅଧିକାରୀ ହୋଇଥିଲେ। ଆଇସିସିର ପୂର୍ଣ୍ଣସଦସ୍ୟ ରାଷ୍ଟ୍ର ମଧ୍ୟରେ ଇଂଲଣ୍ଡର ଇଓନ ମୋର୍ଗାନ ଓ ବାଂଲାଦେଶର ମହମ୍ମୁଦୁଲା ପ୍ରଥମେ ନେତୃତ୍ୱ ନେବା ପରେ କ୍ରମାଗତ ୯ଟି ଲେଖାଏଁ ମ୍ୟାଚ୍‌ରେ ଟସ୍ ଜିତିଥିଲେ। ଏବେ ଆୟର ଉଭୟ ସହଯୋଗୀ ରାଷ୍ଟ୍ର ଓ ପୂର୍ଣ୍ଣ ସଦସ୍ୟ ରାଷ୍ଟ୍ର ମଧ୍ୟରେ ନେତୃତ୍ୱ ନେବା ପରେ ସର୍ବାଧିକଥର ଟସ୍ ଜିତିବାରେ ରେକର୍ଡର ଅଧିକାରୀ ହୋଇଛନ୍ତି।

# ୨୧ ବର୍ଷ ପରେ ଜିମ୍ବାୱେ ମାଟିରେ ଅଷ୍ଟ୍ରେଲିଆ ବ୍ୟାଟରଙ୍କ ଶତକ

ହରାରେ, ୧୫।୯ (ଏଜେନ୍ସି): ଘରୋଇ ଜିମ୍ବାୱେ ବିପକ୍ଷରେ ମଙ୍ଗଳବାର ଏଠାରେ ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚକୁ ଅଷ୍ଟ୍ରେଲିଆ ୫୯ ରନରେ ଜିତିନେଇଛି। ଭ୍ରମଣକାରୀ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୮ ୱିକେଟ ହରାଇ ୨୯୪ ରନର ସମ୍ମାନଜନକ ସ୍କୋର କରିଛି। ଦଳ ପକ୍ଷରୁ ବାମହାତୀ ମଧ୍ୟକ୍ରମ ବ୍ୟାଟର ମାଥ୍ୟୁ ରେନଶ ୧୦୯ (୯୪ ବଲ, ୭ଟି ଚୌକା ଓ ୩ ଛକା) ରନର ଶତକୀୟ ପାଳି ଖେଳିଥିଲେ। ଫଳରେ ଦୀର୍ଘ ୨୧ ବର୍ଷ ପରେ ଜିମ୍ବାୱେ ମାଟିରେ ଜଣେ ଅଷ୍ଟ୍ରେଲୀୟ ବ୍ୟାଟର ଭାବେ ରେନଶ ଶତକ ହାସଲ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଶେଷଥର ଲାଗି ୨୦୦୪ ମସିହାରେ ମାଇକେଲ କ୍ଲାର୍କ ଜିମ୍ବାୱେ ମାଟିରେ ଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁପର କନୋଲୀ ୫୧ ଓ ଅଧିନାୟକ ମିଚେଲ ମାର୍ଶ ୩୬ ରନ କରିଥିଲେ। ଜିମ୍ବାୱେର ନ୍ୟୁମାନ ନାମହୁରୀଙ୍କୁ ୫ଟି ୱିକେଟ୍ ମିଳିଥିଲା। ଜବାବରେ ଜିମ୍ବାୱେ



୪୫.୧ ଓଭରରେ ୨୩୫ ରନରେ ସୀମିତ ରହିଥିଲା। କ୍ରେଗ ଏର୍ଭିନ ୫୯ ଓ ଅଧିନାୟକ ସିକନ୍ଦର ରାଜା ୫୭ ରନ କରିଥିଲେ। ଅଷ୍ଟ୍ରେଲିଆର ନାଥନ ଏଲିସ ୩୧ ରନରେ ୫ଟି ୱିକେଟ ନେଇଥିଲେ। ଦ୍ୱିତୀୟ ମ୍ୟାଚ୍ ଶୁକ୍ରବାର ଖେଳାଯିବ।

### ସଚିନଙ୍କ ରେକର୍ଡ ଭାଙ୍ଗିଲେ ଟେଲର

କ୍ରିକେଟ କିଂବଦନ୍ତୀ ସଚିନ ତେନ୍ଦୁଲକରଙ୍କ ଆଉ ଏକ ରେକର୍ଡ ଭାଙ୍ଗିଯାଇଛି। ଏହାକୁ ଭାଙ୍ଗିଛନ୍ତି ଜିମ୍ବାୱେ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ବ୍ରେଣ୍ଡାନ ଟେଲର। ଏଠାରେ ଆଜି ଅଷ୍ଟ୍ରେଲିଆ ସହ ଅନୁଷ୍ଠିତ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ପଦାର୍ପଣ କରି ଟେଲର ବିଶ୍ୱରେ ସବୁଠାରୁ ଅଧିକ ଦିନ ଧରି ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ୍ ଖେଳିବାର ରେକର୍ଡ କରିଛନ୍ତି। ସେ ଦୀର୍ଘ ୨୨ ବର୍ଷ ୪ ମାସ ଧରି ଅନ୍ତର୍ଜାତୀୟ କ୍ରିକେଟ ଖେଳିବା ସହ ଏହି ରେକର୍ଡର ଅଧିକାରୀ ହୋଇଛନ୍ତି। ପୂର୍ବରୁ ସଚିନ ତେନ୍ଦୁଲକର ୨୨ବର୍ଷ ୩ ମାସ ଖେଳି ଏହି ରେକର୍ଡର ଅଧିକାରୀ ହୋଇଥିଲେ। ସଚିନ ୨୦୧୨ରେ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରୁ ଅବସର ନେଇଥିଲେ। ଏହି ସମୟ ମଧ୍ୟରେ ସେ ୪୬୩ଟି ମ୍ୟାଚ୍ ଖେଳି ବିଶ୍ୱରେ ସର୍ବାଧିକ ୧୮, ୪୨୬ ରନ୍ କରିଛନ୍ତି। କିନ୍ତୁ ଟେଲର ୨୦୮ ମ୍ୟାଚ୍ ଖେଳିଛନ୍ତି। ଆଜିର ମୁକାବିଲା ପୂର୍ବରୁ ସେ ୬,୭୦୪ ରନ୍ କରିଥିଲେ। ଏହା ମଧ୍ୟରେ ୧୧ଟ ଶତକ ଓ ୩୯ଟି ଅର୍ଦ୍ଧଶତକ ରହିଛି।

# ଡିସେମ୍ବର ୪ରେ ପ୍ରିୟାଙ୍କ ହାତ ଧରିବେ ରିଙ୍କୁ

ଲକ୍ଷ୍ନୌ, ୧୫।୯ (ଏଜେନ୍ସି): ଭାରତୀୟ କ୍ରିକେଟ ଦଳର ଷ୍ଟାର ବ୍ୟାଟର୍ ରିଙ୍କୁ ସିଂ'ଙ୍କ ବିବାହ ତାରିଖ ନିଶ୍ଚିତ ହୋଇଛି। ରିଙ୍କୁ ଡିସେମ୍ବର ୪ରେ ଲକ୍ଷ୍ନୌର ଏକ ହୋଟେଲରେ ସାଂସଦ ପ୍ରିୟା ସରୋଜଙ୍କ ହାତ ଧରିବେ।



ପୂର୍ବରୁ ଗତବର୍ଷ ଜୁନ୍ ମାସରେ ରିଙ୍କୁ-ପ୍ରିୟାଙ୍କ ନିର୍ବନ୍ଧ ମଧ୍ୟ ଲକ୍ଷ୍ନୌରେ ହୋଇଥିଲା। ତେଣୁ ବିବାହର ଭେନ୍ୟୁ ଭାବେ ମଧ୍ୟ ରିଙ୍କୁ ଉତ୍ତରପ୍ରଦେଶ ରାଜଧାନୀକୁ ହିଁ ଚୟନ କରିଛନ୍ତି। ରିଙ୍କୁ ଏବଂ ପ୍ରିୟା ପ୍ରଥମେ ଗତ ଜୁନରେ ବାରାଣସୀର ତାଜ ହୋଟେଲରେ ବିବାହ କରିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଫେବ୍ରୁଆରୀ ମାସରେ ରିଙ୍କୁଙ୍କ ପିତାଙ୍କ ବିୟୋଗ ପରେ ବିବାହ ସ୍ଥଗିତ ରଖାଯାଇଥିଲା। ରିଙ୍କୁ କ୍ରିକେଟ ଜଗତର ଜଣେ ଜଣାଶୁଣା ନାମ। ଯେତେବେଳେ କି ପ୍ରିୟା ସମାଜବାଦୀ ପାର୍ଟିର ସାଂସଦ ଅଛନ୍ତି। ତେଣୁ ଉଭୟ କ୍ଷେତ୍ରର ପ୍ରମୁଖ ବ୍ୟକ୍ତିମାନେ ଏହି ହାଇପ୍ରୋଫାଇଲ ବିବାହରେ ଯୋଗଦେବାର ଆଶା କରାଯାଉଛି। ଉଲ୍ଲେଖଯୋଗ୍ୟ ବର୍ତ୍ତମାନ ଦିଲ୍ଲୀରେ ଚାଲିଥିବା ଆଫଗାନିସ୍ତାନ ବିପକ୍ଷ ଟି-୨୦ ସିରିଜ ପାଇଁ ରିଙ୍କୁ'ଙ୍କୁ ଚୟନ କରାଯାଇ ନାହିଁ।

## ଏସୀୟ କ୍ରୀଡ଼ା ଓ ୱାର୍ଲ୍ଡ ଚ୍ୟାଲେଞ୍ଜ କପ୍

# ଜିମ୍ନାଷ୍ଟିକ୍ ଏଚ୍‌ପିସି'ର ୩ ଖେଳାଳିଙ୍କୁ ସୁଯୋଗ



ଭୁବନେଶ୍ୱର, ୧୫।୯ (ସମିସ): ଆଗାମୀ ଦୁଇଟି ବିଶ୍ୱସ୍ତରୀୟ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ଓଡ଼ିଶା ଏଏମ/ଏନଏସ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି) ର ତିନିଜଣ ପ୍ରତିଭାବାନ ଜିମ୍ନାଷ୍ଟ ସୁଯୋଗ ପାଇଛନ୍ତି। ସେମାନେ ହେଲେ ପ୍ରଣତି ନାୟକ, ତପନ ମହାନ୍ତି ଓ ସତ୍ୟଜିତ୍ ମଣ୍ଡଳ। ଅଲିମ୍ପିଆନ ପ୍ରଣତି ୧୯ ତାରିଖରୁ ଜାପାନରେ ଆରମ୍ଭ ହେବାକୁ ଥିବା ବିଂଶତମ ଏସୀୟ କ୍ରୀଡ଼ାରେ ଭାଗନେବା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଦେଶରୁ ଏକମାତ୍ର ଜିମ୍ନାଷ୍ଟ ଭାବେ ପ୍ରଣତି ଏସୀୟ କ୍ରୀଡ଼ାରେ ଭାଗନେବେ। ସେ ମହିଳା ଅଲରାଉଣ୍ଡ ଇଭେଣ୍ଟ ଓ ଭଲ୍ଟରେ କଳାକୌଶଳ ପ୍ରଦର୍ଶନ କରିବେ। ସେହିଭଳି ତପନ ଓ ସତ୍ୟଜିତ ଏଫଆଇଜି ୱାର୍ଲ୍ଡ ଚ୍ୟାଲେଞ୍ଜ କପରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଏହି ପ୍ରତିଯୋଗିତା ସେପ୍ଟେମ୍ବର ୧୮ ରୁ ୨୦ ତାରିଖ ପର୍ଯ୍ୟନ୍ତ ହଙ୍ଗେରୀରେ ଅନୁଷ୍ଠିତ ହେବ। ଏହି ଅବସରରେ ଓଡ଼ିଶା ଏଏମ/ ଏନଏସ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ଏଚପିସିର ନିର୍ଦ୍ଦେଶକ ଆଶୁତୋଷ ତେଲାଙ୍ଗ ମନୋନୀତ ୩ଜଣ ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

## ● ନିଖିଳ ଓଡ଼ିଶା ୬-ରେଡ୍ ଓପନ୍ ସ୍ନୁକର

# କ୍ୱାର୍ଟର ଫାଇନାଲରେ ଆନନ୍ଦ ଓ ଅନୁଜ

ଭୁବନେଶ୍ୱର, ୧୫।୯ (ସମିସ): ଚେତନ ଆନନ୍ଦ ଓ ଅନୁଜ ପଣ୍ଡା କଟକ ସିଡିଏସ୍ଥିତ ଗୋଲ୍ଡେନ୍ କ୍ୟୁ ସ୍ନୁକର କାଫେରେ ଚାଲିଥିବା ନିଖିଳ ଓଡ଼ିଶା ୬-ରେଡ୍ ଓପନ୍ ସ୍ନୁକର ଚାମ୍ପିଅନସିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଚେତନ ଡବଲ୍ ବିଜୟ ହାସଲ କରିଥିଲେ। ପ୍ରଥମ ମ୍ୟାଚରେ ସେ ୩-୨ ଫ୍ରେମରେ ଆଶିଷ ଶର୍ମାଙ୍କୁ ହରାଇଥିଲେ। ଏହାପରେ ଦ୍ୱିତୀୟ ମ୍ୟାଚରେ ଚେତନ ୪-୧ରେ ଓଡ଼ିଶାର ଦୁଇ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ମହମ୍ମଦ ରାଜାଙ୍କୁ ପରାସ୍ତ କରିଥିଲେ। ସେହିଭଳି ଅନୁଜ ୪-୧ରେ ଚନ୍ଦ୍ର ମହାନ୍ତିଙ୍କୁ ହରାଇ କ୍ୱାର୍ଟରରେ ସ୍ଥାନ ପକ୍କା କରିଛନ୍ତି। ଦିବସରେ ଖେଳାଯାଇଥିବା ଅନ୍ୟ ମ୍ୟାଚଗୁଡ଼ିକରେ ବରୁଣ ପୂର୍ବା ୩-୨ରେ ବନ୍ଦିତ ଆନନ୍ଦଙ୍କୁ, ମାନବ ବେହେରା ୩-୧ରେ ଦେବେଶ ସ୍ୱାଇଁଙ୍କୁ, ବିଶେଷ ସିଂଘାଲ ୩-୧ରେ ମିହିର ଭୋରାଙ୍କୁ, ପ୍ରିୟ ଗୋବିନ୍ଦ ମହାପାତ୍ର ୩-୧ରେ ସନ୍ଦୀପ ଅଗ୍ରୱାଲଙ୍କୁ, ବରୁଣ ପୂର୍ବା ୩-୦ରେ ସଞ୍ଜୀବ ସାହୁଙ୍କୁ ଏବଂ ଗୋବିନ୍ଦ ରାଓ ୩-୧ ଫ୍ରେମରେ ମିଶାଲ ସ୍ୱାଇଁଙ୍କୁ ପରାସ୍ତ କରିଛନ୍ତି।




## ଦ୍ୱାଦଶ ରାଜ୍ୟ ସ୍କୁଲ ଓପନ ଚେସ୍

# ସ୍ୱସ୍ତିକ ବେହେରା ଚାମ୍ପିଅନ

ଭୁବନେଶ୍ୱର,୧୫।୯ (ସମିସ): କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ର ଛାତ୍ର ସ୍ୱସ୍ତିକ ବେହେରା ଓଲ୍ଡଟାଉନ୍ ଲିଙ୍ଗରାଜ କ୍ଲବ୍ ଆନୁକୂଲ୍ୟରେ ଆଜି ଅନୁଷ୍ଠିତ ଦ୍ୱାଦଶ ରାଜ୍ୟ ସ୍କୁଲ ଓପନ ଚେସ୍‌ରେ ଚାମ୍ପିଅନ ହୋଇଛନ୍ତି। ସ୍ୱସ୍ତିକ ୫ ରାଉଣ୍ଡ ଖେଳରୁ ପୂରା ୫ ପଏଣ୍ଟ ପାଇଥିଲେ। ୟୁନିଟ୍ ୮ ଡିଏଭିର ଆରିଶନନ୍ଦ ଗୋସ୍ୱାମୀ, କଟକ ସିଡିଏ ଡିଏଭିର ପ୍ରିୟଦର୍ଶନ ରାୟ, କେଭି ନଂ-୧ର ସତ୍ୟନାରାୟଣ ସ୍ୱାଇଁ, ୟୁନିଟ-୮ ଡିଏଭିର ଆତିଶନନ୍ଦ ଗୋସ୍ୱାମୀ ଯଥାକ୍ରମେ ଦ୍ୱିତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଖେଳ ଶେଷରେ ପୂର୍ବତନ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ଓ ୱାର୍ଡ ନଂ-୫୪ କର୍ପୋରେଟର ଶିବପ୍ରସାଦ ବେହେରା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଯୁଗ୍ମ ଆୟୋଜକ ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲାବେଳେ ଲିଙ୍ଗରାଜ କ୍ଲବ୍ ସମ୍ପାଦକ ଅଜୟ କୁମାର ଦାଶ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ପୁରୁଣା ଭୁବନେଶ୍ୱରସ୍ଥିତ ଶିତଳଷଷ୍ଠୀ ଲେନ୍‌ରେ ଥିବା କୈଳାସ ସଦନରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା।



# 'ହକି ଇଣ୍ଡିଆ ବିବାଦର ସମାଧାନ ଖୁବ୍ ଶୀଘ୍ର'

ନୂଆଦିଲ୍ଲୀ,୧୫।୯ (ଏଜେନ୍ସି)

ଦେଶର ଅନ୍ୟତମ ଶ୍ରେଷ୍ଠ ତଥା ପ୍ରଭାବୀ କ୍ରୀଡ଼ା ସଙ୍ଗଠନ ହକି ଇଣ୍ଡିଆର ଦୁଇ ଗୋଷ୍ଠୀ ମଧ୍ୟରେ ଚାଲିଥିବା ବିବାଦର ସମାଧାନ ଖୁବ୍ ଶୀଘ୍ର କରାଯିବ ବୋଲି କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କି ଓ ସମ୍ପାଦକ ଭୋଳାନାଥ ସିଂଙ୍କ ଗୋଷ୍ଠୀ ମଧ୍ୟରେ ଭାରତୀୟ ହକି ଦଳର ଜର୍ସିର ରଙ୍ଗ ପରିବର୍ତ୍ତନ କରାଯିବାକୁ ନେଇ ଏହି ବିବାଦ ସୃଷ୍ଟି ହୋଇଛି।

ଜର୍ସିର ରଙ୍ଗ କାହିଁକି ମୋତେ ନ ଜଣାଇ ପରିବର୍ତ୍ତନ କରାଗଲା, ସଭାପତିଙ୍କ ନିର୍ଦ୍ଦେଶକୁ ଅବମାନନା, ତଥ୍ୟ ଲୁଚାଇବା ଘଟଣାରେ ସଭାପତି ଦିଲୀପ ହକି ଇଣ୍ଡିଆର ମହାନିର୍ଦ୍ଦେଶକ କମାଣ୍ଡର ଆରକେ ଶ୍ରୀବାସ୍ତବଙ୍କ ସମସ୍ତ କ୍ଷମତା ପ୍ରତ୍ୟାହର କରିନେଇଛନ୍ତି। ତାଙ୍କ ଉପରେ କାହିଁକି ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବ ସେଥିଲାଗି ୪ ସପ୍ତାହ ମଧ୍ୟରେ କାରଣ ଦର୍ଶାଇବାକୁ ଶ୍ରୀବାସ୍ତବଙ୍କୁ ଦିଲୀପ ନୋଟିସ୍ ଜାରି କରିଛନ୍ତି। ଏହା ମଧ୍ୟରେ ସେ ଜଣେ କାମଚଲା



ମହାନିର୍ଦ୍ଦେଶକ ରଣଜିତ୍ ଗିଲଙ୍କୁ ନିଯୁକ୍ତ କରିଛନ୍ତି ଓ ଗତକାଲି କ୍ରୀଡ଼ା ମନ୍ତ୍ରଣାଳୟ ସହ ହକି ଇଣ୍ଡିଆ ଲିଗ୍ ଆୟୋଜନ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ସମୟରେ ପଞ୍ଜାବର ମୁଖ୍ୟମନ୍ତ୍ରୀ ଭଗୱତ୍ ସିଂ ମାନ ମୋହାଲିରେ ଚାମ୍ପିଅନ୍ସ ଟ୍ରଫି ହକି ଆୟୋଜନ କରିବାକୁ ଆୟୋଜନ କରିଥିବା ଏକ ଉତ୍ସବରେ ଭୋଳାନାଥ ସିଂ ଓ ଶ୍ରୀବାସ୍ତବ ଉପସ୍ଥିତ ଥିଲେ। ଏହାର ଅର୍ଥ ଦିଲୀପ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ତାହାକୁ ଉଭୟ ଗ୍ରହଣ କରିନାହାନ୍ତି।

ଏଭଳି ସ୍ଥିତିରେ ଭାରତରେ ହକି ଖେଳର ଉନ୍ନତି ପରିବର୍ତ୍ତେ ଅବନତି ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏହି ବିବାଦକୁ ସମାଧାନ କରିବା ଲାଗି କ୍ରୀଡ଼ା ମନ୍ତ୍ରଣାଳୟ ଅଣ୍ଟା ଭିଡିଛି। ଉଭୟଙ୍କୁ ଆପୋଷ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ କରିବାକୁ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟା ପରାମର୍ଶ ଦେଇଛନ୍ତି। ଏହା ମଧ୍ୟରେ ହକି ଇଣ୍ଡିଆର କାର୍ଯ୍ୟନିର୍ବାହୀ କମିଟିର ଏକ ଜରୁରୀ ବୈଠକ ଡକାଇଛନ୍ତି ଭୋଳାନାଥ। ସେପ୍ଟେମ୍ବର ୧୮ ବା ଶୁକ୍ରବାର ଏହି ବୈଠକ ହେବ ବୋଲି ଚିଠିରେ ଉଲ୍ଲେଖ ରହିଛି। କିନ୍ତୁ ଦିଲୀପ ଏପରି କୌଣସି ବୈଠକ ହେବ ନାହିଁ ବୋଲି କହିଛନ୍ତି। ସେହିପରି ଶ୍ରୀବାସ୍ତବଙ୍କ କ୍ଷମତା ହକି ଇଣ୍ଡିଆର କାର୍ଯ୍ୟନିର୍ବାହୀ କମିଟିର ବିନା ସମ୍ମତିରେ ଦିଲୀପ ପ୍ରତ୍ୟାହାର କରିପାରିବେ ନାହିଁ ବୋଲି ଭୋଳାନାଥ କହିଛନ୍ତି। ଦିଲୀପଙ୍କ ମତରେ କାରଣ ଦର୍ଶାଅ ନୋଟିସ୍‌ର ଉତ୍ତର ଶ୍ରୀବାସ୍ତବ ନ ଦେଲା ଯାଏ, କୌଣସି ଆଲୋଚନା ହେବ ନାହିଁ ବୋଲି କ୍ରୀଡ଼ା ମନ୍ତ୍ରଣାଳୟକୁ ଜଣାଇଛନ୍ତି। ଏଭଳି ସ୍ଥିତିରେ କିଭଳି ଆପୋଷ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ ହେବ ତାହାକୁ ନେଇ ଆଶଙ୍କା ରହିଛି। ନିକଟରେ ଏସିଆନ ଗେମ୍ସ ଆୟୋଜିତ ହେବ। ଏହା ଭାରତୀୟ ହକି ଲାଗି ଗୁରୁତ୍ୱପୂର୍ଣ୍ଣ। ଗୁରୁତ୍ୱପୂର୍ଣ୍ଣର କାରଣ ହେଲା, ଏଠାରେ ଯେଉଁ ଟିମ୍ ସ୍ୱର୍ଣ୍ଣପଦକ ହାସଲ କରିବ, ସେହି ଟିମ୍ ୨୦୨୮ରେ ଲସ୍‌ଆଞ୍ଜେଲ୍ସରେ ହେବାକୁ ଯାଉଥିବା ଅଲିମ୍ପିକ୍ସରେ ଭାଗନେବାକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ଏ ସମୟରେ କର୍ମକର୍ତ୍ତାଙ୍କ ମଧ୍ୟରେ ବିବାଦ ଲାଗିରେ ଏହାର ପ୍ରଭାବ ନିଶ୍ଚିତଭାବେ ଟିମ୍ ଓ ଖେଳାଳିଙ୍କ ଉପରେ ପଡ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଛି।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS